# ଧରିତ୍ରୀ DHARITRI

ସମ୍ବଲପୁର,ରବିବାର, ଜୁଲାଇ ୨୪/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) | Sambalpur, Sunday, July 24/2022 | Page 16 | ₹ 7.00 | ★★

୧୮ଶ ଭାଗ ୨୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-


Admit Your Child in India's Top 10* Most Respected Education Brand

*By EducationWorld India School Rankings 2021-22

## Results: AISSCE 12th & AISSE 10th 2022

# Vikash Group of CBSE Schools

examplified academic excellence ...soaring to superiority consistently

## AISSCE CBSE 12th Board Result

ABOVE 95% — 81 Students | ABOVE 90% — 293 Students

| | VIKASH RESIDENTIAL SCHOOL, BARGARH | | VIKASH RESIDENTIAL SCHOOL, BHUBANESWAR | | VIKASH THE CONCEPT SCHOOL, SAMBALPUR | |
|---|---|---|---|---|---|---|
| | 95% and above | 90% and above | 95% and above | 90% and above | 95% and above | 90% and above |
| Students | 62 | 197 | 13 | 63 | 06 | 33 |

100% FIRST DIVISION

- Bargarh Campus Science Topper — Anwesha 98.2%
- Bhubaneswar Campus Science Topper — Pravas 97.4%
- Bargarh Campus Commerce Topper — Dharani 97.0%
- Sambalpur Campus Science Topper — Nirlipta 96.2%
- Sambalpur Campus Commerce Topper — Ronak 95.2%
- Bhubaneswar Campus Commerce Topper — Arpan 95.0%

| | | | | | | | |
|---|---|---|---|---|---|---|---|
| Namit 98.0% | Bansika 97.8% | Karmveer 97.8% | Om 97.6% | Samapika 97.6% | Ansuman 97.4% | Bratati 97.4% | Samikshya 97.2% |
| Anshuman 97.0% | Chandan 97.0% | Saswat 97.0% | Ayush 96.8% | Rituparna 96.8% | Omkar 96.8% | Salviya 96.8% | Smruti 96.8% |
| Tejraj 96.8% | Dishant 96.6% | Dheeraj 96.6% | Kiran 96.6% | Snehalata 96.6% | Prabhu 96.4% | Ankit 96.4% | Arpita 96.4% |
| Ayush 96.4% | Debabrata 96.4% | Ajit 96.4% | Rohan 96.4% | Dulara 96.2% | Prabhas 96.2% | Sumit 96.2% | Shubh 96.0% |
| Bhuban 96.0% | A. Mayank 96.0% | Soumya 96.0% | Charchit 96.0% | Chinmay 96.0% | | | |

**Students Scored 100/100**

| | | | |
|---|---|---|---|
| Chemistry | 10 | Phy.Edn. | 13 |
| Maths. | 01 | Yoga | 43 |
| Comp. Sc. | 01 | Accountancy | 01 |
| Painting | 15 | BST | 01 |

### Integrated Programme Qualifiers

| KVPY 2022 | NEST 2022 | JEE MAINS 2022 Spell-1 |
|---|---|---|
| 01 | 25 | 70 |

## AISSE CBSE 10th Board Result

ABOVE 95% — 74 Students | ABOVE 90% — 216 Students

| | Vikash Residential School, Bargarh | | Vikash Residential School, Kantabada, BBSR | | Vikash The Concept School, Sambalpur | |
|---|---|---|---|---|---|---|
| | 95% and above | 90% and above | 95% and above | 90% and above | 95% and above | 90% and above |
| Students | 37 | 93 | 08 | 33 | 14 | 33 |

| | Vikash Residential School, Khandagiri, BBSR | | Vikash Residential School, Bhawanipatna | | Vikash First Step, Sambalpur | | Cement Nagar English Medium School | |
|---|---|---|---|---|---|---|---|---|
| | 95% and above | 90% and above | 95% and above | 90% and above | 95% and above | 90% and above | 95% and above | 90% and above |
| Students | 08 | 29 | 04 | 17 | 01 | 04 | 01 | 07 |

100% SUCCESS RATE

- Bargarh Campus Topper — Shreya 98.2%
- Bargarh Campus Topper — Khushi 98.2%
- Bargarh Campus Topper — Smruti Ranjan 98.2%
- Kantabada Bhubaneswar Campus Topper — Md Mansoor 98.2%
- Sason, Sambalpur Campus Topper — Swapnil 98.0%
- Khandagiri Bhubaneswar Campus Topper — Pratyush 97.4%
- Bhawanipatna Campus Topper — Adyasha 97.2%
- Cement Nagar Campus Topper — Debashrita 96.0%
- First Step, Sambalpur Campus Topper — Shreya 95.2%

| | | | | | | | | |
|---|---|---|---|---|---|---|---|---|
| Roshan 98.0% | Shreyashi 97.8% | Shrestha 97.8% | Amruta 97.8% | Kokila 97.6% | Shruti 97.6% | Sandip 97.6% | Abinash 97.4% | Mridul 97.4% |
| Manish 97.4% | Swarit 97.2% | Parineeta 97.2% | Veni 97.0% | Lipsa 97.0% | Diya 97.0% | Amisha 97.0% | P. Preetibardhan 96.8% | Swastik 96.8% |
| Abdhija 96.8% | Ayushman 96.8% | Sneha 96.6% | Tripti 96.4% | Md. Rehaan 96.4% | Srikanta 96.4% | Kiranmayee 96.4% | Suraj 96.4% | Archit 96.4% |
| Rudra Madhab 96.4% | Sriansh 96.2% | Aditya 96.2% | Priyanshu 96.2% | Ankit 96.2% | Swarup 96.2% | Bhoutik 96.0% | Arunima 96.0% | Swatilagna 96.0% |

HALL OF FAME

## Admissions Open 2022-23

LKG to CBSE IX & XI (Science, Commerce & Arts)

**SUPER 40 NEET**

1 Year Extended NEET Entrance Classroom Programme
(For 12th CBSE/CHSE/ICSE/Other Boards Pass Out Students)
Classes commence from 1st August 2022
86583 61100 / 99376 18855

**Vikash Group of CBSE Schools**

Vikash Edu. Network

Bargarh | Bhubaneswar | Sambalpur | Bhawanipatna | Rourkela | Jharsuguda

**BARGARH:** Vikash Knowledge Hub, Barahaguda Canal Chowk. M: 93373 10441, 99376 18855. | **BHUBANESWAR:** Vikash High Global Campus, Deras Road, PO-Kantabada. M: 82707 72444 / 63707 00761. **SAMBALPUR:** Vikash New-Gen Park, Pabapali, Sason. M: 70644 13460, 99379 79999. | **BHAWANIPATNA:** Opposite Govt. Engg. College, Bandhapala, Junagarh Road. M: 93486 96536, 99377 31441. **JHARSUGUDA:** Opp. Jay Dev Vihar, Near L.N. College, Chituapada. M: 76828 53111 | **ROURKELA:** Vikash IND Global School, Sector 9, Rourkela. M: 70778 53111. www.odishavikash.com

**୨୩ ଭାରତୀୟ ମତ୍ସ୍ୟଜୀବୀଙ୍କୁ ମୁକ୍ତକଲା ଶ୍ରୀଲଙ୍କା**

ଶ୍ରୀଲଙ୍କାରୁ ୨୩ ଜଣ ମତ୍ସ୍ୟଜୀବୀ ଶନିବାର ଭାରତ ପ୍ରତ୍ୟାର୍ପଣ କରିଛନ୍ତି। ଭାରତୀୟ ଉଚ୍ଚାୟୁକ୍ତ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସାମୁଦ୍ରିକ ପଥ ଦେଇ ଶ୍ରୀଲଙ୍କାକୁ ଅନୁପ୍ରବେଶ କରିବା ଅଭିଯୋଗରେ ଶ୍ରୀଲଙ୍କା ନୌସେନା ଉକ୍ତ ମତ୍ସ୍ୟଜୀବୀଙ୍କୁ ଗିରଫ କରିଥିଲା। ଜୁଲାଇ ୩ରେ ଶ୍ରୀଲଙ୍କା ନୌସେନା ୧୨ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଥିବାବେଳେ ୧୨ ତାରିଖରେ ଆଉ ୬ଜଣଙ୍କୁ ଗିରଫ କରିଛି।



ଉତ୍ତର ଆଫ୍ରିକୀୟ ରାଷ୍ଟ୍ର ଟ୍ୟୁନିସିଆ ରାଷ୍ଟ୍ରପତି କାଇସ୍ ସଇଦ୍ ଏକ ଚିଠା ସମ୍ବିଧାନ ପ୍ରସ୍ତୁତ କରିଛନ୍ତି, ଯାହା ଉପରେ ସୋମବାର ଗଣଭୋଟ କରାଯିବ। ଏହାର ପ୍ରତିବାଦରେ ବିରୋଧୀ ମେଣ୍ଟ ନ୍ୟାଶନାଲ ସାଲଭେଶନ ଫ୍ରଣ୍ଟ ନେତୃତ୍ୱରେ ରାଜଧାନୀ ଟ୍ୟୁନିସ୍‌ରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରାଯାଇଛି। ଏଥିରେ ବହୁସଂଖ୍ୟକ ବରିଷ୍ଠ ନାଗରିକ ଭାଗନେଇଛନ୍ତି।

## ଡାଉନିଂ ଷ୍ଟ୍ରିଟ୍ ଦୌଡ଼ ସର୍ଭେ
# ଟ୍ରସ୍‌ଙ୍କ ପଲା ଭାରି

**ଲଣ୍ଡନ, ୨୩।୭**

ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍‌ଙ୍କ ଉତ୍ତରାଧିକାରୀ ଦୌଡ଼ରେ ଭାରତୀୟ ବଂଶୋଦ୍ଭବ ତଥା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକ(୪୨) ଆଗରେ ଥିଲେ ହେଁ ଏକ ସର୍ଭେ ରିପୋର୍ଟରେ କିନ୍ତୁ ଏହାର ବିପରୀତ ଫଳାଫଳ ଆକଳନ କରାଯାଇଛି। ତଥ୍ୟ ବିଶ୍ଳେଷଣ କମ୍ପାନୀ 'ୟୁ ଗଭ୍' ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ବହିର୍ବ୍ୟାପାର ମନ୍ତ୍ରୀ ୪୬ ବର୍ଷୀୟା ଲିଜ୍ ଟ୍ରସ୍ ଡାଉନିଂ ଷ୍ଟ୍ରିଟ୍ ରେସ୍‌ରେ ସୁନକଙ୍କୁ ପଛରେ ପକାଇ ପାରନ୍ତି। ଟ୍ରସ୍ ୧୯ ପଏଣ୍ଟ ଅଧିକ ପାଇ ଦୌଡ଼ରେ ଆଗୁଆ ରହିପାରନ୍ତି। ଦୁଇ ଦିନ ପୂର୍ବରୁ ଟ୍ରସ୍‌ଙ୍କ ପାଖରେ ୨୦ ପଏଣ୍ଟ ଅଧିକ ଥିବାବେଳେ ଏବେ ସେ ସୁନକଙ୍କଠାରୁ ୨୪% ଅଧିକ ପଏଣ୍ଟ ହାସଲ କରିଛନ୍ତି। ବୁଧବାର ଏବଂ ଗୁରୁବାର କଞ୍ଜରଭେଟିଭ୍ ପାର୍ଟିର ୭୩୦ ସଦସ୍ୟଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୨% ଟ୍ରସ୍‌ଙ୍କ ସପକ୍ଷରେ ମତ ଦେଇଥିବାବେଳେ ମାତ୍ର ୩୮% ସୁନକଙ୍କୁ ଭୋଟ ଦେବେ ବୋଲି କହିଛନ୍ତି। ତେଣୁ ଆଗକୁ ସୁନକଙ୍କ ପାଇଁ ବିଜୟ ସହଜ ହୋଇ ନ ପାରେ ବୋଲି କୁହାଯାଉଛି।

ପ୍ରଧାନମନ୍ତ୍ରୀ ଦୌଡ଼ରେ ଟ୍ରସ୍ ଏବଂ ସୁନକ ଶେଷ ପ୍ରତିଯୋଗୀ ହୋଇଥିବାବେଳେ ଏବେ ଉଭୟେ ନିଜ ସପକ୍ଷରେ ଅଧିକ ସମର୍ଥନ ହାସଲ କରିବା ପାଇଁ ପ୍ରଚାରରେ ଲାଗିଛନ୍ତି। ଏକ ସାକ୍ଷାତକାରରେ ସୁନକ କହିଛନ୍ତି, ବ୍ରିଟେନକୁ ସବୁପ୍ରକାର ସଙ୍କଟରୁ ବାହାର କରିବାକୁ ସେ ପ୍ରତିଶ୍ରୁତିବଦ୍ଧ। ଦେଶ ଗମ୍ଭୀର ଆର୍ଥିକ ଚ୍ୟାଲେଞ୍ଜର ସାମ୍ନା କରୁଛି। କେବଳ ବାଣିଜ୍ୟ କାରବାର ଦୃଷ୍ଟିକୋଣରୁ ଏହାର ସମାଧାନ ସମ୍ଭବ ନୁହେଁ। ସରକାରୀ ବ୍ୟବସ୍ଥା ଠିକ୍ ଭାବେ କାମ କରୁ ନ ଥିବା ସେ ଅନୁଭବ କରୁଛନ୍ତି। ଦୀର୍ଘ ଦିନ ଧରି ତ୍ରୁଟିପୂର୍ଣ୍ଣ ଉପାୟରେ ଚାଲିଥିବା ସିଷ୍ଟମକୁ ସଜାଡ଼ିବାକୁ ପଡ଼ିବ। ସେହିପରି ଲିଜ୍ ଟ୍ରସ୍ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେଲେ ବ୍ରିଟେନରେ ଲାଗୁ ହେଉଥିବା ୟୁରୋପୀୟ ସଂଘର ନିୟମଗୁଡ଼ିକୁ ୨୦୨୩ ସୁଦ୍ଧା ହଟାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ଲିଜ୍ ଟ୍ରସ୍



ଋଷି ସୁନକ

# ପାର୍ଥ, ଅର୍ପିତା ଗିରଫ

**କୋଲକାତା/ନୂଆଦିଲ୍ଲୀ, ୨୩।୭**

- ଶିକ୍ଷକ ନିଯୁକ୍ତି ଅନିୟମିତତା ମାମଲାରେ ଇଡି କାର୍ଯ୍ୟାନୁଷ୍ଠାନ
- ୨ ଦିନିଆ ରିମାଣ୍ଡରେ ଗଲେ ମମତାଙ୍କ ମନ୍ତ୍ରୀ
- ସହଯୋଗୀ ଅର୍ପିତାଙ୍କ ଘରୁ ୨୧ କୋଟି ଜବତ

ପଶ୍ଚିମବଙ୍ଗର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ଏବଂ ତାଙ୍କ ସହଯୋଗୀ ତଥା ଅଭିନେତ୍ରୀ ଅର୍ପିତା ମୁଖାର୍ଜୀଙ୍କୁ ଏକ ମନି ଲଣ୍ଡରିଂ ମାମଲାରେ ଶନିବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ଅର୍ପିତାଙ୍କ ଘରୁ ଶୁକ୍ରବାର ରାତିରେ ୨୧ କୋଟି ଟଙ୍କା ଜବତ ହୋଇଥିଲା। ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ବରିଷ୍ଠ ନେତା ପାର୍ଥଙ୍କୁ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଇଡି ୨୬ ଘଣ୍ଟା ଧରି ଜେରା କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ପାର୍ଥଙ୍କୁ ଶନିବାର କୋଲକାତା ସ୍ଥିତ ଏକ ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) କୋର୍ଟରେ ଇଡି ହାଜର କରାଇଥିଲା। କୋର୍ଟଙ୍କ ଅନୁମତିକ୍ରମେ ତଦନ୍ତକାରୀ ସଂସ୍ଥା ତାଙ୍କୁ ୨ ଦିନିଆ ରିମାଣ୍ଡରେ ନେଇଛି।

ଟିଏମ୍‌ସି ସାଧାରଣ ସମ୍ପାଦକ ପାର୍ଥ ଚାଟାର୍ଜୀ ୨୦୧୪ରୁ ୨୦୨୧ ପର୍ଯ୍ୟନ୍ତ ଶିକ୍ଷାମନ୍ତ୍ରୀ ଥିବାବେଳେ ପଶ୍ଚିମବଙ୍ଗ ବିଦ୍ୟାଳୟ ସେବା ଆୟୋଗ (ଡବ୍ଲ୍ୟୁବିଏସ୍‌ଏସ୍‌ସି) ଅଧୀନରେ ଶିକ୍ଷକ ନିଯୁକ୍ତି ବେଳେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଥିଲା। ୨୦୧୬ରେ ଡବ୍ଲ୍ୟୁବିଏସ୍‌ଏସ୍‌ସିଙ୍କ ସୁପାରିସ କ୍ରମେ ସରକାରୀ ଓ ସରକାରଙ୍କ ପକ୍ଷରୁ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ଗ୍ରୁପ୍-ସି, ଗ୍ରୁପ୍-ଡି ଷ୍ଟାଫ୍ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ମାମଲା କାଲ୍‌କାଟା ହାଇକୋର୍ଟରେ ପହଞ୍ଚିଥିଲା। ହାଇକୋର୍ଟ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଗତ ଏପ୍ରିଲ ଓ ମେ'ରେ ପାର୍ଥଙ୍କୁ ସିବିଆଇ ଜେରା କରିଥିଲା। ସେହିପରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ୍ୟ ଏହାର ଆର୍ଥିକ ଅନିୟମିତତା ଦିଗକୁ ନେଇ ତଦନ୍ତ ଚଳାଇଥିଲା। ଶୁକ୍ରବାର ଇଡି ପକ୍ଷରୁ ଏକକାଳୀନ ଦୁଇଜଣ ମନ୍ତ୍ରୀଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଇଡି ଚଢ଼ାଉ କରିଥିଲା। ପାର୍ଥ ଚାଟାର୍ଜୀଙ୍କ ଘନିଷ୍ଠ କୁହାଯାଉଥିବା ଅର୍ପିତା ମୁଖାର୍ଜୀଙ୍କ ଘରେ ମଧ୍ୟ ଇଡି ଅଧିକାରୀମାନେ ଚଢ଼ାଉ କରିଥିଲେ। ସେମାନେ ଅର୍ପିତାଙ୍କ ଘରୁ ବିପୁଳ ଅର୍ଥ ଜବତ କରିଥିଲେ। ଟଙ୍କାର ପରିମାଣ ଏତେ ଥିଲା ଯେ, ତାକୁ ଗଣିବା ପାଇଁ ନୋଟ୍ କାଉଣ୍ଟିଂ ମେଶିନ ଅଣାଯାଇଥିଲା। ଇଡି ପାର୍ଥଙ୍କୁ ଶୁକ୍ରବାର ସକାଳୁ ଜେରା ଆରମ୍ଭ କରିଥିଲା। ରାତି ସାରା ବିଭିନ୍ନ ପ୍ରଶ୍ନ ପଚାରିବାବେଳେ ପାର୍ଥ ତଦନ୍ତକାରୀ ଅଧିକାରୀମାନଙ୍କୁ ସହଯୋଗ କରି ନ ଥିବା ଦର୍ଶାଇ ଇଡି ତାଙ୍କୁ ଗିରଫ କରିଥିଲା। ପିଏମ୍‌ଏଲ୍‌ଏ କୋର୍ଟରେ ହାଜର ପୂର୍ବରୁ ଇଏସ୍‌ଆଇ ହସ୍ପିଟାଲରେ ପାର୍ଥଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ଅଦାଲତଙ୍କ ଅନୁମତିକ୍ରମେ ଇଡି ତାଙ୍କୁ ୨ ଦିନିଆ ରିମାଣ୍ଡରେ ନେଇଛି। ସେ କୌଣସି ଭୁଲ୍ କାର୍ଯ୍ୟ କରିନାହାନ୍ତି। ତାଙ୍କୁ ବଦନାମ କରିବା ପାଇଁ ଏହା ଭାଜପାର ଏକ ଷଡ଼ଯନ୍ତ୍ର ବୋଲି ପାର୍ଥ କହିଛନ୍ତି। ତେବେ ଟିଏମ୍‌ସି ପକ୍ଷରୁ ପାର୍ଥଙ୍କ ଗିରଫଦାରି ନେଇ କୌଣସି ପ୍ରତିକ୍ରିୟା ଆସିନାହିଁ। ସ୍ଥିତି ଉପରେ ଦଳ ନଜର ରଖିଥିବା ଟିଏମ୍‌ସି ମୁଖପାତ୍ର କୁନାଲ ଘୋଷ କହିଛନ୍ତି। ବାଚସ୍ପତି ବିମାନ ବାନାର୍ଜୀ କହିଛନ୍ତି, ବିଧାନସଭା ସଦସ୍ୟ ପାର୍ଥଙ୍କୁ ଗିରଫ କରିବା ପୂର୍ବରୁ ଇଡି ତାଙ୍କୁ ଅବଗତ କରାଇବା ଉଚିତ ଥିଲା। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପାନେ ଦେବା ପାଇଁ ତତ୍ପର ଭାଜପା ଏହାକୁ ନେଇ ଉତ୍ଫୁଲ୍ଲିତ ଜଣାପଡ଼ୁଛି। ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦିଲୀପ ଘୋଷ କହିଛନ୍ତି, ଟିଏମ୍‌ସି ଆକଣ୍ଠ ଦୁର୍ନୀତିରେ ବୁଡ଼ି ରହିଛି। ମମତାଙ୍କ ଜଣେ କ୍ୟାବିନେଟ ମନ୍ତ୍ରୀ ଗିରଫ ହେବା ଏହାକୁ ପ୍ରମାଣିତ କରିଛି। ମମତାଙ୍କ ପୂର୍ବ ସହଯୋଗୀ ତଥା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ଜବତ ୨୧ କୋଟି ଟଙ୍କା ହେଉଛି ସମୁଦ୍ରରୁ ଶଙ୍ଖେ। ଏହା ଟ୍ରେଲର ମାତ୍ର। ଆଗକୁ ପୂରା ଫିଲ୍ମ ବାକି ଅଛି।



ପଶ୍ଚିମବଙ୍ଗ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ସହ ଅଭିନେତ୍ରୀ ଅର୍ପିତା ମୁଖାର୍ଜୀ।

## ଅଳ୍ପରେ ଅର୍ପିତା

**କୋଲକାତା, ୨୩।୭**

ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପଶ୍ଚିମବଙ୍ଗ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ନିକଟତମ ସହଯୋଗୀ ଅର୍ପିତା ମୁଖାର୍ଜୀ ଜଣେ ଅଭିନେତ୍ରୀ। ସେ କେତେକ ଓଡ଼ିଆ, ବଙ୍ଗାଳୀ ଏବଂ ତାମିଲ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ୨୦୦୯ରେ ସେ ବଙ୍ଗାଳୀ ସୁପରଷ୍ଟାର ପ୍ରସେନଜିତ୍ ଚାଟାର୍ଜୀଙ୍କ ସହ 'ମାମା ଭଗ୍ନେ' ଏବଂ ୨୦୦୮ରେ ଅଭିନେତା ଜିତ୍‌ଙ୍କ ସହ 'ପାର୍ଟନର' ଫିଲ୍ମରେ ଅଭିନୟ କରିଥିଲେ। ପାର୍ଥ ଚାଟାର୍ଜୀଙ୍କ ଦୁର୍ଗା ପୂଜା କମିଟି ନାକତଲ୍ ଉଦୟନ୍ ସଂଘ ପାଇଁ ୨୦୧୯ ଓ ୨୦୨୦ରେ ପ୍ରଚାର ଅଭିଯାନର ମୁଖ୍ୟ ଚେହେରା ଥିଲେ। ପାର୍ଥ ଅନେକ ସମୟରେ ଅର୍ପିତାଙ୍କ ବାସଭବନକୁ ଯାଉଥିଲେ ବୋଲି ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି। ୬-୭ ବର୍ଷ ଧରି ଅର୍ପିତା ମଡେଲିଂ କରୁଥିଲେ। ନେଲ୍-ଆର୍ଟ ପାଇଁ ତାଙ୍କର ୩ଟି ଆଉଟଲେଟ୍ ରହିଛି। ଅଧିକାଂଶ ସମୟରେ ସେ ତାଙ୍କ ପୈତୃକ ଘରେ ରହୁଥିବାବେଳେ ବେଳେବେଳେ ଫ୍ଲାଟ୍‌କୁ ଆସିଥାନ୍ତି। ଏକ ପୂଜା କମିଟି ମାଧ୍ୟମରେ ୩/୪ ବର୍ଷ ପୂର୍ବେ ସେ ପାର୍ଥଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ମା' ନର୍ଥ ୨୪-ପ୍ରଗଣାର ବେଲଘରିଆରେ ରହୁଛନ୍ତି। ଏକ ପ୍ରଡକ୍ସନ କମ୍ପାନୀ ସହ ମଧ୍ୟ ସେ କାମ କରୁଥିବା ତାଙ୍କ ମା' ମିନତୀ ମୁଖାର୍ଜୀ କହିଛନ୍ତି।

## ବେଆଇନ ଖଣି ଖନନକୁ ବିରୋଧ: ସନ୍ଥଙ୍କ ଆତ୍ମାହୁତି

**ଜୟପୁର, ୨୩।୭:** ରାଜସ୍ଥାନର ଭରତପୁର ଜିଲା ଦୀଗ ନିକଟ ପାହାଡ଼ରୁ ବେଆଇନ ଖଣି ଖନନକୁ ବିରୋଧ କରି ସନ୍ଥ ବିଜୟ ଦାସ ଆତ୍ମାହୁତି ଦେଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଦିଲ୍ଲୀ ସଫଦରଜଙ୍ଗ ହସ୍ପିଟାଲକୁ ଅଣାଯାଇଥିବାବେଳେ ଶନିବାର ଭୋରରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଶରୀରର ୮୦%ରୁ ଉର୍ଦ୍ଧ୍ୱ ଭାଗ ଜଳିଯାଇଥିଲା ବୋଲି ଡାକ୍ତର କହିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଉତ୍ତରପ୍ରଦେଶର ମଥୁରା ସ୍ଥିତ ବର୍ସାନାଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ। ପ୍ରାୟ ଦେଢ଼ ବର୍ଷ ହେଲା ସାଧୁ ବିଜୟ ଦାସ ବେଆଇନ ଖଣି ଖନନ ବିରୋଧରେ ଆନ୍ଦୋଳନ କରି ଆସୁଥିଲେ। କନକାଚଲ ଏବଂ ଆଦି ବଦ୍ରି ପାହାଡ଼ ପ୍ରସିଦ୍ଧ ବ୍ରଜ ଚୌରାସୀ ତୀର୍ଥଯାତ୍ରା ସର୍କିଟର ଅଂଶ। ତୀର୍ଥଯାତ୍ରା ଦାୟିତ୍ୱ ନେଉଥିବା ସାଧୁସନ୍ଥମାନେ ସେଠାରୁ ଖଣିଖନନ ବନ୍ଦ କରାଇବା ସହ ବିଜ୍ଞପ୍ତି ମାଧ୍ୟମରେ ଉକ୍ତ ଅଞ୍ଚଳକୁ ଜଙ୍ଗଲ ଜମି ଘୋଷଣା ପାଇଁ ଦାବି କରିଆସୁଛନ୍ତି। ଏହାକୁ ନେଇ ବୁଧବାର ସେ ଆନ୍ଦୋଳନସ୍ଥଳୀରେ ହିଁ ନିଜ ଦେହରେ ନିଆଁ ଲଗାଇଦେଇଥିଲେ। ସାଧୁଙ୍କ ମୃତ୍ୟୁ ପାଇଁ ଭାଜପା ଅଶୋକ ଗେହଲଟ ସରକାରଙ୍କୁ ଦାୟୀ କରିଛି।



## ଯାତ୍ରୀଙ୍କ ଜୀବନ ରକ୍ଷାକଲେ ରାଜ୍ୟପାଳ



ଡ. ତାମିଲିସାଇ ସୌନ୍ଦରାଜନ

**ହାଇଦ୍ରାବାଦ, ୨୩।୭:** ଏକ ଇଣ୍ଡିଗୋ ବିମାନ ଯୋଗେ ନୂଆଦିଲ୍ଲୀରୁ ହାଇଦ୍ରାବାଦ୍ ଆସୁଥିବାବେଳେ ତେଲଙ୍ଗାନା ରାଜ୍ୟପାଳ ଡ. ତାମିଲିସାଇ ସୌନ୍ଦରାଜନ ଜଣେ ଯାତ୍ରୀଙ୍କ ଜୀବନ ବଞ୍ଚାଇଛନ୍ତି। ଶୁକ୍ରବାର ରାତିରେ ସୌନ୍ଦରାଜନ ବିମାନରେ ଯାତ୍ରା କରୁଥିବାବେଳେ ଜଣେ ଯାତ୍ରୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ଛାତିରେ ଯନ୍ତ୍ରଣା ହେଉଥିବାନେଇ କ୍ରିଉ ସଦସ୍ୟ ଘୋଷଣା କରିବା ପରେ ସୌନ୍ଦରାଜନ ଯାତ୍ରୀଙ୍କ ଜରୁରୀ ପ୍ରାଥମିକ ଚିକିତ୍ସା କରିଥିଲେ। ତେଲଙ୍ଗାନା ରାଜ୍ୟପାଳ ସହ ପଣ୍ଡିଚେରୀ ଉପରାଜ୍ୟପାଳ ଥିବା ସୌନ୍ଦରାଜନ ରାଜନୀତିକୁ ଆସିବା ପୂର୍ବରୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ ଅଭ୍ୟାସ କରୁଥିଲେ।

# ଓଡେସା ବନ୍ଦରରେ ମିଶାଇଲ ମାଡ଼

## ପ୍ରଭାବିତ ହୋଇପାରେ କୃଷ୍ଣସାଗର ଚୁକ୍ତି

**କିଭ୍, ୨୩।୭**

କୃଷ୍ଣସାଗର ଦେଇ ଜାହାଜରେ ଖାଦ୍ୟଶସ୍ୟ, ସାର ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ରୁଷିଆ ଏବଂ ୟୁକ୍ରେନ୍ ଶୁକ୍ରବାର ଆନୁଷ୍ଠାନିକ ଭାବେ ଚୁକ୍ତି ସ୍ୱାକ୍ଷର ପରେ ଶନିବାର ଓଡେସା ବନ୍ଦରରେ ମିଶାଇଲ ଆକ୍ରମଣ କରିଛି। ଜାତିସଂଘ ଏବଂ ତୁର୍କୀ ମଧ୍ୟସ୍ଥତାରେ ହୋଇଥିବା ଏହି ଚୁକ୍ତି କିଛି ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ ହେବାକୁ ନେଇ ଆଶା କରାଯାଉଥିବାବେଳେ ଏବେ ରୁଷିଆର ଆକ୍ରମଣ ପରେ ଏହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରୁଷିଆ ଓଡେସା ବନ୍ଦରର ଭିତ୍ତିଭୂମିକୁ ୪ଟି କାଲିବର କ୍ରୁଜ୍ ମିଶାଇଲ ଛାଡ଼ିଥିବାବେଳେ ସେଥିରୁ ଦୁଇଟିକୁ ୟୁକ୍ରେନ୍ ନଷ୍ଟ କରିଦେଇଥିଲା। ଅନ୍ୟ ଦୁଇଟି ବନ୍ଦରରେ ମାଡ଼ ହୋଇଥିଲା। ତେବେ ଏଥିଯୋଗୁ କେତେ କ୍ଷତି ହୋଇଛି ଏବଂ ମୃତାହତଙ୍କ ସଂଖ୍ୟା ଜଣାପଡ଼ିନାହିଁ।

## 'ଜାତିସଂଘ ମୁହଁରେ ଛେପ ପକାଇଛନ୍ତି ପୁଟିନ୍'

ବିଶ୍ୱ ଖାଦ୍ୟସଙ୍କଟ ଦୂର ପାଇଁ କୃଷ୍ଣସାଗର ଚୁକ୍ତିକୁ ୨୪ ଘଣ୍ଟା ନ ପୂରୁଣୁ ରୁଷିଆ ୟୁକ୍ରେନ୍‌ର ଓଡେସା ବନ୍ଦର ଉପରେ ଆକ୍ରମଣକୁ କିଭ୍ ପକ୍ଷରୁ ନିନ୍ଦା କରାଯାଇଛି। ଏପରି କରି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଉଭୟ ଜାତିସଂଘ ଏବଂ ତୁର୍କୀ ମୁହଁରେ ଛେପ ପକାଇଛନ୍ତି ବୋଲି ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଓଲେଗ୍ ନିକୋଲେଙ୍କୋ କହିଛନ୍ତି। ବିଶ୍ୱ ଖାଦ୍ୟ ସଙ୍କଟ ଦୂର ପାଇଁ ଇସ୍ତାନବୁଲରେ ହୋଇଥିବା ଏହି ରାଜିନାମା ଫଳପ୍ରଦ ନ ହେଲେ ରୁଷିଆ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ରୁଷିଆ ଖାଦ୍ୟଶସ୍ୟ ପରିବହନକୁ ରୋକିବା ପାଇଁ ଚାହୁଁଥିବା ଏହି ଆକ୍ରମଣରୁ ସ୍ପଷ୍ଟ ହୋଇଛି ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ସେହିପରି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ମଧ୍ୟ ମସ୍କୋ ଆକ୍ରମଣକୁ ନିନ୍ଦା କରିଛନ୍ତି।

## ଦ୍ରୌପଦୀଙ୍କୁ ଶୁଭେଚ୍ଛା ଜଣାଇଲେ ପୁଟିନ୍



**ନୂଆଦିଲ୍ଲୀ, ୨୩।୭**

ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍ ଶୁଭେଚ୍ଛା ଜଣାଇଛନ୍ତି। ରୁଷିଆ ଭାରତ ସହ ରଣନୈତିକ ସମ୍ପର୍କକୁ ଗୁରୁତ୍ୱ ଦେଇଥାଏ। ରାଷ୍ଟ୍ରମୁଖ୍ୟ ଭାବେ ଦ୍ରୌପଦୀଙ୍କ କାର୍ଯ୍ୟ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ସହ ଅନ୍ତର୍ଜାତୀୟ ସ୍ଥିରତାକୁ ପ୍ରୋତ୍ସାହିତ କରିବ ବୋଲି ଆଶା ଥିବା ପୁଟିନ୍ ଏକ ବିବୃତିରେ କହିଛନ୍ତି। ସୂଚନାଯୋଗ୍ୟ, ଦ୍ରୌପଦୀ ମୁର୍ମୁ ଆସନ୍ତା ୨୫ ତାରିଖରେ ଭାରତର ରାଷ୍ଟ୍ରପତି ଭାବେ ଶପଥ ନେବେ।

## ନ୍ୟାୟପାଳିକାକୁ ସଶକ୍ତ କରିବାକୁ ପଡ଼ିବ



ଆମେ ଯଦି ଏକ ଜୀବନ୍ତ ଗଣତନ୍ତ୍ର ଚାହୁଁ ତେବେ ଆମକୁ ନ୍ୟାୟପାଳିକାକୁ ସଶକ୍ତ କରି ବିଚାରପତିମାନଙ୍କୁ ଅଧିକ କ୍ଷମତା ଦେବାକୁ ପଡ଼ିବ। ଆଜିକାଲି ବିଚାରପତିମାନଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଥିବା ଦେଖିବାକୁ ମିଳୁଛି। ରାଜନେତା, ଅମଲାତନ୍ତ୍ରୀ, ପୋଲିସ ଅଧିକାରୀ ଓ ଅନ୍ୟ ସରକାରୀ ପ୍ରତିନିଧିମାନଙ୍କୁ ଅବସର ପରେ ବି ସୁରକ୍ଷା ଯୋଗାଇ ଦିଆଯାଉଛି। କିନ୍ତୁ ବିଚାରପତିମାନଙ୍କୁ ଅନୁରୂପ ସୁରକ୍ଷା ଦିଆ ନ ଯିବା ଦୁର୍ଭାଗ୍ୟଜନକ। ମୋ ମତରେ ନ୍ୟାୟିକ ସମୀକ୍ଷାର ଅଭାବ ହେତୁ ଆମ ସମ୍ବିଧାନ ଉପରେ ଲୋକଙ୍କ ଆସ୍ଥା କମିଛି। ସମ୍ବିଧାନ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ନ୍ୟାୟପାଳିକା ଏପରି ଏକ ଅଙ୍ଗ, ଯାହା ସମ୍ବିଧାନକୁ ଜୀବନ ଦେଇଥାଏ। ବିଚାରପତିମାନେ ସାମାଜିକ ବାସ୍ତବତା ପ୍ରତି ଆଖି ବୁଜି ଦେଇପାରିବେ ନାହିଁ। ନ୍ୟାୟ ପ୍ରଦାନ ଏକ ସହଜ ଉତ୍ତରଦାୟିତ୍ୱ ନୁହେଁ। ପ୍ରତିଦିନ ଏହା ଆହ୍ୱାନପୂର୍ଣ୍ଣ। କିନ୍ତୁ ଗଣମାଧ୍ୟମ ଓ ସୋସିଆଲ ମିଡିଆ ବିଚାରପତିମାନଙ୍କ ବିରୋଧରେ ଚଳାଇଥିବା ଅଭିଯାନ ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

**-ଜଷ୍ଟିସ୍ ଏନ୍.ଭି. ରମନା, ଭାରତର ପ୍ରଧାନ ବିଚାରପତି**



ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ଏବଂ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା।

# ରେଳ ଷ୍ଟେଶନରେ ମହିଳାଙ୍କୁ ଗଣବଳାତ୍କାର

## ଦିଲ୍ଲୀରେ ଲଜ୍ଜା
## ୪ କର୍ମଚାରୀ ଗିରଫ

**ନୂଆଦିଲ୍ଲୀ, ୨୩।୭**

ଦିଲ୍ଲୀର ଏକ ରେଳଷ୍ଟେଶନରେ ଥିବା ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ଷ୍ଟାଫ୍ ରୁମ୍‌ରେ ଗୁରୁବାର ରାତିରେ ଜଣେ ୩୦ ବର୍ଷୀୟା ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ପୋଲିସ ୪ ରେଳ କର୍ମଚାରୀଙ୍କୁ ଗିରଫ କରିବା ସହ ମାମଲା ରୁଜୁ କରିଛି। ସେମାନେ ହେଲେ ଇଲେକ୍ଟ୍ରିକାଲ ଡିପାର୍ଟମେଣ୍ଟର ସତୀଶ କୁମାର (୩୫), ବିନୋଦ କୁମାର (୩୮), ମଙ୍ଗଲ ଚାନ୍ଦ ମୀନା (୩୩) ଏବଂ ଜଗଦୀଶ ଚାନ୍ଦ(୩୭)। ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ମହିଳାଙ୍କୁ ବଳାତ୍କାର କରିଥିବାବେଳେ ଆଉ ୨ ଜଣ ବାହାରେ ଜଗିଥିଲେ ବୋଲି ରେଳୱେ ଡିସିପି ହରେନ୍ଦ୍ର ସିଂ କହିଛନ୍ତି। ମାମଲା ହେବାର ୨ ଘଣ୍ଟା ମଧ୍ୟରେ ପୋଲିସ ଅଭିଯୁକ୍ତଙ୍କୁ ଦିଲ୍ଲୀର ଏକ କୋର୍ଟରେ ହାଜର କରାଇବା ପରେ ସେମାନଙ୍କୁ ୧୪ ଦିନିଆ ରିମାଣ୍ଡରେ ନେଇଛି।

ପୋଲିସ ସୂଚନା ଅନୁସାରେ, ମହିଳା ଜଣକ ବର୍ଷେ ହେଲା ତାଙ୍କ ସ୍ୱାମୀଙ୍କଠାରୁ ଅଲଗା ରହୁଥିବାବେଳେ କୋର୍ଟରେ ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ। ପୀଡ଼ିତା ତାଙ୍କର ବନ୍ଧୁଙ୍କ ଜରିଆରେ ଜଣେ ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ଅଭିଯୁକ୍ତ ନିଜକୁ ଜଣେ ରେଳ କର୍ମଚାରୀ କହିବା ସହ ସେ ତାଙ୍କ ପାଇଁ ଚାକିରି ଖୋଜିଦେବେ ବୋଲି ମହିଳାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପୁଅର ଜନ୍ମଦିନ ଏବଂ ଘର କିଣିବା ଖୁସିରେ ଅଭିଯୁକ୍ତ ଜଣକ ପାର୍ଟି ଦେଉଥିବା କହି ଗୁରୁବାର ରାତିରେ ମହିଳାଙ୍କୁ ଘରକୁ ନିମନ୍ତ୍ରଣ କରିଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ଅଭିଯୁକ୍ତମାନେ ମହିଳାଙ୍କୁ କୀର୍ତ୍ତିନଗର ମେଟ୍ରୋ ଷ୍ଟେଶନରୁ ଗାଡ଼ିରେ ନେଇ ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ଥିବା ଷ୍ଟାଫ୍ ରୁମ୍‌ରେ ସେମାନେ ସମ୍ପୃକ୍ତା ମହିଳାଙ୍କୁ ବଳାତ୍କାର କରିଥିଲେ ବୋଲି ପୋଲିସ କହିଛି।



# ଧରିତ୍ରୀ
DHARITRI

ରବିବାର, ଜୁଲାଇ ୨୪/୨୦୨୨ | Sunday, July 24/2022 | ପୃଷ୍ଠା-୧




**ନିଜକୁ ପରଦାରେ ଦେଖିବା ପସନ୍ଦ ନୁହେଁ**

ବଲିଉଡ୍ ଅଭିନେତ୍ରୀ ଦିଶା ପଟାନି ନିଜକୁ ପରଦାରେ ଦେଖିବାକୁ ପସନ୍ଦ କରନ୍ତି ନାହିଁ ବୋଲି କହିଛନ୍ତି।

୧୦

୧୨

**୪୦୦ ରନ୍ କ୍ଲବରେ ସାମ୍**

କାଉଣ୍ଟି କ୍ରିକେଟରେ ୮ମ ଖେଳାଳି ଭାବରେ ୪୦୦ ରନ୍ ପୂରଣ କରିଛନ୍ତି ଗ୍ଲାମରଗାନ୍ର ସାମ୍ ।










# ରାସ୍ତାରେ ବାବୁସାନଙ୍କ ‘ପ୍ରେମ’

## ଧରାପକାଇଲେ ସ୍ତ୍ରୀ ତୃପ୍ତି

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ବାବୁସାନ ଏବଂ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି। ବାବୁସାନ୍ଙ୍କୁ କବଳିତ କରି ମୋ ଠାରୁ ଛଡ଼ାଇ ନେବାକୁ ଚେଷ୍ଟା କରାଯାଉଛି। ମୁଁ ଏହାକୁ କେବେବି ହେବାକୁ ଦେବିନି ବୋଲି ସ୍ତ୍ରୀ ତୃପ୍ତି ଶତପଥୀ ଏଭଳି କିଛି ଅଭିଯୋଗ ଆଣିଛନ୍ତି। ଚେନ୍ନାଇଠାରେ ଆଗାମୀ ଫିଲ୍ମ ପ୍ରମୋଶନ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଶନିବାର ସକାଳେ ବାବୁସାନ ଗାଡ଼ିରେ ପ୍ରକୃତିଙ୍କୁ ସାଙ୍ଗରେ ଧରି ବିମାନ ବନ୍ଦର ନେଇ ଯାଉଥିବାବେଳେ ଭୁବନେଶ୍ୱର ସତ୍ୟନଗରଠାରେ ତୃପ୍ତି ଏବଂ ତାଙ୍କ ପରିବାର ଲୋକ ରାସ୍ତା ଉପରେ ଉଭୟଙ୍କୁ ଅଟକାଇଥିଲେ। ଦୁଇ ଜଣଙ୍କୁ ଗାଡ଼ି ଭିତରେ ଟଣାଓଟରା କରିବା ସହ ମାଡ଼ ମାରିବାକୁ ଉଦ୍ୟମ କରିଥିବା ବେଳର ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଥମେ ଭାଇରାଲ ହୋଇଥିଲା। ଏହାପରେ ପ୍ରକୃତି ଏବଂ ବାବୁସାନ ପ୍ରତିକ୍ରିୟା ରଖି ନିଜର ବନ୍ଧୁତ୍ୱ ସମ୍ପର୍କକୁ ଦୋହରାଇ ଥିବାବେଳେ ଉଭୟ ପରିବାର ପକ୍ଷରୁ ଖାରବେଳ ନଗର ଥାନାରେ ୨ଟି ମାମଲା ରୁଜୁ ହୋଇଛି। ମାମଲାକୁ ଗୁରୁତର ସହ ଗ୍ରହଣ କରି ତଦନ୍ତ ଆରମ୍ଭ କରାଯାଇଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ଭାଇରାଲ ହୋଇଥିବା ଭିଡିଓରେ ବାବୁସାନଙ୍କ ଗାଡ଼ିକୁ ତୃପ୍ତି ଅଟକାଇ ତାଙ୍କୁ ଗାଡ଼ିରୁ ☞ପୃଷ୍ଠା-୨

“ ମୁଁ ମୋର ପରିବାରକୁ ବଞ୍ଚାଇବାକୁ ଚାହୁଁଥିଲି। ତେଣୁ ଆଗରୁ ଚୁପ୍ ରହୁଥିଲି। ମୋ ଶାଶୁ ମଧ୍ୟ ବାବୁସାନ୍ଙ୍କୁ ବୁଝାଇବାକୁ ଚେଷ୍ଟା କରିଛନ୍ତି। ମାତ୍ର ପରିସ୍ଥିତି ନ ସୁଧୁରିବାରୁ ଏପରି ପଦକ୍ଷେପ ନେବାକୁ ବାଧ ହେଲି।

**– ତୃପ୍ତି ଶତପଥୀ, ବାବୁସାନ୍ଙ୍କ ସ୍ତ୍ରୀ**

“ ମୋ ସ୍ତ୍ରୀ ତୃପ୍ତିଙ୍କ ଉପରେ ମୋର କୌଣସି ରାଗ ନାହିଁ। ଏନେଇ ତାଙ୍କୁ ମୁଁ ଦୋଷ ଦେବିନି। କାରଣ ସେ ଫିଲ୍ମ ଲାଇନ୍ର ନୁହନ୍ତି କି, ଏ ଲାଇନ୍ ବିଷୟରେ କିଛି ବୁଝନ୍ତି ନାହିଁ। ମୋତେ ବହୁତ ଝିଅଙ୍କ ସହ କାମ କରିବାକୁ ପଡ଼ିବ। ପ୍ରକୃତି ମୋ ପିଲାଦିନର ସାଙ୍ଗ। ମୁଁ ଠିକ୍ ଅଛି। ମୁଁ ଆଇନର ଦ୍ୱାରସ୍ଥ ହେବିନି।

**– ବାବୁସାନ୍, ଅଭିନେତା**

“ ଦୁର୍ଭାଗ୍ୟବଶତଃ ଆମେ ଏମିତି ଏକ ସମାଜରେ ବାସ କରୁଛୁ, ଯେଉଁଠାରେ କିଛି ଶୁଣିବା ପୂର୍ବରୁ ହିଁ ମହିଳାଙ୍କୁ ଦୋଷୀ ସଜାଇ ଦିଆଯାଏ। ବାବୁସାନଙ୍କ ସ୍ତ୍ରୀଙ୍କ ଏଭଳି ବ୍ୟବହାର ମୋ ପକ୍ଷରେ କେବେବି ଗ୍ରହଣୀୟ ନୁହେଁ।

**– ପ୍ରକୃତି ମିଶ୍ର, ଅଭିନେତ୍ରୀ**

# ମଙ୍କିପକ୍ସ ସ୍ୱାସ୍ଥ୍ୟ ଏମର୍ଜେନ୍ସି

## ଘୋଷଣା କଲା ଡବ୍ଲ୍ୟୁଏଚ୍ଓ

**ଲଣ୍ଡନ, ୨୩।୭**

ସାରା ବିଶ୍ୱରେ ଆତଙ୍କ ଖେଳାଇଥିବା ସଂକ୍ରାମକ ରୋଗ ‘ମଙ୍କିପକ୍ସ’କୁ ଶନିବାର ବୈଶ୍ୱିକ ସ୍ୱାସ୍ଥ୍ୟ ଜରୁରୀସ୍ଥିତି ବା ଗ୍ଲୋବାଲ୍ ହେଲ୍ଥ ଏମର୍ଜେନ୍ସି ଘୋଷଣା କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍ଓ)। ଏହି ଭୂତାଣୁଜନିତ ରୋଗ ବ୍ୟାପିବା ଯୋଗୁ ୭୦ ଦେଶରେ ଅସାଧାରଣ ସ୍ଥିତି ସୃଷ୍ଟି ହୋଇଛି। ମଙ୍କିପକ୍ସରେ ଆକ୍ରାନ୍ତ ହେଲେ ଜ୍ୱର ସହ ଶରୀର ସାରା ଫୋଟକା ଭଳି ହୋଇଯାଇଥାଏ। ବର୍ତ୍ତମାନ ବଢୁଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି ଡବ୍ଲ୍ୟୁଏଚ୍ଓ ଉପରୋକ୍ତ ପଦକ୍ଷେପ ନେବା ସହ ଆଗାମୀ କିଛି ସପ୍ତାହ ସତର୍କ ରହିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛି। ମଙ୍କିପକ୍ସ ନିମନ୍ତେ ଅନ୍ତର୍ଜାତୀୟ ସ୍ତରରେ ଅନୁସନ୍ଧାନ, ଚିକିତ୍ସା ଏବଂ ଟିକା ଆବଣ୍ଟନ ଲାଗି ବୈଶ୍ୱିକ ପ୍ରୟାସ ଏବଂ ଆବଶ୍ୟକ ପାଣ୍ଠି ଯୋଗାଡ଼ ପାଇଁ ସ୍ୱାସ୍ଥ୍ୟ ଜରୁରୀ ସ୍ଥିତି ଘୋଷଣା ହୋଇଥିବା ଡବ୍ଲ୍ୟୁଏଚ୍ଓ ମହାନିର୍ଦ୍ଦେଶକ ଡ. ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟେସସ୍ କହିଛନ୍ତି।

ବ୍ରିଟେନରେ ଗତ ମେ ୬ ତାରିଖରେ ପ୍ରଥମ ମଙ୍କିପକ୍ସ ରୋଗୀ ଚିହ୍ନଟ ହୋଇଥିଲେ, ଯାହାଙ୍କର ନାଇଜେରିଆ ଗସ୍ତ ଲିଙ୍କ୍ ରହିଥିଲା। ଏହାପରେ ସେଠାରେ ତାହା ଗୋଷ୍ଠୀ ସଂକ୍ରମଣର ରୂପ ନେଇଥିଲା। ୧୮ ମେ ପରଠାରୁ ଏହି ସଂକ୍ରାମକ ରୋଗ ବିଭିନ୍ନ ଦେଶରେ ପାଦ ଥାପିଥିଲା। ଇତିମଧ୍ୟରେ ଏହା ୟୁରୋପରେ କାୟାବିସ୍ତାର କରିବା ସହ ଉତ୍ତର ଓ ଦକ୍ଷିଣ ଆମେରିକା, ଏସିଆ, ଆଫ୍ରିକା, ଅଷ୍ଟ୍ରେଲିଆ ମହାଦେଶର ବିଭିନ୍ନ ଅଞ୍ଚଳକୁ ବ୍ୟାପିବାରେ ଲାଗିଛି। ଶନିବାର ସୁଦ୍ଧା ମୋଟ ୧୭,୦୫୮ ମଙ୍କିପକ୍ସ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଆରମ୍ଭରୁ ଏଯାଏ ୭୨ଜଣ ଏହି ରୋଗରେ ପ୍ରାଣ ହରାଇଛନ୍ତି। ସେମାନେ ସମସ୍ତେ ଆଫ୍ରିକୀୟ ବୋଲି ଜଣାପଡ଼ିଛି। ମଙ୍କିପକ୍ସର ଦୁଇଟି ଷ୍ଟ୍ରେନ୍ ଚିହ୍ନଟ ହୋଇଛି। ସେଥିମଧ୍ୟରୁ କଙ୍ଗୋ ଷ୍ଟ୍ରେନ୍ ଅଧିକ ସଂକ୍ରାମକ। ମୋଟ ରୋଗୀଙ୍କ ୧୦% କଙ୍ଗୋ ଷ୍ଟ୍ରେନ୍ରେ ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। ଅନ୍ୟଟି ହେଲା ୱେଷ୍ଟ ଆଫ୍ରିକାନ୍ ଷ୍ଟ୍ରେନ୍। ଏଥିରେ ମୃତ୍ୟୁହାର ପ୍ରାୟ ୧% ରହିଛି। ୧୯୫୮ରେ ପ୍ରଥମେ ମାଙ୍କଡ଼ଠାରେ ଏହି ଭୂତାଣୁ ଚିହ୍ନଟ ହୋଇଥିବାରୁ ଏହାର ନାମ ମଙ୍କିପକ୍ସ ରଖାଯାଇଛି। ଡବ୍ଲ୍ୟୁଏଚ୍ଓର ପ୍ରମୁଖ ମଙ୍କିପକ୍ସ ରୋଗ ବିଶେଷଜ୍ଞ ଡ. ରୋସମୁଣ୍ଡ ଲୁଇସ୍ କହିଛନ୍ତି, ଚଳିତ ସପ୍ତାହରେ ଆଫ୍ରିକା ବାହାରେ ଚିହ୍ନଟ ହୋଇଥିବା ମୋଟ ସଂକ୍ରମିତଙ୍କ ମଧ୍ୟରୁ ୯୯% ହେଉଛନ୍ତି ପୁରୁଷ। ସେମାନଙ୍କ ମଧ୍ୟରୁ ୯୮% ଅନ୍ୟ ପୁରୁଷଙ୍କ ସହ ଯୌନ ସମ୍ପର୍କରେ ରଖିବାରେ ସମ୍ପୃକ୍ତ ଥିଲେ। ବେଲଜିୟମ ଏବଂ ସ୍ପେନ୍ର ୨ଟି ରେଭ୍ ପାର୍ଟିରେ ସେକ୍ସ ଜରିଆରେ ୟୁରୋପ ଏବଂ ଉତ୍ତର ଆମେରିକାରେ ମଙ୍କିପକ୍ସର ପ୍ରକୋପ ଦେଖାଦେଇଥିବା ନେଇ ବିଶେଷଜ୍ଞମାନେ ସନ୍ଦେହ କରୁଥିବା ଲୁଇସ୍ କହିଛନ୍ତି।

ଭାରତରେ ମଧ୍ୟ ମଙ୍କିପକ୍ସ ପହଞ୍ଚି ସାରିଛି। ଗତ ୧୪ ତାରିଖରେ କେରଳରେ ପ୍ରଥମ ରୋଗୀ (୩୫ ବର୍ଷୀୟ ଯୁବକ) ଚିହ୍ନଟ ହୋଇଛନ୍ତି। ସେ କିଛିଦିନ ତଳେ ୟୁଏଇ ଗସ୍ତ କରିବା ପରେ ଥିରୁଭାନନ୍ତପୁରମ୍ ବିମାନବନ୍ଦରରେ ଓହ୍ଲାଇଥିଲେ। ତାଙ୍କଠାରେ ମଙ୍କିପକ୍ସର ସମସ୍ତ ଲକ୍ଷଣ ଦେଖାଦେବାରୁ ତାଙ୍କୁ ସ୍ୱତନ୍ତ୍ର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଇତିମଧ୍ୟରେ କେରଳରେ ଆଉ ୨ ଜଣ ୟୁଏଇ ଫେରନ୍ତା ମଙ୍କିପକ୍ସରେ ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛି। ଏହାର ଭୟାବହତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଦେଶର ସମସ୍ତ ଏୟାରପୋର୍ଟ ଏବଂ ବନ୍ଦରଗୁଡ଼ିକରେ ସ୍କ୍ରିନିଂ ବ୍ୟବସ୍ଥାକୁ ☞ପୃଷ୍ଠା-୨






# କଙ୍ଗାରୁ କୋର୍ଟ ଚଳାଉଛି ଗଣମାଧ୍ୟମ

## କ୍ଷୋଭ ବ୍ୟକ୍ତକଲେ ସିଜେଆଇ



**ନୂଆଦିଲ୍ଲୀ, ୨୩।୭**

ଦେଶରେ ବିଭିନ୍ନ ପ୍ରସଙ୍ଗରେ ଗଣମାଧ୍ୟମ କଙ୍ଗାରୁ କୋର୍ଟ ଚଳାଉଛି। ଅଦାଲତରେ କୌଣସି ମାମଲାର ଶୁଣାଣି ପୂର୍ବରୁ ମିଡିଆ ଟ୍ରାଏଲ୍ କରାଯାଉଛି। ଏଥିଯୋଗୁ ଅଭିଜ୍ଞ ବିଚାରପତିମାନଙ୍କୁ ମଧ୍ୟ ନିଷ୍ପତ୍ତି ନେବାରେ ଅସୁବିଧା ହେଉଛି ବୋଲି ଶନିବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା କ୍ଷୋଭବ୍ୟକ୍ତ କରିଛନ୍ତି। ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କ ମହମ୍ମଦ ବିରୋଧୀ ମନ୍ତବ୍ୟ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକରି ସାରା ଦେଶରେ ନିଆଁ ଲଗାଇଛି ବୋଲି ଗତମାସରେ ☞ପୃଷ୍ଠା-୨

# ପକ୍ଷପାତୀ ରାଜନୀତିରୁ ଉର୍ଦ୍ଧ୍ୱଗାମୀ ହୁଅନ୍ତୁ ଦଳ

## ରାଷ୍ଟ୍ରପତିଙ୍କ ବିଦାୟୀ ଅଭିଭାଷଣ

**ନୂଆଦିଲ୍ଲୀ, ୨୩।୭**

ରାଜନୈତିକ ଦଳଗୁଡ଼ିକ ଜନମଙ୍ଗଳ ପାଇଁ ପକ୍ଷପାତୀ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠିବା ଆବଶ୍ୟକ ବୋଲି ଶନିବାର ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ନିଜ ବିଦାୟୀ ଅଭିଭାଷଣରେ ପରାମର୍ଶ ଦେଇଛନ୍ତି। ଦେଶର ପଞ୍ଚଦଶ ରାଷ୍ଟ୍ରପତି ରୂପେ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ନିର୍ବାଚିତ ହୋଇସାରିଛନ୍ତି। ସେ ଆସନ୍ତା ସୋମବାର ଶପଥ ନେବେ। ଏହା ପୂର୍ବରୁ ଚତୁର୍ଦ୍ଦଶ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ରବିବାର ଶେଷ ହେଉଥିବାରୁ ତାଙ୍କୁ ସଂସଦ ବିଦାୟ ଜଣାଇଛି। ଏହି ଅବସରରେ ରାମନାଥ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ସାଂସଦମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ଭାରତର ସଂସଦୀୟ ବ୍ୟବସ୍ଥା ଏକ ବୃହତ୍ ପରିବାର। ଶାନ୍ତି, ସହାବସ୍ଥାନ ଓ ଆଲୋଚନା ଜରିଆରେ ପରିବାରର ସବୁ ମତଭେଦକୁ ଦୂର କରାଯାଇପାରିବ। ବିରୋଧ ଜଣାଇବା ଓ ନିଜ ଦାବି ପୂରଣ ପାଇଁ ଚାପ ସୃଷ୍ଟି କରିବା ନାଗରିକମାନଙ୍କ ସାମ୍ବିଧାନିକ ଅଧିକାର। କିନ୍ତୁ ସେମାନେ ଏଥିପାଇଁ ଶାନ୍ତିପୂର୍ଣ୍ଣ ଉପାୟରେ ଗାନ୍ଧୀଙ୍କ ମାର୍ଗ ଅବଲମ୍ବନ କରିବା ଉଚିତ। ରାଜନୈତିକ ଦଳଗୁଡ଼ିକ ଉଦ୍ଦେଶ୍ୟରେ ☞ପୃଷ୍ଠା-୨






**ଆଜିର ସମ୍ପାଦକୀୟ**

**ଜରୁରୀ ପ୍ରସଙ୍ଗକୁ ଅଣଦେଖା**

ଧରିତ୍ରୀ
DHARITRI
ରବିବାର, ୨୪ ଜୁଲାଇ, ୨୦୨୨



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଡିଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ମଙ୍କିପକ୍ସ ସ୍ୱାସ୍ଥ୍ୟ ...

କଡ଼ାକଡ଼ି କରିଛନ୍ତି। ଅନ୍ତର୍ଜାତୀୟ ପ୍ରବେଶ ପଥ, ହସ୍ପିଟାଲ ଏବଂ ହାଇ-ରିସ୍କ ଅଞ୍ଚଳଗୁଡ଼ିକରେ କଡ଼ା ନଜର ରଖିବାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ କେନ୍ଦ୍ର ସରକାର ସତର୍କ କରାଇଦେଇଛନ୍ତି। ସନ୍ଦିଗ୍ଧ ମଙ୍କିପକ୍ସ ସଂକ୍ରମିତଙ୍କ ଉପରେ ନଜର ରଖାଯିବା ସହ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ, ନମୁନା ସଂଗ୍ରହ ପାଇଁ ଗୁରୁତ୍ୱ ଦିଆଯାଇଛି। ସଂକ୍ରମିତ ଚିହ୍ନଟ ହେଲେ ସେମାନଙ୍କୁ ତୁରନ୍ତ ଆବଶ୍ୟକ ଚିକିତ୍ସା ଯୋଗାଇଦେବାକୁ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# classifieds Everyday
0674-2580101, 2549302



## BRIDE WANTED

ବ୍ରାହ୍ମଣ ପାତ୍ର, ବୟସ ୩୩, ୫ଫୁଟ ୧୦ ଇଞ୍ଚ ଦିଲ୍ଲୀ IITରୁ M.Tech. କରିଥିବା ଏକ ପ୍ରତିଷ୍ଠିତ କମ୍ପାନୀରେ ଉଚ୍ଚ ଦରମାରେ ଅବସ୍ଥାପିତ ପାତ୍ର ପାଇଁ ସୁନ୍ଦର ଗୌରବର୍ଣ୍ଣା ଶିକ୍ଷିତା ଚାକିରି କରିଥିବା ପାତ୍ରୀ ଆବଶ୍ୟକ। Mobile No-7735580114, 9650493259. D-1032

**ବ୍ୟବସାୟ କରୁଥିବା ଉଚ୍ଚ ଶିକ୍ଷିତ ବ୍ରାହ୍ମଣ ପୁଅ ୩୭ବର୍ଷ, ୫'୮'', ଗୌରବର୍ଣ୍ଣ ପାଇଁ ସୁନ୍ଦର ପାତ୍ରୀ ଆବଶ୍ୟକ। ବାପା ଓ ମା ଉଭୟ ରିଟାର୍ଡ ସରକାରୀ ଚାକିରିଆ। (ଭୁବନେଶ୍ୱରରେ ପ୍ରତିଷ୍ଠିତ)। Contact: 9040070093.** D-73849

## GROOM WANTED

43 ବର୍ଷର Divorcee ମହିଳା Rural Development Officer ଭାବରେ କାର୍ଯ୍ୟରତ। ଘର- କେନ୍ଦୁଝର, ଜାତି- ଖଣ୍ଡାୟତ। ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7655858756. D-1074

49 ବୟସ୍କା ଏକାକୀ ରହୁଥିବା ଚାକିରିଆ, ନିଃସନ୍ତାନ, ବିଧବା, ଖଣ୍ଡାୟତ ସୁନ୍ଦରୀ ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 8093860535. D-1078



## SALE

ALTOK1OVXIAMT(O) 2017, ran 28500KM, price Rs. 3,35,000. Only secondparty deal.Contact Mobile 9124140371. D-1077

## HIRE

New Model Dzire Etios Hondacity, Ciaz, Inova ବିକ୍ରି କରିବାକୁ ଚାହୁଁଛନ୍ତି କି। 9937272794. D-73944



## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320.** D-73283

Hurry! Ready to move BDA/Bank project approved One BHK flat Three Numbers in ground floor remain near Shani Temple, 500 meters from National Highway near Shani Temple Patrapada, Bhubaneswar. 9238326233. D-38581

Bhubaneswar ରେତଙ୍ଗ, ଗଂଗପଡ଼ା, କାଟେଣୀରେ ୩୦'ରାସ୍ତା, ଇଲେକ୍ଟ୍ରିସିଟି ଥାଇ ବର୍ଗଫୁଟକୁ 649/699/849/ କିଣନ୍ତୁ। Sasmita. 9853150290. D-73288

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-.8114929186.** D-73541

Gharabari conversion plot with 30ft. internal road for sale near DN Regalia Patrapada, Bhubaneswar @ 7978801755. D-73850

3BHK 1660sqft. 4th Floor at Palm Heights opposite Sum Hospital. Call- 7205072051. D-71647

**Bhubaneswar to Pipili NHକୁ ଲାଗି boundary plot, 30ft. Road, Electrification, Temple, Drainage, Streetlight, Security, Gate, Plantation, Gated community ଥାଇ sqft.-980/ରେ ମିଳୁଛି। 9937006862.** D-73284

Land Investments starting from One Lakh in and around Bhubaneswar. Contact: 9078020885. D-73336

**ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 30ft. road, ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ sqft.-320/-, 850/-ରେ ମିଳୁଛି। 9668344479, 9437607388.** D-73268

Freehold land corner plot 19906, 2nd plot 6534sqft. with boundary, landmark- Malatipatapur Waterpark ମୌଜା- କଞ୍ଚିଶାସନ, RI-ମୋରଡପଡ଼ା, Tahashil- Puri. Contact: 9437184488. D-73848

**5000sqft. (50ft. X100ft.) gharabari, sthitiban yellowzone, 100% clear single Patta owner plot for sale with boundary, filling & outhouse completed. Address- Bhargavi Vihar, just 3rd plot from Dhauli & Uttara NH with 25ft. wide concrete road Price Rs.1,35,00,000/-. Contact owner. 9040026465 (BABU BHAI).** D-1039

ଭୁବନେଶ୍ୱର ଗଙ୍ଗପଡ଼ା Adyanta College ପାଖରେ ପିଚୁ ରୋଡ୍‌କୁ ଲାଗି commercial ଏବଂ ଘର ଉପଯୋଗୀ yellowzone plot କିଣି ଘର କରନ୍ତୁ। 9938066403, 9777067303. D-73287

ଭୁବନେଶ୍ୱରରେ ସ୍ଥିତିବାନ୍ ଫ୍ଲାଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ sqft.-1500/-, ଦାଶପୁରରେ sqft.-800/-, ପାତ୍ରପଡ଼ାରେ 2BHK ତିଆରି ଫ୍ଲାଟ୍ 60,000,00/-ରେ ବିକ୍ରି ହେଉଅଛି। 9348549059, 8984896693, 06747964979. D-73839

**Commercial cum residential plot at Brahmanjharilo Cuttack (Niali road) 6k.m. to Phulanakhara, 11k.m. to Bhubaneswar. 7809525452.** D-73938

**Hanspal near Balianta Rangabazar Middle pointରେ road, electricity, boundary ସହିତ plot କିଣନ୍ତୁ। sqft.-1350/-. 7008425796.** D-73286

## PURCHASE

ଜମି ଆବଶ୍ୟକ: ଭୁବନେଶ୍ୱର, ବାଲିଅନ୍ତା, ଖୋର୍ଦ୍ଧା, ପିପିଲି, ପୁରୀ ତହସିଲ ଅଧୀନରେ ଥିବା ଜମି ଆବଶ୍ୟକ। **Outright/Share** ହିସାବରେ ଦେବାକୁ ଇଚ୍ଛୁକ ଥିବା ଜମି ମାଲିକ ଯୋଗାଯୋଗ କରନ୍ତୁ। **9438109040, 8144658008.** D-1065



**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73278



Shoproom (10'x10') infront of Bijupattnaik College mainroad Jayadevvihar, Bhubaneswar. Contact: 9938511622. D-1090

**6 Nos. of 2BHK Residential Flat (Newly constructed) with all facilities & parking available for rent at Cuttack. Shivajee Nagar, Tulsipur. Contact: 9040029298.** D-1047

Three Bedroom house at Satyanagar for Family only. Contact: 7205386140. D-74201



Refreshing your mind and body with the best therapy, 7873794731. D-872

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73847

Newly open full body massage, ladies and gents. 7846923244. D-73943

Fullbody massage relax your body, mind by best therapist. 7008773793. D-73626

"Only Professional Massage & Steam Bath- Trupti Spa. 9337337007, 9861550765." D-1058

Newly opened full body massage center by expert therapist. 7381172169. D-73622

Newly open SPA positively health benifit with expert. Contact: 7749976301. D-73845

Newly open full body massage ladies & gents available. 8093726714. D-73620

**Relax, Refresh your body, Mind at Saikrupa Spa with best therapies. 8984068077.** D-980

## AFFIDAVIT

I, Sunita Dora, aged-42, Duplex No.-RA-02, Royal Avenue, Haridaspur, Balianta, Bhubaneswar-752101 by affidavit C.F. No.-62 dt. 22.07.2022. Corrected my name to SUNITA DORA instead of M.SUNITA RAO. That I, hereby declare that M. Sunita Roa & Sunita Dora is one & same person i.e my self. D-1081

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପ୍ରଥମ ପୃଷ୍ଠାରୁ...

## ପକ୍ଷପାତୀ ରାଜନୀତିରୁ ...

ରାମନାଥ କହିଥିଲେ, ଅନେକ ସମୟରେ ସଂସଦରେ ମତଭେଦ ଦେଖିବାକୁ ମିଳିଥାଏ। କିନ୍ତୁ ରାଷ୍ଟ୍ରର ହିତ ଦୃଷ୍ଟିରୁ ସମସ୍ତ ଏମ୍‌ପି କାର୍ଯ୍ୟ କରିବା ଉଚିତ। ବିଭିନ୍ନ ପ୍ରସଙ୍ଗରେ ଦେଶରେ ହିଂସ୍ର ବିକ୍ଷୋଭ ଦେଖାଦେଉଥିବାବେଳେ ସେଗୁଡ଼ିକୁ ନେଇ ପାର୍ଲାମେଣ୍ଟର ଉଭୟ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ ଅଚଳାବସ୍ଥା ସୃଷ୍ଟି କରୁଛି। ଏହି ପରିପ୍ରେକ୍ଷୀରେ ରାମନାଥଙ୍କ ଉକ୍ତ ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରେ। ବିଦାୟୀ ରାଷ୍ଟ୍ରପତିଙ୍କ ମନ୍ତବ୍ୟକୁ ସେଣ୍ଟ୍ରାଲ ହଲ୍‌ରେ ଉପସ୍ଥିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ମନ୍ତ୍ରୀଗଣ ଏବଂ ଏମ୍‌ପିମାନେ ସ୍ୱାଗତ କରିଛନ୍ତି।

## ରାସ୍ତାରେ ବାବୁସାନଙ୍କ ...

ବାହାରକୁ ଆସିବା ପାଇଁ ବାଧ୍ୟ କରିବା ସହ ଟଣାଓଟରା କରିଥିଲେ। ପରେ ତୃପ୍ତି ଗାଡ଼ି ଭିତରେ ପଶି ପ୍ରକୃତିଙ୍କୁ ଟଣାଓଟରା କରିଥିଲେ। ପ୍ରକୃତି ଗାଡ଼ିରୁ ବାହାରି ସେଠାରୁ ଚାଲିଯିବାକୁ ଉଦ୍ୟମ କରୁଥିବା ବେଳେ ତୃପ୍ତି ପଛରୁ ଗୋଡ଼େଇ ତାଙ୍କୁ ମାଡ଼ ମାରିଥିବା ଦେଖିବାକୁ ମିଳିଛି। ଏହି ସମୟରେ ପ୍ରକୃତି ତାଙ୍କ ଘର ଭାଙ୍ଗିଦେଇଛି ବୋଲି ତୃପ୍ତି କହୁଥିବା ଭିଡିଓରୁ ଜଣାପଡ଼ିଛି। ଭିଡିଓ ଭାଇରାଲ୍ ହେବା ପରେ ତୃପ୍ତି କହିଛନ୍ତି, ଶନିବାର ବାବୁସାନ ଚେନ୍ନାଇ ଯିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲି। ପ୍ରକୃତି ମିଶ୍ର ମଧ୍ୟ ତାଙ୍କ ସାଙ୍ଗରେ ଯିବେ ବୋଲି ମୋର ସନ୍ଦେହ ହୋଇଥିଲା। ବାବୁସାନଙ୍କ ସହ ସମ୍ପର୍କରୁ ଦୂରେଇ ରହିବା ଲାଗି ତୃପ୍ତି ଏକଦା ତାଙ୍କୁ ତାଗିଦ୍ କରିଥିବା ବେଳେ ଆମ ଭିତରେ ଯିଏ ପଶିବ, ପରିଣାମ ଭୋଗିବ ବୋଲି ପ୍ରକୃତି କହିଥିଲେ। ମୁଁ ବାବୁସାନଙ୍କୁ ସେଠାରୁ କାଢ଼ିବାକୁ ଚାହୁଁଥିଲି। ପ୍ରକୃତି ମୋତେ ପ୍ରଥମେ ଧକ୍କା ମାରିଥିଲେ। ଆମ ଘରେ କିଛି ମାସ ଧରି ବାବୁସାନ ରହୁ ନ ଥିଲେ ବୋଲି ତୃପ୍ତି ସୂଚନା ଦେଇଛନ୍ତି। ତୃପ୍ତି ଆହୁରି ମଧ୍ୟ କହିଛନ୍ତି, ୨୦୨୦ ସେପ୍ଟେମ୍ବର ୨୨ରେ ମୁଁ ଗର୍ଭବତୀ ଥିବା ଜାଣିଲି। ୨୩ ତାରିଖରେ ସେମାନଙ୍କ ସମ୍ପର୍କ ବିଷୟରେ ଜାଣିବାକୁ ପାଇଥିଲି। ପ୍ରକୃତିଙ୍କ ବାପା ମନ୍ମଥ ମିଶ୍ର ମଧ୍ୟ ଏକଥା ଜାଣିଥିଲେ। ଏନେଇ ମନ୍ମଥ ଅଙ୍କଲଙ୍କୁ ପଚାରିବାରେ ସେ ଦୁଇଜଣ ଆଉ ହାତରେ ନ ଥିବା କହିଥିବା ତୃପ୍ତି କହିଛନ୍ତି। ୨୦୨୨ ମାର୍ଚ୍ଚ ୨ରେ ପ୍ରକୃତିଙ୍କ ଜନ୍ମଦିନରେ ବାବୁସାନ ଏକ ଲକେଟ ଉପହାର ଦେଇଥିଲେ। ଏହି ସମୟରେ ମୁଁ ତାଙ୍କୁ ଧରିଥିଲି। ମୁଁ ମୋର ପରିବାରକୁ ବଞ୍ଚାଇବାକୁ ଚାହୁଁଥିଲି। ତେଣୁ ଆଗରୁ ଚୁପ୍ ରହୁଥିଲି। ମୋ ଶାଶୁ ମଧ୍ୟ ଏକଥା ଜାଣିଛନ୍ତି। ବାବୁସାନଙ୍କୁ ବୁଝାଇବାକୁ ଚେଷ୍ଟା କରିଛନ୍ତି। ମାତ୍ର ପରିସ୍ଥିତି ନ ସୁଧୁରିବାରୁ ଏପରି ପଦକ୍ଷେପ ନେବାକୁ ବାଧ୍ୟ ହେଲି। ସେ ଆହୁରି ମଧ୍ୟ କହିଛନ୍ତି, ପ୍ରକୃତି ବାବୁସାନଙ୍କୁ ବ୍ଲାକ୍‌ମେଲିଂ କରୁଥିଲେ। ଛାତ ଉପରୁ ଡେଇଁ ପଡ଼ିବି କହୁଥିଲେ। ହାତ କାଟି ଦେବାକୁ ଧମକ ଦେଉଥିଲେ। ଉଭୟ ବାବୁସାନ ଓ ପ୍ରକୃତିଙ୍କ ମଧ୍ୟରେ ସମ୍ପର୍କ ରହିଛି। ଅନେକ ଥର ଉଭୟଙ୍କୁ ଧରିଛି। ଉଭୟଙ୍କୁ ମୁଁ ମୁମ୍ବାଇ, ଭୁବନେଶ୍ୱର ଓ ଗୋଆରେ ଧରିଛି। ପ୍ରକୃତିଙ୍କୁ ଛାଡ଼ିବା ପାଇଁ ବାବୁସାନଙ୍କୁ କହୁଥିଲି। କିନ୍ତୁ ସେମାନେ ବୁଝୁ ନ ଥିଲେ। ରାତି ରାତି ଧରି ଉଭୟ ବାବୁସାନ୍ ଓ ପ୍ରକୃତି ବାହାରେ ରହୁଥିଲେ।

ତେବେ ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରକୃତି ଲେଖିଛନ୍ତି, ପ୍ରତ୍ୟେକ କାହାଣୀର ଦୁଇଟି ପାର୍ଶ୍ୱ ଥାଏ। ଦୁର୍ଭାଗ୍ୟବଶତଃ ଆମେ ଏମିତି ଏକ ସମାଜରେ ବାସ କରୁଛୁ, ଯେଉଁଠାରେ କିଛି ଶୁଣିବା ପୂର୍ବରୁ ହିଁ ମହିଳାଙ୍କୁ ଦୋଷୀ ସଜାଇ ଦିଆଯାଏ। ମୁଁ ଏବଂ ମୋର କୋ-ଷ୍ଟାର ବାବୁସାନ ଚେନ୍ନାଇରେ ରହୁଥିବା ଉତ୍କଳ ସମାଜର ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ବାହାରିଥିଲୁ। ସେହି ସମୟରେ ତାଙ୍କ ସ୍ତ୍ରୀ କିଛି ଗୁଣ୍ଡାଙ୍କୁ ଧରି ବାବୁସାନଙ୍କୁ ନିର୍ଯାତନା ଦେବା ସହିତ ମୋତେ ଅତର୍କିତ ଭାବେ ଶାରୀରିକ ଏବଂ ମାନସିକ ଆଘାତ କରିଥିଲେ। ତାଙ୍କ ସ୍ତ୍ରୀଙ୍କ ଏଭଳି ବ୍ୟବହାର ମୋ ପକ୍ଷରେ ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ପ୍ରକୃତି ଉଲ୍ଲେଖ କରିଛନ୍ତି।

ଏ ସମ୍ପର୍କରେ ବାବୁସାନ କହିଛନ୍ତି, ଚେନ୍ନାଇର ଉତ୍କଳ ଆସୋସିଏଶନ ପକ୍ଷରୁ ଆୟୋଜିତ ଉତ୍ସବରେ ଆମ ନୂଆ ଫିଲ୍ମର ପ୍ରମୋସନ୍ ପାଇଁ ବିମାନବନ୍ଦରକୁ ବାହାରିଥିଲୁ। କିନ୍ତୁ ହଠାତ୍ ସ୍ତ୍ରୀ ତୃପ୍ତି ଆସି ତାଙ୍କର ଗାଡ଼ି ଅଟକାଇ ପ୍ରକୃତି ମିଶ୍ରଙ୍କୁ ଟଣାଓଟରା କରିଥିଲେ। ଏଥିରେ ମୋ ସ୍ତ୍ରୀଙ୍କ ଉପରେ ମୋର କୌଣସି ରାଗ ନାହିଁ। ଏନେଇ ତାଙ୍କୁ ମୁଁ ଦୋଷ ଦେବିନି। କାରଣ ସେ ଫିଲ୍ମ ଲାଇନର ନୁହନ୍ତି କି ଏ ଲାଇନ୍ ବିଷୟରେ କିଛି ବୁଝନ୍ତି ନାହିଁ। ମୋତେ ବହୁତ ଝିଅଙ୍କ ସହ କାମ କରିବାକୁ ପଡ଼ିବ। ପ୍ରକୃତି ମୋ ପିଲାଦିନର ସାଙ୍ଗ। ମୁଁ ଠିକ୍ ଅଛି। ମୁଁ ଆଇନର ଦ୍ୱାରସ୍ଥ ହେବିନାହିଁ। କିନ୍ତୁ ଯଦି ପ୍ରକୃତି ସେଭଳି କିଛି କରେ ସେଥିରେ ମୋର କିଛି କହିବାର ନାହିଁ। ଅପରପକ୍ଷେ ବାବୁସାନଙ୍କ ବାପା ତଥା ଅଭିନେତା ଉତ୍ତମ ମହାନ୍ତି ନିଜ ପୁଅ ଭୁଲ୍ କରିଥିବା କହିବା ସହ ବୋହୂ ତୃପ୍ତିର ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଆପଣା ସୁନା ଭେଣ୍ଡି, କାହାକୁ କ'ଣ କହିବି। ପ୍ରକୃତିଠାରୁ ଦୂରେଇ ରହିବା ପାଇଁ ବାବୁସାନଙ୍କୁ ବହୁତଥର ବୁଝାଇଛୁ। କିନ୍ତୁ ସେ ମାନି ନାହିଁ। ତୃପ୍ତି ଜଣେ ଭଲ ଝିଅ। ତା'ର ଇଣ୍ଡଷ୍ଟ୍ରି ସହିତ କୌଣସି ସମ୍ପର୍କ ନାହିଁ। ବାବୁସାନ ଓ ପ୍ରକୃତିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବ ବୋଲି ତୃପ୍ତି ପାଖରେ ପ୍ରମାଣ ଥିବ। ସେଥିପାଇଁ ସେ ଏଭଳି ପଦକ୍ଷେପ ନେଇଥିବ। ସୂଚନାଯୋଗ୍ୟ, ନିକଟରେ ମୁକ୍ତିଲାଭ କରିଥିବା ଓଡ଼ିଆ ଫିଲ୍ମ 'ପ୍ରେମମ୍'ରେ ବାବୁସାନଙ୍କ ସହ ପ୍ରକୃତିଙ୍କୁ ଦେଖିବାକୁ ମିଳିଥିଲା।

ପ୍ରକୃତିଙ୍କୁ ଗାଡ଼ି ଭିତରୁ ଟାଣି ଆଣି ବାବୁସାନଙ୍କ ସ୍ତ୍ରୀ ଏବଂ କେତେକ ଲୋକ ମାଡ଼ ମାରୁଥିବା ଭିଡିଓ ଭାଇରାଲ ହେବା ଜାଣିବା ପରେ ତାଙ୍କ ମା' କୃଷ୍ଣପ୍ରିୟା ମିଶ୍ର ଖାରବେଳନଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି।। ଝିଅ କାମକୁ ଯାଉଥିବାବେଳେ ଲଳିତ ଶତପଥୀ ଓ କିଛି ଲୋକ ଆସି ତାଙ୍କ ଗାଡି ଅଟକାଇଥିଲେ। ପରେ ତାଙ୍କୁ ଆକ୍ରମଣ କରିବା ସହ ଜାଣିଶୁଣି ତୃପ୍ତି ଓ ତାଙ୍କ ବାପା ଶାରୀରିକ ଓ ମାନସିକ ନିର୍ଯାତନା ଦେଇଛନ୍ତି ବୋଲି ଏତଲାରେ ଦର୍ଶାଇଛନ୍ତି। ସେପଟେ ଏ ଘଟଣାକୁ ଦୁର୍ଭାଗ୍ୟଜନକ କହିଛନ୍ତି ପ୍ରକୃତିଙ୍କ ବାପା ମନ୍ମଥ ମିଶ୍ର । ବାବୁସାନ୍‌ଙ୍କ ସ୍ତ୍ରୀ ଯାହା କରିଛନ୍ତି ଏହା ଏକ ଅପରାଧ । ପ୍ରକୃତି ଓ ବାବୁସାନ ଉଭୟ ଭଲ ବନ୍ଧୁ ବୋଲି ମନ୍ମଥ କହିଛନ୍ତି। ସଭ୍ୟ ସମାଜରେ ଏଭଳି ହୁଏନି ବୋଲି ସେ କହିଛନ୍ତି । ଯଦି କିଛି ସମସ୍ୟା ଥିଲା ତେବେ ସେ ଥାନାକୁ ଯାଇ ପାରିଥାନ୍ତେ ବୋଲି କହିଛନ୍ତି। କୃଷ୍ଣପ୍ରିୟାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଆଇପିସି ଦଫା ୩୪୧, ୨୯୪, ୩୨୩, ୫୦୬, ୩୪ରେ ଏକ ମାମଲା(ନଂ. ୨୧୭/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଅପରାହ୍ଣରେ ତୃପ୍ତି ନିଜ ଶାଶୁ ଅପରାଜିତା ମହାନ୍ତି ଏବଂ ମାଉସୀ ସଙ୍ଗୀତା ପ୍ରହରାଜଙ୍କ ସହ ଖାରବେଳ ନଗର ଥାନା ଆସି ବାବୁସାନ ଏବଂ ପ୍ରକୃତିଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକୃତି ତାଙ୍କ ସ୍ୱାମୀ ବାବୁସାନଙ୍କୁ କବଳିତ କରି ବିଭିନ୍ନ ସମୟରେ ଧମକ୍ ଦେବା ସହ ଗାଳିଗୁଲଜ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ଆଇପିସି ଦଫା ୪୯୮(କ), ୫୦୬,୩୪ରେ ପୋଲିସ ଏକ ମାମଲା(ନଂ.୨୧୯/୨୦୨୨) ରୁଜୁ କରିଛି। ଏଥିସହ ତୃପ୍ତି, ଅପରାଜିତା ଏବଂ ସମ୍ପର୍କୀୟଙ୍କ ବୟାନ ରେକର୍ଡ କରାଯାଇଥିବା ଥାନା ଅଧିକାରୀ ଅରୁଣ ସ୍ୱାଇଁ କହିଛନ୍ତି। ପ୍ରକୃତିଙ୍କ ବିରୋଧରେ ତୃପ୍ତିଙ୍କ ଏତଲା ପରେ ବାପା ମନ୍ମଥ ପ୍ରତିକ୍ରିୟା ରଖି କହିଛନ୍ତି, ମୋର ମୋ ଝିଅ ଉପରେ ସମ୍ପୂର୍ଣ୍ଣ ଭରସା ଅଛି। ଅପରାଜିତା (ଟିକି) ଅପା ପ୍ରଥମେ ନିଜ ପୁଅକୁ ବୁଝାଇବା ଆବଶ୍ୟକ। ଯାହାବି କାର୍ଯ୍ୟାନୁଷ୍ଠାନ ନେବା କଥା ସେ ତାଙ୍କ ପୁଅ ବିରୋଧରେ ନିଅନ୍ତୁ। ଅଯଥା ଗୋଟେ ଝିଅକୁ ଏଭଳି ବଦ୍‌ନାମ କରିବା ଉଚିତ୍ ନୁହେଁ।

## କଙ୍ଗାରୁ କୋର୍ଟ ଚଳାଉଛି ...

ସୁପ୍ରିମକୋର୍ଟ ଦେଇଥିବା ମନ୍ତବ୍ୟକୁ ନେଇ ଗଣମାଧ୍ୟମରେ ହଟଚମଟ ହେବା ପରେ ସିଜେଆଇଙ୍କ ସଦ୍ୟ ମନ୍ତବ୍ୟକୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି। ସିଜେଆଇ ରମନା ଝାଡ଼ଖଣ୍ଡର ରାଞ୍ଚିରେ ଏକ ଶୈକ୍ଷିକ କାର୍ଯ୍ୟକ୍ରମରେ ଯୋଗଦେଇ 'ନ୍ୟାୟପାଳିକାର ଭୂମିକା ଓ ବିଚାରପତିମାନଙ୍କ ଆହ୍ୱାନ' ଶୀର୍ଷକ ବକ୍ତୃତାମାଳାରେ ଗଣମାଧ୍ୟମର ସାମ୍ପ୍ରତିକ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ସାମାଜିକ ଗଣମାଧ୍ୟମରେ ବିଚାରପତିମାନଙ୍କ ବିରୋଧରେ ସୁପରିକଳ୍ପିତ ଅଭିଯାନ ଚାଲିଛି। ଏହା ଉପରେ ବିଚାରପତିମାନେ ତତ୍କାଳ ପ୍ରତିକ୍ରିୟା ପ୍ରକାଶ କରି ନ ପାରନ୍ତି। ଦୟାକରି ଏହାକୁ କେହି ସେମାନଙ୍କ ଦୁର୍ବଳତା କିମ୍ବା ଅସହାୟତା ବୋଲି ବିବେଚନା କରନ୍ତୁ ନାହିଁ। ସିଜେଆଇ ଆହୁରି କହିଛନ୍ତି, ବର୍ତ୍ତମାନ ବିସ୍ତୃତ ଭାବେ ବ୍ୟାଖ୍ୟା କରିବା ପାଇଁ ଗଣମାଧ୍ୟମର ପର୍ଯ୍ୟାପ୍ତ ସାମର୍ଥ୍ୟ ରହିଛି। କିନ୍ତୁ ଏହା ଠିକ୍ ଓ ଭୁଲ୍ ମଧ୍ୟରେ ରହିଥିବା ପ୍ରଭେଦକୁ ନିର୍ଦ୍ଧାରଣ କରିବାରେ ସକ୍ଷମ ହେଉ ନ ଥିବା ଜଣାପଡୁଛି। ମିଡିଆ ଟ୍ରାଏଲ୍‌କୁ ଏକ ମାମଲାର ରାୟ ପାଇଁ ଆଧାର ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଆମେ ଦେଖୁଛୁ ଯେ, ବିଭିନ୍ନ ପ୍ରସଙ୍ଗରେ ମିଡିଆ କଙ୍ଗାରୁ କୋର୍ଟ ଚଳାଉଛି, ଯଦ୍ୱାରା ଅଭିଜ୍ଞ ବିଚାରପତିମାନଙ୍କୁ ନିଷ୍ପତ୍ତି ନେବାରେ ଅସୁବିଧା ହେଉଛି। ନ୍ୟାୟ ପ୍ରଦାନ ଉପରେ ଭୁଲ୍ ତଥ୍ୟ ଆଧାରିତ ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ଦ୍ୱାରା ପ୍ରେରିତ ବିତର୍କ ଗଣତନ୍ତ୍ରର ସ୍ୱାସ୍ଥ୍ୟ ପାଇଁ ହାନିକାରକ ସାବ୍ୟସ୍ତ ହେଉଛି। ଆସନ୍ତା ସପ୍ତାହରେ ଅବସର ନେବାକୁ ଥିବା ସିଜେଆଇ ରମନା କହିଛନ୍ତି, ପକ୍ଷପାତୀ ମତଗୁଡ଼ିକୁ ଗଣମାଧ୍ୟମରେ ବିସ୍ତାର କରାଯିବା ଫଳରେ ଗଣତନ୍ତ୍ର ଦୁର୍ବଳ ହେବା ସହ ବ୍ୟବସ୍ଥାକୁ କ୍ଷତି ପହଞ୍ଚୁଛି। ଏହି ପ୍ରକ୍ରିୟାରେ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପଡୁଛି। ଗଣମାଧ୍ୟମ ଉପରେ ପଡ଼ି ନିଜ ଉତ୍ତରଦାୟିତ୍ୱ ଲଙ୍ଘିବା ଯୋଗୁ ଆମ ଗଣତନ୍ତ୍ର ଦୁଇପାଦ ପଛକୁ ଘୁଞ୍ଚିଯାଉଛି। ପ୍ରିଣ୍ଟ ମିଡିଆ (ଛାପା ଗଣମାଧ୍ୟମ)ର ଏକ ନିର୍ଦ୍ଦିଷ୍ଟ ଉତ୍ତରଦାୟିତ୍ୱ ରହିଥିବାବେଳେ ବୈଦ୍ୟୁତିକ ଗଣମାଧ୍ୟମର ଶୂନ ଉତ୍ତରଦାୟିତ୍ୱ ଦେଖିବାକୁ ମିଳୁଛି। ସୋସିଆଲ ମିଡିଆ ଅବସ୍ଥା ଆହୁରି ନିକୃଷ୍ଟ। ତେଣୁ ଗଣମାଧ୍ୟମ ଆତ୍ମନିୟନ୍ତ୍ରଣ ରଖି ନିଜ ଭାଷାକୁ ପରଖିବା ପାଇଁ ଏହା ହେଉଛି ପ୍ରକୃଷ୍ଟ ସମୟ। ଇଲେକ୍ଟ୍ରୋନିକ୍ ଏବଂ ସୋସିଆଲ ମିଡିଆ ଦାୟିତ୍ୱପୂର୍ଣ୍ଣ ବ୍ୟବହାର କରନ୍ତୁ। ଇଲେକ୍ଟ୍ରୋନିକ୍ ମିଡିଆ ଲୋକଙ୍କୁ ଶିକ୍ଷା ଦେଇ ରାଷ୍ଟ୍ରକୁ ତତ୍ପର କରାଇବା ଉଚିତ ବୋଲି ପ୍ରଧାନ ବିଚାରପତି ରମନା ମତବ୍ୟକ୍ତ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅନୁକୂଳ ଗ୍ରହ ସ୍ଥିତି ପ୍ରଭାବରେ ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ଧର୍ମୀୟ ଭାବନା, ବନ୍ଧୁମିଳନରୁ ଖୁସି ରହିବେ। ପାରିବାରିକ, ପରିବହନ କ୍ଷେତ୍ରରେ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡ଼ିବେ। ବନ୍ଧୁଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଗାଡ଼ିମୋଟର ଚଳାଇବା ସମୟରେ ଅନ୍ୟମନସ୍କ ଅସୁବିଧାର କାରଣ ହୋଇପାରେ।

**ବୃଷ** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଆଜି ଆପଣ କଳା, ସାହିତ୍ୟ, ପ୍ରବଚନ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହେବେ।

**ମିଥୁନ** ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ସାଧାରଣ ଘଟଣାକୁ ଅତିରଞ୍ଜିତ କରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଅର୍ଥ ସମ୍ପର୍କ, ବ୍ୟବସାୟ, ଯାତ୍ରା, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ। ଆର୍ଦ୍ରା ନକ୍ଷତ୍ର ବିଭିନ୍ନ ସମସ୍ୟାକୁ ବିମର୍ଷ ରହିପାରନ୍ତି। ସନ୍ତାନହେତୁକ ଚିନ୍ତା ଦୂର ହେବ।

**କର୍କଟ** ସକାଳ ସମୟଟି ବହୁତ ଭଲରେ କଟିବ ଏବଂ ଆପଣଙ୍କ କୌଣସି କାମ ଅଟକିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି। ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବାରୁ ଖୁସି ରହିବେ।

**ସିଂହ** ବିଭିନ୍ନ ପ୍ରକାରର ସମସ୍ୟା ଜାଲରେ ଛନ୍ଦିହୋଇ ମାନସିକ ସନ୍ତୁଳନ ହରାଇପାରନ୍ତି। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଆଜିର ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା ପ୍ରଭୃତିରେ ସଫଳତା ପାଇବେ। ଧର୍ମଚର୍ଚ୍ଚା ତଥା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ।

**କନ୍ୟା** ଅଧିକାଂଶ ସମୟ ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିରତା ରହିବ ନାହିଁ। କର୍ମକ୍ଷେତ୍ରରେ କାମଗୁଡ଼ିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିବେ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ପାଇଁ ସମ୍ପର୍କୀୟମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ବହୁତ ଦିନରୁ ଅଟକି ରହିଯାଇଥିବା ଅର୍ଥ ଲାଭରୁ ଖୁସି ରହିବେ।

**ତୁଳା** କଥା ଦେଇ କଥା ରଖିନଥିବା କାରଣରୁ ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ, କିନ୍ତୁ ପ୍ରତିବନ୍ଧକ ଲାଗି ରହିବ। ଚିତ୍ରା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁଁ ମନୋବଳ କମି ଯାଇପାରେ।

**ବିଛା** କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ବନ୍ଧୁମାନଙ୍କ ଗହଣରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଜ୍ୟେଷ୍ଠା ନକ୍ଷତ୍ର ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ** କର୍ମକ୍ଷେତ୍ରରେ ଦକ୍ଷତା ହେତୁକ ପ୍ରତିଷ୍ଠିତ ହେବ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହାକି ଅଶାନ୍ତିକୁ ନିମନ୍ତ୍ରଣ କରିବ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦୈହିକ ଦୁର୍ବଳତା ମାନସିକ ସ୍ଥିତିକୁ ନିରୁତ୍ସାହିତ କରିପାରେ ।

**ମକର** ସକାଳୁ ସକାଳୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଚେଷ୍ଟା କରୁଥିବା କାମରେ କେତେକ ପ୍ରତିବନ୍ଧକ ଦେଖାଦେବାର ସୂଚନା ରହିଛି। ପଡ଼ୋଶୀ କେହି ପ୍ରତିବାଦ କରି ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଶିକ୍ଷା, ପରୀକ୍ଷା, ସନ୍ତାନ, ଲେଖାପଢ଼ା, ଆଲୋଚନା ଓ ସଭାସମିତି କ୍ଷେତ୍ରରୁ ପ୍ରଶଂସିତ ହେବେ।

**କୁମ୍ଭ** ଆଜି ସକାଳୁ ସକାଳୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଆକସ୍ମିକ ଯାତ୍ରା କରିବାକୁ ପଡ଼ିପାରେ। ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ** କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନସନ୍ କମିଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ। ପରୋକ୍ଷ ଶତ୍ରୁତା କାରଣରୁ ସମସ୍ୟା ଆସିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ଦୂରସମ୍ପର୍କୀୟ ବନ୍ଧୁ ଆଜି ଆସିପାରନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୭,୪୨,୩୪,୮୭୪ | ୬୪,୦୧,୮୩୯ | ୫୪,୩୮,୯୪,୫୬୪ |
| ଭାରତ | ୪,୩୮,୬୮,୪୭୬ | ୫,୨୫,୯୯୭ | ୪,୩୧,୯୨,୩୭୯ |
| ଓଡ଼ିଶା | ୧୩,୦୫,୪୯୯ | ୯୧୩୧(+୫୩) | ୧୨,୮୯,୮୮୫ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# କରୋନାରେ ଚାଲିଗଲା ବୃଦ୍ଧାଙ୍କ ଜୀବନ

**ବରପାଲି,୨୩।୭(ଡି.ଏନ.ଏ.):** ରାଜ୍ୟରେ ମହାମାରୀ କରୋନା ପୁଣି ତାର କାୟା ବିସ୍ତାର କରିବାରେ ଲାଗିଲାଣି। ଶନିବାର ଏହି ରୋଗରେ ପୀଡ଼ିତା ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ଜଣଙ୍କ ହେଲେ ବରଗଡ଼ ଜିଲା ବରପାଲି ବ୍ଲକ ତିଲେଇମାଲ ପଞ୍ଚାୟତ ପତେଇପାଲି ଗ୍ରାମର ସନ୍ଧ୍ୟା ପୋଡ଼ (୬୩)। କରୋନାରେ ବୃଦ୍ଧାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ପତେଇପାଲି ଗ୍ରାମର ସନ୍ଧ୍ୟାଙ୍କୁ ପ୍ରଥମେ ଜ୍ୱର, କାଶ ହେବାରୁ ସେ କୋଭିଡ୍ ପରୀକ୍ଷା କରାଇଥିଲେ। ସେ କୋଭିଡ୍ ପଜିଟିଭ ଚିହ୍ନଟ ହେବାରୁ ଗତ ୨୧ ତାରିଖରେ ବରପାଲି ସରକାରୀ ଡାକ୍ତରଖାନା ଆଇସୋଲେଶନ ୱାର୍ଡରେ ରହି ଚିକିତ୍ସିତ ହେଉଥିଲେ। ଶନିବାର ଭୋର୍ ସମୟରେ ଉକ୍ତ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା। ମୃତଦେହକୁ ତାଙ୍କ ଗ୍ରାମକୁ ନେଇ କୋଭିଡ ନିୟମାନୁସାରେ ସତ୍କାର କରାଯାଇଥିଲା। ଏ ସମ୍ପର୍କରେ ବରପାଲି ଡାକ୍ତରଖାନାର ଇନ୍‌ଚାର୍ଜ ଡାକ୍ତର ରାଜେଶ ବେହେରାଙ୍କୁ ପଚାରିବାରୁ ଉକ୍ତ ମହିଳା ଜଣଙ୍କ କରୋନା ପଜିଟିଭ ଚିହ୍ନଟ ହୋଇ ବରପାଲି ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଶନିବାର ତାଙ୍କର ମୃତ୍ୟୁ ହୋଇଛି ବୋଲି ସେ କହିଥିଲେ।

# ଋଣ ଚିନ୍ତାରେ ଜୀବନ ହାରିଲେ ଚାଷୀ

**ପୋଲସରା(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ,୨୩।୭**

ଋଣ ଟଙ୍କା ଶୁଝି ନ ପାରିବାରୁ ବିଷ ପିଇ ଦେଇଥିବା ଚାଷୀଙ୍କ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ପୋଲସରା ବ୍ଲକ ପାତାଳସିଙ୍ଗି ଗ୍ରାମ ଶୁଣ୍ଡିସାହିର ରମେଶ ରାହା (୫୬)। ରମେଶ ବିଭିନ୍ନ ବ୍ୟାଙ୍କ ଓ କିଛି ସାଧାରଣଙ୍କଠାରୁ ଋଣ ନେଇ ଚାଷ କରିଥିଲେ। ପୂର୍ବରୁ ଋଣ ଥିବା ବେଳେ ଏଥର ମଧ୍ୟ ବିଭିନ୍ନ ଲୋକଙ୍କଠାରୁ ଟଙ୍କା ଉଧାର ଆଣିଥିଲେ। ବିଲରେ ଧାନତଳି ପକାଇଥିବା ବେଳେ ବର୍ଷାରେ ତାହା ନଷ୍ଟ ହୋଇଯାଇଥିଲା। ଏଥିପାଇଁ ଗତ ୨୦ ତାରିଖରେ ରମେଶ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଦେଇଥିଲେ। ପରେ ଘରକୁ ଆସି ସ୍ତ୍ରୀଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରିବାର ଲୋକେ ତାଙ୍କୁ ପାଣ୍ଡିରିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୋଲସରା ମେଡିକାଲକୁ ନେଇଥିଲେ। ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏମ୍‌କେସିଜି ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୩୯୭/୨୨ରେ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ପୋଲିସ କହିଛି।






# କାଶୀପୁରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଘେରିଲେ

- ରାୟଗଡ଼ା, କୋରାପୁଟ, ନବରଙ୍ଗପୁରରେ ବ୍ୟାପୁଛି କଲେରା
- କାଶୀପୁରରେ ଆଉ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ

**ରାୟଗଡ଼ା ଅଫିସ/ଟିକିରି, ୨୩।୭(ଡି.ଏନ୍.ଏ.)**

ରାୟଗଡ଼ା, କୋରାପୁଟ ଏବଂ ନବରଙ୍ଗପୁର ଜିଲାରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଶନିବାର ଆଉ ଜଣେ କଲେରା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡୁଡୁକାବାହାଲ ପଞ୍ଚାୟତ ଡେଘାଗୁଡ଼ା ଗ୍ରାମର ଅର୍ଜୁନ ଜାନି(୫୫)। ଏହାକୁ ମିଶାଇ ସରକାରୀ ଭାବେ ମୃତ୍ୟୁ ସଂଖ୍ୟା ୮ ରେ ପହଞ୍ଚିଛି। ୬୧ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ସେହିପରି କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକରେ ମୃତ୍ୟୁ ସଂଖ୍ୟା ୨ ଏବଂ ଆକ୍ରାନ୍ତଙ୍କ ସଂଖ୍ୟା ୩୯ ରହିଛି। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରୁ ଜଣେ ଏବଂ ନନ୍ଦାହାଣ୍ଡି ବ୍ଲକରୁ ଜଣେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏବଂ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଶନିବାର ରାୟଗଡ଼ା ଜିଲା ଗସ୍ତରେ ଯାଇ କାଶୀପୁରରେ କଲେରା ନିୟନ୍ତ୍ରଣ କାର୍ଯ୍ୟକ୍ରମର ଅନୁଧ୍ୟାନ କରିଛନ୍ତି।


ମନ୍ତ୍ରୀ ନବକିଶୋର ଦାସ, ଜଗନ୍ନାଥ ସାରକାଙ୍କୁ ଜିଲାପାଳ, ବିଧାୟକ ଏବଂ ଅନ୍ୟ ଅଧିକାରୀ ସ୍ୱାଗତ କରୁଛନ୍ତି।

ଦୁଇ ମନ୍ତ୍ରୀ ପ୍ରଥମେ ରାୟଗଡ଼ାଠାରେ ପହଞ୍ଚି ଜିଲାପାଳ ସ୍ୱାଧାଦେବ ସିଂ, ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟ ଏବଂ ଡାକ୍ତରୀ ଟିମ୍ ସହ ଆଲୋଚନା କରି ପରିସ୍ଥିତି କିପରି ରହିଛି ସେ ବିଷୟରେ ଆଲୋଚନା କରିଥିଲେ। ପରେ କଲେରା ପ୍ରଭାବିତ ଟିକିରି ଝୋଡ଼ିଆସାହି, ଡୁଡୁକାବାହାଲ, ଉଷାପଡ଼ା ଏବଂ ଅନ୍ୟ ଅଞ୍ଚଳକୁ ଯାଇ ମୃତ ଏବଂ ଆକ୍ରାନ୍ତଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ପରିମଳ ଓ ବିଶୋଧନ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଉଷାପଡ଼ା ସ୍ଥିତ ଉତ୍କଳ ହସ୍ପିଟାଲକୁ ଯାଇ ଚିକିତ୍ସାଧୀନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ଅଞ୍ଚଳ ପରିଦର୍ଶନ ପରେ ଉତ୍କଳ ଆଲୁମିନା ଅତିଥି ଭବନରେ ପୁଣି ଜିଲାପାଳ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର, ସିଡିଏମ୍‌ଓ ଏବଂ ଅନ୍ୟ ଅଧିକାରୀଙ୍କ ସହ ଆକ୍ରାନ୍ତଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇବା ଏବଂ କଲେରାକୁ କିପରି ନିୟନ୍ତ୍ରଣକୁ ଅଣାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କଲେରା ନିୟନ୍ତ୍ରଣ କରିବାକୁ ସମସ୍ତ ପଦକ୍ଷେପ ନେବାକୁ କହିଛନ୍ତି। ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ୬ ବେଡ୍‌ର ବ୍ୟବସ୍ଥା କରାଯାଉ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅତିରିକ୍ତ କୋଠା ନିର୍ମାଣ ନିମନ୍ତେ ଚିଠି କଲେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ତେଣୁ ଦୁଇ ମନ୍ତ୍ରୀଙ୍କ ସହ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଏବଂ ଡାକ୍ତରୀ ଟିମ୍ ଉପସ୍ଥିତ ଥିଲେ।

## ମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଟିକିରି ଚକାଚକ

କଲେରା ପ୍ରଭାବିତ କାଶୀପୁର ବ୍ଲକର କଲେରା ପ୍ରଭାବିତ ଅଞ୍ଚଳବାସୀ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ଗାଁରେ ଦେଖି ଘେରିଥିଲେ। ଦୀର୍ଘଦିନ ଧରି ସେମାନଙ୍କ ମଧ୍ୟରେ ଥିବା ଅସନ୍ତୋଷ ପ୍ରକାଶ କରିଥିଲେ। କେବେ ଡ୍ରେନ୍ ସଫା ହେଉନି କି ବ୍ଲିଚିଂ ପାଉଡର ମିଳୁନି। ସ୍ୱାସ୍ଥ୍ୟକେନ୍ଦ୍ରରେ ବେଡ୍ ନ ଥିବାରୁ ଆମେ ସମସ୍ୟା ଭୋଗୁଛୁ। ଶନିବାର ମନ୍ତ୍ରୀ ଆସୁଛନ୍ତି ବୋଲି ଆମ ଗାଁକୁ ସଫା କରାଯାଇଛି ଏବଂ ଆର୍‌ଓ ୱାଟର ବ୍ୟବସ୍ଥା କରାଯାଇଛି। ଗ୍ରାମବାସୀ ମନ୍ତ୍ରୀଙ୍କ ନିକଟରେ ଏଭଳି କହିବା ସହ ଏକ ଦାବିପତ୍ର ଦେଇଥିଲେ।

## କମ୍ପାନୀଙ୍କ ସହ ଆଲୋଚନା କରିବୁ: ସ୍ୱାସ୍ଥ୍ୟମନ୍ତ୍ରୀ

ସ୍ଥାନୀୟ ଅଞ୍ଚଳରେ ଏକାଧିକ କମ୍ପାନୀ ଅଛି। ସିଏସ୍‌ଆର୍ ପଲିସିରେ ରାସ୍ତାଘାଟ ଓ ସ୍ୱାସ୍ଥ୍ୟସେବାରେ ଉନ୍ନତି ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ମନ୍ତ୍ରୀ ଏଠାରେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ରୋଗୀସେବା ନିମନ୍ତେ ଆଉ ୨ ଟି ମୋବାଇଲ ଭ୍ୟାନ୍ ଦେବାକୁ କୁହାଯିବ। ସେହିପରି ରାସ୍ତା ସମସ୍ୟା ନେଇ ପଞ୍ଚାୟତ ସ୍ତରରୁ ଚିଠି କଲେ ପିଡବ୍ଲୁଡି ପାଖକୁ ଯିବ। ଏହାପରେ କାମ ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି।










> ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ



# ଜରୁରୀ ପ୍ରସଙ୍ଗକୁ ଅଣଦେଖା



ଆକାର ପଟେଲ

ସୁପ୍ରିମ୍‌କୋର୍ଟରେ ଇଲେକ୍‌ଟୋରାଲ ବଣ୍ଡକୁ ଚ୍ୟାଲେଞ୍ଜ କରାଯିବାର ପାଖାପାଖି ୫ ବର୍ଷ ବିତିଯାଇଥିଲେ ମଧ୍ୟ କୋର୍ଟ ଏହା ଉପରେ କିଛି ନିଷ୍ପତ୍ତି ନେଇନାହାନ୍ତି। ୨୦୧୭ର ବଜେଟରେ ଏହି ସ୍କିମ୍ ବା ଯୋଜନା ଏକ 'ମନି ବିଲ୍' ଭାବେ ଅଣାଯାଇଥିଲା, ଯାହା ଉପରେ ରାଜ୍ୟ ସଭାରେ ବିତର୍କ କିମ୍ବା ଭୋଟ କରାଯାଇପାରିଲା ନାହିଁ। ବିଶେଷ କରି ଏହି ଯୋଜନା ବିଦେଶୀ ସରକାର, ବିଦେଶୀ କମ୍ପାନୀ ଏପରି କି ଅପରାଧିତତ୍ତ୍ୱମାନଙ୍କ ସମେତ ସମସ୍ତଙ୍କୁ ଗୁପ୍ତରେ ରାଜନୈତିକ ପାର୍ଟିଗୁଡ଼ିକୁ ଅସୀମିତ ଅର୍ଥ ଦାନ ଦେବାକୁ ଅନୁମତି ଦେଇଛି। ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ଏହି ଯୋଜନାକୁ ବିରୋଧ କରିଥିଲା। ବିୟରର୍ ବଣ୍ଡ୍‌ଟି କ୍ୟାଶ ହେବା ଅନିବାର୍ଯ୍ୟ ବୋଲି ଆର୍‌ବିଆଇ କହିଥିଲା, କିନ୍ତୁ ସରକାର ଆର୍‌ବିଆଇର ପ୍ରତିବାଦକୁ ଅସ୍ୱୀକାର କରି ଏହାକୁ ଲାଗୁ କରିଥିଲେ। ତେବେ ସୁପ୍ରିମ୍‌କୋର୍ଟ ଏହି ବିଷୟକୁ ଗୁରୁତ୍ୱ ଦେଇ ନାହାନ୍ତି କି କିଛି ନିଷ୍ପତ୍ତି ନେଇନାହାନ୍ତି। ସେହିପରି ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)ପାସ୍ ହେବା ସମ୍ବିଧାନର ଉଲ୍ଲଂଘନ ବୋଲି ଦର୍ଶାଯାଇ ତା' ବିରୋଧରେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବାର ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହୋଇଗଲାଣି। ସିଏଏ ପାସ୍ ହେଲା ପରେ ଏହା ବିରୋଧରେ ଭାରତର ସବୁ ସହରରେ କଡ଼ା ପ୍ରତିବାଦ ହୋଇଥିଲା। ତେବେ କିଛି କାରଣ ପାଇଁ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗ ଉପରେ ଶୁଣାଣି ନ କରିବାକୁ ନିଷ୍ପତ୍ତି ନେଇଥିଲେ। ପାଖାପାଖି ସେହି ସମୟରେ ଜମ୍ମୁ ଓ କଶ୍ମୀରର ଷ୍ଟାଟସ ପରିବର୍ତ୍ତନ ହୋଇଗଲା। ୩୭୦ ଅନୁଚ୍ଛେଦ ଉଠାଇଦିଆଯାଇ ତାହାକୁ କେନ୍ଦ୍ରଶାସିତ ଅଞ୍ଚଳ କରିଦିଆଗଲା ଓ ସେଥିରୁ ଲଦାଖ ଅଲଗା ହୋଇଗଲା। କଶ୍ମୀରର ନିର୍ବାଚିତ ପ୍ରତିନିଧିମାନଙ୍କୁ ବରଖାସ୍ତ କରାଯାଇ ଅନେକଙ୍କୁ ଜେଲରେ ରଖାଗଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହେବୁବା ମୁଫତିଙ୍କ ସମେତ ଅଟକଥିବା ନେତାମାନଙ୍କ ବେଆଇନ ଗିରଫଦାରି ଆବେଦନ ଉପରେ ମଧ୍ୟ ସୁପ୍ରିମକୋର୍ଟ ଶୁଣାଣି କଲେ ନାହିଁ କି କୌଣସି ନିଷ୍ପତ୍ତି ନେଲେ ନାହିଁ। ଏପରି କି ଏହା ସାମ୍ବିଧାନିକ ଥିଲା କି ନାହିଁ ଏଯାବତ୍ ସୁପ୍ରିମକୋର୍ଟ କିଛି ନିଷ୍ପତ୍ତି ନେଇପାରି ନାହାନ୍ତି। ଅନେକଙ୍କ ମତରେ କୋର୍ଟ ଏହିସବୁ କେସ୍‌ଗୁଡ଼ିକର ମହତ୍ତ୍ୱକୁ ଅଣଦେଖା କରିଛନ୍ତି।

ସରକାରଙ୍କ ସମର୍ଥିତ ତଥାକଥିତ ବିଭେଦକାରୀ ଲଭ୍ ଜିହାଦ ଆଇନଗୁଡ଼ିକ ୨୦୧୮ ପରେ ୭ ଭାଜପା ଶାସିତ ରାଜ୍ୟରେ ପାସ୍ ହୋଇଛି। ଏହିସବୁ ଆଇନ ଉପରେ ସୁପ୍ରିମ୍‌କୋର୍ଟ ତ୍ୱରିତ ଶୁଣାଣି କରିବାକୁ ଗୁରୁତ୍ୱ ଦେଇନାହାନ୍ତି। ଏହାବାଦ୍ କୃଷି ଆଇନଗୁଡ଼ିକ ସମ୍ପର୍କରେ କୋର୍ଟ ଅନେକ କିଛି କଲେ ଓ କହିଲେ। କିନ୍ତୁ ଏକ କମିଟି ଗଠନ ହେବା ପରେ ସରକାର ନିଜ ତରଫରୁ ଆଇନ ପ୍ରତ୍ୟାହାର କରିବା ପର୍ଯ୍ୟନ୍ତ କୋର୍ଟ ଏହି ପ୍ରସଙ୍ଗକୁ ଭୁଲିଗଲେ। ସ୍ପାଏୱେର ପେଗାସସ୍ ଘଟଣାରେ କ୍ରିମିନାଲ ହ୍ୟାକ୍‌ର ଶିକାର ହୋଇଥିବା ଲୋକମାନେ କୋର୍ଟକୁ ଯିବାର ୧ ବର୍ଷ ହୋଇଯାଇଥିଲେ ବି ତା' ଉପରେ କିଛି ଉଲ୍ଲେଖନୀୟ କାର୍ଯ୍ୟ କରାଯାଇନାହିଁ। ଅବଶ୍ୟ ପେଗାସସ୍‌କୁ ମିଡ଼ିଆ, ବିରୋଧୀ, ନିଜ ମନ୍ତ୍ରୀ ଏବଂ ନ୍ୟାୟିକ ପ୍ରକ୍ରିୟା କ୍ଷେତ୍ରରେ ବ୍ୟବହାର କରାଯାଇଥିଲା କି ନାହିଁ ସେ ସମ୍ପର୍କରେ ଏକ ସତ୍ୟପାଠ ଦାଖଲ କରିବା ଲାଗି କୋର୍ଟ କହିଥିଲେ ମଧ୍ୟ ସରକାର ତାହା କରିବାକୁ ମନା କରିଦେଇଥିଲେ। ଦେଶର ଏହିସବୁ ପ୍ରସଙ୍ଗ ସହ ଅନ୍ୟ ଯେଉଁ ବିଷୟଗୁଡ଼ିକ ଉପରେ କୋର୍ଟ ନିଷ୍ପତ୍ତି ନେଇଛନ୍ତି ସେସବୁକୁ ତୁଳନା କରିବାକୁ ପଡ଼ିବ। ୨୦୧୯ ଅଗଷ୍ଟ ୧୬ରେ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ ସୁପ୍ରିମକୋର୍ଟର ବିଚାରପତିମାନଙ୍କ ନିକଟକୁ ଏକ ପତ୍ର ଲେଖି ପୂର୍ବରୁ ଉଠିଥିବା ଅଭିଯୋଗ ସମ୍ପର୍କରେ ପୁନର୍ବାର ଦର୍ଶାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରିୟ କେସ୍‌ଗୁଡ଼ିକୁ ପାଳି ବାହାରେ ବିଚାରପତି ଅରୁଣ ମିଶ୍ରାଙ୍କୁ ନେଇ ଗଠିତ ବେଞ୍ଚକୁ ଦିଆଯାଉଥିଲା ବୋଲି ସେ ଅଭିଯୋଗ କରିଥିଲେ। ଡାଭେ କହିଥିଲେ ଯେ, ୨୦୧୯ରେ ଖରାଦିନେ ଭ୍ୟାକେସନ ବେଞ୍ଚଗୁଡ଼ିକରେ ବିଚାରପତିମାନଙ୍କ ଗ୍ରୁପରେ ଗୋଗୋଇ ଏବଂ ମିଶ୍ରାଙ୍କୁ ରଖାଯାଇ ଗୁରୁତ୍ୱପୂର୍ଣ୍ଣ କେସ୍‌ଗୁଡ଼ିକର ବିଚାର ଓ ନିଷ୍ପତ୍ତି କିପରି କରାଯାଇଥିଲା, ତାକୁ ନେଇ ସେତେବେଳର ମୁଖ୍ୟ ବିଚାରପତି ଗୋଗୋଇ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଆଦାନୀ ଗ୍ରୁପ୍‌ର କେସ୍‌ଗୁଡ଼ିକର ଶୁଣାଣି ପାଳିରେ ଥିବା ନିୟମିତ ବେଞ୍ଚ ବଦଳରେ ଭ୍ୟାକେସନ ବେଞ୍ଚରେ ଏଗୁଡ଼ିକର ଶୁଣାଣି କରାଯାଇଥିଲା। ଏଭଳି ଏକ କେସ୍‌ର ଶୁଣାଣି କରି ମେ ୨୨ରେ ରାୟ ପ୍ରଦାନ କରାଗଲା। ଠିକ୍ ତା'ପରଦିନ ୨୦୧୭ ଫେବୃୟାରୀରେ ଶେଷଥର ପାଇଁ ଶୁଣାଣି ହୋଇଥିବା ଆଦାନୀର ଆଉ ଏକ କେସ୍‌କୁ ବିଚାରକୁ ନିଆଗଲା। ତା' ପରଦିନ ମିଶ୍ରା ଏହାର ଶୁଣାଣି ଶେଷ କରିଥିଲେ। ଡାଭେ କହିଥିଲେ ଯେ, ମିଶ୍ରାଙ୍କୁ ଆବଣ୍ଟିତ ପାଳି ବାହାରେ ୨୦୧୯ ଜାନୁୟାରୀ ୨୯ ଏବଂ ୨୦୧୮ ମେ ୨୯ରେ ଆଦାନୀଙ୍କ ସପକ୍ଷରେ ତ୍ୱରିତ ରାୟ ପ୍ରକାଶ କରାଯାଇଥିଲା। ଡାଭେଙ୍କ ଏଭଳି ଅଭିଯୋଗରେ ମିଶ୍ରା ଏବଂ ଗୋଗୋଇ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥିଲେ କି କିଛି ପଦକ୍ଷେପ ନେଇ ନ ଥିଲେ। କେବଳ ଏତିକି ନୁହେଁ, ଅନ୍ୟ ବିଚାରପତିମାନେ ମଧ୍ୟ ଏହା ଉପରେ କିଛି କହି ନ ଥିଲେ। ସାମ୍ବାଦିକ ଅବିର ଦାସଗୁପ୍ତା ଏବଂ ପରଞ୍ଜୟ ଗୁହା ଠାକୁର୍‌ତାଙ୍କ ଦ୍ୱାରା ୭ଟି ଆଦାନୀ କେସ୍ ଉପରେ ଖୋଳତାଡ଼ କରିବାରୁ ଜଣାପଡ଼ିଲା ଯେ, ମିଶ୍ରା ସବୁ କ୍ଷେତ୍ରରେ ଆଦାନୀ ସପକ୍ଷରେ ରାୟ ପ୍ରଦାନ କରିଥିଲେ। ମିଶ୍ରା ଅବସର ନେବା ପରେ ତାଙ୍କୁ ଜାତୀୟ ମାନବ ଅଧିକାର କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଗଲା ଏବଂ ସେବେଠାରୁ ମାନବ ଅଧିକାର ପ୍ରସଙ୍ଗରେ ସରକାରଙ୍କୁ ଚ୍ୟାଲେଞ୍ଜ କରିବାରେ ସେ ଆଗ୍ରହ ପ୍ରକାଶ କରି ନାହାନ୍ତି।

ରାଜନୀତିରୁ ଊର୍ଦ୍ଧ୍ୱରେ ରହିବା ଓ ସମ୍ବିଧାନର ସୁରକ୍ଷା କରିବାରେ ସକ୍ଷମ ତଥା ଏକ ସ୍ୱାଧୀନ ସଂସ୍ଥା ଭାବେ ସୁପ୍ରିମକୋର୍ଟର ବିଶ୍ୱସନୀୟତା ରହିଛି। ଏହି ଖ୍ୟାତି ଆଣିବା ସହଜ କଥା ନୁହେଁ ଓ ଏହା ସମ୍ଭବ ହୋଇଛି କେବଳ ବିଗତ ଦଶନ୍ଧିଗୁଡ଼ିକରେ ସରକାରଙ୍କୁ ଏବଂ ରାଜନେତାମାନଙ୍କୁ ସାହସର ସହ ସାମ୍ନା କରିଥିବା କେତେଜଣ ବିଚାରପତିଙ୍କ ଯୋଗୁ। ନ୍ୟାୟିକ ବ୍ୟବସ୍ଥା ବିଶେଷକରି ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। କିନ୍ତୁ ଆମ ସମୟର କେତେକ ଅତ୍ୟଧିକ ଜରୁରୀ ପ୍ରସଙ୍ଗଗୁଡ଼ିକର ଶୁଣାଣି ଓ ନିଷ୍ପତ୍ତି ନେବାରେ ଯେଭଳି ଲଗାତର ଅଣଦେଖା କରାଯିବା ଦେଖାଯାଉଛି ତାହାକୁ ଇତିହାସ କେବେ ବି ସ୍ୱୀକାର କରିବନି।

Email:aakar.patel@gmail.com

# ବୋଲ ମାନୁ ନ ଥିବା ପୁଅ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପ୍ରତ୍ୟେକ ହିରଣ୍ୟକଶିପୁ ଜାତୀୟ ପିତାମାନଙ୍କ ପାଇଁ ପ୍ରହ୍ଲାଦଙ୍କ ଭଳି ପୁଅମାନେ ଜଣେ ଜଣେ ବୋଲ ମାନୁ ନ ଥିବା ଅବାଧ୍ୟ ସନ୍ତାନ। ହରିନାମ ପ୍ରତି କାଳ କାଳ ଧରି ଅନ୍ତରରେ ଘୃଣା ପ୍ରକଟ କରିଆସୁଥିବା ହିରଣ୍ୟକଶିପୁଙ୍କ ପାଇଁ ପୁତ୍ର ପ୍ରହ୍ଲାଦର ଅତିରିକ୍ତ ହରିପ୍ରୀତି ଥିଲା ଅତ୍ୟନ୍ତ ଅତୃପ୍ତିକର। ସେ ବହୁମତେ ପୁଅଟିକୁ ବୁଝାଇଲେ। ହରି ତାଙ୍କ ରାକ୍ଷସକୁଳର ଅରି ବୋଲି ଅଭିହିତ କରି ତାଙ୍କ ନାମଠାରୁ ବି ଦୂରେଇ ରହିବାକୁ ବହୁଭାବେ ପ୍ରବର୍ତ୍ତାଇଲେ। ମାତ୍ର ପ୍ରହ୍ଲାଦଙ୍କୁ ସାମାନ୍ୟ ପ୍ରଭାବିତ କରିପାରି ନ ଥିଲା ପିତାଙ୍କର ଯାବତୀୟ ହରିଦ୍ରୋହୀ ମନ୍ତବ୍ୟ। ଏହା ପରର କାହାଣୀ ସର୍ବଜନବିଦିତ। ନିଜ ନିଜର ଆଦର୍ଶର ଏଇ ଯୁଦ୍ଧରେ ପିତାପୁତ୍ରଙ୍କ ମଧ୍ୟରେ କିଏ ଜିତିଲା ଓ କିଏ ହାରିଲା, ତାହାର ପ୍ରମାଣ ପୁରାଣ ବହନ କରିଆସୁଛି। ତେବେ ଏ ପ୍ରକାର ଯୁଦ୍ଧ ଯେ କେବଳ ସେଇ ପୁରାଣ ଯୁଗରେ ହେଉଥିଲା ତାହା ନୁହେଁ, ଏଇ ଆଧୁନିକ ଯୁଗରେ ବି ସଂଘଟିତ ହୋଇ ଚାଲିଛି ସନ୍ତାନ ଏବଂ ଜନ୍ମଦାତାମାନଙ୍କ ମଧ୍ୟରେ ଆଦର୍ଶ ଓ ଅନାଦର୍ଶର ଲଢ଼େଇ।

ଯାବତୀୟ ଅନ୍ୟାୟ ଅନାଚାରକୁ ପୁଞ୍ଜି କରି ସଫଳତା ଗୋଟାଉଥିବା ବାପା ଜଣେ ତା' ପୁଅକୁ ସେଇ ରାସ୍ତାରେ ଚାଲିବାକୁ ବାଟ କଢ଼ାଇନେଲେ, ପୁଅ ପ୍ରତିବାଦ କରେ। ଏମିତି ଅବାଧ ସନ୍ତାନକୁ ନେଇ ବାପା ବିଚଳିତ ବୋଧକରେ। ସେ ଚେତାବନୀ ଶୁଣାଏ– ''ଏପରି କଲେ ଢେର୍ ପଛରେ ପଡ଼ିଯିବୁରେ ପୁଅ! ସମୟର ଆହ୍ୱାନକୁ ମାନି ବାଟ ଚାଲି ନ ଶିଖିଲେ କେବେ ବି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବୁ ନାହିଁ।'' ଦୃଢ଼ମନା ପୁଅ ନିଜ ଭିତରେ ବିପ୍ଳବୀ ହୋଇଉଠେ ଓ ଜବାବ ଦିଏ – ''ଲୋଡ଼ା ନାହିଁ ମୋର ସେଇ ଲକ୍ଷ୍ୟସ୍ଥଳ, ଯେଉଁଠି ପହଞ୍ଚିବାକୁ ହେଲେ ନିଜ ସଂସ୍କାର ଓ ସ୍ୱାଭିମାନକୁ ପଛକୁ ଠେଲି ଆଗକୁ ବଢ଼ିବାକୁ ହୁଏ; ନିଜ ମୌଳିକତାକୁ ବଳି ଦେଇ ଅନ୍ୟକୁ ଆପଣାଇବାକୁ ହୁଏ!''ଆଃ, ଯୁବମାନସର କି ଅମୃତମୟ ଏ ଉଚ୍ଚାରଣ! ମନ ଲୋଡ଼ୁଥାଏ ଭେଟିବାକୁ ସେଇ ଅବାଧ୍ୟ ସନ୍ତାନମାନଙ୍କୁ, ଯେଉଁମାନେ ଯେନତେନ ପ୍ରକାରେଣ ସ୍ୱାର୍ଥର ସଡ଼କରେ ବାଟ ଚାଲିବାକୁ ନିଜ ପୁରୁଷାର୍ଥ ବିଚାରୁଥିବା ବାପାମାନଙ୍କ ହାତ ଛାଡ଼ି ଚାଲିଆସନ୍ତି ଓ ବାଟ ଭାଙ୍ଗି ଭିନ୍ନ ରାସ୍ତାରେ ଚାଲିବାର ସାହସ ରଖନ୍ତି। ଲାଭ-କ୍ଷତିର ହିସାବ ନ ରଖି ସ୍ୱାଭିମାନର ଜୀବନଟିଏ ବଞ୍ଚିବାକୁ ପଣ କରନ୍ତି। ନିଜ ଆଲୋକରେ ଚଉଦିଗକୁ ଆଲୋକିତ କରୁଥିବା ଏଇ ଦୀପ୍ତିମାନ୍‌ମାନଙ୍କ ମଧ୍ୟରୁ ଦୁଇଟି ଦୁର୍ଲଭ ଦୃଷ୍ଟାନ୍ତ।

ପୁରୀର ସମୁଦ୍ରକୂଳ। ପର୍ଯ୍ୟଟକମାନଙ୍କ ପାଇଁ ଏଠାରେ ଉଠା ଚା' ଦୋକାନଟିଏ ମେଲିଥାଆନ୍ତି ଜଣେ ମଧ୍ୟବୟସ୍କ ଓଡ଼ିଆ ଲୋକ। ପର୍ବପର୍ବାଣିରେ ପର୍ଯ୍ୟଟକମାନଙ୍କ ଭିଡ଼ ହେଲେ ନବମ ଶ୍ରେଣୀରେ ପଢୁଥିବା ତାଙ୍କ ପୁଅ ଆସି ବାପାଙ୍କୁ ବେପାରରେ ସାହାଯ୍ୟ କରେ। ପୁଅର ସହଯୋଗରେ ବାପାଙ୍କ ବେପାର ଆଗକୁ ବଢୁଥିଲେ ମଧ୍ୟ ପୁଅ ବିରୋଧରେ ତାଙ୍କର ଥିଲା ଏକ ଗୁରୁତର ଅଭିଯୋଗ। ଚା' ଦୋକାନରେ ଓଡ଼ିଆଙ୍କ ଅପେକ୍ଷା ବଙ୍ଗାଳୀ ଗରାଖଙ୍କ ସଂଖ୍ୟା ଥିଲା ଢେର୍ ଅଧିକ। ସେମାନଙ୍କ ସହ ତାଙ୍କ ବଙ୍ଗଳା ଭାଷାରେ ଦୁଇପଦ କଥା ହୋଇ ଚା' କପଟିଏ ବଢ଼ାଇ ଦେଉଥିଲେ ପାଞ୍ଚଟଙ୍କା ଜାଗାରେ ଦଶଟଙ୍କା ମିଳି ଯାଉଥିଲା। ଓଡ଼ିଶା ମାଟିରେ ଓଡ଼ିଆ ଦୋକାନୀ ମୁହଁରୁ ନିଜ ମାତୃଭାଷାର ସ୍ୱାଦ ବଙ୍ଗାଳୀବାବୁମାନଙ୍କ ପାଇଁ ସମ୍ଭବତଃ ଚା'ଠାରୁ ଅଧିକ ମିଠା ଲାଗୁଥିଲା। ସୁତରାଂ, ସେମାନେ ଯେତିକି ଖୁସି ହେଉଥିଲେ, କପେ ଚା' ପାଇଁ ଦୁଇକପ୍‌ର ଦାମ ମିଳୁଥିବା ଲାଭରେ ଦୋକାନୀଙ୍କ ଖୁସି ଥିଲା ତତୋଽଧିକ। ମାତ୍ର ଉତ୍କଳୀୟତାର ଏକ ଆତ୍ମିକ ଅନୁଭବରେ ପରିପୁଷ୍ଟ ହୋଇଥିବା ନିଜ ସ୍ୱାଭିମାନୀ ପୁଅଟି ବଙ୍ଗାଳୀ ଗରାଖଙ୍କ ସହ ତାଙ୍କ ଭାଷାରେ କଥା ହେବାକୁ ସର୍ବଦା ଅସ୍ୱୀକାର କରି ଆସୁଥିବାରୁ ବେପାରୀ ବାପାଙ୍କ କଣ୍ଠରେ ଥିଲା ଅଭିଯୋଗର ଉଚ୍ଚାରଣ।



''ଆମ ଓଡ଼ିଆ ଭାଷାଠାରୁ କେତେ ମଧୁର ଏଇ ବଙ୍ଗଳା ଭାଷା! ପଦଟିଏ କଥା ହେଲେ ଯେତେବେଳେ ପାଞ୍ଚଟଙ୍କା ଅଧିକ ମିଳୁଛି, ସେତେବେଳେ ଏ ଭାଷା ଶିଖିବାକୁ ତୁ ଏତେ ବିମୁଖ କାହିଁକି?'' ବାପାର ଏଇ ଅଭିଯୋଗ ପ୍ରତି ପୁଅର ଥିଲା ସ୍ପଷ୍ଟ ଓ ସିଧା କୈଫିୟତ– ''ମୋ ପ୍ରଦେଶରେ ମୁଁ କାହିଁକି ଅନ୍ୟ ପ୍ରଦେଶର ଭାଷାରେ କଥା ହେବି? ମୁଁ ବଙ୍ଗଳା ଭାଷା ଶିଖିବି ସେତେବେଳେ, ଯେତେବେଳେ ମୋର କଲିକତା ବା ବଙ୍ଗଳାର ଅନ୍ୟ କୌଣସି ସ୍ଥାନକୁ ଯିବା ଆବଶ୍ୟକ ହେବ। ମୁଁ କଲିକତାରେ କୌଣସି ବଙ୍ଗାଳୀଙ୍କ ଦୋକାନରୁ କିଛି କିଣିବାକୁ ଗଲେ ସେମାନେ କ'ଣ ମୋଠୁଁ କିଛି ଅଧିକ ଅର୍ଥ ପାଇବାକୁ ମୋ ସହ ଓଡ଼ିଆ ଭାଷାରେ କଥା ହୋଇପାରିବେ?''

ଅଶିକ୍ଷିତ ଚା' ଦୋକାନୀର ପୁଅ ଅର୍ଦ୍ଧଶିକ୍ଷିତ ପତଳା ପିଲାଟିଏ। ଅଥଚ ନିଜ ରାଜ୍ୟର ଭାଷା ପ୍ରତି ଅପୂର୍ବ ଅନୁରାଗ ପ୍ରକଟ କରୁଥିବା କି ଉଜ୍ଜ୍ୱଳ ଅଙ୍ଗୀକାର ଭରି ରହିଛି ସେଇ ଅନାମଧେୟ ତରୁଣଟି ପାଖରେ! ବେପାରୀ ବାପାର ବୋଲ ମାନୁ ନ ଥିବା ଏଇ ଅବାଧ ପୁଅଟିକୁ କେଉଁ ନାମରେ ଡକାଯାଇପାରେ? କୁଳାଙ୍ଗାର ନା କୁଳ ଉଜ୍ଜ୍ୱଳ?

ଆଉ ଜଣେ ଅବାଧ ଓଡ଼ିଆ ପୁଅର କଥା। ଭୁବନେଶ୍ୱର ପୁସ୍ତକମେଳାରେ ନିଜ ମା'ବାପାଙ୍କ ସହ ବିଭିନ୍ନ ଷ୍ଟଲ ବୁଲି ବହି ଦେଖୁଥିବା ଏହି ଦଶବର୍ଷ ବୟସର ପିଲାଟି ଦୁଇଟି ଶିଶୁକିଶୋର ପଠନୋପଯୋଗୀ ବହି ବାଛି କିଣିବାକୁ ଚାହିଁବାରୁ ତା'ର ମା' ତାଗିଦା କରି କହିଲେ, ''ଏଇ ବହି ଦୁଇଟି କିଣି ଅଯଥାରେ କାହିଁକି ଟଙ୍କା ସାରିବା! ତୁ ତ ଇଂଲିଶ୍ ସ୍କୁଲର ପିଲା। ଯେ ଓଡ଼ିଆ ଗପବହିରୁ ତୋତେ କ'ଣ ମିଳିବ? ଚାଲ, ଅନ୍ୟ ଷ୍ଟଲ ଯାଇ କିଛି ଇଂଲିଶ୍ ରାଇମ ବା କମିକ ବହି କିଣିନେବା।'' ଯେଉଁ ଭାଷାରେ ସେଇ ସମ୍ଭ୍ରାନ୍ତଦର୍ଶନା ମା'ଜଣକ ନିଜ ପୁଅକୁ ଆକଟ କରୁଥିଲେ, ସେଇ ଭାଷାର ବହି ପଢ଼ିବାକୁ ସେ ଯେମିତି ବିରୋଧ କରୁଥିଲେ, ତହିଁରୁ ଜଣାପଡୁଥିଲା ସତେ ଯେମିତି ନିଜ ଇଂଲିଶ୍‌ପଢୁଆ ପିଲାଟିକୁ ଓଡ଼ିଆ ବହି ଦୁଇଖଣ୍ଡ କିଣିଦେଲେ ତାଙ୍କ ଆଧୁନିକ ମାତୃତ୍ୱର ମାନ ହ୍ରାସ ପାଇଯିବ! ଉଚ୍ଚ ପଦବୀଧାରୀ ସ୍ୱାମୀଙ୍କ ସ୍ତ୍ରୀ ବୋଲାଇବାର ଆଭିଜାତ୍ୟରେ କାଳିଦାଗ ଲାଗିଯିବ! ମାତ୍ର ଧନ୍ୟ କହିବ ତାଙ୍କର ସେଇ ଟିକି ପୁଅଟିକୁ, ନିଜ ମା'ର ଏ ପ୍ରକାର ଅନୁଚିତ ବାରଣକୁ ସେ ସେଇଠି ସର୍ବଜନ ସମ୍ମୁଖରେ ଅବଜ୍ଞା କରି ବସିଲା। କହିଲା, ''ଘରେ, ସ୍କୁଲରେ ସବୁଆଡ଼େ ତ ଖାଲି ଇଂଲିଶ୍ ପଢୁଛି। ବର୍ଷକରେ ଥରେ ଗାଁକୁ ଯାଇ ଜେଜେଙ୍କ ପାଖରୁ ଶିଖିଥିବା ଓଡ଼ିଆ ଯେତିକି ଭଲ ଲାଗେ, ତା'ଠାରୁ ଅଧିକ ଭଲ ଲାଗେ ତାଙ୍କଠାରୁ ଶୁଣିଥିବା ଓଡ଼ିଆ ଗପ। ଗତଥର ଗାଁରେ ବହୁ ଗପ ଶୁଣାଇ ଜେଜେ କହିଥିଲେ, ଓଡ଼ିଆ ଗପ ବହି ପଢ଼ି ଆହୁରି କେତେ ନୂଆ କଥା ଜାଣିବା ପାଇଁ। ଯେତେ ଉପରକୁ ପଢ଼ିବି ତ ସେତେ ବେଶୀ ଇଂଲିଶ୍ ଜାଣିବି। ଆଉ ଓଡ଼ିଆ ଗପ ପଢ଼ିବି କେତେବେଳେ? ତୁମେ ନ ଦିଅ ପଛେ, ଜେଜେ ମୋତେ ଦେଇଥିବା ଟଙ୍କାରେ ଓଡ଼ିଆ ବହି ନିଶ୍ଚୟ କିଣିବି।''

ମଫସଲି ଜେଜେଙ୍କ ସହରୀ ପୁଅବୋହୂ ଦୁହେଁ ସର୍ବସାଧାରଣ ସ୍ଥାନରେ ନିଜ ଟିକି ପୁଅଟି ପାଖରୁ ଏ ପ୍ରକାର ପରାଭବ ଭୋଗିବା ଏକ ବିଡ଼ମ୍ବନା ନିଶ୍ଚୟ। ମାତ୍ର ଯେଉଁଠି 'ଡାଡି ମମି'ର ସମ୍ବୋଧନ ମଧ୍ୟରେ ଆହ୍ଲାଦିତ ହେଉଥିବା ଆଧୁନିକ ପିତୃତ୍ୱ ବା ମାତୃତ୍ୱ ନିଜ ମାତୃଭାଷା ପ୍ରତି ନାସିକା କୁଞ୍ଚନ କରେ, ସେଠି ନିଜ ମାତୃଭାଷା ପ୍ରତି ପ୍ରୀତି ପ୍ରକଟ କରୁଥିବା ଗୋଟିଏ ଦଶବର୍ଷ ବାଳକର ପ୍ରତିକ୍ରିୟାକୁ କ'ଣ ନାମ ଦିଆଯାଇପାରେ? ସେମିତି ପୁଅକୁ କ'ଣ କୁହାଯାଇପାରେ? ମା'ବାପାଙ୍କର ବୋଲ ମାନୁ ନ ଥିବା ଅବାଧ ସନ୍ତାନ ନା ମିଥ୍ୟା ଆଧୁନିକତାର ନବ୍ୟ ଆହ୍ୱାନ ମଧ୍ୟରେ ତଥାପି ସଂସ୍କାରର ଓଁକାର ଉଚ୍ଚାରଣ କରୁଥିବା ଆସନ୍ତାକାଲିର ଉଜ୍ଜ୍ୱଳ ଆବାହନ? ବିଜ୍ଞଜନେ ବିଚାର କରନ୍ତୁ।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ସାମାଜିକ ସଶକ୍ତୀକରଣର ପ୍ରତୀକ

ବ୍ୟକ୍ତିତ୍ୱ



ଦ୍ରୌପଦୀ ମୁର୍ମୁ

ବିଶ୍ୱର ସର୍ବପୁରାତନ ଗଣତାନ୍ତ୍ରିକ ରାଷ୍ଟ୍ର ଆମେରିକା ଏ ଯାଏ ମହିଳା ରାଷ୍ଟ୍ରପତି ପାଇପାରି ନାହିଁ। ହେଲେ ବୃହତ୍ ସାଧାରଣତନ୍ତ୍ର ଭାବେ ପରିଚିତ ଭାରତ ତା'ର ସ୍ୱାଧୀନତାର ୭୫ ବର୍ଷ ପାଳନ କରୁଥିବା ବେଳେ ଦ୍ୱିତୀୟ ମହିଳା ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁଙ୍କୁ ପାଇଛି। ଏଥିସହିତ ଏହି ପଦବୀରେ ଆସୀନ ହେବାରେ ସେ ହେଉଛନ୍ତି ପ୍ରଥମ ଆଦିବାସୀ। ଆସନ୍ତାକାଲି ଅର୍ଥାତ୍ ୨୫ ଜୁଲାଇ ୨୦୨୨ରେ ଦ୍ରୌପଦୀ ଭାରତର ୧୫ତମ ରାଷ୍ଟ୍ରପତି ଭାବେ ଶପଥ ନେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ୨୦୧୧ ଜନଗଣନା ଅନୁଯାୟୀ ଦେଶ ଜନସଂଖ୍ୟାର ୧୦ କୋଟି ୪୩ ଲକ୍ଷ ଅର୍ଥାତ୍ ୮.୬ ପ୍ରତିଶତ (ଏବେ ସେମାନଙ୍କ ସଂଖ୍ୟା ବଢ଼ିଯିବା ସ୍ୱାଭାବିକ) ଆଦିବାସୀ ଅଛନ୍ତି। ସେମାନଙ୍କ ମଧ୍ୟରେ ଦ୍ରୌପଦୀ ଜଣେ ହୋଇପାରିଥିବାରୁ ସେହି ବର୍ଗ ଆଜି ଭାରତୀୟ ରାଜନୀତିରେ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିପାରିଛି ବୋଲି କୁହାଯାଇପାରେ। ଜୁଲାଇ ୨୪ରେ ରାମନାଥ କୋବିନ୍ଦ ଦଳିତ ରାଷ୍ଟ୍ରପତି ଭାବେ ବିଦାୟ ନେଉଥିବା ବେଳେ ତାଙ୍କ ଉତ୍ତରାଧିକାରୀ ରୂପେ ଆଦିବାସୀ ମହିଳା ଦ୍ରୌପଦୀ ସେହି ପଦବୀଯୁକ୍ତ ହେବା ସୂଚାଇ ଦେଉଛି ଯେ, ନିଷ୍ପେଷିତ ବର୍ଗ ସାମାଜିକ ଓ ରାଜନୈତିକ ମୁଖ୍ୟସ୍ରୋତରେ ସମ୍ପୂର୍ଣ୍ଣ ସାମିଲ ହେବାରେ ଲାଗିଛି। ଭାରତରେ ଏଭଳି ସମୟ ଯଥାର୍ଥରେ ବିଭେଦତାକୁ ଦୂରେଇ ଦେଇ ଏକତ୍ୱ ଆଡ଼କୁ ମୁହାଁଇବା ସହ ବିଶ୍ୱ ସମ୍ମୁଖରେ ନୂଆ ଦୃଷ୍ଟାନ୍ତ ସୃଷ୍ଟି କରିଛି।

ଦ୍ରୌପଦୀ ଓଡ଼ିଶାର ମୟୂରଭଞ୍ଜ ଜିଲା କୁସୁମୀ ବ୍ଲକର ଉପରବେଡ଼ାରେ ୨୦ ଜୁନ୍ ୧୯୫୮ରେ ଏକ ସାନ୍ତାଳ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସ୍ୱାଧୀନତା ପରେ ଜନ୍ମ ହୋଇଥିବା ଏହି ମହିଳା ଦେଶର ସର୍ବକନିଷ୍ଠା ରାଷ୍ଟ୍ରପତି ହେବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ପିତା ଓ ଜେଜେବାପା ଗ୍ରାମର ପାରମ୍ପରିକ ମୁଖିଆ ରହିଆସିଥିଲେ। ସମ୍ଭବତଃ ସେହି ନେତୃତ୍ୱର କଳା ତାଙ୍କ ଭିତରେ ପିଲାଟି ବେଳୁ ରହିଆସିଛି। ଗାଁ ସ୍କୁଲରେ ପଢ଼ିଲା ବେଳେ ସ୍କୁଲରେ ମନିଟର ହେବାଠାରୁ ଆରମ୍ଭ କରି ଦୌଡ଼କୁଦରେ ସେ ଭଲ କରୁଥିଲେ। ଆଦିବାସୀ ହୋଇଥିଲେ ହେଁ ତାଙ୍କ ପିତାଙ୍କ ଦୂରଦୃଷ୍ଟି ଥିବାରୁ ଝିଅକୁ ଭୁବନେଶ୍ୱର ରମାଦେବୀ କଲେଜରେ ପଢ଼ିବା ଲାଗି ସୁଯୋଗ ଦେଇଥିଲେ। ସେହିଠାରୁ ସେ କଳାରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ବ୍ୟାଙ୍କରେ ଚାକିରି କରୁଥିବା ଶ୍ୟାମଚରଣ ମୁର୍ମୁଙ୍କୁ ସେ ବିବାହ କରିଥିଲେ। କିଛି ବର୍ଷ ତଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର ତିନି ସନ୍ତାନଙ୍କ ମଧ୍ୟରୁ ବଡ଼ ପୁଅ ଲକ୍ଷ୍ମଣ ଓ ସାନ ପୁଅ ବିରଞ୍ଚିଙ୍କ ଅକାଳ ମୃତ୍ୟୁ ହୋଇଥିବା ବେଳେ ଝିଅ ଇତିଶ୍ରୀ ଏବେ ବ୍ୟାଙ୍କରେ କାର୍ଯ୍ୟ କରୁଛନ୍ତି। ତାଙ୍କର ଜଣେ ନାତୁଣୀ ଅଛନ୍ତି। ତାଙ୍କ ଉପରେ ଦୁଃଖର ବୋଝ ୨୦୦୯ରୁ ୨୦୧୫ ମଧ୍ୟରେ ଲଦି ହୋଇଯାଇଥିଲା। ଏହି ସାତ ବର୍ଷ ମଧ୍ୟରେ ସେ ସ୍ୱାମୀ, ଦୁଇ ପୁଅ, ମା' ଏବଂ ଜଣେ ଭାଇଙ୍କୁ ହରାଇଥିଲେ। ସେ ବ୍ରହ୍ମାକୁମାରୀ ଆଧ୍ୟାତ୍ମିକ ଆନ୍ଦୋଳନର ଅନୁଗାମୀ ରହିଆସିଛନ୍ତି।

ଦ୍ରୌପଦୀଙ୍କ ଜୀବନଯାତ୍ରାକୁ ଅନୁଧ୍ୟାନ କଲେ ସେ କେତେ କଷ୍ଟ ସହି ଆଜି ଦେଶର ସର୍ବୋଚ୍ଚ ଆସନରେ ଅବସ୍ଥାପିତ ହେବାକୁ ଯାଉଛନ୍ତି, ତାହା ବୁଝାପଡ଼େ। ୧୯୭୯ରୁ ୧୯୮୩ ଯାଏ ସେ ଓଡ଼ିଶା ସରକାରଙ୍କ ଜଳସେଚନ ବିଭାଗରେ ଜୁନିୟର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରିଥିଲେ। ତା' ପରେ ସେ ରାଇରଙ୍ଗପୁରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷୟିତ୍ରୀ ହୋଇଥିଲେ। ସେଠାରେ ସେ ହିନ୍ଦୀ, ଓଡ଼ିଆ, ଗଣିତ ଓ ଭୂଗୋଳ ପଢ଼ାଉଥିଲେ। ରାଜନୀତିକୁ ପ୍ରବେଶ କରିବାର ସୁଯୋଗ ମିଳିବାରୁ ସେ ଭାରତୀୟ ଜନତା ପାର୍ଟି (ଭାଜପା)ରେ ସାମିଲ ହୋଇଥିଲେ। ଫଳରେ ୧୯୯୭ରେ ସେ ରାଇରଙ୍ଗପୁର ନଗର ପଞ୍ଚାୟତର କାଉନ୍‌ସିଲର ଭାବେ ନିର୍ବାଚିତ ହୋଇଥିଲେ। ଏହି ସଫଳତା ତାଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥିଲା। ଯେତେବେଳେ ବିଜେଡି ଓ ଭାଜପା ମିଶି ଓଡ଼ିଶାରେ ସରକାର ଗଢ଼ିଥିଲେ ସେହି ସମୟରେ ଦ୍ରୌପଦୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ। ୬ ମାର୍ଚ୍ଚ ୨୦୦୦ରୁ ୬ ଅଗଷ୍ଟ ୨୦୦୨ ଯାଏ ସେ ବାଣିଜ୍ୟ ଓ ପରିବହନ ବିଭାଗ (ସ୍ୱାଧୀନ) ମନ୍ତ୍ରୀ ରହିଥିବା ବେଳେ ୬ ଅଗଷ୍ଟ ୨୦୦୨ରୁ ୧୬ ମେ ୨୦୦୪ ପର୍ଯ୍ୟନ୍ତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ତେବେ ପରବର୍ତ୍ତୀ ସମୟରେ ବିଜେଡି-ଭାଜପା ସମ୍ପର୍କ ତୁଟିଯିବାରୁ ୨୦୦୯ରେ ସେ ମୟୂରଭଞ୍ଜ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିଲେ। ଏହାସତ୍ତ୍ୱେ ପାର୍ଟି ପାଇଁ କାର୍ଯ୍ୟ ଜାରି ରଖିଥିବାରୁ ରାଷ୍ଟ୍ରୀୟ ନେତୃତ୍ୱ ତାଙ୍କୁ ଝାଡ଼ଖଣ୍ଡ ରାଜ୍ୟପାଳ ଭାବେ ୧୮ ମେ ୨୦୧୫ରେ ଅବସ୍ଥାପିତ କରିଥିଲା। ଜୀବନର ମଧ୍ୟାହ୍ନରେ ଅନେକ ଝଡ଼ଝଞ୍ଜା ସହିଥିବା ଏହି ମହିଳାଙ୍କୁ ଶେଷରେ ଭାଗ୍ୟଦେବୀ ସହାୟ ହୋଇଥିଲେ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ତାଙ୍କ ନାମ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା କରିବା ପରେ ଦ୍ରୌପଦୀ ନିଜକୁ ନିଜେ ବିଶ୍ୱାସ କରିପାରି ନ ଥିଲେ। ଇତିମଧ୍ୟରେ ମିଳିତ ବିରୋଧୀ ଦଳ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ହରାଇ ସେ ରାଷ୍ଟ୍ରପତି ହୋଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ସେ ବିରୋଧୀଙ୍କ ଶିବିରରୁ ଭୋଟ ଆଣି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଅବଶ୍ୟ କୁହାଯାଉଛି ଭାଜପା ଦେଶର ଆଦିବାସୀ ଭୋଟକୁ ଆଖିଆଗରେ ରଖି ଦ୍ରୌପଦୀଙ୍କୁ ମାଧ୍ୟମ କରିଛି। ଆଲୋଚନା ଯାହା ହେଉଥିଲେ ମଧ୍ୟ ଦ୍ରୌପଦୀ ସାମାଜିକ ଓ ରାଜନୈତିକ ସଶକ୍ତୀକରଣର ନୂଆ ପ୍ରତୀକ ହୋଇଯାଇଥିବାରୁ ତାଙ୍କ ଜୀବନ କାହାଣୀ ପରବର୍ତ୍ତୀ ପିଢ଼ି ପାଇଁ ଅନୁସରଣୀୟ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପରିବେଶ ସୁରକ୍ଷା ପାଇଁ ଏକ ଗ୍ରୀନ୍ ବା ସବୁଜ ବିବାହ ସାମ୍ନାକୁ ଆସିଛି ଦିଲ୍ଲୀରେ। ମାଧୁରୀ ବାଲୋଦି ଏବଂ ଆଦିତ୍ୟ ଅଗ୍ରୱାଲ ଏହି ଗ୍ରୀନ୍ ବିବାହ କରିଛନ୍ତି। ଏଥିରେ ବର ଇ-ବାଇକ୍‌ରେ ଯିବାବେଳେ ୩୦ରୁ ୩୫ ଜଣ ବରଯାତ୍ରୀ ସାଇକେଲରେ କନ୍ୟା ଘରେ ପହଞ୍ଚିଛନ୍ତି। ସାଇକେଲ ଓ ଇ-ବାଇକ୍ ସେମାନେ ଭଡ଼ାରେ ଆଣିଥିଲେ। ମାଧୁରୀ ବିଭିନ୍ନ ସ୍ଥାନକୁ କେବଳ ସାଇକେଲରେ ଯାଇଥା'ନ୍ତି। ଏଣୁ ସେ ଏଭଳି ଏକ ସବୁଜ ବିବାହ ପାଇଁ ଆଦିତ୍ୟଙ୍କ ସହ ଯୋଜନା କରିଥିଲେ ଓ ଏଥିରେ ଆଦିତ୍ୟ ମଧ୍ୟ ସମ୍ମତି ପ୍ରଦାନ କରିଥିଲେ। ମାଧୁରୀଙ୍କ ପରିବାର ପରିବେଶ ଉପଯୋଗୀ ଜୀବନଶୈଳୀ ଆପଣାଇଥାଆନ୍ତି। ସେମାନେ ଏବେ ସୁଦ୍ଧା ପ୍ଲାଷ୍ଟିକ ବୋତଲ ବ୍ୟବହାର କରୁନାହାନ୍ତି। ଉକ୍ତ ବିବାହରେ ଡେକୋରେଶନ ଓ କ୍ୟାଟରିଂ ବି ଥିଲା ପରିବେଶ ଉପଯୋଗୀ। ଏଭଳି କି ସେମାନଙ୍କ ପଣ୍ଡିତ ସାଙ୍ଗ ବିବାହ ସମ୍ପନ୍ନ କରିଥିଲେ। ସେମାନେ ସାଧାରଣ ପରିବହନ, ସାଇକେଲ କିମ୍ବା ଇ-ଯାନ ଯୋଗେ ସେମାନଙ୍କ ଘରକୁ ଆସିବା ଲାଗି ଅତିଥିମାନଙ୍କୁ ନିମନ୍ତ୍ରଣ କରିଥିଲେ। ଫୁଲ ବଦଳରେ ଗଛ ଆଣିବା ଏବଂ ଉପହାରକୁ ଖବରକାଗଜରେ ଗୁଡ଼ାଇ ଆଣିବା ଲାଗି ଅନୁରୋଧ କରିଥିଲେ। ବିବାହ ଭୋଜିରେ ଅପ୍‌ସାଇକ୍ଲିଂ ଯୋଗ୍ୟ କଟଲେରି ବ୍ୟବହାର କରାଯାଇଥିଲା। ଏଭଳି ବିବାହ କରି ଏହି ଦମ୍ପତି ଆଗକୁ ପରିବେଶ ଉପଯୋଗୀ ଜୀବନଶୈଳୀ ଆପଣାଇବା ଲାଗି ସଙ୍କଳ୍ପ ନେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଜୁଲାଇ ୧୯୯୭

- ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ସଙ୍ଗଠନ 'ଏସିଆନ'ରେ ଲାଓସ ଏବଂ ମ୍ୟାନ୍‌ମାରକୁ ସାମିଲ କରାଯାଇଛି।
- ୬୫ କୋଟି ଟଙ୍କାର ଜୈନ ହାୱାଲା ମାମଲା ଦୁର୍ନୀତିରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଜିତ ପାଞ୍ଜା, ପି. ଶିବଶଙ୍କର, ମୋତିଲାଲ ଭୋରା, ଯଶୱନ୍ତ ସିହ୍ନା ଓ ୪ ଜଣ ଜୈନ ଭ୍ରାତୃଗଣ ମୁକ୍ତି ପାଇଛନ୍ତି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | 3 | | 8 | |
| 5 | | | | | 8 | | 3 | 6 |
| 2 | | | 6 | | | | | |
| | 9 | | | | | | 6 | |
| | 5 | | 4 | | | | | |
| 8 | | 7 | | | | | 1 | |
| | | 4 | | | 2 | | | |
| | | | 9 | 8 | | 4 | | |
| 3 | 6 | 8 | | | | | | 1 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 4 | 1 | 7 | 5 | 8 | 3 | 9 |
| 3 | 5 | 9 | 2 | 4 | 8 | 7 | 6 | 1 |
| 8 | 1 | 7 | 6 | 3 | 9 | 4 | 5 | 2 |
| 6 | 4 | 5 | 7 | 9 | 3 | 2 | 1 | 8 |
| 1 | 2 | 8 | 4 | 5 | 6 | 9 | 7 | 3 |
| 9 | 7 | 3 | 8 | 1 | 2 | 5 | 4 | 6 |
| 5 | 8 | 2 | 3 | 6 | 7 | 1 | 9 | 4 |
| 4 | 9 | 6 | 5 | 8 | 1 | 3 | 2 | 7 |
| 7 | 3 | 1 | 9 | 2 | 4 | 6 | 8 | 5 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଷାକ୍ତ ଛତୁ ପ୍ରତି ସାବଧାନ

ମହାଶୟ,
ଯେଉଁମାନେ ଛତୁଚାଷ କରିଥା'ନ୍ତି, ସେମାନଙ୍କଠାରୁ ଛତୁ କିଣି ଖାଇଲେ କିଛି କ୍ଷତି ହେବାର ଆଶଙ୍କାକୁ ଏଡ଼େଇ ଦିଆଯାଇପାରେ। କିନ୍ତୁ ବର୍ଷା ଦିନରେ ଗ୍ରାମାଞ୍ଚଳମାନଙ୍କରେ ବିଭିନ୍ନ ହୁଙ୍କା ଏବଂ ଚାଳ ଉପରେ ଛତୁ ହୋଇଥାଏ। ଲୋକମାନେ ଛତୁ ଖାଇବା ଲୋଭରେ ସେ ସବୁକୁ ଘରକୁ ଆଣି ବ୍ୟଞ୍ଜନ ପ୍ରସ୍ତୁତ କରି ଖାଇଥାଆନ୍ତି। ଦୁଃଖର କଥା ଛତୁ ଭଲ କି ବିଷାକ୍ତ ନ ଜାଣି ବହୁ ଲୋକ ଖାଇଦେବା ଦ୍ୱାରା ଗୁରୁତର ଭାବେ ଅସୁସ୍ଥ ହୋଇ ଡାକ୍ତରଖାନା ଯିବାକୁ ବାଧ୍ୟ ହୋଇଥାଆନ୍ତି। ଏଭଳି ଖବର ଅନେକ ସମୟରେ ପ୍ରକାଶ ପାଉଛି। ଏହି ଦୃଷ୍ଟିରୁ ଛତୁ ଭଲ କି ବିଷାକ୍ତ ଭଲ ରୂପେ ନ ଜାଣି ଖାଆନ୍ତୁନି। ଆଜିକାଲି ତ ଚାରିଆଡ଼େ ଛତୁଚାଷ ପ୍ରବଳ। ବଜାରରେ ଛତୁ ବିକ୍ରି ହେଉଛି। ବଜାରରେ ଛତୁଦର ଅଳ୍ପ ହେଉ କି ବେଶି, ବିଷାକ୍ତ ଛତୁ ନ ଖାଇ ବିଶୁଦ୍ଧ ଚାଷଛତୁ କିଣି କରି ଖାଆନ୍ତୁ। ହୁଙ୍କାଛତୁ ମଧ୍ୟ ବିଷାକ୍ତ। ତାକୁ ବି ଆଣି ଖାଆନ୍ତୁନି।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହେ ମୋର କଳପନା ମାନସୀ ରାଣୀ!
ପ୍ରଭାତେ ନିତି ଯେହ୍ନୁ ଫୁଟାଅ ବାଣୀ
ନିଶାର ନୀରବତା ତୁଟାଇ କହ କଥା
ଅନ୍ଧାର ଆଲୋକର ମିଳନ ଆଣି
ପ୍ରଭାତେ ନିତି ଯେହ୍ନୁ ଫୁଟାଅ ବାଣୀ।
(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପୋଖରୀରୁ ମୃତଦେହ ମିଳିଲା

ଅତାବିରା,(ଡି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ଥାନା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ମେହେନା ଗ୍ରାମ ପୋଖରୀରୁ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ଡୋଲାମଣି ଭୋଇ(୪୯)। ପୋଖରୀରେ ବୁଡ଼ି ଯାଇ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ରୁଷୁଡ଼ା ଫାଣ୍ଡି ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଯାଇଛି ।

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ, ୨ଗୁରୁତର

ବାଉଁଶୁଣୀ,୨୩।୭(ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳରେ ଶନିବାର ଅପରାହ୍ଣରେ ବର୍ଷା ସହ ବଜ୍ରପାତ ଘଟିଥିଲା। ଦୁଇ ପୃଥକ ସ୍ଥାନରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ଶନିବାର ଗାଈ ଚରାଇବାକୁ ଯାଇଥିଲେ ବାଦୀକଟା ସିଙ୍ଘପାଲିର ରାମନାଥ ପ୍ରଧାନ(୬୦)। ଅପରାହ୍ଣରେ ବର୍ଷା, ଘଡଘଡି ସହ ବଜ୍ରପାତ ଘଟିଥିଲା। ଏଥିରେ ରାମନାଥ ଚେତାଶୂନ୍ୟ ହୋଇ ପଡିଥିଲେ। ତାଙ୍କୁ ଗ୍ରାମର କେତେକ ଯୁବକ ଉଦ୍ଧାର କରି ବାଉଁଶୁଣୀ ସିଏଚ୍‌ସିକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବାଉଁଶୁଣୀ କଲେଜ ଛକ ନିକଟରେ ବିଲରେ ତଳି ରୋଉଥିବା ବେଳେ ବାଦିକଟା ଗ୍ରାମର ଦୁଇ ଜଣ ମହିଳା ବଜ୍ରପାତରେ ଆହତ ହୋଇଛନ୍ତି। ସେମାନେ ହେଲେ କୌଶଲ୍ୟା ଝାଙ୍କର (୩୮) ଓ ସସ୍ମିତା ଖମାରୀ (୩୨)। ଉଭୟଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉଭୟ ଅବସ୍ଥା ଠିକ୍ ଥିବା ଜଣାପଡିଛି ।

### କେନାଲରେ ବୁଡ଼ି ଜଣେ ମୃତ

ବରପାଲି,୨୩।୭(ଡିଏନଏ): ବରପାଲି ଥାନା ଅଧୀନ ସତଲମା କୁମ୍ଭାରପଡାରେ କେନାଲରେ ବୁଡିଯିବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୁଠି ଓରଫ୍ ବଲ୍ଲଭ ବଡେଇ(୫୬)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ଗୁରବାର ସନ୍ଧ୍ୟାରେ ବଲ୍ଲଭ ଘରୁ ବାହାରି ସାଇକେଲ ଯୋଗେ କୁଆଡେ ଯାଇଥିଲେ। ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ନ ପାଇବାରୁ ପୋଲିସରେ ଅଭିଯୋଗ କରିଥିଲେ। ଗାଁ ନିକଟସ୍ଥ ମୁଖ୍ୟକେନାଲ ଘାଟରେ ବଲ୍ଲଭଙ୍କ ବ୍ୟବହୃତ ଗାମୁଛା ଓ ଚପଲ ଥିବା ଦେଖି ସେ ପାଣିରେ ବୁଡିଯାଇଥିବା ଅନୁମାନ କରାଯାଇଥିଲା। କେନାଲ ପାଣିକୁ କମାଇବା ପରେ ବରପାଲି ଅଗ୍ନିଶମ ବାହିନୀ ଖୋଜାଖୋଜି କରିବାରୁ ଶନିବାର ଅପରାହ୍ଣ ୨ଟାରେ ମୃତଦେହ ଠାବ କରିଥିଲେ।

### ଚୋରି ଘଟଣାରେ ୨ ଗିରଫ

ବରପାଲି,୨୩।୭(ଡି.ଏନ.ଏ.): ବରପାଲି ପୋଲିସ ଏକ ଚୋରି ଘଟଣାରେ ୨ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୁର୍ଲା ଥାନା ଗୋଶାଳା ଝାରମୁଣ୍ଡା ଗ୍ରାମର ନୀରନ ସୁନା (୧୯) ଓ ବୁର୍ଲା ଥାନା ବଇଜାମୁଣ୍ଡା ଗ୍ରାମର ରସାନ୍ତ କୁଅଁର (୧୯)। ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ବରପାଲି ୱାର୍ଡ ନମ୍ବର ୩ ଯୁଗିମୁଣ୍ଡା ଅଞ୍ଚଳର ହରେଶ ବେହେରାଙ୍କ ଘରୁ ଆଲମାରି ଭାଙ୍ଗି ରୂପା ଅଳଙ୍କାର ସହ ନଗଦ ଟଙ୍କା ଚୋରି ପରେ ତାଙ୍କ ଘରେ ଥିବା ଏକ କିରାନା ଦୋକାନରୁ କିରାନା ସାମଗ୍ରୀ ଚୋରି ହୋଇଥିଲା। ଘର ମାଲିକ ଶନିବାର ସକାଳୁ ଖୋଜାଖୋଜି କରିଥିଲେ। ରେଲୱେ ଷ୍ଟେଶନ ନିକଟରେ ଗୋଟିଏ ବାଇକରେ ଦୁଇଜଣ ଯୁବକ ଏକ ବସ୍ତା ଧରି ବସିଥିବାରୁ ସନ୍ଦେହରେ ସେମାନଙ୍କୁ ଧରିବାରୁ ଚୋରି ସାମଗ୍ରୀ ଥିବା ଦେଖିବାକୁ ମିଳିଥିଲା। ପରେ ଉଭୟଙ୍କୁ ପୋଲିସ ଜିମା ଦିଆଯାଇଥିଲା। ଏ ନେଇ ବରପାଲି ପୋଲିସ ଏକ ମାମଲା (ନଂ.୨୩୩।୨୨) ରୁଜୁ କରିଛି।

### ସିବିଏସ୍‌ଇ ପରୀକ୍ଷା: ଲିପ୍ସାମୟୀ ରଖିଲେ ୯୮.୮୮ ପ୍ରତିଶତ ମାର୍କ

ପାଇକମାଳ,୨୩।୭(ଡି.ଏନ.ଏ): ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ବରଗଡ ଜିଲା ପାଇକମାଳ ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ବିଦ୍ୟାଳୟର ଦଶମ ଶ୍ରେଣୀରେ ଲିପ୍ସାମୟୀ ମିଶ୍ର ୯୮.୮୮ ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନରେ ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ପ୍ରତିକ କୁମାର ବେହେରା ୯୬.୪୦ ପ୍ରତିଶତ ଓ ତୃତୀୟ ସ୍ଥାନରେ ଦକେସ ବାଗ ୯୫.୮୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ଯୁକ୍ତ ୨ରେ ମାନସ ରଞ୍ଜନ ସାହୁ ୯୫.୪୦ ରଖି ପ୍ରଥମ ସ୍ଥାନରେ ଥିବାବେଳେ ସୁବୋଧ କୁମାର ମିଶ୍ର ୯୪.୪୦ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଓ ଆଦ୍ୟାଶା ସାହୁ ୯୩.୮୦ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି।

# କିରାଣି ନିଯୁକ୍ତି ରଦ୍ଦ ସହ ପୁନଃ ପରୀକ୍ଷା ଦାବି

■ ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଆଶାୟୀ
■ କଳା ଯୁକ୍ତ ୨ପଞ୍ଚାୟତ ମହାବିଦ୍ୟାଳୟରେ କିରାଣି ନିଯୁକ୍ତିରେ ଚଞ୍ଚକତା

ଦେବଗଡ଼, ୨୩।୭(ଡି.ଏନ୍.ଏ.)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କଳା ଗ୍ରାମସ୍ଥିତ +୨ପଞ୍ଚାୟତ ମହାବିଦ୍ୟାଳୟରେ କିରାଣି ନିଯୁକ୍ତିରେ ବ୍ୟାପକ ଚଞ୍ଚକତା ଓ ଅନିୟମିତତା ହୋଇଥିବା ଅଭିଯୋଗ କରି ଶୁକ୍ରବାର ଏକାଧିକ ଆଶାୟୀ ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାଇ କଳା +୨ ପଞ୍ଚାୟତ ମହାବିଦ୍ୟାଳୟରେ ଅଧାପକ, କିରାଣି, ପିଅନ ଓ ଝାଡୁଦାର ପଦବୀ ପାଇଁ ପରୀକ୍ଷା ଓ ସାକ୍ଷାତକାର ସମ୍ପର୍କରେ ଜିଲା ୱେବସାଇଟରେ ସୂଚନା ବିନା ଗତ ୧୫ ତାରିଖ ପରୀକ୍ଷା ଓ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା। ସେହି ଦିନ ପରୀକ୍ଷା ଫଳ ପ୍ରକାଶ କରାଯାଇଥିଲା। ଏଥିରେ କିରାଣି ପଦବୀ ପାଇଁ ଉମାକାନ୍ତ ସାହୁଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ଅସନ୍ତୁଷ୍ଟ ଅନ୍ୟ ଆଶାୟୀମାନେ ଏହାର ଦୃଢ ବିରୋଧ କରିବା ସହ କିରାଣି ଭାବେ ନିଯୁକ୍ତି ଦିଆ ଯାଇଥିବା ଉମାକାନ୍ତ ସାହୁ ଉକ୍ତ ମହାବିଦ୍ୟାଳୟରେ ପୂର୍ବରୁ ଶିକ୍ଷାଦାନ କରୁଥିବା ଏବଂ ଉକ୍ତ ମହାବିଦ୍ୟାଳୟର ଅନ୍ୟ କେତେକ ଅଧାପକଙ୍କ ସହ ମିଶି ଘରୋଇ କୋଚିଂ ସେଣ୍ଟର ଖୋଲିଥିବାରୁ ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିବା ସେହି ଅଧାପକଙ୍କ ସହାୟତାରେ ସାହୁଙ୍କୁ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ରର ସୂଚନା ଥିବା ଏବଂ ଅହେତୁକ ଅନୁକମ୍ପା ପ୍ରଦାନ କରାଯାଇଥିବାରୁ ଏହି ପରୀକ୍ଷା ବାତିଲ କରାଯାଇ ପୁନଃ ପରୀକ୍ଷା କରାଯିବା ଦାବି କରାଯାଇଛି। ଏହା ସହ ଅନ୍ୟତ୍ର ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇ ୧୫ ଦିନ ମଧ୍ୟରେ ପୁନଃ ପରୀକ୍ଷା ପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ରଞ୍ଜନ କୁମାର ବେହେରା, ଆନନ୍ଦ ନାଏକ, ସୁଶୀଲ ନାଏକ, ପ୍ରଭାତ ବେହେରା, ମାନସ ପ୍ରଧାନ ଓ ଚକ୍ରଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗପତ୍ର ପ୍ରଦାନ ପାଇଁ ଆସିଛନ୍ତି ଆଶାୟୀ।

## ଆରଏସ୍‌ପି ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଶିବିର

ରାଉରକେଲା ଅଫିସ,୨୩।୭

ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ଓ ସେମାନଙ୍କ ଜୀବନସାଥୀଙ୍କ ନିମନ୍ତେ 'ଜୀବନଶୈଳୀ ରୋଗ ଓ ହୃଦୟ ରୋଗର ପ୍ରତିରୋଧ' ଉପରେ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଇସ୍ପାତ ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ ଠାରେ ଅନୁଷ୍ଠିତ ହୋଇଛି। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମେଡିକା ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ରାଞ୍ଚିର ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ସୁନୀଲ କୁମାର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ବିଭାଗର ସିଏମ୍‌ଓ ଡାକ୍ତର ଏଲ୍. କେ. ବିଶ୍ୱାଳ, ଜିଏମ୍ ଇନଚାର୍ଜ ଧୀରେନ୍ଦ୍ର ମିଶ୍ର, ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରର ଆସିଷ୍ଟାଣ୍ଟ ସିଏମ୍‌ଓ ଡାକ୍ତର ସୁରେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡକ୍ଟର ହୋତା ଯୋଗ, ବ୍ୟାୟାମ, ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ଉପଯୁକ୍ତ ଖାଦ୍ୟପେୟ ଉପରେ ଗୁରୁତ୍ୱାରୋପ କରିଥଲେ। ହୃଦ୍‌ରୋଗ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଓ ସତର୍କମୂଳକ ପଦକ୍ଷେପ ଉପରେ ଡାକ୍ତର ସୁନୀଲ କୁମାର ଆଲୋଚନା କରିଥିଲେ। ବିଶେଷକରି କୋଲେଷ୍ଟ୍ରୋଲ, ମଧୁମେହ, ବଡି ମାସ ଇଣ୍ଡେକ୍ସ, ମେଦବହୁଳତା, ଖାଦ୍ୟପେୟ ମାର୍ଗଦର୍ଶିତା ଉପରେ ଆଲୋଚନା ହୋଇଥିଲା। ଏଥିସହ ଫାଷ୍ଟଫୁଡ, ମଦ୍ୟପାନ, ଚର୍ବିଯୁକ୍ତ ଖାଦ୍ୟ, ବ୍ୟାୟାମ ଅଭାବ, ବିଳମ୍ବିତ ରାତିରେ ଶୋଇବା, ଧୂମପାନ ଆଦିର ପ୍ରତିକୂଳ ପ୍ରଭାବ ଏବଂ ଜୀବନଶୈଳୀରେ ପରିବର୍ତ୍ତନ କିଭଳି ୮୦ ପ୍ରତିଶତ ସିଏଚ୍‌ଡି ରୋଗ ରୋକିପାରିବ ସେ ସମ୍ପର୍କରେ ଅତିଥିମାନେ ଉଲ୍ଲେଖ କରିଥିଲେ। କାର୍ମିକ ବିଭାଗର ମ୍ୟାନେଜର ସୁଜିତ ଭି ସରୋଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

## ଏନ୍‌ଏସ୍‌ଏସ୍ ପକ୍ଷରୁ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୨୩।୭(ବ୍ୟୁରୋ): ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ. ବିଶ୍ୱମୋହନ ଜେନା, ସନ୍ତୋଷ ବେହେରା ଓ ବିଶ୍ୱଜିତ ମହାନ୍ତିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟ ପରିସର ସମେତ ବିଭିନ୍ନ ଅଞ୍ଚଳରେ ୧୨ ଛାତ୍ରୀଛାତ୍ର ସଚେତନ କାର୍ଯ୍ୟ କରିଥିଲେ। କର୍ଣ୍ଣ ମହାରଣା, ଅର୍ଜ୍ଜୁନ ମହାରଣା, ପୂଜାଶ୍ରୀ ମିଶ୍ର, ସାଇନା ପରୱିନୀ ପ୍ରମୁଖ ସାମିଲ ଥିଲେ।

OFFICE OF THE PRINCIPAL
GOVERNMENT COLLEGE, SUNDARGARH
At/P.O.- Rangadhipa, Sundargarh, Pin- 770002
Ph.-0662272240, email: govcolsng@gmail.com
Website: www.govtcollegesundargarh.org, NAAC ACCREDITATED: B+
No.1896 Date: 22.07.2022
NOTICE
A Walk-in-interview for engagement of guest faculty for +2, +3 & P.G. wing of this college to be held on dt.04.08.2022 from 11.00 A.M. to 2.00 P.M. in the concerned / respective department of this college. For details, please visit our college website www.govtcollegesundargarh.org.
Sd./- Principal
Govt. College, Sundargarh

# ସମ୍ବଲପୁର ଷ୍ଟେଶନରେ ଆଜାଦୀ କା ରେଳଗାଡ଼ି

ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସମ୍ମାନିତ

ସମ୍ବଲପୁର,୨୩।୭(ବ୍ୟୁରୋ)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ହେଉଛି। ଏହି ଅବସରରେ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଷ୍ଟେଶନ ପରିସରରେ ଶନିବାର ଆଜାଦୀ କା ରେଳଗାଡ଼ି ଏବଂ ଷ୍ଟେଶନ ୨ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ଦ୍ୱୀପ ପ୍ରଜ୍ୱଳନ କରି ଉତ୍ସବକୁ ଶୁଭାରମ୍ଭ କରିଥିଲେ। ସମ୍ବଲପୁରର ସ୍ୱାଧୀନତା ସଂଗ୍ରାମୀ ମାଧେ ସିଂ ଓ ଚନ୍ଦ୍ରଶେଖର ବେହେରାଙ୍କ ପରିବାର ବର୍ଗଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ଦିଆଯାଇ ସମ୍ମାନିତ କରାଯାଇଥିଲା। ସଂଗ୍ରାମୀଙ୍କ ଫଟୋ ଗ୍ୟାଲେରୀ, ସେଲଫି ପଏଣ୍ଟ କରାଯାଇଥିବାବେଳେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଓ ସ୍କାଉଟ୍ସ ଗାଇଡ୍ସଙ୍କୁ ନେଇ ପଦଯାତ୍ରା କରାଯାଇଥିଲା। ସକାଳେ ପ୍ରଭାତ ଫେରି ହୋଇଥିଲା। ରେଳବାଇ କର୍ମଚାରୀ ନିଜ ଘରେ ରାଷ୍ଟ୍ରୀୟ ପତାକା ଲଗାଇବା ସହ ଅନ୍ୟମାନଙ୍କୁ ସଚେତନ କରାଇଥିଲେ। ଭର୍ଚୁଆଲରେ ସଚେତନ ଧର୍ମୀ ନାଟକ ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ସଂଗ୍ରାମୀଙ୍କ ପରିବାରକୁ ସମ୍ମାନିତ କରାଯାଉଛି।

## ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ବିବିଧ ପ୍ରତିଯୋଗିତା

ସମ୍ବଲପୁର,୨୩।୭(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ବାଣିଜ୍ୟ ବିଭାଗ ପକ୍ଷରୁ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଇଂରାଜୀ, ଓଡିଆ ଓ ହିନ୍ଦୀ ଭାଷାରେ ବକ୍ତୃତା, ରଚନା, ବାଣିଜ୍ୟ କୁଇଜ୍, ରଙ୍ଗୋଲି, କବିତା ଆବୃତ୍ତି, ମେହେନ୍ଦି, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୁଳସଚିବ ଯୁଗଳେଶ୍ୱରୀ ଦାସଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ସଭା ହୋଇଥିଲା। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଉପକୁଳ ସଚିବ ଡ. ଉମା ଚରଣ ପତି, ପ୍ରଫେସର ଶ୍ୟାମାଚରଣ ଆଚାର୍ଯ୍ୟ ଛାତ୍ରୀଛାତ୍ରଙ୍କ ଦକ୍ଷତା ଉପରେ ବକ୍ତବ୍ୟ ରଖିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ. ଜ୍ଞାନରଞ୍ଜନ ବଳ ଧନ୍ୟବାଦ ଦେଇଥିଲେ।

KHADI AND VILLAGE INDUSTRIES COMMISSION
Ministry of Micro, Small & Medium Enterprises
Government of India
(7th Floor) 33, Chitta Ranjan Avenue, Kolkata - 700 012
e-mail: dyceoez@gmail.com
ENGAGEMENT OF YOUNG PROFESSIONALS ON CONTRACTUAL BASIS
Advt. No. Adm./RW/Engagement Y.Ps./(105)/2022-23
Khadi and Village Industries Commission (KVIC) is a Statutory Body established by an Act. of Parliament and functioning under the administrative control of Ministry of Micro, Small and Medium Enterprises (Govt. of India). In order to accelerate future growth and transformation challenges, KVIC invites Online Applications for engagement of **10 (Ten) - Young Professionals Possessing Master Degree/Post Graduation (in relevant disciplines) from a recognized university** as per detailed terms and condition uploaded on the KVIC website **www.kvic.gov.in**.
IMPORTANT DATES

| Particulars | Date |
|---|---|
| Opening Date & Time for Online Registration of Applications | 25.07.2022 (From 10.00 hrs.) |
| Last date & time of closing of Registration and submission of Application | 24.08.2022 (Upto 23.00 hrs.) |

Sd./- Dy. CEO (East Zone)

# ସମସ୍ୟାଘେରରେ ବୁର୍ଲା ନର୍ସିଂ ସ୍କୁଲ

ସମ୍ବଲପୁର,୨୩।୭(ବ୍ୟୁରୋ): ସମ୍ବଲପୁର ଜିଲା ବୁର୍ଲା ନର୍ସିଂ ସ୍କୁଲରେ ବିଭିନ୍ନ ସମସ୍ୟା ଲାଗିରହିଛି। ନର୍ସିଂ ବିଭାଗ ଅତିରିକ୍ତ ସଚିବ ଡାକ୍ତର ଶେଫାଳି ମଲ୍ଲିକ ସମ୍ବଲପୁର ଗସ୍ତରେ ଆସିଥିବା ବେଳେ ଶିକ୍ଷକମାନେ ଏଭଳି ଅଭିଯୋଗ ଆଣିଥିଲେ। ସ୍କୁଲରେ ସ୍ଥାୟୀ ଅଧ୍ୟକ୍ଷ ନ ଥିବାରୁ ଡେପୁଟେଶନରେ ନର୍ସିଂକଲେଜ ଅଧ୍ୟକ୍ଷାଙ୍କୁ ଦାୟିତ୍ୱ ଦିଆଯାଇଛି। ସେ ଦୁଇଟି ପଦବୀରେ ଥିବାରୁ ଅନେକ କାମ ହୋଇ ପାରୁନାହିଁ। ସ୍କୁଲର ଶିକ୍ଷକମାନଙ୍କୁ ନିୟମିତ ଦରମା ଦିଆଯାଉ ନ ଥିବାବେଳେ ୨୦୧୭ରୁ ବର୍ଦ୍ଧିତ ଦରମା ଲାଗୁ କରାଯାଉ ନାହିଁ। ସର୍ଭିସ ବହିର ନକଲ ମଧ ଦିଆଯାଉ ନାହିଁ। ଘରଭଡ଼ା ଓ ସରକାରଙ୍କ ଅନ୍ୟାନ୍ୟ ଭତ୍ତା ଦିଆଯାଉ ନ ଥିବା ଅଭିଯୋଗ କରିଥିଲେ। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ଶିକ୍ଷୟିତ୍ରୀ ଲିଲାରାନୀ ସ୍ୱାଇଁ, ରଞ୍ଜୁଲତା ମଲ୍ଲିକ, ମଞ୍ଜୁଲତା ମହାନ୍ତି, ରଶ୍ମିତା ନାଏକ, ତୁଲେଶ୍ୱରୀ ନେଟି, ପ୍ରଜାରାନୀ ପ୍ରଧାନ, ରୀତାଞ୍ଜଳି ରାଉତ, ମନୋରମା ନାଏକ, ମଞ୍ଜଲି ନାଏକ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: କ୍ୱାର୍ଟର ଫାଇନାଲରେ ୮ ପଞ୍ଚାୟତ ଦଳ

ଅମରପାଲି, ୨୩।୭(ଡି.ଏନ.ଏ)

ବୀରମହାରାଜପୁର ବିଜୁପଟ୍ଟନାୟକ ମିନି ଷ୍ଟାଡିୟମରେ ଶନିବାର ଦ୍ୱିଦିବସୀୟ ବ୍ଲକସ୍ତରୀୟ ଫୁଟବଲ ଖେଳାଳି ଚୟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ବୀରମହାରାଜପୁର ପଞ୍ଚାୟତ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବିଡିଓ ମୋତିଲାଲ ସୁଲିଆ, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, କମିରା ସରପଞ୍ଚ ଅନୁସୟା ପ୍ରଧାନ, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ମୁର୍ଷୁଣ୍ଡି ସରପଞ୍ଚ ମନୋଜ ସାହୁ, ଲୁତୁରପଙ୍କ ସରପଞ୍ଚ ସୁର୍ଯ୍ୟ ନନ୍ଦ, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ ଯୋଗଦେଇ ଥିଲେ। ଉଦ୍‌ଘାଟନୀ ମ୍ୟାଚ ଉଫୁଲା ଓ ମୁର୍ଷୁଣ୍ଡି ପଞ୍ଚାୟତ ମଧ୍ୟରେ ହୋଇଥିଲା। ଏଥିରେ ମୁର୍ଷୁଣ୍ଡି ୧-୦ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ହିଲୁଙ୍ଗ ଓ କମିରା ପଞ୍ଚାୟତ ମଧ୍ୟରେ ହୋଇଥିଲା। ଏଥିରେ ହିଲୁଙ୍ଗ ୩-୦ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ଚମ୍ପାମାଳ ପଞ୍ଚାୟତ ଲୁତୁରପଙ୍କ ପଞ୍ଚାୟତକୁ ୧-୦ଗୋଲରେ ପରାସ୍ତ କରି ପରବର୍ତ୍ତି ରାଉଣ୍ଡରେ ପ୍ରବେଶ କରିଛି। ଚତୁର୍ଥ ମ୍ୟାଚରେ ବାଗବର ପଞ୍ଚାୟତ ପିତାମହୁଲ ପଞ୍ଚାୟତକୁ ୩-୦ ଗୋଲରେ, ପଞ୍ଚମ ମ୍ୟାଚରେ ଜଟେସିଙ୍ଘା ପଞ୍ଚାୟତ ଟାଇବ୍ରେକରରେ ଖଣ୍ଡହତା ପଞ୍ଚାୟତକୁ, ଷଷ୍ଠ ମ୍ୟାଚରେ ସୁବଳୟା ପଞ୍ଚାୟତ ୩-୦ଗୋଲରେ କେନଝିରିଆପାଲି ପଞ୍ଚାୟତକୁ, ସପ୍ତମ ମ୍ୟାଚରେ ଦୁର୍ଜନଟେଲା ପଞ୍ଚାୟତ ଟାଇବ୍ରେକରରେ ବ୍ଲକ ଅଫିସିଆଲସକୁ ପରାସ୍ତ କରିଥିଲା।

## ମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରାଉରକେଲା ଅଫିସ,୨୩।୭

ରାଉରକେଲା ଜଗଦା ସ୍ଥିତ ଉତ୍କଳ ବିହାର ମାର୍ଗ ମହିଳା ସମିତି ଆରାଧ୍ୟା ପକ୍ଷରୁ ଝିରପାଣି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ସଭାପତି ହରପ୍ରିୟା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲା ଡିଏଫ୍‌ଓ ଜଶୋବନ୍ତ ସେଠୀ ମୁଖ୍ୟ ଅତିଥି, ରେଞ୍ଜ୍ ଅଫିସର ରାଜେଶ ରଜକ, ମନ୍ଦିର କମିଟି ଅଧ୍ୟକ୍ଷ ମିତ୍ରଭାନୁ ପଣ୍ଡା, ସାଧାରଣ ସମ୍ପାଦକ ଶରତ ପଣ୍ଡା, ଯୁଗ୍ମ ସମ୍ପାଦକ ଭବାନୀ ଶଙ୍କର ନନ୍ଦ, ସଞ୍ଜୀବ ମହାନ୍ତି, ପ୍ରଭାତ ମହାନ୍ତି, ଲକ୍ଷ୍ମୀଧର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ଦିର ପରିସରରେ ଅଶୋକ, ଅର୍ଜ୍ଜୁନ, ଅଁଳା, ବଉଳ, ମୁଚୁକୁନ୍ଦ ଭଳି ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା। ଉପସଭାପତି କ୍ଷୀରୋଦ ବାଲା ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦିକା ମମତା ତ୍ରିପାଠୀ, ମିନତୀ ମହାନ୍ତି, ମଳୟ ମଞ୍ଜରୀ ମହାନ୍ତି, ସବିତା ମହାରଣା, ରୋଜାଲିନ ରାଉତ, କୁନମୁନ ମିଶ୍ର, ରଞ୍ଜିତା ସ୍ୱାଇଁ, ଅନିମା ଭଗତ, ଜ୍ୟୋତି ନାୟକ, ସନ୍ଧ୍ୟାରାଣୀ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

TATA STEEL
TATA
Advertisement for the post of Associate Engineer (SB D level) on permanent rolls of Tata Steel Limited (Meramandali Unit)
Applications are invited from candidates interested to join Tata Steel Limited on permanent rolls. The location of posting would be Meramandali (Odisha)

| | |
|---|---|
| Minimum Educational Qualification | Three (3) years full time diploma in Electrical / Electronics / Instrumentation / Mechanical / Mechatronics / Civil / Ceramics / Metallurgy / Chemical Engineering from any institute, recognized by AICTE. Candidates with Part Time / Correspondence / Distance Learning will not be eligible. |
| Mandatory Experience | Minimum three (3) years of work experience as on 1st July'2022 after acquiring the Diploma qualification. |
| Marks | Minimum 55% marks aggregate in Diploma Engineering for General Candidates. Minimum 50% marks aggregate in Diploma Engineering for SC/ ST Candidates. |
| Age | General candidates should have been born on or after, 1st July 1990 and before 1st July, 2004. SC/ ST candidates should have been born on or after, 1st July 1987 and before 1st July, 2004. |
| Emoluments | The selected candidates will be provisionally placed at starting Basic Salary of Rs.17,530/-pm with CTC of Rs 4.6 LPA, in the grade of SB D. The other emoluments & benefits will be as per Company's rule applicable to this grade. Candidates possessing 4 years or more of relevant experience will be additionally compensated as per norms. |
| How to Apply | Application should be filled in through Tata Steel Intranet or Website. Steps for using website: (1) Visit https://tslhr.tatasteel.co.in/recruit/Default.aspx (2) Click on "Application" (3) Click on the link "Application form for vacancies in Tata Steel (Angul/Meramandali, Khopoli and Sahibabad units)" (4) Fill up the application form. |
| Selection Procedure | 1. Eligible candidates will have to appear for Written Test and Interview process. Each stage will be an elimination stage. 2. Eligible candidates, who are currently employed with Tata Group Company / Subsidiaries/ Associate Company will need to furnish an NOC from the present employer before being considered for employment in Tata Steel. The NOC will have to be produced before the candidate is called for the interview. |
| Last date of submission of online application: 31st July 2022 | |

Registered Office: Bombay House, 24, Homi Mody Street, Fort, Mumbai: 400 001, India * Tel.: 022 66658282
Fax: 022 66657724 * (CIN) -L27100MH1907PLC000260
Website: www.tatasteel.com

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୪ ଜୁଲାଇ, ୨୦୨୨



## ଆଜି କ'ଣ କେଉଁଠି

**ସମ୍ବଲପୁର**

- ରଙ୍ଗୋଲି, ମେହେନ୍ଦି ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସାକ୍ଷୀ ଗୋପୀନାଥପଡା ଭେଟେନାରୀ ପରିସର, ପୂର୍ବାହ୍ନ ୧୦ଟା ।
- ସପ୍ତରଙ୍ଗ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ, ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ପୂର୍ବାହ୍ନ ୧୧ଟା ।
- କ୍ୟୁରିଅସ କବ୍ସ ପ୍ରିସ୍କୁଲ ଉଦ୍‌ଘାଟନ ଉତ୍ସବ, ଚେରୁଆପଡା, ପୂର୍ବାହ୍ନ ୧୦ଟା ।

## ସଂକ୍ଷେପରେ

### ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ

**ଜମନକିରା,୨୩।୭(ଡି.ଏନ.ଏ.):** ଜମନକିରା ବ୍ଲକ ଫାଶୀମାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସରଡ଼ା ପଞ୍ଚାୟତର ସରଡ଼ା ଓ ବଡରମା ପଞ୍ଚାୟତର ପଥୁରିଆ, ଟନସରା, ଗନ୍ତାବ ଗ୍ରାମରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଶରତ କୁମାର ଦେହୁରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିପିଏମ, ଭିବିଡ଼ିଟିଏସ୍, ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀ ଏହାକୁ ପରିଚାଳନା କରିଥିଲେ। ଏଥିରେ ଗାଁର ସମସ୍ତ ଲୋକଙ୍କ ରକ୍ତ ପରୀକ୍ଷା କରାଯାଇଥିଲା। ଗର୍ଭବତୀ, ପ୍ରସୁତି ମା', ଛୋଟ ଶିଶୁ, କିଶୋର ବାଳିକାଙ୍କ ଓଜନ, ହିମୋଗ୍ଲୋବିନ, ଉଚ୍ଚତା, ରକ୍ତଚାପ, ସୁଗାର ଇତ୍ୟାଦି ପରୀକ୍ଷା କରାଯାଇଥିଲା। ଲୋକଙ୍କୁ ସଚେତନ କରିବା ନିମନ୍ତେ ଏକ ପ୍ରଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

### ଶିକ୍ଷୟିତ୍ରୀଶିକ୍ଷକଙ୍କ ତାଲିମ ଶିବିର

**ନାକଟିଦେଉଳ,୨୩।୭(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ବଳମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶୁକ୍ରବାର ଶିକ୍ଷୟିତ୍ରୀଶିକ୍ଷକଙ୍କ ଏକଦିବସୀୟ ତାଲିମ ଶିବିର ଆୟୋଜିତ ହୋଇଯାଇଛି। ବଳମ ଓ ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟରର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏଥିରେ ଭାଗ ନେଇଥିଲେ। ଶିବିରରେ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ, ଶିକ୍ଷଣ ଉପକରଣ ପର୍ଯ୍ୟବେଶିତ ଶିକ୍ଷାଦାନ, ଶିକ୍ଷଣ ଫଳାଫଳ, ବାର୍ଷିକ କ୍ୟାଲେଣ୍ଡର ଓ ଗଠନମୂଳକ ମୂଲ୍ୟାୟନ ସମ୍ପର୍କରେ ତାଲିମ ଦିଆଯାଇଥିଲା। ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟର ସିଆରସିସି ଲୋକନାଥ ସାମଲ ଓ ବଳମ କ୍ଲଷ୍ଟର ସିଆରସିସି ବ୍ରଜଚନ୍ଦ୍ର ସାହୁ ତାଲିମ ପ୍ରଦାନ କରିଥିଲେ। ଏଥିରେ ବଳମ କ୍ଲଷ୍ଟରର ୯ ବିଦ୍ୟାଳୟରୁ ୨୫ଜଣ ଓ ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟରର ୯ ବିଦ୍ୟାଳୟରୁ ୨୫ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ।

### ରାସ୍ତାପାର୍ଶ୍ୱରେ ବୃକ୍ଷ ରୋପଣ

**ପଡିଆବାହାଲ, ୨୩।୭(ଡ଼ି.ଏନ.ଏ.):** ଜମନକିରା ବ୍ଲକ ଖରସନମାଲ ପଞ୍ଚାୟତ ଅଫିସଠାରୁ ଟାଙ୍ଗରପାଲି ଗ୍ରାମ ପର୍ଯ୍ୟନ୍ତ ଶନିବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖରସନମାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଶାମିତ୍ର ଦୀପଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଚାରା ଲଗାଇଛନ୍ତି। ଏଥିରେ ସ୍କୁଲ କମିଟି କର୍ମକର୍ତ୍ତା, ଶିକ୍ଷକ, କର୍ମଚାରୀମାନେ ସହଯୋଗ କରିଥିଲେ।

# ବନ କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ

**ସମ୍ବଲପୁର,୨୩।୭(ବ୍ୟୁରୋ)**



ଝୁଝୁମୁରା ଭୋଇପାଲି ଗ୍ରାମରେ ଅଟକ ଥିବା ବନକର୍ମଚାରୀ ।

- ବେଆଇନ କେନ୍ଦୁପତ୍ର ରଖିବା ଅଭିଯୋଗରେ ଚଢାଉ
- ଭୋଇପାଲିରେ ଉତ୍ତେଜନା

ସମ୍ବଲପୁର ଜିଲା ଝୁଝୁମୁରା ଥାନା ଭୋଇପାଲି ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବେଆଇନ ଭାବେ କେନ୍ଦୁପତ୍ର ରଖିବା ଅଭିଯୋଗରେ ବନ ବିଭାଗ ପକ୍ଷରୁ ଗ୍ରାମରେ ଚଢାଉ କରାଯାଇଥିଲା। ଏହି ସମୟରେ କର୍ମଚାରୀମାନେ ଗ୍ରାମର ବୈଷ୍ଣବ ଘୁଡା, ଯଜ୍ଞ ବାରିକଙ୍କ ଘରୁ ୪୦ ବିଡା କେନ୍ଦୁପତ୍ର ଜବତ କରିଥିଲେ। ହେଲେ ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ବନ କର୍ମଚାରୀ ଓ ଅଧିକାରୀଙ୍କ ସମେତ ୪ ଗାଡିକୁ ୫ ଘଣ୍ଟା ଧରି ଅଟକ ରଖିଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଝୁଝୁମୁରା ପୋଲିସ ଟିମ୍ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସନ୍ଧ୍ୟା ପ୍ରାୟ ୬ଟା ସମୟରେ ପୋଲିସ ଓ ବନ ବିଭାଗ ଅଧିକାରୀ ଗ୍ରାମରୁ ବାହାରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି।

ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ କେନ୍ଦୁପତ୍ର ଗଚ୍ଛିତ ରଖିଥିବା ଖବର ପାଇ ବନ ବିଭାଗ ଟିମ୍ ଭୋଇପାଲି ଗ୍ରାମରେ ଚଢାଉ କରିଥିଲା। ହେଲେ ଗ୍ରାମବାସୀ ଏକାଠି ହୋଇ ବନ କର୍ମଚାରୀଙ୍କୁ ଘେରି ଯାଇଥିଲେ। ସେମାନେ ଅଭିଯୋଗ କରିଥିଲେ, ଗ୍ରାମରେ କେନ୍ଦୁପତ୍ର ଫଡି ରହିଥିଲେ ବି ଜୁନ ମାସରୁ ତାହା ବନ୍ଦ ହୋଇଯାଇଛି। ଆମ ଜମିରୁ ଯାହା କେନ୍ଦୁପତ୍ର ସଂଗ୍ରହ ହୋଇଥାଏ ତାହା ଫଡିଘରେ ବନ ବିଭାଗକୁ ଦେଉଥିଲୁ। ଏହାର ରେକର୍ଡ ମଧ୍ୟ ଆମ ପାଖରେ ରହିଛି। ଫଡିଘର ବନ୍ଦ ହେବା ପରେ ବକେୟା କେନ୍ଦୁପତ୍ର ଘରେ ରହିଛି। ଏହା ନିଜର ବ୍ୟବହାର ପାଇଁ ରଖାଯାଇଛି। ହେଲେ ବିନା ନୋଟିସ୍ ଓ ସୂଚନାରେ ଚଢାଉ କରାଯାଇଛି। କାହା ଘରେ କେବଳ ମହିଳା ଓ ଝିଅମାନେ ଥିବାବେଳେ ଅନ୍ୟ କାହା ଘରେ କୌଣସି ବ୍ୟକ୍ତି ନ ଥାଇ ଚଢାଉ କରାଯାଉଛି। ଏଭଳି ବେଆଇନ କାମ କରିବା ପାଇଁ ବନ ବିଭାଗକୁ କିଏ ଅନୁମତି ଦେଲା ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ପ୍ରାୟ ୫ ଘଣ୍ଟା ଧରି ଚାପା ଉତ୍ତେଜନା ଲାଗିରହିଥିଲା। ବନ କର୍ମଚାରୀ କେନ୍ଦୁପତ୍ର ଜବତ କରିନେଇଥିଲେ ମଧ୍ୟ ଘଟଣାକୁ ନେଇ ଥାନାରେ ଅଭିଯୋଗ କରି ନ ଥିବା ଜଣାପଡିଛି।

## ଫସଲବୀମା ଜାଲିଆତି ଅଭିଯୋଗରେ ଯୁବକ ଗିରଫ



ଗିରଫ ଅମିତ।

**କୁଚିଣ୍ଡା,୨୩।୭(ଡି.ଏନ.ଏ.)**

ଅନ୍ୟ ଜଣଙ୍କ ଜମିକୁ ନିଜ ନାମରେ କରି ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଜାଲିଆତି କରିଥିବା ଅଭିଯୋଗରେ କୁଚିଣ୍ଡା ପୋଲିସ ମହୁଲପାଲି ଥାନା ବାମରା ବ୍ଲକ ବାବୁନିକ୍ତିମାଲ ପଞ୍ଚାୟତ ଯୁରାବାହାଲ ଗ୍ରାମର ଅମିତ ପଟେଲ(୨୬)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ମାନ୍ୟବର ଏସ୍‌ଡିଜେଏମ୍ ଅମିତଙ୍କ ଜାମିନ ଆବେଦନ ଖାରଜ କରି ଜେଲ ହାଜତକୁ ପଠାଇ ଦେଇଛନ୍ତି। ଏ ନେଇ କୁଚିଣ୍ଡା ପୋଲିସ ଆଇପିସି ଧାରା ୪୧୭, ୪୨୦ରେ ମାମଲା (ନଂ୧୩୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ କୁଚିଣ୍ଡା ଏନ୍ଏସି ମହୁଲଡିହି ଗ୍ରାମର ହରିବନ୍ଧୁ କିଷାନ ଚଳିତ ବର୍ଷର ପ୍ରଧାନମନ୍ତ୍ରୀ ଫସଲବୀମା ପାଇଁ ଅନ୍‌ଲାଇନ କରିବା ସମୟରେ ତାଙ୍କ ଫସଲବୀମା ଅମିତ ପଟେଲ ନିଜ ବ୍ୟାଙ୍କ ଆକାଉଣ୍ଟ ଦେଇ ଜାଲିଆତି କରିଥିବା ଜାଣିବାକୁ ପାଇଥିଲେ। ହରିବନ୍ଧୁ ଏ ସମ୍ପର୍କରେ ପ୍ରଶାସନ ଓ କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। କୁଚିଣ୍ଡା ଆଇଆଇସି ଶୋଭାକର ସେଠ ଏହାର ତଦନ୍ତ କରି କୁଚିଣ୍ଡାସ୍ଥିତ ପଦ୍ମଲୋଚନ କ୍ୟାମ୍ପସରେ ଅମିତ କରିଥିବା ଜନସେବା କେନ୍ଦ୍ର ଉପରେ ଚଢାଉ କରି ତାଙ୍କୁ ଗିରଫ କରିଥିଲେ।

# ୨୮ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାମରା ବନ୍ଦ

**କୁଚିଣ୍ଡା,୨୩।୭(ଡି.ଏନ.ଏ.)**

ଚାରିଦଫା ଦାବିରେ ଆସନ୍ତା ୨୮ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାମରା ବନ୍ଦ ଡାକରା ଦିଆଯାଇଛି। ବାମରାର ବିଭିନ୍ନ କମିଟି ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ସଫଳ କରିବା ପାଇଁ ଦୋକାନ ବଜାର, ସରକାରୀ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ବ୍ୟାଙ୍କ, ପୋଷ୍ଟ ଅଫିସ ସମେତ ଯାନବାହନ ଚଳାଚଳ ବନ୍ଦ ରଖିବାକୁ ଗତ ୨୧ ତାରିଖ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଗୋବିନ୍ଦପୁର କଲ୍ୟାଣ ମଣ୍ଡପଠାରେ ହୋଇଥିବା ବୈଠକରେ ମୁକ୍ତିଧାମ ନିର୍ମାଣ କମିଟି, ରେଳ କ୍ରିୟାନୁଷ୍ଠାନ କମିଟି, ବାମରା ବଣିକ ସଂଘ ଓ ଅନ୍ୟ ସାମାଜିକ ସଂଗଠନର କର୍ମକର୍ତ୍ତା ଯୋଗଦେଇ ଆଲୋଚନା କରିଥିଲେ।

ଷ୍ଟେଶନ ବସ୍ତି ବାଘପଡା ଘାଟି ମୁକ୍ତିଧାମ ଜମିରେ ଥିବା ଶବଦାହ ଗୃହ ଭାଙ୍ଗିବା, ୨୦୦ରୁ ଊର୍ଦ୍ଧ୍ୱ ସମାଧି ଭାଙ୍ଗିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଶବ ସତ୍କାର ପାଇଁ ବ୍ୟବହୃତ ହୋଇ ଆସୁଥିବା ୧.୭୨ ଏକର ଜମିକୁ ମଶାଣି ନାମରେ ପଟ୍ଟା କରିବା, ବାମରା ପୂର୍ବ ରେଳ ଫାଟକ ପାଖରେ ଅଣ୍ଡରପାସ୍ ନିର୍ମାଣ, ମହିଳା ଆନ୍ଦୋଳନ କାରୀଙ୍କୁ ଝାରସୁଗୁଡ଼ା ଆର୍‌ପିଏଫ୍ ଇନ୍ସପେକ୍ଟରଙ୍କ ଦୁର୍ବ୍ୟବହାର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆଦି ଦାବି ରହିଛି। ବୈଠକରେ ନାଗରିକ କମିଟି ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ସମ୍ପାଦକ ଜ୍ୟୋତି କୁମାର ଲାଠ, ଉପସଭାପତି ମନମୋହନ ସାହୁ, ରେଳ କ୍ରିୟାନୁଷ୍ଠାନ କମିଟି ସଭାପତି ଅନୁଭ ଲାଠ, କୋଷାଧ୍ୟକ୍ଷ ପ୍ରଶାନ୍ତ ଶତପଥି, ବଣିକ ସଂଘ ସଭାପତି ମନୋଜ ଚୌଧୁରୀ, ସଦସ୍ୟ ସୁବାସ ସାହୁ, ଶୁଶିଳ ପ୍ରସାଦ, ମୁକ୍ତିଧାମ ନିର୍ମାଣ କମିଟି ଅଧ୍ୟକ୍ଷ ଇନ୍ଦ୍ରଦେ ଚୌଧୁରୀ, ଉପଦେଷ୍ଟା ନରେଶ ସିଂହ ଠାକୁର, ବିଷ୍ଣୁ ଅଗ୍ରୱାଲ, ସନ୍ତୋଷ ପାଣ୍ଡେ, ଅଜୟ ଚୌଧୁରୀଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି ଉପସ୍ଥିତ ଥିଲେ।

### ପ୍ରଶାସନ ସହ ଆଲୋଚନା ବିଫଳ

ବନ୍ଦ ଡାକରାକୁ ପ୍ରତିହତ କରିବାକୁ ଶନିବାର ତହସିଲଦାର ଅନିଲ କୁଲିଙ୍କ ଅଧ୍ୟକ୍ଷତାରେ ତହସିଲଦାର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ପକ୍ଷରୁ ବିଭିନ୍ନ ସଂଗଠନର କର୍ମକର୍ତ୍ତାଙ୍କୁ ଡକାଯାଇ ଆଲୋଚନା ହୋଇଥିଲା। ଦାବି ଉପରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବ ବୋଲି ଉପସ୍ଥିତ ପ୍ରତିନିଧିମାନେ ଜିଦ୍ ଧରିବାରୁ ଆଲୋଚନା ବିଫଳ ହୋଇଥିବା ଜଣାଯାଇଛି।

# ଗାଁ ରାସ୍ତା ଶୋଚନୀୟ, ମରାମତି ଦାବି



ରାସ୍ତାରେ ପାଣି ଜମିରହିଛି।

**ନାକଟିଦେଉଳ,୨୩।୭(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତର ମଣ୍ଡୁଆମ ଗାଁ ରାସ୍ତା ଶୋଚନୀୟ ହୋଇପଡିଛି। ଏହି ମାଟିରାସ୍ତାରେ ବର୍ଷାପାଣି ଜମି ରହିଥିବାରୁ ଲୋକେ ଯିବାଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେଲୋ ଗ୍ରାମଠାରୁ ମଣ୍ଡୁଆମ ଗ୍ରାମକୁ ପ୍ରାୟ ୩କିମି ରାସ୍ତାର ଅବସ୍ଥା ଏପରି ହୋଇଛି। ମଣ୍ଡୁଆମ ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। କିନ୍ତୁ ଗାଁ ପିଲା ହାଇସ୍କୁଲ ପଢିବା ପାଇଁ ବଳମ ଯାଉଥିବା ବେଳେ କଲେଜ ପଢିବାକୁ ନାକଟିଦେଉଳ ଯାଇଥାନ୍ତି। ହେଲେ ରାସ୍ତା ଅବସ୍ଥା ଯୋଗୁ ସାଇକେଲରେ ଯିବା ତ ଦୂରର କଥା ପାଦରେ ଚାଲି ଚାଲି ଯିବାକୁ ଛାତ୍ରୀଛାତ୍ର ନିରାପଦ ମଣୁନାହାନ୍ତି। ସରକାର ଗ୍ରାମାଞ୍ଚଳ ରାସ୍ତାର ଉନ୍ନତି ଦିଗରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ମଣ୍ଡୁଆମ ଗାଁ ଲୋକେ ଏହାର ସୁଫଳ ପାଇପାରୁ ନାହାନ୍ତି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ରାସ୍ତା ମରାମତି ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପଞ୍ଚାୟତ ଜାଗାରେ ବେଆଇନ କୋଠା

**ଜମନକିରା, ୨୩।୭(ଡି.ଏନ.ଏ.)**



କଟା ହୁଡାରେ ବେଆଇନ କୋଠା ନିର୍ମାଣ କରାଯାଉଛି।

ଜମନକିରା ସଦର ମହକୁମା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଜଳାଶୟ (କଟା) ହୁଡ଼ାରେ ବେଆଇନ ଭାବେ କୋଠା ନିର୍ମାଣ ଚାଲିଛି। ପଞ୍ଚାୟତ ଅଧୀନରେ ଥିବା ଏହି ଜାଗାରେ ନିର୍ମାଣ କାମ ଚାଲିଥିବା ସତ୍ତ୍ୱେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି।

ପ୍ରକାଶ ଯେ, ଜମନକିରା ପଞ୍ଚାୟତ ସମ୍ମୁଖରେ ବହୁ କାଳରୁ ଏହି କଟା ରହିଛି। ପଞ୍ଚାୟତ ଉକ୍ତ କଟାକୁ ନିଲାମ ଦେଇ ରାଜସ୍ୱ ଆଦାୟ କରିଥାଏ। ମାତ୍ର ସମୟକ୍ରମେ କେତେଜଣ ବ୍ୟକ୍ତି ଉକ୍ତ କଟା ହୁଡ଼ାକୁ ବେଆଇନ ଭାବେ ମାଡ଼ି ବସିଛନ୍ତି। ପ୍ରଥମେ କେତେଜଣ ଏଠାରେ ଠେଲା ପକାଇଥିବାବେଳେ ପରେ ଝୁମ୍ପୁଡି ତିଆରି କଲେ। କିଛିଦିନ ପରେ ଆଜବେଷ୍ଟସ୍ ଘର କରି ବ୍ୟବସାୟ କରୁଥିଲେ। ପଞ୍ଚାୟତ ପକ୍ଷରୁ ସେମିତି କିଛି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଏବେ ସେଠାରେ ଦୁଇମହଲା କୋଠା ନିର୍ମାଣ କାମ ଚାଲିଛି।

### ପ୍ରଶାସନ ନୀରବଦ୍ରଷ୍ଟା

ଏହି ବେଆଇନ ନିର୍ମାଣକୁ ବିରୋଧ କରି ସ୍ଥାନୀୟ ଲୋକେ ବିଡ଼ିଓଙ୍କଠାରୁ ଆରମ୍ଭ କରି ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ପ୍ରଶାସନର ନୀରବତା ଅସାଧୁ ବ୍ୟବସାୟୀଙ୍କୁ ବେଆଇନ ନିର୍ମାଣ ପାଇଁ ଖୋରାକ ଯୋଗାଇଛି। ତେବେ ଖୁବ୍‌ଶୀଘ୍ର ନିର୍ମାଣ କାମ ବନ୍ଦ କରିବା ସହ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଡ଼ିଓ ଟୁନୁ ମେହେରଙ୍କୁ ପଚାରିବାରୁ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋଜ କୁମାର ପଟେଲ ସରପଞ୍ଚଙ୍କୁ କହିଥିବା କଥା କହିଥିଲେ। ସରପଞ୍ଚ ଯଜ୍ଞାସେନୀ ନାଏକ କହନ୍ତି, ଜବରଦଖଲ କରି ଘର ବା କୋଠା ନିର୍ମାଣ କାମ ବନ୍ଦ କରିବା ପାଇଁ ଥାନା, ବିଡ଼ିଓ ଓ ତହସିଲଦାରଙ୍କୁ ଚିଠି କରାଯାଉଛି।

# ବୀମା କର୍ମଚାରୀ ସଂଘର ବାର୍ଷିକ ସଭା

**ଝାରସୁଗୁଡ଼ା ଅଫିସ,୨୩।୭**

ସ୍ଥାନୀୟ ବେହେରାମାଲସ୍ଥିତ ଜୀବନଜ୍ୟୋତି ଭବନଠାରେ ଶୁକ୍ରବାର ଜିଲା ବୀମା କର୍ମଚାରୀ ସଂଘର ୪୮ତମ ବାର୍ଷିକ ସାଧାରଣ ସଭା ଅରୁନ ଟଇନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ୧୨ ପୃଷ୍ଠାର ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ଅତିଥି ଭାବେ ସମ୍ବଲପୁର ବୀମା କର୍ମଚାରୀ ସଂଘ ସଭାପତି ରାଜୀବ ଲୋଚନ ଦାଶ, ସହ ସମ୍ପାଦକ ଟୁଇନ ଦେ, କୋଷାଧ୍ୟକ୍ଷ ବୀର କିଶୋର ନାୟକ ପ୍ରମୁଖ ଯୋଗଦେଇଥିଲେ। ଗୋପୀନାଥ ମିଶ୍ର, ବଳରାମ ଗୌଡ, ଚିରସ୍ମିତ ପ୍ରଧାନ, ଆଶିଷ ଶୁକ୍ଳା, ଶଶୀଭୁଷଣ ସା, ଓଡିଶା ବୀମା ପେନ୍‌ସନ୍ ସଂଘରୁ ରତ୍ନାକର ପ୍ରଧାନ ପ୍ରମୁଖ ଦର୍ଶାଇଥିଲେ, ସମ୍ପ୍ରତି ଆଇପିଓ ଜରିଆରେ ବୀମା ଶିଳ୍ପକୁ ଘରୋଇକରଣ କରିବାର ଷଡଯନ୍ତ୍ର ଚାଲିଛି। ଏହାକୁ ପ୍ରତିହତ କରିବା ସହ ନୂତନ ଶ୍ରମ ଆଇନ ବାତିଲ କରିବାକୁ ଆଗାମୀ ଦିନରେ ଲଢେଇ ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ଅର୍ଜୁନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଡିଏଭି ସ୍କୁଲର ସଫଳତା

### ଧରିତ୍ରୀ, ମେହେନ୍ଦି, ସୁଦୀପ୍ତ ସ୍କୁଲ ଟପ୍ପର

**ସମ୍ବଲପୁର,୨୩।୭(ବ୍ୟୁରୋ)**

ସିବିଏସ୍‌ଇ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ସମ୍ବଲପୁର ବୁର୍ଲା ଡିଏଭି ସ୍କୁଲ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଦଶମ ଶ୍ରେଣୀରେ ୧୪୪ ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ଯୁକ୍ତ ୨ ବିଜ୍ଞାନରେ ସୁଦିପ୍ତ ରଞ୍ଜନ (୯୭.୮%), ବନିଶା ହେମ୍ରମ୍ବ (୯୬.୪%), ସତ୍ୟମ ହୋତା (୯୬.୨୭%) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ବାଣିଜ୍ୟରେ ମେହେନ୍ଦି ଅଗ୍ରୱାଲ ୯୭.୬%, ଦିବ୍ୟାନି ଅଗ୍ରୱାଲ ୯୭% ଓ ଗୌରବ ଅଗ୍ରୱାଲ ୯୬.୮% ମାର୍କ ରଖିଛନ୍ତି। ଦଶମ ଶ୍ରେଣୀରେ ଧରିତ୍ରୀ ଶତପଥି ୯୮.୨୭% ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସ୍ନେହା ପଟେଲ ୯୭.୪%, ଶ୍ରୀହନ୍ସ ଦାନି ୯୭% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ଅଧ୍ୟକ୍ଷା ରଶ୍ମି ମିଶ୍ର ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଠିକା କର୍ମଚାରୀଙ୍କ ସ୍ମାରକପତ୍ର ପ୍ରଦାନ

**ଝାରସୁଗୁଡ଼ା ଅଫିସ,୨୩।୭**

### ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍)ର ୬୮ତମ ପ୍ରତିଷ୍ଠା ଦିବସ ଅବସରରେ ମହାନଦୀ କୋଲ୍‌ଫିଲ୍ଡ (ଏମ୍‌ସିଏଲ୍)ରେ କାର୍ଯ୍ୟରତ ବ୍ରଜରାଜନଗର ଇବ୍ ଖାଦାନ ମଜଦୁର ସଂଘ ତରଫରୁ ଶନିବାର ଠିକା କର୍ମଚାରୀଙ୍କ ବିଭିନ୍ନ ଦାବିନେଇ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଲଖନପୁର ପ୍ରବନ୍ଧକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଏମ୍‌ଏସ୍‌ର ଶ୍ରମିକନେତା ଅଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଏମ୍‌ସିଏଲ୍ କୋଇଲା ଖଣିରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ପୋଷ୍ଟର, ବ୍ୟାନର ଧରି ଶୋଭାଯାତ୍ରାରେ ବାହାରି ସିଜିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶ୍ରମିକନେତା ବିଶ୍ୱାଳ କହିଛନ୍ତି, ଏମ୍‌ସିଏଲ୍ ଅଭିବୃଦ୍ଧି କ୍ଷେତ୍ରରେ ଠିକାକର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ହେଲେ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଅଣଦେଖା କରୁଛନ୍ତି। ପ୍ରମୁଖ ଦାବି ମଧ୍ୟରେ ହାଇପାୱାର କମିଟି ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ମଜୁରି ପ୍ରଦାନ, ମାସିକ ଦରମା ନିୟମିତ ପ୍ରଦାନ ଅନ୍ୟତମ। ଏ ଦିଗରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଦୀର୍ଘ ୯ବର୍ଷ ହେଲା କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। କମ୍ପାନୀ ପକ୍ଷରୁ ଧ୍ୟାନ ଦିଆ ନ ଗଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ।



ସିଜିଏମ୍ ଅଫିସ ସମ୍ମୁଖରେ ଠିକାକର୍ମଚାରୀଙ୍କ ବିକ୍ଷୋଭ।

# ରାଜନୈତିକ ଚିଠା ପ୍ରସ୍ତାବ ଆଗତ

**ଝାରସୁଗୁଡ଼ା ଅଫିସ,୨୩।୭**




ବୈଠକରେ ମଞ୍ଚାସୀନ ଦଳୀୟ କର୍ମକର୍ତ୍ତା।

### ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକ

ଝାରସୁଗୁଡ଼ା ବେହେରାମାଲସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟ ପରିସରରେ ଶନିବାର ଜିଲା ସଭାପତି ମଙ୍ଗଳ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ସାହୁଙ୍କ ସମେତ ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ତ୍ରିନାଥ ଗୁଆଲ, ପ୍ରମୋଦ ସେନାପତି, ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଲ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ସାଧାରଣ ସମ୍ପାଦକ ଚକାନନ୍ଦ ସା ମଞ୍ଚ ପରିଚାଳନା କରିଥିଲେ। ଜିଲା ସଭାପତି ସାହୁ ସ୍ୱାଗତ ଭାଷଣ ଦେବା ସହ ଦଳର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ନେତା ଗୁଆଲ ଏକ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ।

ଏଥିରେ ଦର୍ଶାଯାଇଛି, ରାଜ୍ୟରେ ବିଜେଡି ସରକାର ଦୀର୍ଘ ୨୩ବର୍ଷ ହେଲାଣି ଶାସନ କରିଆସୁଥିଲେ ମଧ୍ୟ ଜିଲାବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଜିଲାର ହୋଇଥିବା ସତ୍ତ୍ୱେ ଜିଲାବାସୀ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି। ବିଦ୍ୟୁତ୍ ଶୁଳ୍କବୃଦ୍ଧି ଯୋଗୁ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେଉଛି। ଶିଳ୍ପସମୃଦ୍ଧ ଜିଲା ହୋଇଥିବାବେଳେ ଏଠାରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖାକରି ବିଜେଡି ଚାପ ପ୍ରୟୋଗକରି ନିଜ ଲୋକଙ୍କୁ ନିଯୁକ୍ତି ଦେଉଛି। କେନ୍ଦ୍ର ଭାଜପା ସରକାର ନାରୀ ସଶକ୍ତିକରଣକୁ ଗୁରୁତ୍ୱଦେଇ ବିକାଶରେ ମହିଳାଙ୍କୁ ସାମିଲ କରିଥିବାବେଳେ ଏବେ ବିଜେଡି ସରକାର ଏହାକୁ ହାତେଇ ମିଶନଶକ୍ତି ନାମରେ ନିର୍ବାଚନ ଜିତିବାପାଇଁ ଦଳୀୟ କାର୍ଯ୍ୟରେ ବ୍ୟବହାର କରିଆସୁଛି। କେନ୍ଦ୍ରୀୟ ଯୋଜନା ଅର୍ଥରେ ୨୦୨୨-୨୩ ସୁଦ୍ଧା ଜିଲାର ପ୍ରତ୍ୟେକ ପରିବାରକୁ ପାନୀୟଜଳ ଯୋଗାଇବାପାଇଁ କ୍ଷିପ୍ରଗତିରେ କାର୍ଯ୍ୟ ଆଗେଇ ଚାଲିଛି। ରାଜ୍ୟ ସମ୍ପାଦକ ତ୍ରିପାଠୀ କହିଥିଲେ କେନ୍ଦ୍ର ଓ ରାଜ୍ୟରୁ ଆସୁଥିବା ଉନ୍ନୟନ ମୂଳକ ଯୋଜନା କିଭଳି ଜିଲାର ପ୍ରତିବୁଥ୍ ସ୍ତରରେ କାର୍ଯ୍ୟକ୍ଷମ ହୋଇପାରିବ ଏଦିଗରେ ଦଳ ସ୍ୱତନ୍ତ୍ର ଦୃଷ୍ଟିଦେବ । ଜିଲାରେ ପ୍ରତିଷ୍ଠା ହୋଇଥିବା ବିମାନ ବନ୍ଦର, ଭିକମପାଲି ନିକଟରେ ମହାନଦୀ ଉପରେ ହେବାକୁ ଥିବା ବ୍ରିଜ୍, ଏକଲବ୍ୟ ସ୍କୁଲ୍, ଇଏସ୍‌ଆଇର ଆଞ୍ଚଳିକ ଶାଖା, ଶହେ ଶଯ୍ୟା ବିଶିଷ୍ଟ ଇଏସ୍‌ଆଇ ହସ୍ପିଟାଲ୍ ନିର୍ମାଣ, ଝାରସୁଗୁଡା ସହରରେ ଥିବା ଐତିହାସିକ ପୁରାତନ ଡାକଘରକୁ ହେରିଟେଜ୍ କୋଠା ଘୋଷଣା ଆଦି କେନ୍ଦ୍ର ଭାଜପା ସରକାରଙ୍କ ପଦକ୍ଷେପକୁ ତ୍ରିପାଠୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବଲ ଅଗ୍ରୱାଲ, ନେତାଜୀ ପଟ୍ଟନାୟକ, ସତ୍ୟନାରାୟଣ ବହିଦାର, ରୀନା ପଟେଲ, ମଞ୍ଜୁବାଳା ଗୁରୁ, ମହେଶ୍ୱର ନାୟକ, ମହେନ୍ଦ୍ର କେଡିଆ, ମୁରାରୀ ପ୍ରସାଦ ପାଣିଗ୍ରାହୀ, ପିତାମ୍ବର ମିଶ୍ର ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ । ଜିଲା ଉପସଭାପତି ସଞ୍ଜୟ ସିଂହ ଧନ୍ୟବାଦ ଦେଇଥିଲେ ।

**ଦୁର୍ବୃତ୍ତ ପୋଡ଼ିଲେ ଫାର୍ମ ହାଉସ**

ପାଇକମାଳ,(ଡି.ଏନ.ଏ.): ବରଗଡ଼ ଜିଲା ପାଇକମାଳ ଭୋଇପଡାରେ ଥିବା ଏକ ଫାର୍ମ ହାଉସରେ ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡି ଦେଇଛନ୍ତି। ଫଳରେ ସେଠାରେ ଥିବା ଆସବାବପତ୍ର ସହ ଛତୁ ଓ ମାଛ ଚାଷ ପାଇଁ ଗଚ୍ଛିତ ସାମଗ୍ରୀ ପୋଡି ଯାଇଛି। ଏ ନେଇ ଫାର୍ମ ମାଲିକ ମଧୁସୂଦନ ପ୍ରଧାନ ଶନିବାର ପାଇକମାଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ଅନୁସନ୍ଧାନ କରୁଥିବା ଆଇଆଇସି ବିଶ୍ୱଜିତ ମନବୋଧ କହିଛନ୍ତି।

## ସଂକ୍ଷେପରେ

### ଏଆଇଟିୟୁସିର ବାର୍ଷିକ ସମ୍ମିଳନୀ

**ବୌଦ୍ଧ,୨୩।୭ (ସ୍ୱ.ପ୍ର):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଛତରଙ୍ଗଠାରେ ଶନିବାର ଏଆଇଟିୟୁସିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ଭୀମସେନ ଘିବେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଏଆଇଟିୟୁସିର ରାଜ୍ୟ ଉପସଭାପତି ଅବକାଶ ସାହୁ, ଏଆଇଟିୟୁସିର ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା, କନ୍ଧମାଳ ଜିଲା ଆବାହକ ଶିଶିର ମଲ୍ଲିକ, ଭୈରବୀ ବସ୍ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଦିଲୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବୌଦ୍ଧ ଜିଲାରେ ନିର୍ମାଣ ଶ୍ରମିକଙ୍କ କ୍ଷେତ୍ରରେ ଦେଖାଦେଇଥିବା ଅଚଳାବସ୍ଥା ବିରୋଧରେ ଲଢେଇ କରିବା ସହ ଗ୍ରାମାଞ୍ଚଳରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲାସ୍ତରରେ ଏକ ୧୫ ଜଣିଆ ଜିଲା କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଜୟନ୍ତ ଦେହୁରି, ଉପସଭାପତି ସୁବାସ ଚନ୍ଦ୍ର ସାହୁ, ସମ୍ପାଦକ ଭୀମସେନ ଘିବେଲା, ସହ ସମ୍ପାଦକ ସ୍ୱାଧୀନ ଭୋକ୍ତା, କୋଷାଧକ୍ଷ୍ୟ ପ୍ରଦୀପ କୁମାର ସାହୁ ପ୍ରମୁଖ ମନୋନୀତ ହୋଇଥିଲେ।

### ଟ୍ରେନ୍ ଆଗକୁ ଡେଇଁ ବୃଦ୍ଧଙ୍କ ଆତ୍ମହତ୍ୟା

**ବଲାଙ୍ଗୀର ଅଫିସ, ୨୩।୭:** ବଲାଙ୍ଗୀର ରେଲୱେ ଷ୍ଟେଶନ୍ ନିକଟ ବିଜାଖମନ ନାଳ ପାଖ ରେଲଲାଇନ୍‌ରେ ଚଳନ୍ତା ଟ୍ରେନ୍ ସମ୍ମୁଖକୁ ଡେଇଁ ଶନିବାର ସକାଳେ ଜଣେ ବୃଦ୍ଧ ଆତ୍ମହତ୍ୟା କରିଛନ୍ତି। ମୃତକ ବଲାଙ୍ଗୀର ସହର ଆଲୋକନଗର ନିବାସୀ ସୌଦାଗର ନାଏକ (୭୦)। ସକାଳ ପ୍ରାୟ ୫ଟାରେ ବିଜାଖମନ ନାଳା ପାଖରେ ସୌଦାଗର ଅଟକି ରହିଥିଲେ। ଟ୍ରେନ୍ ଆସିବା ପରେ ରେଳ ଧାରଣାକୁ ଡେଇଁ ପଡିଥିଲେ। କେତେକ ଲୋକ ତାଙ୍କୁ ମନା କରିଥିଲେ ମଧ ସେ ଶୁଣି ନ ଥିଲେ। ଫଳରେ ଚଳନ୍ତା ଟ୍ରେନ୍‌ରେ ପିଟିହୋଇ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇବା ପରେ ରେଳବାଇ ପୋଲିସ ଥାନାଧିକାରୀ ସୁକାନ୍ତ ପ୍ରଧାନଙ୍କ ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲେ। ଏ ନେଇ ଥାନାରେ ରେଳବାଇ ପୋଲିସ ଏକ ମାମଲା(୧୧/୨୨) ରୁଜୁ କରଛି। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବାଘ ଆତଙ୍କ: ସନ୍ଧ୍ୟା ହେଲେ ତାଟି କବାଟ ବନ୍ଦ

**ନୂଆପଡ଼ା ଅଫିସ,୨୩।୭**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଦେଓଦର୍ହା ପଞ୍ଚାୟତର ଧରାଭଟା ଅଞ୍ଚଳରେ ଦୁଇ ଦିନରୁ ଊର୍ଦ୍ଧ୍ୱ ହେବ କଲରା ପତରିଆ ବାଘ ଘୁରି ବୁଲୁଥିବାରୁ ଆତଙ୍କ ଦେଖାଦେଇଛି। ଧରାଭଟାବାସୀ ବାଘର ଭୟରେ ଗାଁ ଛାଡି ବାହାରକୁ ଯାଉନାହାନ୍ତି। ସନ୍ଧ୍ୟା ହେଲେ ତାଟି କବାଟ ବନ୍ଦ। ବର୍ତ୍ତମାନ ଚାଷ ସମୟ ଲୋକେ ଆତଙ୍କିତ ଅବସ୍ଥାରେ ନିଜ ଜମିବାଡିକୁ ମଧ୍ୟ ଯାଇପାରୁ ନାହାନ୍ତି। ଗାଁ ଠାରୁ ଅଳ୍ପ ଦୂରରେ ଜଙ୍ଗଲ ରହିଛି। ସୁନାବେଡା ଅଭୟାରଣ୍ୟକୁ ଲାଗିକରି ଗାଁ ପାଖରେ ପାଟି ଡଙ୍ଗର ରହିଛି। ସବୁବେଳେ ବନ୍ୟଜନ୍ତୁ ଯଥା–ବାଘ, ଭାଲୁ, ବାରାହା ଆଦିର ଚଳପ୍ରଚଳ ଲାଗିରହିଛି। ପାଖରେ ଜଙ୍ଗଲ ଥିବାରୁ ଗାଁ ଭିତରକୁ ପ୍ରବେଶ କରୁଛନ୍ତି ଓ ସମୟ ସମୟେ ଗୃହପାଳିତ ପ୍ରାଣୀ ଓ ସାଧାରଣ ମଣିଷ ଉପରେ ଆକ୍ରମଣ କରୁଛନ୍ତି। ଦୁଇ ଦିନ ପୂର୍ବରୁ ଗାଁରୁ ଏକ ଛେଳିକୁ ଜଙ୍ଗଲକୁ ଟେକି ନେଇ ବାଘ ଖାଇଥିଲା। ଶନିବାର ସକାଳେ ଗାଁର ଲୋକେ ଗାଇ, ବଳଦ ଚରିବା ପାଇଁ ଗୁହାଳରୁ ଜଙ୍ଗଲକୁ ଛାଡିବା ସମୟରେ ଏକ ବଳଦକୁ ପାଖ ପାଟି ଡଙ୍ଗର ଉପରକୁ ଟେକି ନେଇ ଖାଇଥିବା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ କୋମନା ବନାଞ୍ଚଳ ରେଞ୍ଜର ଦେବଦତ୍ତ ସୁତାରକୁ ଯୋଗାଯୋଗ କରିବାରୁ ଆମ ବନ ବିଭାଗ କର୍ମଚାରୀ, ସୁରକ୍ଷା ଦଳ, ଆଇପିସିଇଏ ଦଳ, ଏଲିଫେଣ୍ଟ ଦଳର କର୍ମଚାରୀମାନେ ସେଠାରେ ମୁତୟନ ରହି ବାଘର ଗତିବିଧି ଉପରେ ନଜର ରଖିଛନ୍ତି। ପାହାଡ ତଳି ଗାଁମାନଙ୍କୁ ଯାଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜଙ୍ଗଲ ଭିତରକୁ ନ ଯିବା ପାଇଁ ସଚେତନ କରାଯାଉଛି ବୋଲି ରେଞ୍ଜର ସୁତାର ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ଘନଶ୍ୟାମ ଶବର, ଜୟଲାଲ ପ୍ରସାଦ ଶୁକ୍ଳା, ଲକ୍ଷ୍ମିଧର ଘିବେଲା, ଯାଜ୍ଞସିନି କ୍ଷେତି, ଉତ୍ତମ କୁମାର ମେହେର ପ୍ରମୁଖ ସେଠାରେ ମୁତୟନ ରହିଛନ୍ତି।



ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ନବନିର୍ବାଚିତ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଉଛି।

# ନବନିର୍ବାଚିତ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜଣାଇଲା ନେତାଜୀ ସଂଗ୍ରାମୀ ପରିଷଦ

**ବଲାଙ୍ଗୀର ଅଫିସ,୨୩।୭**

ଅଗ୍ରଣୀ ସାମାଜିକ ଅନୁଷ୍ଠାନ ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ନବନିର୍ବାଚିତ ପଞ୍ଚଦଶତମ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କୁ ଅଭିନନ୍ଦନ ଜଣାଯାଇଛି। ଏହି ଅବସରରେ ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଶନିବାର ପୁଷ୍ପମାଲ୍ୟ ଅର୍ପଣ ସାଙ୍ଗକୁ ଚାରାରୋପଣ କରାଯାଇଥିଲା। ବଲାଙ୍ଗୀରରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପରିଷଦ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ ନିର୍ମାଣ ସକାଶେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି। ପରିଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସନାତନ ଠାକୁର, ଦୁର୍ଗା ପ୍ରସାଦ ହୋତା, ଶଶୀଭୂଷଣ ପୁରୋହିତ, ପଦ୍ମଚରଣ ଆଚାର୍ଯ୍ୟ, କିଶୋର ପାଣିଗ୍ରାହୀ, ରାଜେନ୍ଦ୍ର ଶର୍ମା, ପ୍ରଦୋଷ କୁମାର ପତି, ସଚିଦାନନ୍ଦ ବାଗ, ସଞ୍ଜୟ ଭୋଇ, ରଘୁନାଥ ବାବୁ, କାଉନସିଲର ଶମ୍ଭୁ ନାଗ, ମୋହନ ପଣ୍ଡା, ଶେଖର ପଣ୍ଡା, କୁନୁ ପଣ୍ଡା, ରାଜକିଶୋର ଦାସ, ଗୋବିନ୍ଦ ସାହୁ, ଶ୍ରୀମନ୍ତ ପଣ୍ଡା, କରୁଣାକର ରଣା, ସୁରେଶ ପଟେଲ, ଗୋପବନ୍ଧୁ ଶତପଥୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରଘୁ ନନ୍ଦନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ବିଭିନ୍ନ ଉନ୍ନୟନ କାମ ପାଇଁ ଖୁବଶୀଘ୍ର ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ସାକ୍ଷାତ୍ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ଲଗାଣବର୍ଷା: ଘରେ, ରାସ୍ତାରେ ପାଣି

**ଭବାନୀପାଟଣା,୨୩।୭(ସ୍ୱ.ପ୍ର)**

କଳାହାଣ୍ଡି ଜିଲାରେ ଗତ ୨ଦିନ ଧରି ଲଗାଣ ବର୍ଷା ଲାଗି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାଇ ଜିଲାର ଧର୍ମଗଡ଼ରେ ସର୍ବାଧିକ ୬୯ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ଭବାନୀପାଟଣାରେ ୬୫ ମିଲିମିଟର ବର୍ଷା ହୋଇଛି। ବର୍ଷା ଯୋଗୁ ଭବାନୀପାଟଣା ସଦର ବ୍ଲକ ଦୁଆରସୁନୀ ପଞ୍ଚାୟତ ହିଲ ଟାଉନ ଅଞ୍ଚଳର ସାଇନଗରରେ ରହୁଥିବା ଘରେ ଘରେ ପାଣି ପଶି ଯାଇଛି। ସେହିପରି ସେଠାକାର ରାସ୍ତାରେ ମଧ ଆଣ୍ଠୁଏ ପାଣି ଯାଉଥିବା ଦେଖିବାକୁ ମିଳିଛି। ଫଳରେ ସ୍ଥାନୀୟ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ସେହିପରି ସ୍କୁଲ ଛାତ୍ରୀଛାତ୍ର ମଧ ଠିକ ସେ ସ୍କୁଲ ଯାଇ ପାରୁ ନାହାନ୍ତି। ଏ ନେଇ ବାରମ୍ବାର ପ୍ରଶାସନ ପାଖରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

# ମହାନଦୀ ସାହିତ୍ୟ ସଂସଦର କର୍ମକର୍ତ୍ତା ନିର୍ବାଚନ

**ଶ୍ୟାମା ଓଁ ପ୍ରସାଦ ସଭାପତି, ସୌରଭ ରଞ୍ଜନ ସାଧାରଣ ସମ୍ପାଦକ**





ଶ୍ୟାମା ଓଁ ପ୍ରସାଦ ମିଶ୍ର ଓ ସୌରଭ ରଞ୍ଜନ ଖମାରୀ।

**ସୋନପୁର,୨୩।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାହିତ୍ୟ, ସଂସ୍କୃତି ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠାନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିଭାବେ ଶ୍ୟାମା ଓଁ ପ୍ରସାଦ ମିଶ୍ର, ଉପସଭାପତି ପଦରେ ଅଧ୍ୟାପକ ଡକ୍ଟର ପୁରୁଷୋତ୍ତମ ମିଶ୍ର, ସାଧାରଣ ସମ୍ପାଦକ ଅଧ୍ୟାପକ ଡକ୍ଟର ସୌରଭ ରଞ୍ଜନ ଖମାରୀ, ସହସମ୍ପାଦକ ଲକ୍ଷ୍ମୀନାରାୟଣ ସାହୁ, କୋଷାଧ୍ୟକ୍ଷଭାବେ ବନମାଳି ପଣ୍ଡା ନିର୍ବାଚିତ ହୋଇଛନ୍ତି। ଏଥିସହ କାର୍ଯ୍ୟକାରୀ କମିଟିକୁ ବେଣୁଧର ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ସାହୁ, କ୍ଷୀରୋଦ ବିହାରୀ ବିଶ୍ୱାଳ ଓ ଅଧ୍ୟାପକ ଡକ୍ଟର ଦେବାଶିଷ ପାଣ୍ଡିଆ ଏବଂ ସଦସ୍ୟ ଉପଦେଷ୍ଟାଭାବେ ବିଦାୟୀ ସଭାପତି ନାଟ୍ୟଶ୍ରୀ ଗଦାଧର ବାରିକ୍ ସର୍ବସମ୍ମତରୂପେ ଆଗାମୀ ୨ ବର୍ଷ ପାଇଁ ନିର୍ବାଚିତ ହୋଇଛନ୍ତି। ଶ୍ୟାମା ଓଁ ପ୍ରସାଦ ପ୍ରଥମ ଥର ପାଇଁ ସଂସଦର ସଭାପତି ହୋଇଥିବା ବେଳେ ସୌରଭ ରଞ୍ଜନ ଦ୍ୱିତୀୟ ଥର ପାଇଁ ସାଧାରଣ ସମ୍ପାଦକ ହୋଇଛନ୍ତି। ବାରିକ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ଅଧିକାରୀ ଭାବେ ଅମ୍ବୁଜ ବିହାରୀ ଶତପଥୀ ନିର୍ବାଚନ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଡକ୍ଟର ଖମାରୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସଂସଦର ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇ ନୂତନ କମିଟି କର୍ମକର୍ତ୍ତାଙ୍କ ସହ ସକ୍ରିୟ ସହଯୋଗ ପୂର୍ବକ ସଫଳ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା।

## କେନାଲ କାମ ବେଳେ ଟ୍ରାକ୍ଟର ଓଲଟିଲା

**୮ ଶ୍ରମିକ ଆହତ, ୩ ଗୁରୁତର**

**ସୋନପୁର,୨୩।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ହରିହର ଯୋର ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ କାର୍ଯ୍ୟ ଚାଲିଥିବା ବେଳେ ଟ୍ରାକ୍ଟର ଓଲଟି ଶନିବାର ୮ଜଣ ଶ୍ରମିକ ଆହତ ହୋଇଛନ୍ତି। ଟ୍ରାକ୍ଟର ଡାଲାରେ ମୋଟ ୧୦ଜଣ ଶ୍ରମିକ ବସିଥିଲେ। ତେବେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଟ୍ରାକ୍ଟରଟି ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା। ରେଡମ–ଗୁଲାବନ୍ଧ ରାସ୍ତା ନିକଟରେ ଏହି ଦୁର୍ଘଟଣା ଘଟିଛି। ଆହତ ଶ୍ରମିକ ପିତବାସ ସେଠି, ଶନ୍ତନୁ ସେଠୀ, ସୁରେଶ ଭୋଇ, ରମାକାନ୍ତ ପଧାନ, ଆନନ୍ଦ ସାହୁ, ହରିହର ସାହୁ, ଡୁଗୁ ରାଓ ଓ ସୁଶାନ୍ତ ପାଣ୍ଡେଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ୮ଜଣ ଶ୍ରମିକଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଗୁରୁତର ଶାନ୍ତନୁ ସେଠୀଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ତାଙ୍କ ଘର ଉଲୁଣ୍ଡା ଥାନା ହିଙ୍ଗମା ଅଞ୍ଚଳରେ। ସେ ଟ୍ରାକ୍ଟର ଡାଲା ତଳେ ଚାପି ହୋଇ ଯାଇଥିଲେ।

## ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଲେ ସଙ୍ଗୀତା–କନକ

**ବଲାଙ୍ଗୀର ଅଫିସ,୨୩।୭**

ନବନିର୍ବାଚିତ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କୁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ବିଜୟ ପାଇଁ ତାଙ୍କୁ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ମୁର୍ମୁଙ୍କ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିବା ଏମପି ସିଂଦେଓ ସୂଚନା ଦେଇଛନ୍ତି।

## ସିବିଏସି ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ଛାତ୍ରୀଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ।

**ଡୁଙ୍ଗୁରିପାଲି, ୨୩।୭(ଡି.ଏନ.ଏ.)**

ସିବିଏସି ଦଶମ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବଡ଼କର୍ଲେ ଗ୍ରାମର ଦୁଇ ଛାତ୍ରୀଙ୍କୁ ବଡ଼କର୍ଲେ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସେମାନେ ହେଲେ ଉଲୁଣ୍ଡା ଝାରବାହାଲୀ ଆଦର୍ଶ ବିଦ୍ୟାଳୟରେ ପଢିଥିବା ବଡ଼କର୍ଲେ ଗ୍ରାମର ସୋନାଲିକା ଭୋଇ ୯୩.୬ ପ୍ରତିଶତ ଓ ବନ୍ଦନା ସାହୁ ୯୧.୮ ପ୍ରତିଶତ। ସ୍କୁଲରେ ଅନୁଷ୍ଠିତ ସଭାରେ ପରିଚାଳନା କମିଟି ସଭାପତି ଅଞ୍ଜନ ସାହୁ, ପ୍ରଧାନ ଶିକ୍ଷକ ରାମଗୋପାଳ ଭୋଇ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ ସଭା ପରିଚାଳନା ଓ ମଧୁସୂଦନ ଉର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ୫–ଟିରେ ସାମିଲ ହେଲା ୯ସ୍କୁଲ

**ସିନାପାଲି,୨୩।୭(ଡ଼ି.ଏନ.ଏ.): ତୃତୀୟ ପର୍ଯ୍ୟାୟରେ** ନୂଆପଡା ଜିଲା ସିନାପାଲି ବ୍ଲକର ୯ଟି ବିଦ୍ୟାଳୟକୁ ୫–ଟିରେ ସାମିଲ କରାଯାଇଛି। ରୂପାନ୍ତରୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି। ସିନାପାଲି ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ସିନାପାଲି ସଦର ହାଇସ୍କୁଲ ଓ ହାତିବନ୍ଧା ହାଇସ୍କୁଲକୁ ୫–ଟିରେ ସାମିଲ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଯୋଗିବାହାଲ, ଘଣ୍ଟିଗୁଡା, ପତେଲପଡା, ପୋଟିପଡା, ସିଂଙ୍ଗଝର, ନିଲଜି ଓ ଆଦର୍ଶ ବିଦ୍ୟାଳୟ ଟିମନପୁର ସ୍କୁଲକୁ ସାମିଲ କରାଗଲା। ସିନାପାଲି ବ୍ଲକ ଗଣ୍ଡାବାହାଲି ହାଇସ୍କୁଲ ସମେତ ମହଗାଁ, ଗୋଡାଲ, ଘୁଚାଗୁଡା, କେନ୍ଦୁମୁଣ୍ଡା, ଟିମନପୁର, ଚଟିଆଗୁଡା, ଭରୁଆମୁଣ୍ଡା, ଝାରବନ୍ଦ ହାଇସ୍କୁଲକୁ ୫–ଟିରେ ସାମିଲ କରାଯାଇଥିବାବେଳେ ଗୋଟିଏ ସ୍କୁଲ ପ୍ରତି ସରକାରୀ ଅନୁଦାନ ଭାବେ ୩୫ଲକ୍ଷ ଟଙ୍କା ଆସୁଥିବା ସୂଚନା ମିଳିଛି।

# ବିକାଶ ଶିକ୍ଷାନୁଷ୍ଠାନରେ ସମ୍ବର୍ଦ୍ଧନା ସମାରୋହ



ବିକାଶ କର୍ତ୍ତୃପକ୍ଷଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ।

**ବରଗଡ଼ ଅଫିସ୍,୨୩।୭**

ବରଗଡ଼ ସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ଚଳିତବର୍ଷ ଦଶମ ପରୀକ୍ଷାରେ ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର (ଏ–୧) ରଖି ପାସ୍ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଶନିବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମାନପତ୍ର, ଟ୍ରଫି ପ୍ରଦାନ ସହିତ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିକାଶ ଶିକ୍ଷାନୁଷ୍ଠାନର ଅଡ଼ିଟୋରିୟମରେ ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ବରଗଡ଼, ବଲାଙ୍ଗୀର, ସୋନପୁର ଏବଂ ବୌଦ୍ଧ ଜିଲାର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକମାନେ ଯୋଗଦାନ କରିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲି କ୍ରୀଷ୍ଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିକାଶ ଅନୁଷ୍ଠାନରେ ଉପଲବ୍ଧ ବିଭିନ୍ନ ପାଠ୍ୟକ୍ରମ ଏବଂ ବିଗତ ଦିନରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। କଠିନ ପରିଶ୍ରମ ସହିତ ନିଜ ଉପରେ ବିଶ୍ୱାସ ରଖିଲେ କୌଣସି ବି ଲକ୍ଷ୍ୟ ଅପହଞ୍ଚ ନୁହେଁ ବୋଲି ସେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରୁଥିବା ପରିବେଶ ତଥା ସାମଗ୍ରୀଠାରୁ ଦୂରେଇ ରହିବାକୁ ଚେୟାରମ୍ୟାନ କ୍ରୀଷ୍ଣା ପରାମର୍ଶ ଦେଇଥିଲେ।

ସେହିପରି ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ସେମାନେ କିଭଳି ସୁନାଗରିକ ହୋଇ ଦେଶ ସେବା କରିବେ ତାହା ଉପରେ ପରାମର୍ଶ ଦେଇଥିଲେ। ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଅନୁଷ୍ଠାନରେ ଉପଲବ୍ଧ ବିଭିନ୍ନ ଆନୁଷଙ୍ଗିକ ସୁବିଧା ଉପରେ ଆଲୋକପାତ କରିଥିଲେ ଏବଂ ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲର ବିଭିନ୍ନ ପ୍ରବେଶିକା ପରୀକ୍ଷା ଏବଂ ବୋର୍ଡ଼ ପରୀକ୍ଷାରେ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କ ନାମ ପ୍ରକାଶ କରିଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଓ ଡାଇରେକ୍ଟର (ଏକାଡ଼େମିକ୍ସ) ଜି. ରାମକ୍ରୀଷ୍ଣା ଅନୁଷ୍ଠାନରେ ଉପଲବ୍ଧ ବିଭିନ୍ନ ପ୍ରବେଶିକା ପରୀକ୍ଷା ଉପରେ ଆଲୋକପାତ କରି ଠିକ୍ ସମୟରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ପରାମର୍ଶ ଦେଇଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଏସ୍. କାନ୍ତାରାଓ ଧନ୍ୟବାଦ ଅର୍ପଣ କରିଥିଲେ।

यूनियन बैंक ऑफ इंडिया Union Bank of India
आन्ध्रा Andhra | कार्पोरेशन Corporation

**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ଏମ୍–୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର–୭୫୧୦୦୩, ଫୋନ୍: ୦୬୭୪–୨୫୩୭୯୦୦

**ମେଗା ଇ–ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ–ନିଲାମ ବିକ୍ରୟ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ** ର **କ୍ଷମତାପ୍ରାପ୍ତ ଅଧିକାରୀ** (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ସେଠାରେ ଯାହା ଅଛି"** ଭିତ୍ତିରେ **ତା.୩୦.୦୮.୨୦୨୨ରିଖ** ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ **ଇ–ନିଲାମ** ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାର/ବନ୍ଧକଦାତା/ କୋ–ଆପ୍ଲିକାଣ୍ଟ/କୋ–ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ଜଗତସିଂହପୁର ଶାଖା, ମୋ.: ୯୪୩୯୭୯୯୬୮୬** ଋଣଗ୍ରହୀତା: ଶ୍ରୀମତୀ ମଲ୍‌କା ତରନୁମ୍, ସ୍ୱା:ଶ୍ରୀ ତାଜ୍ ଉଦ୍ଦିନ୍ ନୁରାନି(ମୃତ), ମେସର୍ସ ତାଜ୍ ଟ୍ରେଡର୍ସର ସତ୍ତ୍ୱାଧିକାରୀ, ଠିକଣା:ସା–ତଳପାଟକ, ପୋ.ଅଣଖିଆ, ଥାନା: ବିରିଡି, ଜିଲ୍ଲା: ଜଗତସିଂହପୁର, ଓଡିଶା–୭୫୪୧୦୨/**ବକେୟା ରାଶି**:ତା.୩୦.୦୬.୨୦୨୨ରିଖ ସୁଦ୍ଧା **ଟ.୧୦,୫୮,୫୧୧.୩୫** + ତତ୍ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | **ଶ୍ରୀ ତାଜ୍ ଉଦ୍ଦିନ୍ ନୁରାନି, ପିତା: ଶ୍ରୀ ଫୟଜ ଉଦ୍ଦିନ ଖାନ୍‌ଙ୍କ** ନାମରେ ଥିବା ଜମି ଏବଂ ବାସପୋଯୋଗି ଗୃହ ଯାହାର ଖାତା ନଂ.୧୯୩/୧୭, ପ୍ଲଟ ନଂ.୪୧୭, ମୌଜା: ତଳପାଟକ, ତହସିଲି/ଥାନା: ବିରିଡି (ନଂ.–୮୦), ଜିଲ୍ଲା: ଜଗତସିଂହପୁର, ଓଡିଶା–୭୫୪୧୦୨, ସମୁଦାୟ ଜମି ଏରିଆ: ଏ୦.୦୬୦ ଡିସିମିଲି (୨୬୧୩.୬ବର୍ଗଫୁଟ), ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର– ତବିର ଖାନ୍, ଦକ୍ଷିଣ– ଗ୍ରାମ ରାସ୍ତା, ପୂର୍ବ– ରାସ୍ତା, ପଶ୍ଚିମ– କାଲିମ୍ ଖାନ୍। | ଟ.୬,୬୬,୦୦୦/– / ଟ.୬୬,୬୦୦/– / ଟ.୧୦,୦୦୦/– | ଆକାଉଣ୍ଟ ନଂ.: 600101980050000 IFSC Code: UBIN0560014 |
| ୨. | **ଜଗତସିଂହପୁର ଶାଖା, ମୋ.: ୯୪୩୯୭୯୯୬୮୬** ଋଣଗ୍ରହୀତା: ଶ୍ରୀ କ୍ଷିରୋଦ ସେଠୀ, (ମେସର୍ସ ସ୍ୱସ୍ତିକ ର ସତ୍ତ୍ୱାଧିକାରୀ), ଜାମିନ୍‌ଦାର: ଶ୍ରୀମତୀ ପୁଷ୍ପଲତା ସେଠୀ, ଉଭୟଙ୍କ ଠିକଣା: ସା– ବଗସାହି, ଜଗତସିଂହପୁର, ଜିଲ୍ଲା: ଜଗତସିଂହପୁର, ପିନ୍–୭୫୪୧୦୩ ।/**ବକେୟା ରାଶି**:ତା.୩୦.୦୬.୨୦୨୨ରିଖ ସୁଦ୍ଧା **ଟ.୬,୭୫,୩୫୩.୫୬** + ତତ୍ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | **ଶ୍ରୀ କ୍ଷିରୋଦ କୁମାର ସେଠୀ, ପିତା: ୰କୃଷ୍ଣ ସେଠିଙ୍କ** ନାମରେ ଥିବା ଜମି ଯାହାର ପ୍ଲଟ ନଂ.୮୭/୪୯୩୧, ୮୮/୪୯୩୨, ଖାତା ନଂ.୨୭୫/୧୮, ମୌଜା: ମୁକୁନ୍ଦପୁର, ତହସିଲି/ଥାନା: ଜଗତସିଂହପୁର (ନଂ.୨୫୨), ଜିଲ୍ଲା: ଜଗତସିଂହପୁର, ଓଡିଶା–୭୫୪୧୦୩, ସମୁଦାୟ ଜମି ଏରିଆ: ଏ୦.୩୯୭୦ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର– ସୁବର୍ଣ୍ଣବରାହି ଠାକୁରାଣୀ, ଦକ୍ଷିଣ– ରାସ୍ତା, ପୂର୍ବ– ଠାକୁରାଣୀଙ୍କ ରାସ୍ତା, ପଶ୍ଚିମ– ରାସ୍ତା। | ଟ.୧,୨୦,୦୮,୦୦୦/– / ଟ.୧୨,୦୦,୮୦୦/– / ଟ.୧୦,୦୦୦/– | ଆକାଉଣ୍ଟ ନଂ.: 600101980050000 IFSC Code: UBIN0560014 |
| ୩. | **ସିଡିଏ ବିଡାନାସୀ ଶାଖା, ମୋ.:୮୦୦୦୦୯୦୩୩୦** ଋଣଗ୍ରହୀତାମାନେ:(୧)ଶ୍ରୀ ପ୍ରଶାନ୍ତ କୁମାର ଦାସ, ପିତା: ୰ଭୋଳାନାଥ ଦାସ, (୨)ଶ୍ରୀ ତୁଷାର ରଞ୍ଜନ ଦାସ, ପିତା: ଶ୍ରୀ ପ୍ରଶାନ୍ତ କୁମାର ଦାସ, **ଜାମିନ୍‌ଦାର: ଶ୍ରୀମତୀ ମିରା ଦାସ,** ସ୍ୱା:ଶ୍ରୀ ପ୍ରଶାନ୍ତ କୁମାର ଦାସ, ସମସ୍ତଙ୍କ ଠିକଣା: ସବଳପୁର, ବେଣ୍ଟକାର, କଟକ,ଓଡିଶା–୭୫୪୧୧୨ । /**ବକେୟା ରାଶି**:ତା.୩୦.୦୬.୨୦୨୨ରିଖ ସୁଦ୍ଧା **ଟ.୧୯,୬୬,୬୫୪.୦୮** + ତତ୍ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | **ଶ୍ରୀମତୀ ମିରା ଦାସ,** ସ୍ୱା:ଶ୍ରୀ ପ୍ରଶାନ୍ତ କୁମାର ଦାସଙ୍କ (ସା–ସବଳପୁର, ପୋ.–ବେଣ୍ଟକାର, ଥାନା–କଟକ ସଦର, ଜିଲ୍ଲା–କଟକ) ନାମରେ ଥିବା ଜମି ଏବଂ ବାସପୋଯୋଗି ଗୃହ ଯାହାର ଖାତା ନଂ.୨୨୩/୩୭, ପ୍ଲଟ ନଂ.୬୧୭( ଏରିଆ: ଏ୦.୦୮୦ ଡିସିମିଲି) ଏବଂ ପ୍ଲଟ ନଂ.୬୧୮ (ଏରିଆ :ଏ୦.୧୮୦ ଡିସିମିଲି), ସମୁଦାୟ ଏରିଆ: ଏ୦.୨୬୦ ଡିସିମିଲି, ମୌଜା: ସବଳପୁର, ତହସିଲି: କଟକ–୭୫୪୧୧୨, ନଂ.୩୨୩, ଥାନା: କଟକ, ସଦର ନଂ.–୧୧୭, କିସମ: ଘରବାରୀ–୧, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର– ରାସ୍ତା, ଦକ୍ଷିଣ– ପ୍ଲଟ ନଂ.୬୧୯, ପୂର୍ବ– ରାସ୍ତା, ପଶ୍ଚିମ– ପ୍ଲଟ ନଂ.୬୧୬ ଏବଂ ୬୨୧। | ଟ.୬୧,୭୯,୦୦୦/– / ଟ.୬,୧୭,୯୦୦/– / ଟ.୧୦,୦୦୦/– | ଆକାଉଣ୍ଟ ନଂ.: 588601980050000 IFSC Code: UBIN0558869 |
| ୪. | **ଅନୁଗୁଳ ଇ–ସିବି ଶାଖା, ମୋ.:୯୯୩୮୦୦୩୩୬୮** ଋଣଗ୍ରହୀତା: ମେସର୍ସ ଆରପି ଆସୋସିଏଟ୍‌ସ, ସତ୍ତ୍ୱାଧିକାରୀ: ଶ୍ରୀ ପ୍ରଣୟ କୁମାର ମହାନ୍ତି, ମାର୍ଫତ: ଶାନ୍ତିଲତା ମିଶ୍ର, ନିଗମାନନ୍ଦ ଲେନ୍, ସିମିଳାପଡା, ଅନୁଗୁଳ, ପିନ୍–୭୫୯୧୨୨, **ଜାମିନ୍‌ଦାର: ଶ୍ରୀ ବାସୁଦେବ ସାହୁ,** ପିତା: ରାମଚନ୍ଦ୍ର ସାହୁ, ମାର୍ଫତ: ବ୍ରଜମୋହନ ପ୍ରଧାନ, ୬ନଂ ଲେନ୍, ଅମଳାପଡା, ଅନୁଗୁଳ, ପିନ୍–୭୫୯୧୨୨ /**ବକେୟା ରାଶି**:ତା.୩୦.୦୬.୨୦୨୨ରିଖ ସୁଦ୍ଧା **ଟ.୧୮,୯୭,୩୯୪.୭୫** + ତତ୍ପରବର୍ତ୍ତି ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ। | **ଶ୍ରୀ ପ୍ରଣୟ କୁମାର ମହାନ୍ତି,** ପିତା: ଶ୍ରୀ ଅଭୟ କୁମାର ମହାନ୍ତିଙ୍କ ନାମରେ ଥିବା ଜମି ଯାହାର ପ୍ଲଟ ନଂ.୧୦୭୮/୧୮୮୧/୩୦୯୬/୩୬୮୫, ଖାତା ନଂ.୫୪୨/୧୪୪୯, ମୌଜା: ରାଣିଗୋଡା ଜଙ୍ଗଲ, ତହସିଲି: ବନରପାଳ, ଥାନା: ଅନୁଗୁଳ ନଂ.୬୬, ଜିଲ୍ଲା: ଅନୁଗୁଳ, ଆଦର୍ଶ ନଗର, ବାଲିଆପଡା, ବାଲିଆପଡା ପୋଖରି ନିକଟ, ପୋ.: ରାଣିଗୋଡା, ଥାନା/ଜିଲ୍ଲା: ଅନୁଗୁଳ, ଓଡିଶା, ପିନ୍–୭୫୯୧୨୩, ଏରିଆ: ଏ୦.୦୬୦ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର– ପ୍ଲଟ ନଂ.୧୮୮୨, ଦକ୍ଷିଣ– ସରକାରୀ ରାସ୍ତା, ପୂର୍ବ– ଦିନବନ୍ଧୁ ଜେନା, ପଶ୍ଚିମ– ଶ୍ରୀ ବାସୁଦେବ ସାହୁ। | ଟ.୪,୬୦,୦୦୦/– / ଟ.୪୬,୦୦୦/– / ଟ.୧୦,୦୦୦/– | ଆକାଉଣ୍ଟ ନଂ.: 143321980050000 IFSC Code: UBIN0914339 |

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ଯାଞ୍ଚ କରିବାର ତାରିଖ ଏବଂ ସମୟ: ତା.୨୯.୦୮.୨୦୨୨ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ**

**ଇ–ନିଲାମ ତାରିଖ ଏବଂ ସମୟ: ତା.୩୦.୦୮.୨୦୨୨ରିଖ, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ**

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୯.୦୮.୨୦୨୨ରିଖ ଅପରାହ୍ନ ୫.୦୦ ଘଟିକା ପୂର୍ବରୁ**

**ସମ୍ପତ୍ତି ଉପରେ ଏନକମ୍ବ୍ରାନ୍‌ସେସ୍ ଯଦି ଥାଏ : ନାହିଁ**

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ: https://www.mstcecommerce.com/auctionhome/ibapi/index.jsp,www.unionbankofindia.co.in ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: **ଶ୍ରୀ ଋଷିକାନ୍ତ ପ୍ରସାଦ, ମୋ.: ୯୭୬୯୯୮୭୨୦୮**

ଏହି ବିକ୍ରୟ ନୋଟିସ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍୮(୬)/୯(୧)ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ୮(୬)/ରୁଲ୍୯(୧)ଅନୁଯାୟୀ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପର ଦର୍ଶିତ ତାରିଖ ଅନୁଯାୟୀ ଇ–ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୨.୦୭.୨୦୨୨** — **ସ୍ୱା/–କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

# କାର୍ଯ୍ୟକାରୀ ହେଉନି ଶବ ବ୍ୟବଚ୍ଛେଦ ଗୃହ

■ ନିର୍ମାଣର ଦୀର୍ଘ ବର୍ଷ ବିତିଗଲା
■ ମରାମତି ନାମରେ ଚାଲିଛି ହରିଲୁଟ

**ଦେବଗଡ଼, ୨୩।୭(ଡି.ଏନ୍.ଏ.)**

ନିର୍ମାଣର ଦୀର୍ଘ ବର୍ଷ ପରେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନି ଶବ ବ୍ୟବଚ୍ଛେଦ ଗୃହ। ମାତ୍ର ମରାମତି ନାମରେ ବ୍ୟୟ ହୋଇଛି ଲକ୍ଷ ଲକ୍ଷ ଟଙ୍କା। ଏ ଭଳି ଚିତ୍ର ଦେଖିବାକୁ ମିଳିଛି ଦେବଗଡ଼ ଜିଲା ବାରକୋଟ ବ୍ଲକ ସଦର ମହକୁମାଠାରେ। ୨୪ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ ପ୍ରମୁଖ ବ୍ଲକ ଭାବେ ଜଣାଶୁଣା ବାରକୋଟ ବ୍ଲକରେ ବ୍ଲକ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁ ଦୀର୍ଘ ବର୍ଷରୁ ନିର୍ମିତ ଶବ ବ୍ୟବଛେଦ ଗୃହ ଆଜି ପର୍ଯ୍ୟନ୍ତ ବ୍ୟବହୃତ ହୋଇପାରିନାହିଁ। ଏପରିକି ଉକ୍ତ ବ୍ୟବଚ୍ଛେଦ ଗୃହ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ବ୍ଲକ କର୍ତ୍ତୃପକ୍ଷ ଖର୍ଚ୍ଚ କରୁଥିଲେ ମଧ୍ୟ ମରାମତି ପରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ନ କରିବା ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରାୟ ଏକ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ବାରକୋଟ ବ୍ଲକ ମୁଖ୍ୟାଳୟ ଦେଇ ମୁମ୍ବାଇ– କୋଲକତା ୪୯ ଓ ରାଞ୍ଚି – ବିଜୟୱାଡା ୨୩ ନମ୍ବର ଜାତୀୟ ରାଜପଥ ସହ ୧୦ ନମ୍ବର ରାଜ୍ୟ ରାଜପଥ ଯାଇଥିବା ବେଳେ ବହୁ ପାହାଡିଆ ଓ ଦୁର୍ଗମ ଅଞ୍ଚଳ ରହିଛି। ପ୍ରତ୍ୟକ ଦିନ ସଡ଼କ ଦୁର୍ଘଟଣା ହେଉ କିମ୍ବା କୌଣସି ଅପମୃତ୍ୟୁ ବ୍ୟବଚ୍ଛେଦ ପାଇଁ କିନ୍ତୁ ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ କୌଣସି ସୁବିଧା। ଫଳରେ ଅଞ୍ଚଳବାସୀ ମୃତ ଶରୀରର ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲା ମୁଖ୍ୟାଳୟ କିମ୍ବା ଅନୁଗୋଳ ଜିଲା ପାଲଲହଡା ଡାକ୍ତରଖାନା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଫଳରେ ଆର୍ଥିକ ଅନଗ୍ରସର ଅଞ୍ଚଳର ମୃତକଙ୍କ ପରିବାରକୁ ଆର୍ଥିକ ବୋଝ ପଡିବା ସହ ବେଳେବେଳେ ଶବ ସତ୍କାର ପାଇଁ ଦିନେ ଦୁଇଦିନ ସମୟ ଲାଗିଥାଏ। ଫଳରେ ମୃତକଙ୍କ ପରିବାର ହେଉ କିମ୍ବା ପୋଲିସ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।


ବାରକୋଟ ବ୍ଲକରେ ନିର୍ମିତ ଶବ ବ୍ୟବଚ୍ଛେଦ ଗୃହ।

ନବ ନିର୍ମିତ ଶବ ବ୍ୟବଚ୍ଛେଦ ଗୃହର କାର୍ଯ୍ୟକାରୀ ସମ୍ପର୍କରେ ବାରକୋଟ ବିଡ଼ିଓ ଆକାଶ ସାହୁଙ୍କ ମତାମତ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ ମତାମତ ଦେବାକୁ ରୋକଠୋକ ମନା କରିଛନ୍ତି। ତେବେ ବାରକୋଟ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡାକ୍ତର ବାବୁ ସିଂଙ୍କ ମତାମତ ଲୋଡ଼ିବାରୁ ସେ ଘଟଣାକୁ ସ୍ୱାକାର କରିବା ସହ ବ୍ଲକ କର୍ତ୍ତୃପକ୍ଷ ଶବଗୃହକୁ ଡାକ୍ତରଖାନାକୁ ହସ୍ତାନ୍ତର କଲେ ଅବିଳମ୍ବେ ଶବ ବ୍ୟବଚ୍ଛେଦ ଗୃହକୁ କାର୍ଯ୍ୟକାରୀ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଟ୍ରେନରୁ ଖସି ଯୁବକ ମୃତ

**ରାଉରକେଲା ଅଫିସ, ୨୩।୭:** ରାଉରକେଲା ବନ୍ଧମୁଣ୍ଡା ରେଳ ଧାରଣା ନିକଟରେ ଶନିବାର ସନ୍ଧ୍ୟାରେ ଜଣେ ଯୁବକ ଚଳନ୍ତା ଟ୍ରେନରୁ ଖସିପଡିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ବସୟ ପ୍ରାୟ ୨୨ ବର୍ଷ ହେବ। ରିପୋର୍ଟ ଲେଖିବା ପର୍ଯ୍ୟନ୍ତ (୮ଟା ୫୫) ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ବନ୍ଧମୁଣ୍ଡା ଜିଆରପି ଏକ ଅପମୃତ୍ୟୁ ମାମଲା (ନଂ.୨୧।୨୨) ରୁଜୁ କରିବା ସହ ଆରଜିଏଚ୍ ମର୍ଗ ହାଉସ୍‌ରେ ମୃତଦେହ ରଖି ଘଟଣାର ତଦନ୍ତ ଚଳାଇଛି।

### ଲୁଟେରା ଗିରଫ, ମୋବାଇଲ ଜବତ

**କୁତ୍ରା, ୨୩।୭(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ତେଲିଘଣା ଗ୍ରାମର ଅନିତା ତିର୍କୀ ୨୦୨୧ ମସିହା ଡିସେମ୍ବର ୧୫ରେ କଲେଜରୁ ଘରକୁ ଫେରୁଥିବା ବେଳେ ୨ ଜଣ ଦୁର୍ବୃତ୍ତ ତାଙ୍କ ମୋବାଇଲ ଲୁଟିନେଇ ଫେରାର ହୋଇଯାଇଥିଲେ। ଏ ନେଇ ସେ କୁତ୍ରା ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୧୫୦।୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ୭ ମାସ ପରେ ଲୁଟେରା ଧରୁଆଡିହି ଥାନା ଅନ୍ତର୍ଗତ ସାଲେପାଲି ଗ୍ରାମର ସଲିଲ ନାଏକ (୩୨)ଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ କଲେଜ ଛାତ୍ରୀଙ୍କୁ ତାଙ୍କ ମୋବାଇଲ ହସ୍ତାନ୍ତର କରାଯାଇଛି।

### ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ

**କୁତ୍ରା, ୨୩।୭(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ଥାନା ଖତକୁରବାହାଲ ଗ୍ରାମରେ ଥିବା ଜେଏସ୍‌ଡବ୍ଲ୍ୟୁ ଅଧିକୃତ ଶିବା ସିମେଣ୍ଟ ଚୂନପଥର ଖଣିରେ ଗତ ୧୨ ତାରିଖରେ ବିସ୍ଫୋରଣକୁ ନେଇ ତୁମୁଳକାଣ୍ଡ ଘଟି ୪ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ଗତ ୧୪ ତାରିଖରେ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ପୁଣି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଖତକୁରବାହାଲ ଗ୍ରାମର ଏମଡି ରହେମାନ (୨୨)। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ତେବେ ବର୍ତ୍ତମାନ ମଧ ଖଣିରେ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିବା ଜଣାପଡିଛି। ପୋଲିସ ଉପସ୍ଥିତିରେ ଜିନ୍ଦଲର ପ୍ରଥମ ଖଣି ଚାଲୁ କରାଯାଇଥିବା ବେଳେ ଦ୍ୱିତୀୟ ଚୂନପଥର ଖଣି ବନ୍ଦ ରହିଛି।

### ପଞ୍ଚରା ସମବାୟ ସମିତି ପରିଚାଳନା କମିଟି ବୈଠକ

**କୁତ୍ରା, ୨୩।୭(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ସମବାୟ ସମିତିର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ନୂତନ ସଭାପତି ରୋଶନ ବାର୍ଲାଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଛି। ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ନାଗ ରୋଶନ ବାର୍ଲା, ଉପ ସଭାପତି ସବିତା କୁଜୁର ସମସ୍ତ ବୋର୍ଡ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ରାଜଗାଙ୍ଗପୁର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ମନୋଜ ସାହୁ ଯୋଗଦେଇ ସମବାୟ ସଂସ୍ଥାର ବିଭିନ୍ନ କାର୍ଯ୍ୟକଳାପ ନେଇ ଅବଗତ କରିଥିଲେ।

# ଚାଲାଣ ବେଳେ ୯ ଶିଶୁ ଶ୍ରମିକ ଉଦ୍ଧାର

**ଟେନସା, ୨୩।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୋଇଡା ବସ୍‌ଷ୍ଟାଣ୍ଡରୁ ବାହାରକୁ ଚାଲାଣ ବେଳେ ପୋଲିସ ଚଢାଉ କରି ୯ ଶିଶୁ ଶ୍ରମିକଙ୍କୁ ଶୁକ୍ରବାର ଉଦ୍ଧାର କରିଛି। ଉଦ୍ଧାର ପରେ ଶିଶୁମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ଶିଶୁଶ୍ରମିକ ଚାଲାଣକାରୀଙ୍କ ସୂଚନା ମିଳିନାହିଁ। କୋଇଡା ବ୍ଲକ ପାଟମୁଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୮ ଶିଶୁ ଓ କେନ୍ଦୁଝର ଜିଲା ଗୁଆଲି ଅଞ୍ଚଳର ଜଣେ ନାବାଳକ(୧୪ରୁ ୧୭ବର୍ଷ) କୋଇଡା ବସ୍‌ଷ୍ଟାଣ୍ଡରୁ ବସ ଯୋଗେ ଭୁବନେଶ୍ୱର ଯାଇ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଇଥାନ୍ତେ। ଶୁକ୍ରବାର ସନ୍ଧ୍ୟାରେ ସେମାନେ ବସ୍‌ଷ୍ଟାଣ୍ଡରେ ବୁଲୁଥିବା ଦେଖି ଲୋକେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଖବର ଦେଇଥିଲେ। ଖବର ପାଇ କୋଇଡା ପୋଲିସ ବସ୍‌ଷ୍ଟାଣ୍ଡରେ ପହଞ୍ଚି ଉକ୍ତ ଶିଶୁମାନଙ୍କୁ ପଚରାଉଚୁରା କରିବାରୁ ଘଟଣାଟି ସାମ୍ନାକୁ ଆସିଥିଲା। କେହି ଜଣେ ଶ୍ରମିକ ମଧ୍ୟସ୍ଥ ଭୁବନେଶ୍ୱରରୁ ଫୋନରେ ଯୋଗାଯୋଗ କରି କୋଇଡା ଅଞ୍ଚଳରୁ ଶିଶୁମାନଙ୍କୁ ନେଇ ବାହାର ରାଜ୍ୟକୁ ପଠାଉଥିବା ପୋଲିସ ଜାଣିବାକୁ ପାଇଛି। ଘଟଣାସ୍ଥଳରେ ସ୍ଥାନୀୟ ସିଡିପିଓ ମିନତୀ ମହାପାତ୍ର ପହଞ୍ଚି ଶିଶୁମାନଙ୍କ ବିଷୟରେ ପଚରାଉଚୁରା କରିଥିଲେ। ଉଦ୍ଧାର ହୋଇଥିବା ୯ ଶିଶୁଙ୍କୁ କୋଇଡା ପୋଲିସ ସହାୟତାରେ ସେମାନଙ୍କ ପରିବାର ଲୋକଙ୍କ ଜିମା ଦିଆଯାଇଛି।

# ସୁନାଗହଣା ଜବତ, ୩ ଗିରଫ



ଜବତ ଅଳଙ୍କାର ଏବଂ ଗିରଫ ଅଭିଯୁକ୍ତମାନେ।

**ରାଉରକେଲା ଅଫିସ, ୨୩।୭**

ସୁନା ଗହଣା ଚୋରି ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାକେଶ କୁମାର ସୋନି(୨୮), ସଞ୍ଜୀବ ନାୟକ(୧୯) ଓ ମହେଶ ପାୱାର(୨୫)। ସେମାନଙ୍କଠାରୁ ସୁନା ଅଳଙ୍କାର ସହ ୨ଟି ମୋବାଇଲ ଜବତ କରାଯାଇଛି। ଶନିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପ୍ଲାଣ୍ଟସାଇଟ୍ ପୋଲିସ ଏକ ମାମଲା (ନଂ.୨୭୮।୨୨) ରୁଜୁ କରିଛି।

ସୂଚନା ଅନୁସାରେ, ସେକ୍ଟର–୨୧ ସ୍ଥିତ ନୟାବଜାରରେ ରହୁଥିବା ସିଆଇଏସ୍‌ଏଫ୍ କନେଷ୍ଟବଳ ସୁଦର୍ଶନ ସାହାଣୀ କିଛିଦିନ ପାଇଁ ବାହାରକୁ ଯିବାର ଥିଲା। ଏଥିପାଇଁ ସେ ତାଙ୍କ ପାଖରେ ଥିବା ଶହେ ଗ୍ରାମ୍ ଓଜନର ଅଳଙ୍କାର ତାଙ୍କ ବନ୍ଧୁ ସନ୍ତୋଷ ଦ୍ୱିବେଦୀଙ୍କୁ ଦାୟିତ୍ୱରେ ରଖିବାକୁ ଦେଇଥିଲେ। ସନ୍ତୋଷ ଉକ୍ତ ସୁନା ଅଳଙ୍କାରକୁ ତାଙ୍କ ଆଲମିରାରେ ରଖିଥିଲେ। କିଛିଦିନ ପରେ କେତେକ ଦୁର୍ବୃତ୍ତ ସନ୍ତୋଷଙ୍କ ଆଲମିରା ଭାଙ୍ଗି ସୁନା ଅଳଙ୍କାର ଗୁଡିକ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଥିଲା।

# ବିପଦସଙ୍କୁଳ ଅଙ୍ଗନୱାଡି କେନ୍ଦ୍ର, ପଞ୍ଚାୟତ ଗୃହରେ ପାଠପଢ଼ା

**କୁତ୍ରା, ୨୩।୭(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଛାତର ସିମେଣ୍ଟ ଅତଡା ଖସି ରଡ୍ ଦେଖାଯାଉଛି। ବର୍ଷା ହେଲେ ରୁମ୍ ଭିତରେ ପାଣି ଗଳୁଛି। କେତେବେଳେ ଯେ ଏହା ଭୁଷୁଡିଯିବ ତାହା କହିବା ମୁସ୍କିଲ। ଏଭଳି ଅବସ୍ଥାରେ ଛାତ୍ରୀଛାତ୍ରମାନଙ୍କୁ ନିକଟସ୍ଥ ପଞ୍ଚାୟତ ଗୃହରେ ଶିକ୍ଷାଦାନ କରାଯାଉଛି। ସେହିପରି ପୁରୁଣା ଅଙ୍ଗନୱାଡି କେନ୍ଦ୍ରରେ ରୋଷେଇ କରାଯାଉଥିବା ଜଣାପଡିଛି। ୧୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଚାଲିଥିବା ମଡେଲ ଅଙ୍ଗନୱାଡି କେନ୍ଦ୍ର କାମ ସମ୍ପୂର୍ଣ୍ଣ ହୋଇନାହିଁ। ଠିକାଦାର ନିଜ ଇଚ୍ଛାମୁତାବକ କାମ କରୁଛନ୍ତି। ଏହାସହିତ ନିମ୍ନମାନର ଇଟା, ବାଲି, ସିମେଣ୍ଟ ବ୍ୟବହାର କରାଯାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମର ସଚେତନ ମହିଳା ସରସ୍ୱତୀ ସିଂ, ବାସନ୍ତୀ ନାଏକ, ନିକିତା ଗୁଡ଼ିଆ, ଦୂତାମି ଗୁଡ଼ିଆ, ଚମ୍ପାବତୀ ପ୍ରଦାନ, ପୁଷ୍ପାଞ୍ଜଳି ଅମାତ, ବିନୋଦିନୀ ଅମାତ, ପୁଷ୍ପଲତା ସୁନ୍ୟାନୀ ପ୍ରମୁଖ ଦାବି କରିଛନ୍ତି।

ସୂଚନାଯୋଗ୍ୟ, କୁତ୍ରା ସମନ୍ୱିତ ଶିଶୁ ପ୍ରକଳ୍ପ ବିଭାଗ ଅଧୀନରେ ଥିବା ୧୬ଟି ପଞ୍ଚାୟତରେ ୨୦୭ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୧୧୮ଟି କେନ୍ଦ୍ରର ଗୃହ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅବଶିଷ୍ଟ ୮୯ଟି ଗୃହ ମଧ୍ୟରୁ କେତେକ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି। ଫଳରେ ବିନା ଗୃହରେ ବର୍ଷ ବର୍ଷ ଧରି ଅଙ୍ଗନୱାଡି କେନ୍ଦ୍ର ଚାଲିଛି।


ପଞ୍ଚାୟତ ଅଫିସ୍ ଗୃହରେ ଅଙ୍ଗନୱାଡି ପିଲା ପଢୁଛନ୍ତି।

## ରାଗିଂ ଘଟଣାର ତଦନ୍ତ କରିବେ ଓଡ଼ିଶା ମାନବାଧିକାର କମିଶନ

**ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀଙ୍କୁ ରାଗିଂ ଘଟଣା**

**ଦେବଗଡ଼, ୨୩।୭(ଡି.ଏନ.ଏ)**

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଶିକ୍ଷଣ କେନ୍ଦ୍ର (ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର)ରେ ଛାତ୍ରୀଙ୍କୁ ରାଗିଂ ଘଟଣାର ତଦନ୍ତ କରିବେ ଓଡ଼ିଶା ମାନବାଧିକାର କମିଶନ। ଓଡ଼ିଶା ରାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନର ରାଜ୍ୟ ଆବାହକ ତେଜେସ୍ୱର ପରିଡା ଏ ଘଟଣାର ତଦନ୍ତ ପାଇଁ ଓଡିଶା ମାନବାଧିକାର କମିଶନ ନିକଟରେ ଏକ ମାମଲା ରୁଜୁ କରିଥିଲେ। ଗତ ୧୯ ତାରିଖ ଏହି ମାମଲା ନଂ–୧୩୩୬/୨୦୨୨ର ଶୁଣାଣି କରି କମିଶନ ଏକ ମାସ ମଧ୍ୟରେ ପୋଲିସ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ତଦନ୍ତ ବିଭାଗର ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସେହିପରି ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆଗାମୀ ଅଗଷ୍ଟ ୨୯ ତାରିଖକୁ ଦିନ ଧାର୍ଯ୍ୟ କରିଥିବା ସୂଚନା ମିଳିଛି।

## ଟ୍ରକ୍ ପଛକୁ ପିଟିଲା ବୋଲେରୋ, ଦୁଇ ଆହତ

**ଲହୁଣୀପଡା, ୨୩।୭(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅଧୀନ ରାଜାମୁଣ୍ଡା ବାଇପାସ୍ ଛକ ୧୪୩ ନମ୍ବର ଜାତୀୟ ରାଜପଥ ତାରିଣୀ ମନ୍ଦିର ନିକଟରେ ଶନିବାର ଏକ ଦୁର୍ଘଟଣାରେ ଦୁଇ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ପ୍ରଥମେ ଲହୁଣୀପଡା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଏହି ଦୁର୍ଘଟଣାରୁ ଗୋଟିଏ ଛୋଟପିଲା ଅଳ୍ପକେ ବର୍ତ୍ତିଯାଇଛି। ପ୍ରକାଶ ଯେ, ଶନିବାର ରାତି ପ୍ରାୟ ସାଢେ ୮ଟା ବେଳେ ତାରିଣୀ ମନ୍ଦିର ନିକଟରେ ଏକ ଟ୍ରକ୍ (ସିଜି୧୩ଏଇ/୯୭୯୯) ବ୍ରେକ ଡାଉନ ହୋଇ ଛିଡା ହୋଇଥିଲା। ଏହି ସମୟରେ ସେହି ରାସ୍ତା ଦେଇ ରାଜାମୁଣ୍ଡା ପଟୁ ବଣେଇକୁ ଯାଉଥିବା ଏକ ବୋଲେରୋ (ନଂ.ଓଡ଼ି୧୪ଇ/୦୮୮୫) ଟ୍ରକ୍ ପଛରୁ ଧକ୍କା ଦେଇଥିଲା। ଫଳରେ ବୋଲେରୋରେ ଥିବା ଜୟ ଆୟାନ (୨୨) ଓ କୁଶଳ ବୋଦ୍ରା (୩୨) ଗୁରୁତର ଆହତ ହୋଇଥିଲେ। ଖବର ପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଛି। ବୋଲେରୋ ଚାଳକ ଫେରାର ଅଛନ୍ତି।

## ତାଲିମ ଶିବିର ଉଦ୍‌ଯାପିତ

**ଦେଓଗାଁ, ୨୩।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ମିଶନଶକ୍ତି କେନ୍ଦ୍ରରେ ଚାଲିଥିବା ଦୁଇ ଦିନିଆ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଓଡିଶା ଶ୍ରମଜୀବୀ ମଞ୍ଚ ତଥା ଲୋକଉନ୍ନତିସଂଗଠନଆନୁକୂଲ୍ୟରେଅନୁଷ୍ଠିତ ଶିବିରରେ ମୋଚାଟଶାଳୀଶିକ୍ଷା କାର୍ଯ୍ୟକ୍ରମରେ ଶିକ୍ଷାଦାନ କରୁଥିବା ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କରୋନା କଟକଣା ସମୟରେ ବିଦ୍ୟାଳୟମାନ ବନ୍ଦ ରହିଥିବା ସମୟରେ ସ୍ୱେଚ୍ଛାସେବୀମାନେ ଗାଁ ମାନଙ୍କରେ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଶିକ୍ଷାଦାନ କରିଥିଲେ।

# ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

**ସୁନ୍ଦରଗଡ, ୨୩।୭(ଡି.ଏନ୍.ଏ)**

**ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାଫଳ**


ଅରିନ ନନ୍ଦ


ଶ୍ରୀ ବହିଦାର


ସିଦ୍ଧିରାଣୀ ପଟେଲ

ସିବିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷାରେ ସୁନ୍ଦରଗଡ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ପ୍ରକାଶିତ ପରୀକ୍ଷା ଫଳ ଅନୁସାରେ ଏହି ବିଦ୍ୟାଳୟର ଛାତ୍ର ଅରିନ ନନ୍ଦ ଶତକଡା ୯୯ ପ୍ରତିଶତ ନମ୍ବର ରଖି ଶୀର୍ଷ ସ୍ଥାନରେ ରହିଛନ୍ତି। ସେ ଗଣିତ, ସଂସ୍କୃତ ଏବଂ ବିଜ୍ଞାନ ବିଷୟରେ ୧୦୦ ମାର୍କ ଲେଖାଏ ପାଇଛନ୍ତି। ସେହିପରି ଶ୍ରୀ ବହିଦାର ୯୮.୨ ପ୍ରତିଶତ, ସିଦ୍ଧିରାଣୀ ପଟେଲ ୯୭.୬୦ ପ୍ରତିଶତ, ଅରିନ୍ଦମ ଚୌଧୁରୀ ୯୭ ପ୍ରତିଶତ, ଅଂଶୁ ଅଗ୍ରୱାଲ ୯୫.୮ ପ୍ରତିଶତ, କ୍ରିଷ୍ଣା ପଟେଲ ୯୫.୬ ପ୍ରତିଶତ, ସଞ୍ଚିତା ସାହୁ ୯୫.୬ ପ୍ରତିଶତ, ଅଙ୍କୁର ପଟେଲ ୯୫.୨୦ପ୍ରତିଶତ, ଶୁଭଶ୍ରୀ ପଟେଲ ୯୫.୨ପ୍ରତିଶତ, ଗଗନ ଶର୍ମା ୯୪ ପ୍ରତିଶତ, ପ୍ରାଚୀସ୍ମିତା ବିଶି ୯୩.୪ ପ୍ରତିଶତ, ଅନିଶା ପଟେଲ ୯୧.୬ ପ୍ରତିଶତ, ଶୁଭଶ୍ରୀ ପଟେଲ ୯୦.୮୦ ପ୍ରତିଶତ, ପ୍ରାଚୀ ପଟେଲ ୯୦.୪୦ପ୍ରତିଶତ, ଅସ୍ମିତ ବେହେରା ୯୦ ପ୍ରତିଶତ ମାର୍କ ପାଇ ସଫଳତା ପାଇଛନ୍ତି। ସେହିପରି ୨୫ଜଣ ୮୦ପ୍ରତିଶତରୁ ଅଧିକ, ୨୦ଜଣ ୭୦ ପ୍ରତିଶତରୁ ଅଧିକ ଏବଂ ୨୫ଜଣ ଛାତ୍ରୀଛାତ୍ର ୬୦ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷା ହରିପ୍ରିୟା ପଟେଲ, ସମ୍ପାଦକ ରାଜ କିଶୋର ଷଡଙ୍ଗୀ ତଥା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ପିଲାମାନଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବରସୁଆଁ ଲୌହଖଣି ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଟେନସା, ୨୩।୭(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ସେଲ୍‌ର ବରସୁଆଁ ଲୌହ ଖଣି ପକ୍ଷରୁ ଶନିବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଟେନସା ଇସ୍ପାତ ଡାକ୍ତରଖାନାରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତର ଯୋଗ ଦେଇଥିଲେ। ଟେନସା ସରପଞ୍ଚ ଅନୀତା ପୂର୍ତ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବରସୁଆଁ ଲୌହଖଣି ପ୍ରଶାସନ ବିଭାଗର ମୁଖ୍ୟ ଜେ.ପି ମିଶ୍ର, ଅମୀୟ ରଞ୍ଜନ ରାଉତ, ସାମାଜିକ କର୍ମୀ ପପୁ ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲର ବରିଷ୍ଠ ଡାକ୍ତର ଯୋଗ ଦେଇଥିଲେ। ବରସୁଆଁ ଇସ୍ପାତ ଡାକ୍ତରଖାନାର ମୁଖ୍ୟ ଡାକ୍ତର ବି. ବି ଦାଶଙ୍କ ତତ୍ତ୍ୱାବଧାନରେ ଟେନସା, ତନ୍ତରା, ବାହାମ୍ବା, ଜିରୋ ପଏଣ୍ଟ ତଥା ପାରିପାର୍ଶ୍ୱିକ ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ବରସୁଆଁ ଲୌହଖଣି ଇସ୍ପାତ ଡାକ୍ତରଖାନାର ଡାକ୍ତର, ନର୍ସ ଏବଂ କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ।



ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଡାକ୍ତର ଏବଂ ନର୍ସବୃନ୍ଦ।

# ଦେବାଂଶୀ, ଶାଶ୍ୱତସୌମ୍ୟ ଯୁଗ୍ମ ଭାବେ ଜିଲା ଟପ୍ପର

**ଦେବଗଡ଼ ୨୩।୭ (ଡି.ଏନ୍.ଏ.)**


ଦେବାଂଶୀ


ଶାଶ୍ୱତସୌମ୍ୟ


ଅନନ୍ୟା


ନିହାରିକା


ସ୍ୱାଧୀନ

**ସିବିଏସ୍‌ଇ ଦଶମ ପରୀକ୍ଷାଫଳ**

ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଦେବାଂଶୀ ବିଶ୍ୱାଳ ଓ ଜବାହାର ନବୋଦୟ ବିଦ୍ୟାଳୟର ଛାତ୍ର ଶାଶ୍ୱତ ସୌମ୍ୟ ଦାଶ ୯୭.୪ ପ୍ରତିଶତ ମାର୍କ ରଖି ଦେବଗଡ଼ ଜିଲାର ଟପ୍ପର ହୋଇଥିବା ଜଣାପଡିଛି। ଓଡିଶା ଆଦର୍ଶ ବିଦ୍ୟାଳୟ ବୁଢ଼ାପାଳର ଛାତ୍ର ସ୍ୱାଧୀନ ପ୍ରଧାନ ୯୬.୬ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ଥିବା ବେଳେ ନବୋଦୟ ବିଦ୍ୟାଳୟର ଛାତ୍ରୀ ନିହାରିକା ବିଶ୍ୱାଳ ଓ ବୁଢ଼ାପାଳ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅନନ୍ୟା ଅଶୋକା ୯୬.୪ ପ୍ରତିଶତ ମାର୍କ ରଖି ଜିଲାର ତୃତୀୟ ସ୍ଥାନରେ ରହିଛନ୍ତି। ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ୪୩ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବାବେଳେ ସମସ୍ତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଦେବାଂଶୀ ବିଶ୍ୱାଳ ୯୭.୪ , ସୁଘୋଷ ମେହେର ୯୬ ପ୍ରତିଶତ ଓ ମୟଙ୍କ ପ୍ରଧାନ ୯୫.୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି। ବିଦ୍ୟାଳୟର ୭ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତ ନମ୍ବର ଉପରେ ଥିବା ଜଣାପଡିଛି। ଜବାହାର ନବୋଦୟ ବିଦ୍ୟାଳୟରେ ୭୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟର ଶାଶ୍ୱତ ସୌମ୍ୟଦାଶ ୯୭.୪ ପ୍ରତିଶତ, ନିହାରିକା ବିଶ୍ୱାଳ ୯୬.୪ ଓ ଅଙ୍କିତ କୁମାର ସାମଲ ୯୫.୪ ପ୍ରତିଶତ ମାର୍କ ରଖି ସ୍କୁଲରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଥିବା ଜଣାପଡିଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୁଢ଼ାପାଳରେ ୬୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସମସ୍ତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟର ସ୍ୱାଧୀନ ପ୍ରଧାନ ୯୬.୬, ଅନନ୍ୟା ଅଶୋକା ୯୬.୪ ଓ ବିଷ୍ଣୁପ୍ରିୟା ବେହେରା ୯୬.୨ ପ୍ରତିଶତ ମାର୍କ ରଖି ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି। ବିଦ୍ୟାଳୟର ୨୦ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତ ନମ୍ବର ଉପରେ ଥିବା ଜଣାପଡିଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତିଲେଇବଣୀର ୪୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୩୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ମୁକେଶ କୁମାର ମାଝୀ ୮୬.୬ ପ୍ରତିଶତ, ସ୍ୱାଗତିକା ପ୍ରଧାନ ୮୧.୬ ଓ ବିଷ୍ଣୁ ପ୍ରସାଦ ବେହେରା ୭୮.୮ପ୍ରତିଶସ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଓଡିଶା ଆଦର୍ଶ ବିଦ୍ୟାଳୟ, ବାରକୋଟରେ ୬୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୬୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ମେଘନାଦ ପ୍ରଧାନ ୯୫.୪ ପ୍ରତିଶତ, ଆଶିଷ କୁମାର ପ୍ରଧାନ ୯୨.୪ ଓ ଧରିତ୍ରୀ ସାହୁ ୯୨.୨ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି। ଦେବଗଡ଼ ଚିନ୍ମୟ ବିଦ୍ୟାଳୟରେ ୨୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସମସ୍ତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଆୟୁଷ ପଟେଲ ୯୨ପ୍ରତିଶତ, ଏମ ଦିବ୍ୟସ ୮୯.୮ ଓ ଅନପୂର୍ଣ୍ଣା ଆଚାର୍ଯ୍ୟ ୮୮.୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କ ଗଳାକାଟି ଦୁର୍ବୃତ୍ତ ଫେରାର

**ଆସିକା,୨୩।୭(ଡି.ଏନ.ଏ.):** ଗଞ୍ଜାମ ଜିଲା ଆସିକା ଥାନା ଧନିଜା ଗ୍ରାମରେ ଶନିବାର ସକାଳେ ଘରେ ପଶି ଜଣେ ନାବାଳିକାଙ୍କ ଗଳାକାଟି ମୁଖାପିନ୍ଧା ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ପ୍ରଥମେ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡ଼ ମେଡିକାଲ ପଠାଇ ଦିଆଯାଇଛି। ତେବେ ଦୁର୍ବୃତ୍ତ ଜଣକ କିଏ ଓ ସେ କହିଁକି ଏପରି କଲେ ତାହା ସ୍ପଷ୍ଟ ହୋଇନାହିଁ। ପ୍ରକାଶ ଯେ, ନାବାଳିକାଙ୍କ ବାପା କାମ କରିବାକୁ ସୁରଟ ଯାଇଛନ୍ତି। ଶନିବାର ସକାଳେ ମା' ବିଲକୁ କାମ କରିବାକୁ ଯାଇଥିଲେ। ନାବାଳିକା ଘରେ ଏକାକୀ ଥିଲେ। ଦୁର୍ବୃତ୍ତ ଜଣକ କଳାମୁଖା ପିନ୍ଧି ବାରିପଟୁ ଘରେ ପଶି ନାବାଳିକାଙ୍କ ଗଳା କାଟିଦେଇ ଫେରାର ହୋଇଥିବା ପରିବାର ଲୋକେ କହିଛନ୍ତି। ତେବେ ଘଟଣା ସମ୍ପର୍କରେ ରାତି ସୁଦ୍ଧା ପୋଲିସରେ କୌଣସି ଅଭିଯୋଗ ଆସି ନ ଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ଆଜି ଅନୁଗୋଳର ସବୁ ରାଜପଥରେ ୬ ଘଣ୍ଟିଆ ଅବରୋଧ

**ବାଧାପ୍ରାପ୍ତ ହେବନି ଜରୁରୀ ସେବା**

**ଅନୁଗୋଳ ଅଫିସ, ୨୩।୭:** ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବଶେଷକରି ବଆଁରପାଳରୁ ଅନୁଗୋଳ ପରିବହନ କାର୍ଯ୍ୟାଳୟ ଯାଏ ଯାତାୟାତ ଏକପ୍ରକାର ଅସମ୍ଭବ ହେଉଛି। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ଖାମଖିଆଲି ମନୋଭାବ ଓ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ଅବହେଳା ପାଇଁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ କରିଛି ଅନୁଗୋଳ ଓକିଲ ସଂଘ। ଏହାର ପ୍ରତିବାଦରେ ଜିଲା ଓକିଲ ସଂଘ ପକ୍ଷରୁ ରବିବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୫୫ନଂ. ଜାତୀୟ ରାଜପଥ ସହ ଜିଲାର ସମସ୍ତ ରାଜପଥରେ ୬ ଘଣ୍ଟିଆ ଅବରୋଧ କରାଯିବ ବୋଲି ଓକିଲ ସଂଘ ସଭାପତି ଦିଲୀପ କୁମାର ସାହୁ ଶନିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଏହି ଅବରୋଧ ସମୟରେ କୌଣସି ଜରୁରୀ ସେବା ବ୍ୟାହତ ହେବ ନାହିଁ ବୋଲି ସେ କହିଛନ୍ତି।

### ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ, ଜରିମାନା

**ନାବାଳିକା ବଳାତ୍କାର ମାମଲା**

**କଟକ ଅଫିସ,୨୩।୭:** ନାବାଳିକା ବଳାତ୍କାର ମାମଲାରେ କଟକ ସ୍ୱତନ୍ତ୍ର ପୋକ୍‌ସୋ ଆଡହକ ଫାଷ୍ଟଟ୍ରାକ୍ କୋର୍ଟ ଶନିବାର ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ରାୟରେ ଶୁଣାଇଛନ୍ତି। ଏଥିପାଇଁ ପୀଡିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି ବୋଲି ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ବିଶ୍ୱଜିତ ରାୟ ପ୍ରକାଶ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୮ ଅକ୍ଟୋବର ୧୯ ତାରିଖ ସନ୍ଧ୍ୟାରେ ଟାଙ୍ଗୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅଭିଯୁକ୍ତ ଘନ ବାଙ୍ଗରା ଘରୁ ଉଠାଇ ନେଇ ନିକଟସ୍ଥ କାଜୁ ଜଙ୍ଗଲରେ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଅବହେଳାରୁ ଆଦର ହରାଉଛି

**ଯୋଜନାରେ ସୀମିତ ଶତାଧିକ ପର୍ଯ୍ୟଟନସ୍ଥଳୀର ବିକାଶ**

**ଯାଜପୁର ଅଫିସ,୨୩।୭**

ଓଡ଼ିଶାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଉଛି। ୨୦୧୯ ତୁଳନାରେ ୨୦୨୦ରେ ୬୯.୯୭% ଏବଂ ୨୦୨୧ରେ ୭୬% ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇଛି, ଯାହାକି ପର୍ଯ୍ୟଟନ କ୍ଷେତ୍ରରେ ନିର୍ଭର କରୁଥିବା ଲୋକଙ୍କ ଜୀବିକା ଉପରେ ପ୍ରଭାବ ପକାଇଛି ବୋଲି ଅଭିଯୋଗ ହୋଇଛି।

ରାଜ୍ୟ ପର୍ଯ୍ୟଟନ ଶିଳ୍ପର ସ୍ୱତନ୍ତ୍ରତା ରହିଛି। ସୁଦୀର୍ଘ ବେଳାଭୂମି ସାଙ୍ଗକୁ ବିଭିନ୍ନ ଜିଲାରେ ଥିବା ବଣପାହାଡ଼ ଘେରା ପ୍ରାକୃତିକ ପରିବେଶ, ଐତିହାସିକ ସ୍ଥଳୀ, ସାଂସ୍କୃତିକ ଏବଂ ଧାର୍ମିକ ପୀଠ ଦେଶ, ବିଦେଶ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ବେଶ୍ ସକ୍ଷମ। ହେଲେ ଓଡ଼ିଶା ପର୍ଯ୍ୟଟନ ସ୍ଥଳ ସମ୍ପର୍କରେ ଦେଶ, ବିଦେଶରେ ଆବଶ୍ୟକ ପ୍ରଚାର ପ୍ରସାର ହେଉନାହିଁ। ଏହାବାଦ୍ ଅନେକ ପର୍ଯ୍ୟଟନସ୍ଥଳୀ ଲୋକଲୋଚନରୁ ଦୂରେଇ ରହିଛି। କେତେକ ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟକରଣ ସହ ଭିତ୍ତିଭୂମିର ବିକାଶ ହେଉ ନ ଥିବାରୁ ଆଗାମୀ ଦିନରେ ସେହି ସ୍ଥାନ ଜନମାନସରୁ ଦୂରେଇ ଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟ ରାଜ୍ୟ ଭଳି ଓଡ଼ିଶାର ସମୁଦ୍ର ତଟରେ ସେଭଳି ଆଖିଦୃଶିଆ ପର୍ଯ୍ୟଟନସ୍ଥଳୀ ନିର୍ମାଣ କରିବାରେ ସରକାର ବିଫଳ ହୋଇଛନ୍ତି। ଏହାସହ ପର୍ଯ୍ୟଟନସ୍ଥଳର ଉନ୍ନତି ପାଇଁ ପ୍ରତିବର୍ଷ ପ୍ରସ୍ତାବ ଯାଉଛି, ଅନୁଦାନ ବି ଆସୁଛି। ହେଲେ ତାହା ଉପଯୁକ୍ତ ଭାବେ ବିନିଯୋଗ ହେଉ ନ ଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଉଥିବା ଅଭିଯୋଗ ହୋଇଛି।

ରାଜ୍ୟ ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ଇ.ବି. ଜେନାଙ୍କ ରିପୋର୍ଟ ଅନୁସାରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ୨ଟି ଯୋଜନାରେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ଅନୁଦାନ ମିଳିଛି। ପ୍ରଥମେ ସ୍ୱଦେଶ ଦର୍ଶନ ଯୋଜନାରେ ଉପକୂଳବର୍ତ୍ତୀ ଗୋପାଳପୁର, ବାରକୋଟ, ସାତପଡ଼ା, ଟମ୍ପରା ଏବଂ ପ୍ରସାଦ ଯୋଜନାରେ ପୁରୀ ଶ୍ରୀଜଗନ୍ନାଥ ଧାମ, ରାମଚଣ୍ଡୀ-ପ୍ରାଚୀ, ଦେଉଳି-ଧଉଳିର ଭିତ୍ତିଭୂମିର ବିକାଶ କାର୍ଯ୍ୟ ହେଉଛି। ଏହାସହ ସାତକୋଶିଆ, ହୀରାକୁଦ, ଭିତରକନିକା, ଚିଲିକା, ଚନ୍ଦ୍ରଭାଗା, ଧଉଳି, ଦାରିଙ୍ଗବାଡି, ଉଦୟପୁର-ତଳସାରୀ, ବୌଦ୍ଧପୀଠ ଖଣ୍ଡଗିରି ଓ ଉଦୟଗିରି, କୋରାପୁଟ ନୃସିଂହନାଥ ଓ ହରିଶଙ୍କର, ଟମ୍ପରା, ମହେନ୍ଦ୍ରଗିରି, ବକୁଳବଣ, ରଘୁରାଜପୁର, ଶିଖରଚଣ୍ଡୀ, ଧବଳେଶ୍ୱର ସ୍ଥଳୀର ବିକାଶ ପାଇଁ ପ୍ରସ୍ତାବ ରହିଛି। ସେହିପରି ଭୁବନେଶ୍ୱର, ପୁରୀ, ସମ୍ବଲପୁର, ରାଉରକେଲା, ରମ୍ଭା, ବରକୁଳ, ଚନ୍ଦନେଶ୍ୱର, ଚାନ୍ଦିପୁର ଆଦି ୮ ପାନ୍ଥନିବାସର ନବୀକରଣ କରିବାକୁ ଯୋଜନା ହୋଇଛି। ରାଜ୍ୟରେ ଚିହ୍ନଟ ହୋଇଥିବା ୩୫୮ରୁ ୪୯ଟି ପର୍ଯ୍ୟଟନସ୍ଥଳୀର ଇନ୍‌ଫ୍ରାଷ୍ଟ୍ରକ୍ଚର ଗ୍ୟାପ୍ ଆସେସମେଣ୍ଟ ଜରିଆରେ ପର୍ଯ୍ୟାୟ କ୍ରମେ ଉନ୍ନତୀକରଣ କରାଯାଇଛି। ରାମଚଣ୍ଡୀ, ଟମ୍ପରା ଇକୋ କଟେଜ, ତ୍ରିଶୂଳିଆ ଫୁଡ୍ କୋର୍ଟ, ରାମଚଣ୍ଡୀ ଫୁଡ୍ କୋର୍ଟ, ସିଲଭର ସିଟି ବୋଟ୍ କ୍ଲବ୍, ହୀରାକୁଦ ବୋଟ୍ କ୍ଲବକୁ ସ୍ୱତନ୍ତ୍ର ପ୍ରକଳ୍ପ ଭାବେ ଗ୍ରହଣ କରି କାମ ଆରମ୍ଭ ହୋଇଛି। ବଲାଙ୍ଗୀର ଜିଲାର ହରିଶଙ୍କର ପୀଠର ଉନ୍ନତୀକରଣ ପାଇଁ ୧୫ କୋଟି ୧୨ ଲକ୍ଷ ୫୩ ହଜାର ଟଙ୍କା ଏବଂ ନୃସିଂହନାଥ ମନ୍ଦିରର ଉନ୍ନତୀକରଣ ପାଇଁ ୨୩ କୋଟି ୧ ଲକ୍ଷ ୭୪ ହଜାର ୨୦୦ ଟଙ୍କାର ବ୍ୟୟ ଅଟକଳ ହୋଇଛି। ପୌରାଣିକ ଗନ୍ଧମାର୍ଦ୍ଦନ ପାହାଡ଼ର ଉଭୟପାର୍ଶ୍ୱରେ ଥିବା ଏହି ଦୁଇ ପୀଠରେ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ଏକାଧିକ ଝରଣା ରହିଛି। ତେବେ ହରିଶଙ୍କରଠାରୁ ନୃସିଂହନାଥ ମନ୍ଦିରକୁ ଗର୍ନ୍ଧମାର୍ଦ୍ଦନ ପାହାଡ଼ ଦେଇ ରୋପ୍‌ୱେ ଯୋଗାଯୋଗ କରାଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଦାବି ହୋଇଆସୁଛି। ହେଲେ ଏହି ଦାବି ଅଣଦେଖା ହୋଇରହିଛି। ତେବେ ରାଜ୍ୟର କେତେକ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟାୟକ୍ରମେ ରୋପ୍‌ୱେ ନିର୍ମାଣ କରିବାକୁ ଯୋଜନା ରହିଛି ବୋଲି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟକୁ ଦିଆଯାଇଥିବା ରିପୋର୍ଟରେ ଦର୍ଶାଯାଇଛି।

ସୂଚନାଥାଉ କି, ଗତ ୧୦ ବର୍ଷ ମଧ୍ୟରେ ୨୦୧୯ରେ ସର୍ବାଧିକ ୧,୫୪,୨୨,୭୬୫ ପର୍ଯ୍ୟଟକ ଓଡ଼ିଶାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୧,୧୫,୧୨୮ ଜଣ ବିଦେଶୀ ପର୍ଯ୍ୟଟକ ଥିଲେ। କିନ୍ତୁ ୨୦୨୦ରେ ମାତ୍ର ୪୬,୩୨,୪୭୯ (-୬୯.୯୭%) ଏବଂ ୨୦୨୧ରେ ୩୭,୪୪,୪୯୨ ପର୍ଯ୍ୟଟକ ଆସିଛନ୍ତି। ଯାଜପୁର ଜିଲାର ଐତିହାସିକ ରତ୍ନଗିରି, ଉଦୟଗିରି, ଲଳିତଗିରି ଓ ଓଲାଶୁଣି ପର୍ଯ୍ୟଟନସ୍ଥଳୀ ଅବହେଳିତ ହୋଇ ପଡ଼ିରହିଛି।

ବଲାଙ୍ଗୀର ଜିଲା ପର୍ଯ୍ୟଟନ ଅଧିକାରୀ ରବୀନ୍ଦ୍ର କୁମାର ଦଲେଇଙ୍କୁ ପଚାରିବାରେ ସେ କହିଛନ୍ତି, କରୋନା ମହାମାରୀ ପର୍ଯ୍ୟଟକ ଆଗମନ ସଂଖ୍ୟା ହ୍ରାସର ମୁଖ୍ୟ କାରଣ। ଏହାସହ ହରିଶଙ୍କର ଭଳି କେତେକ ପର୍ଯ୍ୟଟନସ୍ଥଳୀକୁ ଉପଯୁକ୍ତ ଗମନାଗମନ ସୁବିଧା ନ ଥିବାରୁ ପର୍ଯ୍ୟଟକମାନେ ସହଜରେ ଯାଇ ପାରୁନାହାନ୍ତି। ବର୍ତ୍ତମାନ ଅଧିକାଂଶ ପର୍ଯ୍ୟଟନସ୍ଥଳୀର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି।

ହରିଶଙ୍କର ମନ୍ଦିର ପରିସରର ଫେନ୍ସି ଦୋକାନୀ ସାଧୁ ଦେ କୁହନ୍ତି, କରୋନା ସମୟରେ ମନ୍ଦିର ପରିସର ଶୂନଶାନ ହୋଇ ପଡ଼ିଥିଲା। ସେତେବେଳେ ପରିବାର ଚଳାଇବା ବହୁ କଷ୍ଟକର ହୋଇଥିଲା। ସରକାର ବିଭିନ୍ନ ଦୋକାନୀଙ୍କୁ ସହାୟତା ରାଶି ଦେଇଥିବାବେଳେ ସେମାନଙ୍କୁ ବଞ୍ଚିତ କରିଛନ୍ତି। ଏହାସହ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଅନେକ ଯୋଜନା ହେଉଥିଲେ ହେଁ ଠିକ୍ ସମୟରେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଫଳରେ ପର୍ଯ୍ୟଟକ ସଂଖ୍ୟା ହ୍ରାସ ପାଉଛି।



ବିକଳ୍ପ ରୋଜଗାର ଯୋଗାଇବା ଦାବିରେ ନମ୍ବର ପ୍ଲେଟ୍ ଆର୍ଟିଷ୍ଟମାନେ ଶନିବାର ଭୁବନେଶ୍ୱର ବାଣୀବିହାର ଛକରୁ ପିଏମ୍‌ଜି ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନୁହେଁ କେହି, ପିଢ଼ାରେ କୁଆ ବସେଇ ଦେଉନାହିଁ।**

କିଛି ବ୍ୟକ୍ତି ଉପରେ ପଡ଼ି ନିଜର ପଣିଆ ଦେଖେଇ ହୁଅନ୍ତି। ଅନ୍ୟ ଘରେ ଜୋର କରି ନିଜର ମୁରବୀ ପଣିଆ ଜାହିର କରିବାରେ ପଛଘୁଞ୍ଚା ଦେଇ ନ ଥାନ୍ତି। ଅସ୍ତିତ୍ୱ ନ ଥାଇ ସ୍ଥିତି ଜାହିର କରିବା ହାସ୍ୟାସ୍ପଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘରେ ନ ପାଏ ତୋରାଣିରେ ଲୁଣ; ପର ଘରେ ଲୋଡ଼େ ତିନି ତିଅଣ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ କୌଣସି ପ୍ରକାରର ଲାଳସା ଭାବନା ଶୋଭାପାଇ ନ ଥାଏ। ଦିନକୁ ଦି' ଓଳି ଦି' ମୁଠା ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ପରଘରେ ନାନା ରକମର ସ୍ୱାଦିଷ୍ଟ ବ୍ୟଞ୍ଜନ ଖୋଜିବା ନିହାତି ହାସ୍ୟାସ୍ପଦ ମନେ ହୋଇଥାଏ। ଅଭାବୀ ବ୍ୟକ୍ତିର ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ -
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଶିକ୍ଷକଙ୍କ ମାଡ଼ରେ ୪ ଛାତ୍ରୀ ଆହତ

- ସ୍କୁଲରେ ଉତ୍ତେଜନା
- କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଭିଭାବକ

**ବାସୁଦେବପୁର,୨୩।୭(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଏକ ସ୍କୁଲରେ ଜଣେ ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ରୀ ଗୁରୁତର ହେବା ଘଟଣା ମନରୁ ନ ଯାଉଣୁ ବାସୁଦେବପୁର ବ୍ଲକରେ ଏହାର ପୁନରାବୃତ୍ତି ଘଟିଛି। ଏହି ବ୍ଲକର ବିଦେଇପୁର କ୍ଲଷ୍ଟର ସୁନାମୁହିଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଜଣେ ଶିକ୍ଷକଙ୍କ ମାଡ଼ରେ ୪ ଛାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ଅଭିଭାବକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

ଶନିବାର ଥିବାରୁ ସକାଳୁଆ କ୍ଲାସ ଚାଲିଥିଲା। ଶିକ୍ଷକ କଳ୍ପତରୁ ମଲ୍ଲିକ ଅଷ୍ଟମ ଶ୍ରେଣୀକୁ ପଢ଼ାଇବାକୁ ଯାଇ କେତେଜଣ ଛାତ୍ରୀଙ୍କର ଖାତା ଦେଖିବା ପାଇଁ ମାଗିଥିଲେ। ମାତ୍ର ଏହି ବାହାନାରେ ସେ ଛାତ୍ରୀମାନଙ୍କ ଖାତାରେ ନାଲି କାଳିରେ କେତେକ ଆପତ୍ତିଜନକ କଥା ଲେଖିଥିଲେ। ଏହାକୁ ବିରୋଧ କରି ପ୍ରଧାନଶିକ୍ଷକଙ୍କୁ ଜଣାଇଦେବେ ବୋଲି କହିବାରୁ ସେ ରାଗିଯାଇ ସେମାନଙ୍କୁ ମାଡ଼ ମାରିଥିଲେ। ପ୍ରାୟ ୧୪ଜଣ ଛାତ୍ରୀଙ୍କୁ ଶିକ୍ଷକ ମାଡ଼ ମାରିଥିବା ଅଭିଯୋଗ ହେଉଛି। ଅନ୍ୟ କେତେଜଣ ଛାତ୍ରୀଛାତ୍ର ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ସ୍କୁଲର ଅନ୍ୟ ଶିକ୍ଷକ ଓ ଅଭିଭାବକ ଆହତ ଛାତ୍ରୀଙ୍କୁ ଡାକ୍ତରଖାନା ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନେ ଘରକୁ ଫେରିଛନ୍ତି। ତେବେ ଏହାକୁ ନେଇ ବିଦ୍ୟାଳୟ ପରିସରରେ ଗ୍ରାମବାସୀ ଓ ଅଭିଭାବକ ଉକ୍ତ ଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷକଙ୍କୁ ବିଦ୍ୟାଳୟରେ ଅଟକ ରଖିଥିଲେ। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ। ପ୍ରଧାନଶିକ୍ଷକ ପ୍ରଭାକର ମାଝି କଷିଆ ସାମୁଦ୍ରିକ ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ଶିକ୍ଷକ ମଲ୍ଲିକଙ୍କୁ ଥାନାରେ ଅଟକ ରଖିଥିଲା। ପ୍ରାଥମିକ ତଦନ୍ତ ପରେ ପୋଲିସ ତାଙ୍କୁ ଛାଡ଼ି ଦେଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଶିକ୍ଷକ ମଲ୍ଲିକଙ୍କୁ ପଚାରିବାରୁ ସେ ଏଭଳି ଅଭିଯୋଗକୁ ଅସ୍ୱୀକାର କରିବା ସହ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ବୋଲି କହିଛନ୍ତି।

## ଗ୍ୟାସ୍ ଏଜେନ୍ସି ମାଲିକଙ୍କ ସମେତ ୨ ଗିରଫ

**ସିଲିଣ୍ଡର ଫାଟି ଘର ଭୁଶୁଡ଼ିବା ଘଟଣା**

**ଗୋପାଳପୁର,୨୩।୭(ଡି.ଏନ୍.ଏ.)**


ଗିରଫ ଦୁଇ ଅଭିଯୁକ୍ତ।

ଗ୍ୟାସ୍ ସିଲିଣ୍ଡର ଫାଟି ଘର ଭୁଶୁଡ଼ିବା ଘଟଣାରେ ଗୋପାଳପୁର ଥାନା ପୋଲିସ ଶନିବାର ଗ୍ୟାସ୍ ଏଜେନ୍ସିର ମାଲିକଙ୍କ ସମେତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମାଲିକ ତ୍ରିଲୋଚନ ପାଣିଗ୍ରାହୀ (୬୫) ଓ ବିସ୍ଫୋରଣରେ ଗୁରୁତର ହୋଇଥିବା ଅଶୋକ ନାୟକଙ୍କ ଭାଇ ଦଇତାରୀ (୩୪)। ଏଥିସହ ବେଆଇନ ଭାବେ ବ୍ୟବସାୟ କରାଯାଉଥିବା ୨୧ଟି ବାଣିଜ୍ୟ ସିଲିଣ୍ଡର, ୧୧ ଖାଲି ହାଣ୍ଡି ଓ ୨୭ ଖାଲି ଘରୋଇ ହାଣ୍ଡି, ୫ କେଜିବିଶିଷ୍ଟ ୩ ଖାଲି ହାଣ୍ଡି ଓ ଅଟୋକୁ ପୋଲିସ ଜବତ କରିଛି। ସୁରକ୍ଷା ଦୃଷ୍ଟିକୋଣରୁ ଜବତ ସାମଗ୍ରୀକୁ ଯୋଗାଣ ବିଭାଗକୁ ହସ୍ତାନ୍ତର କରାଯାଇଛି।

ବ୍ରହ୍ମପୁର ଇଣ୍ଡିଆନ୍ ଗ୍ୟାସ୍ ଏଜେନ୍ସିରେ ଗୋପାଳପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ଦେବରାଜ ନାୟକ ଓ ପୁଅ ଦଇତାରୀ ନାୟକ ଏବଂ ଅଶୋକ ନାୟକ ଡେଲିଭରି ବୟ ରୂପେ କାମ କରୁଥିଲେ। ଏଜେନ୍ସିରେ ଗ୍ୟାସ୍ ବଣ୍ଟନ ହେବା ପୂର୍ବରୁ ଏହାର ମାଲିକଙ୍କ ଜାଣତରେ ବାଣିଜ୍ୟ ଓ ଘରୋଇ ସିଲିଣ୍ଡରକୁ ଆଗୁଆ ଆଣି ଦେବରାଜ ଘରେ ଗଚ୍ଛିତ ରଖୁଥିଲେ। ପରେ ଏହାକୁ ସେ ବାହାରେ ଚଢ଼ାଦରରେ ବିକ୍ରି କରୁଥିଲେ। ଶୁକ୍ରବାର ସକାଳେ ବାଣିଜ୍ୟ ହାଣ୍ଡିରୁ ଖାଲି ହାଣ୍ଡିକୁ ଗ୍ୟାସ୍ ଭର୍ତ୍ତି କରୁଥିବା ବେଳେ ବିସ୍ଫୋରଣ ଘଟିଥିଲା। ଏଥିରେ ଦେବରାଜ ଓ ଅଶୋକ ଗୁରୁତର ହେବା ସହ ଘର ଭୁଶୁଡ଼ି ପଡ଼ିଥିଲା। ଏ ନେଇ ପୋଲିସ ନଂ.୧୩୫/୨୨ରେ ମାମଲା ରୁଜୁକରି ତ୍ରିଲୋଚନ ଓ ଦଇତାରୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ସୂଚନା ମିଳିଲେ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ବ୍ରହ୍ମପୁର ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।

## ହ୍ୱାଟ୍ସଆପ୍ ନମ୍ବର ଦେବେ ଛାତ୍ରୀଛାତ୍ର

**ଯୁକ୍ତ୨ ଫର୍ମ ପୂରଣ ପାଇଁ ନୂଆ ନିୟମ**

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

ଚଳିତ ଶିକ୍ଷାବର୍ଷରେ ଯୁକ୍ତ୨ ପ୍ରଥମ ବର୍ଷ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି। ଗତ ୨୦ ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା ବେଳେ ଶନିବାର ସୁଦ୍ଧା ଅଢ଼େଇ ଲକ୍ଷ ଛାତ୍ରୀଛାତ୍ର ସାମ୍ସ ପୋର୍ଟାଲ ମାଧ୍ୟମରେ ଆବେଦନ କରିସାରିଛନ୍ତି। ୨,୦୫୮ ଉଚ୍ଚ ମାଧ୍ୟମିକ ସ୍କୁଲରେ ୫ଲକ୍ଷ ୪ ହଜାର ସିଟ୍ ରହିଛି। ତେବେ ଚଳିତବର୍ଷ ଆବେଦନ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଜଣେ ପିଲା ସର୍ବାଧିକ ୧୦ଟି କଲେଜ ପାଇଁ ଆବେଦନ କରିପାରୁଥିଲେ। ଏବେ ଯେତେ ସଂଖ୍ୟକ କଲେଜରେ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। କିନ୍ତୁ ଅତି କମ୍‌ରେ ୫ଟି କଲେଜ ପାଇଁ ଆବେଦନ କରିବା ବାଧ୍ୟତାମୂଳକ କରାଯାଇଛି। ସେହିପରି ନାମଲେଖା ପ୍ରକ୍ରିୟା ଓ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା ହେଉଥିବା ଦୃଷ୍ଟିରୁ ଏଥର ଆବେଦନ ଫର୍ମରେ ହ୍ୱାଟସଆପ୍ ନମ୍ବର ଦେବାକୁ କୁହାଯାଇଛି। ଏ ନେଇ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ହ୍ୱାଟ୍‌ସଆପ୍ ଜରିଆରେ ପିଲାଙ୍କୁ ନାମଲେଖା ସମ୍ପର୍କିତ ସମସ୍ତ ସୂଚନା ସହ ପାଠପଢ଼ା ସମ୍ପର୍କିତ ଖବର ଦିଆଯିବ। ସେହିଭଳି ସ୍କୁଲ ତରଫରୁ ମିଳିଥିବା ୟୁନିକ୍ ଷ୍ଟୁଡେଣ୍ଟ ଆଇଡି ମଧ ଫର୍ମ ପୂରଣ ସମୟରେ ଦେବା ବାଧ୍ୟତାମୂଳକ କରାଯାଇଛି। ନାମଲେଖା ସମ୍ପର୍କିତ କୌଣସି ସୂଚନା ପାଇଁ ଦୁଇଟି ଟୋଲ ଫ୍ରି ନମ୍ବର (୧୫୫୩୩୫, ୧୮୦୦୩୪୫୬୭୭୦)ରେ ଛାତ୍ରୀଛାତ୍ର ଯୋଗାଯୋଗ କରିପାରିବେ। ସେହିଭଳି odishacareerportal.comରେ ଛାତ୍ରୀଛାତ୍ର ନିଜ କ୍ୟାରିୟର ସମ୍ବନ୍ଧିତ ସମସ୍ତ ତଥ୍ୟ ପାଇପାରିବେ। ଉଚ୍ଚଶିକ୍ଷା ପାଇଁ କେଉଁ କ୍ୟାରିୟର ବାଛିବେ, କେଉଁଠି ପଢ଼ିବେ ସେସବୁ ତଥ୍ୟ ନିଜର ଲଗ୍ ଇନ୍ ଆଇଡି ଦେଇ ପାଇପାରିବେ। ଆବଶ୍ୟକ ପଡ଼ିଲେ ଯୁକ୍ତ୨ରେ ସିଟ୍ ସଂଖ୍ୟା ବଢ଼ାଯିବ। ସେପ୍ଟେମ୍ବର ପହିଲାରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ପାଇଁ ଯୋଜନା ଚାଲିଥିବା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ସେହିଭଳି ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ର୍ୟାଗିଂ ବନ୍ଦ ଉପରେ ଗୁରୁତ୍ୱ ଦେଇଛି। କୌଣସି ଛାତ୍ରୀଛାତ୍ର ଯଦି ର୍ୟାଗିଂର ଶିକାର ହୁଅନ୍ତି, ତା'ହେଲେ ନିଜ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଜଣାଇବାକୁ ଅନୁରୋଧ କରାଯାଇଛି।

## ପୋଖରୀରୁ ପୂର୍ବତନ ସରପଞ୍ଚଙ୍କ ମୃତଦେହ ଜବତ

**କଟକ ସଦର,୨୩।୭(ଡି.ଏନ୍.ଏ.):** କଟକ ଜିଲା କିଶନନଗର ଥାନା ଇଶାଣୀ-ବ୍ରହ୍ମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପୃଥୀରାଜ ସାହୁ(୪୫)ଙ୍କର ମୃତଦେହ ଶନିବାର ନିକଟସ୍ଥ ପୋଖରୀରୁ ପୋଲିସ ଜବତ କରିଛି। ଶୁକ୍ରବାର ରାତିରୁ ସେ ନିଖୋଜ ଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡିବ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୯/୨୨) ରୁଜୁ ହୋଇଛି।

## ହୀରାକୁଦ ଜଳଭଣ୍ଡାରର ୩ ଗେଟ୍ ବନ୍ଦ

**୭ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ**

**ସମ୍ବଲପୁର,୨୩।୭(ବ୍ୟୁରୋ)**


ହୀରାକୁଦ ଜଳଭଣ୍ଡାରରୁ ଜଳ ନିଷ୍କାସନ ହେଉଛି।

ସମ୍ବଲପୁର ହୀରାକୁଦ ଜଳଭଣ୍ଡାରର ୩ ଗେଟ୍ ଶନିବାର ବନ୍ଦ କରାଯାଇଛି। ଏବେ ୭ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ କମିଯାଇଥିବାରୁ କର୍ତ୍ତୃପକ୍ଷ ଗେଟ୍ ଖୋଲିବା ସଂଖ୍ୟା ହ୍ରାସ କରିଛନ୍ତି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬୩ହଜାର ୪୫୪ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ୧ ଲକ୍ଷ ୪୨ ହଜାର ୫୨୪ କ୍ୟୁସେକ ଜଳ ନିଷ୍କାସନ ହେଉଛି। ଜଳସ୍ତର ଏବେ ୬୨୦.୯୭ ଫୁଟ୍ ରହିଛି। ପାୱାର ଚ୍ୟାନେଲକୁ ୩୩ ହଜାର ୭୦୨ କ୍ୟୁସେକ, ଜଳସେଚନ ପାଇଁ ୪ ହଜାର ୫୪୩, ଶିଳ୍ପ ପାଇଁ ୨୭୩ କ୍ୟୁସେକ ପାଣି ନିଷ୍କାସନ ହେଉଛି। ସୂଚନାଯୋଗ୍ୟ ଗତ ୧୮ ତାରିଖରେ ୫ ଗେଟ୍ ଦେଇ ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିଲା। ପୁନର୍ବାର ୨୧ତାରିଖ ପୂର୍ବାହ୍ନରେ ୩ ଓ ପରେ ସନ୍ଧ୍ୟାରେ ଆଉ ୨ ଗେଟ୍ ଖୋଲାଯାଇଥିଲା।

## ଆହୁରି ଦୁଇଦିନ ବର୍ଷିବ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ):** ସାରା ରାଜ୍ୟରେ ଏବେ ବର୍ଷା ଜାରି ରହିଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଏହିଭଳି ବର୍ଷା ଲାଗି ରହିବ। ଏ ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ରବିବାର ଗଜପତି, ଗଞ୍ଜାମ, କନ୍ଧମାଳ, ପୁରୀ, ଖୋର୍ଦ୍ଧା, କଟକ, ନୟାଗଡ଼, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର ଓ କେନ୍ଦୁଝରରେ ପ୍ରବଳ ବର୍ଷା ହୋଇପାରେ। ଶନିବାର ଯାଜପୁରରେ ସର୍ବାଧିକ ୪୧ମିମି ବର୍ଷା ହୋଇଛି। ସେହିପରି ସୋନପୁରରେ ୩୫, କଟକ ୧୧, ବାଲେଶ୍ୱର ୨୨, ପାରାଦୀପ ୬ ଏବଂ ଚାନ୍ଦବାଲିରେ ୭.୫ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

## ଆନ୍ଧ୍ରର ଅଙ୍ଗନୱାଡ଼ି ଗୃହ ଭାଙ୍ଗିଦେଲେ

- ତଳଗଞ୍ଜେଇ ପଦର ଗ୍ରାମରେ ନିର୍ମାଣାଧୀନ ଥିଲା
- ସାଲୁର ପୋଲିସ ନିକଟରେ ଅଭିଯୋଗ କଲେ କନିଷ୍ଠ ଯନ୍ତ୍ରୀ
- ଦୁଇ ରାଜ୍ୟ ମଧ୍ୟରେ ବଢ଼ିପାରେ ଅଧିକ ବିବାଦ

**ପଟ୍ଟାଙ୍ଗୀ,୨୩।୭(ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ରାଜ୍ୟ ସୀମାନ୍ତ କୋଟିଆ ପଞ୍ଚାୟତର ତଳଗଞ୍ଜେଇ ପଦର ଗ୍ରାମରେ ଆନ୍ଧ୍ର ରାଜ୍ୟ ସରକାର ପକ୍ଷରୁ ନିର୍ମାଣାଧୀନ ଅଙ୍ଗନୱାଡ଼ି ଗୃହକୁ କେହି ଭାଙ୍ଗି ଦେଇଛି। ଏନେଇ ଆନ୍ଧ୍ରର ସାଲୁର ପୋଲିସ ନିକଟରେ ଶନିବାର ଲିଖିତ ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅଙ୍ଗନୱାଡ଼ି ଗୃହ ଭଙ୍ଗାକୁ ନେଇ ଓଡ଼ିଶା-ଆନ୍ଧ୍ର ଦୁଇ ରାଜ୍ୟ ମଧ୍ୟରେ ବିବାଦ ଆଗାମୀ ଦିନରେ ବଢିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଖବରରୁ ଜଣାପଡିଛି, ତଳ ଗଞ୍ଜେଇ ପଦର ଗ୍ରାମରେ ସାଲୁର ବ୍ଲକ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ଅଙ୍ଗନୱାଡ଼ି ଗୃହକୁ ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛି। ଏହାକୁ ନେଇ ଅଞ୍ଚଳର ସରପଞ୍ଚମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଳମ୍ବିତ ରାତିରେ ଏପରି ନିର୍ମାଣାଧୀନ ଗୃହ ଭାଙ୍ଗିବା ଠିକ ନୁହେଁ, ବରଂ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଆମେ କାମ ବନ୍ଦ କରି ଦେଇଥାନ୍ତୁ ବୋଲି ତଳ ଗଞ୍ଜେଇପଦର ସରପଞ୍ଚ ଦିବାକର ଗେମେଲ କହିଛନ୍ତି। ସାଲୁର ବ୍ଲକ ପ୍ରଶାସନ ପକ୍ଷରୁ କୋଟିଆ ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ ପାଇଁ ସାଲୁର ପିଆଇଟିଡିଏର କନିଷ୍ଠ ଯନ୍ତ୍ରୀ ବି. ସନ୍ତୋଷ କୁମାର ଶନିବାର କ୍ଷେତ୍ର ପରିଦର୍ଶନ କରିବାକୁ ଆସିଥିବା ବେଳେ ତଳଗଞ୍ଜେଇପଦରରେ ନିର୍ମାଣାଧୀନ ଅଙ୍ଗନୱାଡ଼ି ଗୃହ ଭଙ୍ଗା ଯାଇଥିବା ଦେଖି ସାଲୁର ବ୍ଲକ ପ୍ରଶାସନକୁ ରିପୋର୍ଟ କରିଥିଲେ। ପ୍ରଶାସନ ନିର୍ଦ୍ଦେଶରେ କନିଷ୍ଠଯନ୍ତ୍ରୀ ସନ୍ତୋଷ କୁମାର ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଓଡ଼ିଶାର କୋଟିଆ ପଞ୍ଚାୟତ ସରପଞ୍ଚ ଲିୟୁ ଗେମେଲଙ୍କୁ ଏହି ଅଙ୍ଗନୱାଡ଼ି ଗୃହ ଭଙ୍ଗାଯିବା ସମ୍ପର୍କରେ ପଚରାଯିବାରୁ ସେ କହିଲେ ଯେ, ଉକ୍ତ ଗୃହ କିଏ ଭାଙ୍ଗି କାହିଁକି ଭାଙ୍ଗିଲା ମୋ ନିକଟରେ କୌଣସି ଖବର ନାହିଁ। ତେବେ ଘଟଣାକୁ ନେଇ ମତେ ଅନେକ ଲୋକ ପ୍ରଶ୍ନ କରୁଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଗତ ବୁଧବାର ଆନ୍ଧ୍ରର ନୂତନ ଜିଲା ପାର୍ବତୀପୁରମ୍ ମାନ୍ୟମ୍ ଜିଲାର ଜିଲାପାଳ କୋଟିଆ ଗସ୍ତ କରିବା ସମ୍ପର୍କରେ ଖବର ପାଇ ଓଡ଼ିଶାର ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ଉକ୍ତ ପଞ୍ଚାୟତକୁ ଗସ୍ତ କରି ଫେରିବା ପରେ ଗୁରୁବାର ବିଳମ୍ବିତ ରାତିରେ ଆନ୍ଧ୍ରର ଏହି ଅଙ୍ଗନୱାଡ଼ି ଗୃହ ଭଙ୍ଗାଯାଇଛି।

**ବିଳମ୍ବ ହେବ ବିଏସ୍ଏନ୍ଏଲ୍‌ର ୪ଜି ସେବା**

ନୂଆଦିଲ୍ଲୀ: ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍) ର ୪ଜି ସେବାର ଶୁଭାରମ୍ଭ ବିଳମ୍ବ ହେବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଟେଲିକମ୍ ଦୁନିଆରେ ବିଏସ୍ଏନ୍ଏଲ୍ ସବୁଠାରୁ ଅଧିକ ପ୍ରାଧାନ୍ୟ ବିସ୍ତାର କରିଥିବା ବେଳେ ବର୍ତ୍ତମାନ କିନ୍ତୁ ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକ ବିଏସ୍ଏନ୍ଏଲ୍‌କୁ ଯଥେଷ୍ଟ ପଛରେ ପକାଇ ଦେଇଛନ୍ତି। ଏପରିକି ଘରୋଇ ଟେଲିକମ୍ କମ୍ପାନୀଗୁଡ଼ିକ ୪ଜିରୁ ୫ଜି ସ୍ପେକ୍ଟ୍ରମ ନିଲାମରେ ଅଂଶ ଗ୍ରହଣ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ବିଏସ୍ଏନ୍ଏଲ୍ ଏବେ ବି ସେହି ୩ଜି ନେଟ୍‌ୱାର୍କରେ ରହିଛି। ପୂର୍ବରୁ ଶୁଣାଯାଉଥିଲା ଯେ ୨୦୨୦ରେ ନିଗମ ତା'ର ୪ଜି ସେବା ଜାରି କରିବ, ମାତ୍ର ଏବେ ପର୍ଯ୍ୟନ୍ତ କମ୍ପାନୀ ଯେଉଁଠି ଥିଲା ସେଇଠି ଅଟକିଛି।

# ହ୍ରାସ ପାଉଛି ବୈଦେଶିକ ମୁଦ୍ରାଭଣ୍ଡାର

**ନୂଆଦିଲ୍ଲୀ,୨୩।୭**



ଗତ କିଛି ମାସ ହେବ ବିଭିନ୍ନ କାରଣରୁ ଦେଶର ବୈଦେଶିକ ମୁଦ୍ରାଭଣ୍ଡାର ଆଶାତୀତ ଭାବେ ହ୍ରାସ ପାଉଛି। ଚଳିତ ବର୍ଷ ଜୁଲାଇ ୧୫ରେ ସମାପ୍ତ ସପ୍ତାହରେ ୭.୫୪୧ ବିଲିୟନ ଡଲାର ଖସି ୫୭୨.୭୧୨ ବିଲିୟନ ଡଲାରରେ ପହଞ୍ଚିଛି। ଟଙ୍କାର ମୂଲ୍ୟ ହ୍ରାସ ରୋକିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ବାରମ୍ବାର ହସ୍ତକ୍ଷେପ ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି। ଆର୍‌ବିଆଇଙ୍କ ଅନୁସାରେ ଏହା ପୂର୍ବରୁ ୮ ଜୁଲାଇରେ ସମାପ୍ତ ସପ୍ତାହରେ ବୈଦେଶିକ ମୁଦ୍ରାଭଣ୍ଡାର ୮.୦୬୨ ବିଲିୟନ ଡଲାର ଖସି ୫୮୦.୨୫୨ ବିଲିୟନ ଡଲାରରେ ପହଞ୍ଚିଥିଲା। ସେହିଭଳି କ୍ରମାଗତ ଭାବେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଓ ବିଦେଶୀ ନିବେଶକଙ୍କ ଦ୍ୱାରା ହେଉଥିବା ଉଠାଣ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ୮ଜୁଲାଇରେ ସମାପ୍ତ ସପ୍ତାହରେ ବୈଦେଶିକ ମୁଦ୍ରାଭଣ୍ଡାରରେ ଦେଖାଯାଇଥିବା ହ୍ରାସ ବୈଦେଶିକ ମୁଦ୍ରାର ପରିସମ୍ପତ୍ତି ହ୍ରାସ ଯୋଗୁ ହୋଇଥିଲା। ଏହା ଛଡ଼ା ସଂରକ୍ଷିତ ସ୍ୱର୍ଣ୍ଣ ଭଣ୍ଡାରରେ ହ୍ରାସ ମଧ୍ୟ ବୈଦେଶିକ ମୁଦ୍ରାପାଣ୍ଠିର ହ୍ରାସର ଅନ୍ୟତମ କାରଣ ପାଲଟିଛି। ଆର୍‌ବିଆଇ ନିକଟରେ ଜାରି କରିଥିବା ସାପ୍ତାହିକ ତଥ୍ୟ ଅନୁସାରେ ସମୀକ୍ଷାଧୀନ ସପ୍ତାହରେ ବୈଦେଶିକ ମୁଦ୍ରା ପରିସମ୍ପତ୍ତି (ଏଫ୍‌ସିଏ) ୬.୫୨୭ ବିଲିୟନ ଡଲାର ହ୍ରାସ ହୋଇ ୫୧୧.୫୬୨ ବିଲିୟନ ଡଲାରରେ ପହଞ୍ଚିଥିଲା। ଡଲାର ଅଭିବ୍ୟକ୍ତିରେ ବୈଦେଶିକ ମୁଦ୍ରାଭଣ୍ଡାରରେ ରଖାଯାଇଥିବା ପରିସମ୍ପତ୍ତି ଯେପରିକି ୟୁରୋ, ପାଉଣ୍ଡ ଓ ୟେନ୍ ଭଳି ଅଣ ଆମେରିକୀୟ ମୁଦ୍ରାର ମୂଲ୍ୟ ବୃଦ୍ଧି ଅଥବା ହ୍ରାସ ଯୋଗୁ ଏପରି ପରିସ୍ଥିତି ଉପୁଜିଥିବା କୁହାଯାଇଛି। ସେହିପରି ଆଲୋଚ୍ୟ ସପ୍ତାହରେ ସ୍ୱର୍ଣ୍ଣ ଭଣ୍ଡାରର ମୂଲ୍ୟ ମଧ୍ୟ ୮୩ କୋଟି ଡଲାର ହ୍ରାସ ହୋଇ ୩୮.୩୫୬ ବିଲିୟନ ଡଲାରରେ ପହଞ୍ଚିଛି। ସମୀକ୍ଷାଧୀନ ସପ୍ତାହରେ ଅନ୍ତର୍ଜାତୀୟ ମୁଦ୍ରାକୋଷ (ଆଇଏମ୍ଏଫ୍)ରେ ଜମା ବିଶେଷ ଆହରଣ ଅଧିକାର (ଏସ୍‌ଡିଆର୍) ୧୫.୫ କୋଟି ଡଲାର ହ୍ରାସ ହୋଇ ୧୭.୮୫୭ ବିଲିୟନ ଡଲାରରେ ପହଞ୍ଚିଛି। ଆଇଏମ୍ଏଫ୍‌ରେ ଗଚ୍ଛିତ ଦେଶର ମୁଦ୍ରାଭଣ୍ଡାର ମଧ୍ୟ ୨.୯କୋଟି ଡଲାର ହ୍ରାସ ହୋଇ ୪.୯୩୭ ବିଲିୟନ ଡଲାରରେ ପହଞ୍ଚିଛି।

# ଏସ୍‌ବିଆଇର 'ମୋ ଗାଁ ମୋ ବ୍ୟାଙ୍କ'

**ଭୁବନେଶ୍ୱର,୨୩।୭**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର 'ମୋ ଗାଁ ମୋ ବ୍ୟାଙ୍କ' କାର୍ଯ୍ୟକ୍ରମ ଜରିଆରେ ରାଜ୍ୟସ୍ତରୀୟ ଏକ ଚାଷୀ ସମ୍ପର୍କ ଅଭିଯାନ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ସମସ୍ତ କ୍ଷେତ୍ରୀୟ ପ୍ରବନ୍ଧକ ଓ ଉପ ମହାପ୍ରବନ୍ଧକ ତଥା ମହାପ୍ରବନ୍ଧକ ପୋଣ୍ଣମବଲମ ଓ ଉତ୍ତମ କୁମାର ହଜରା ଚୌଧୁରୀ ଯଥାକ୍ରମେ ଗୁଡୁଗୁଡୁପଡ଼ା ଓ ଜଗଦୀଶପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ଜଗତ୍‌ସିଂହପୁରସ୍ଥିତ ବିଲାଶୁଣୀ ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଗନେଇ ଏସ୍‌ବିଆଇର ସେବା ସମୂହ ଓ ସାମାଜିକ ସୁରକ୍ଷା ଯୋଜନାକୁ ସର୍ବସାଧାରଣଙ୍କ ପାଖରେ ପହଞ୍ଚାଇବାର ଲକ୍ଷ୍ୟ ଓ ଦେଶରେ ଅଗ୍ରଣୀ ବ୍ୟାଙ୍କର ସ୍ଥାନ ବଜାୟ ରଖିବାର ପ୍ରତିଶ୍ରୁତି ଦେଇଥିଲେ।

# ଭୁବନେଶ୍ୱରରେ ୟୋଭାଣ୍ଟ




**ଭୁବନେଶ୍ୱର,୨୩।୭**

ଭୁବନେଶ୍ୱରରେ କନ୍‌ସଲ୍‌ଟିଂ, ଟେକ୍ନୋଲୋଜି ଏବଂ ଡିଜିଟାଲ ଟ୍ରାନ୍ସଫର୍ମେଶନ ସେବା ଯୋଗାଉଥିବା ଗ୍ଲୋବାଲ ଆଇଟି ସର୍ଭିସ୍ କମ୍ପାନୀ ୟୋଭାଣ୍ଟର ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ମନୋଜ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଜାତୀୟ ସଫ୍ଟୱେର ଟେକ୍ନୋଲୋଜି ପାର୍କର ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ୟୋଭାଣ୍ଟର ସିଓଓ ପ୍ରବୀର କୁମାର ପଣ୍ଡା କହିଛନ୍ତି, ଏହା ନଭେମ୍ବର ୨୦୨୦ରେ ଆରମ୍ଭ ହୋଇଥିଲା ଏବଂ ଭୁବନେଶ୍ୱରରେ ଏହାର ଚତୁର୍ଥ ସେଣ୍ଟରର ଉଦ୍‌ଘାଟନ କରିବା ଆମ ସଫଳତାକୁ ଦ୍ୱିଗୁଣିତ କରିଛି। ଆମେ ଭୁବନେଶ୍ୱରରେ ୨୫୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରିବା ଏବଂ ୟୋଭାଣ୍ଟକୁ ରାଜ୍ୟର ସଫଳ ଆଇଟି କମ୍ପାନୀ ମଧ୍ୟରୁ ଗୋଟିଏ କରିବା ପାଇଁ ଲକ୍ଷ୍ୟ ରଖିଛୁ। ଅନ୍ୟମାନଙ୍କ ମଧ୍ୟରେ ୟୋଭାଣ୍ଟର ସିଇଓ ସାମ୍ ମ୍ୟାକ୍‌ଗୁକିନ୍, ସିଟିଓ ପଲ୍ ମ୍ୟାନିଂ, ସିଏଫ୍ଓ ଅନିଲ ମଲ୍ଲିକ, ଜୟଦୀପ କୁମାର, ପ୍ରଭେଜ୍ କୁମାର, ଋଷିକେଶ ଜିଲପିଲୱାର, ସାହିଲ୍ ଅରୋରା ପ୍ରମୁଖ ଉପସ୍ଥିତ ଥିଲେ।

# 'ଉଦ୍ୟୋଗରେ ସୃଜନଶୀଳତା ଏବଂ ଉଦ୍ଭାବନ'

**ଭୁବନେଶ୍ୱର,୨୩।୭**

ଆଇସିସି ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ (ଆଇଏନ୍‌ଡବ୍ଲ୍ୟୁଇସି) ପକ୍ଷରୁ ନିକଟରେ ସ୍ଥାନୀୟ ଜୟଦେବବିହାରସ୍ଥିତ ଏକ ହୋଟେଲ ପରିସରରେ ଆୟୋଜିତ ଏ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ଉଦ୍ୟୋଗରେ ସୃଜନଶୀଳତା ଏବଂ ଉଦ୍ଭାବନ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବୟନ ଏବଂ ହସ୍ତତନ୍ତ ବିଭାଗର କମିଶନର ଶୁଭା ଶର୍ମା, ଓର୍‌ମାସ ସିଇଓ ପୁନମ୍ ଗୁହା ଏବଂ ଏସ୍‌ଜେ ଡେଭେଲପର୍ସ ଆଣ୍ଡ ହାଉସିଂ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ମାତୃଦତ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଶାରେ ମହିଳା ଉଦ୍ୟୋଗକୁ ପ୍ରୋତ୍ସାହିତ କରୁଥିବା ବିଭିନ୍ନ ସରକାରୀ ପଦକ୍ଷେପ ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଆଇଏନ୍‌ଡବ୍ଲ୍ୟୁଇସି ଓଡ଼ିଶାର ଉଦ୍ୟୋକ୍ତା ସୁକୀର୍ତ୍ତି ପଟ୍ଟନାୟକଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସୁକୀର୍ତ୍ତି କହିଛନ୍ତି, ଫରାହ ଖାନ୍ ଜଣେ ଜାତୀୟସ୍ତରର ସୁନାମଧନ୍ୟ ଗହଣା ଡିଜାଇନର, ଯାହାଙ୍କ ଡିଜାଇନ ଭାରତ ତଥା ବିଦେଶର ବଲିଉଡ୍ ତାରକାମାନଙ୍କ ମଧ୍ୟରେ ଅନୁଗ୍ରହ ଲାଭ କରିଛି। ଫରାହଙ୍କ ଅଭିଜ୍ଞତା ଓଡ଼ିଶାରେ ଆମର ଡିଜାଇନରମାନଙ୍କୁ ଏକ ସୁଯୋଗ ପ୍ରଦାନ ସହ ଉଚ୍ଚସ୍ତରୀୟ ଅଳଙ୍କାର ତିଆରି କରିବା ଏବଂ ବିଶ୍ୱବଜାରକୁ ଅନୁସନ୍ଧାନ କରିବ। ସେହିଭଳି ପ୍ରୀତି ପଟ୍ଟନାୟକ, କୋର୍ ସଦସ୍ୟ ଆଇଏନ୍‌ଡବ୍ଲ୍ୟୁଇସି ଓଡ଼ିଶା ଭୁବନେଶ୍ୱରରେ ଉଚ୍ଚମାନର ଡିଜାଇନ ଏବଂ ଅଳଙ୍କାର ପ୍ରଦର୍ଶନ କରି ମହିଳାମାନଙ୍କ ପାଇଁ ଏକ ଅନନ୍ୟ କ୍ରୟ ଅଭିଜ୍ଞତା ପ୍ରଦାନ କରିଥିବାରୁ ଫରାହ ଖାନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ରାସର ପ୍ରତିଷ୍ଠାତା ରଶ୍ମି ମହାପାତ୍ର ଏକ ପାରସ୍ପରିକ ଅଧିବେଶନ ପରିଚାଳନା କରିଥିଲେ।

# ଭିଆଇଟି-ଏପିରେ ଉଚ୍ଚଶିକ୍ଷା ବର୍ଗ ପାଇଁ ବୃତ୍ତି କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୨୩।୭**

VIT-AP UNIVERSITY



ଡ. ଜି.ବିଶ୍ୱନାଥନ୍

ଭେଲୋର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଭିଆଇଟି) ଆନ୍ଧ୍ର ପ୍ରଦେଶ ବା ଭିଆଇଟି-ଏପି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳପତି ଡ. ଜି.ବିଶ୍ୱନାଥନ୍ ନିକଟରେ ଉଚ୍ଚଶିକ୍ଷା ବର୍ଗଙ୍କ ପାଇଁ ବୃତ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିଛନ୍ତି। ବିଶେଷକରି ଜିଭି ମେରିଟ୍ ସ୍କଲାରଶିପ୍ ଏବଂ ରାଜେଶ୍ୱରୀ ଆମ୍ମାଲ ମେରିଟ୍ ସ୍କଲାରଶିପ୍ ଭିଆଇଟି-ଏପିର ମେଧାବୀ ବିଦ୍ୟାର୍ଥୀମାନଙ୍କୁ ପ୍ରଦାନ କରାଯିବ। ଯେଉଁମାନେ ବିଶେଷକରି ଅଣ ଇଞ୍ଜିନିୟରିଂ କାର୍ଯ୍ୟକ୍ରମ ଯଥା ବିବିଏ, ବି.କମ୍, ଆଇନ, ବି.ଏସ୍‌ସି ଏବଂ ବି.ଏ ସମେତ ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷା ପାଇଁ ୨୦୨୨-୨୩ ଶିକ୍ଷାବର୍ଷରୁ ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକରେ ନାମ ଲେଖାଉଥିବା ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ଏଭଳି ଘୋଷଣା କରାଯାଇଛି। ସେହିପରି ଭିଆଇଟି-ଏପିର ଉପ କୁଳପତି ଡ.ଏସ୍.ଭି.କୋଟା ରେଡ୍ଡୀ ଉକ୍ତ ବୃତ୍ତି ସମ୍ପର୍କରେ ସ୍ପଷ୍ଟ କରି କହିଛନ୍ତି, ଜିଭି ମେରିଟ୍ ସ୍କଲାରଶିପ୍ ପାଇଁ ସମଗ୍ର ଦେଶରେ ଯେ କୌଣସି ବୋର୍ଡ ଟପ୍ପର ହୋଇଥିବା ଆବଶ୍ୟକ। ଉକ୍ତ ସ୍କଲାରଶିପ୍ ଅଧୀନରେ ସ୍ୱୀକୃତିପ୍ରାପ୍ତ ପ୍ରାର୍ଥୀଙ୍କୁ ୧୦୦% ଛାତ୍ରବୃତ୍ତି ୟୁଜି ପ୍ରୋଗ୍ରାମର ସମସ୍ତ ବର୍ଷ ପାଇଁ ଦିଆଯିବ। ସେହିଭଳି ରାଜେଶ୍ୱରୀ ଆମ୍ମାଲ ମେରିଟ୍ ସ୍କଲାରଶିପ୍ ପାଇବାକୁ ପ୍ରାର୍ଥୀ ଏକ ଜିଲା ଟପ୍ପର ହୋଇଥିବା ଆବଶ୍ୟକ । ଦେଶର ଯେକୌଣସି ରାଜ୍ୟର ସ୍ୱୀକୃତିପ୍ରାପ୍ତ ପ୍ରାର୍ଥୀ ୫୦% ଛାତ୍ରବୃତ୍ତି ପାଇଁ ଯୋଗ୍ୟ ଅଟନ୍ତି। ଡିଗ୍ରୀ ପ୍ରୋଗ୍ରାମର ସମସ୍ତ ବର୍ଷ ପାଇଁ ଟ୍ୟୁଶନ ଫି ଛାଡ଼। ସେହିପରି ଯଦି ଜିଲା ଟପ୍ପର ଜଣେ ଛାତ୍ରୀ ହୋଇଥାନ୍ତି ତେବେ ସେ ଅତିରିକ୍ତ ୨୫% ଛାତ୍ରବୃତ୍ତି ପ୍ରାପ୍ତ କରିବେ। ଅପରପକ୍ଷରେ ୨୦୨୨-୨୩ ଶିକ୍ଷାବର୍ଷରୁ ଯେକୌଣସି ଅଣ ଇଞ୍ଜିନିୟରିଂ ପ୍ରୋଗ୍ରାମରେ ଆବେଦନ କରିବା ପାଇଁ ଚଳିତ ବର୍ଷ ଜୁଲାଇ ୩୧ ଶେଷ ତାରିଖ ରହିଥିବା ବେଳେ ଅଧିକ ବିବରଣୀ ଲାଗି ଭିଆଇଟି- ଏପିର ୱେବ୍‌ସାଇଟ ପରିଦର୍ଶନ କରନ୍ତୁ କିମ୍ବା ୭୯୦୧୦୯୧୨୮୩ କୁ କଲ୍ କରନ୍ତୁ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

# ଆଇଆଇସିଏଚ୍‌ଇ ସହ ମର୍କ୍ୟୁରିର ବୁଝାମଣାପତ୍ର

**କୋଲକାତା,୨୩।୭**

ଦେଶର ଏକ ପ୍ରିମିୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ୍ ହେଉଛି ମର୍କ୍ୟୁରି ଏଜୁକେଶନାଲ ସର୍ଭିସ, ଯାହା ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଇଞ୍ଜିନିୟର୍ସ (ଆଇଆଇସିଏଚ୍‌ଇ) ଯାଦବପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ବିଶେଷକରି ନିଟ୍, ଆଇଆଇଟି-ଜେଇଇ ଏବଂ ଡବ୍ଲ୍ୟୁବି-ଜେଇଇର ଆଶାୟୀ ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ମାର୍ଗଦର୍ଶନ ଦେବା ପାଇଁ ଏହି ବୁଝାମଣାପତ୍ର ହୋଇଥିବା କୁହାଯାଇଛି। ଏକ ଦଶନ୍ଧିରୁ ଅଧିକ ଅଭିଜ୍ଞତା ଥିବା ବିଶେଷଜ୍ଞ ଶିକ୍ଷାବିତ୍‌ଙ୍କ ଏକ ଦଳ ଦ୍ୱାରା ଉତ୍କର୍ଷ ଏବଂ ପରିଚାଳିତ ଶିକ୍ଷା କ୍ଷେତ୍ରରେ ଉକ୍ତ ଅନୁଷ୍ଠାନ ପ୍ରତିଷ୍ଠିତ ବୋଲି କୁହାଯାଇଛି। ଉକ୍ତ ବୁଝାମଣାପତ୍ରରେ ବିଭିନ୍ନ ମାଧ୍ୟମ ଓ ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ବିସ୍ତୃତଭାବେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଇଞ୍ଜିନିୟର୍ସର ଜାତୀୟ ସମ୍ପାଦକ ଡ. ଅଭିଜିତ ଘୋଷ କହିଛନ୍ତି, ମର୍କ୍ୟୁରିର ମହତ୍ତ୍ୱ ଛାତ୍ରୀଛାତ୍ରମାନଙ୍କ ପାଇଁ ଆତ୍ମ ବ୍ୟାଖ୍ୟାକାରୀ, କାରଣ ସେମାନେ ପୂର୍ବରୁ ସହଯୋଗ କରିସାରିଛନ୍ତି। ଦୀର୍ଘ ୭୫ବର୍ଷର ପ୍ରତିଷ୍ଠାନର ଏକ ସଂଗଠନ ଆଇଆଇସିଏଚ୍‌ଇ ଯାଦବପୁର ବିଶ୍ୱବିଦ୍ୟାଳୟ (କୋଲକାତା) ପରିସରରେ ରହିଛି। ସାରା ଦେଶରେ ବିଭିନ୍ନ ପ୍ରକାର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଯୋଗାଉଥିବା ଆଇଆଇସିଏଚ୍‌ଇ ୪୭ଟି ଆଞ୍ଚଳିକ କେନ୍ଦ୍ର ଏବଂ ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହଯୋଗରେ ମର୍କ୍ୟୁରି ଛାତ୍ରୀଛାତ୍ରମାନଙ୍କୁ ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କରିବାରେ ସାହାଯ୍ୟ କରିବ।

**ଫୁରସତ୍**

# ଦେହ ବ୍ୟବସାୟ ମୁହାଁ ଶ୍ରୀଲଙ୍କା ମହିଳା



**କଲମ୍ବୋ:** ଆର୍ଥିକ ସଙ୍କଟ ଭିତର ଦେଇ ଗତି କରୁଥିବା ଶ୍ରୀଲଙ୍କାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡ଼ିଛି। ଆବଶ୍ୟକ ସାମଗ୍ରୀଠାରୁ ଆରମ୍ଭ କରି ଖାଦ୍ୟ ପର୍ଯ୍ୟନ୍ତ ଦେଶରେ ପ୍ରତ୍ୟେକ ଜିନିଷର ଦାମ୍ ବୃଦ୍ଧି ପାଇବାରେ ଲାଗିଛି। ଅନେକ ଲୋକଙ୍କ ଚାକିରି ଚାଲିଯାଇଥିବାବେଳେ ସେମାନଙ୍କ ପକ୍ଷେ ଘର ଚଳାଇବା କଷ୍ଟକର ହୋଇପଡ଼ିଛି। ଦେଶରେ ଆର୍ଥିକ ସଙ୍କଟ କାରଣରୁ ହସ୍ତତନ୍ତ ଉଦ୍ୟୋଗ ଉପରେ ଏହାର ବଡ଼ ପ୍ରଭାବ ପଡ଼ିଛି। ଏଠାରେ ଅଧିକାଂଶ ମହିଳା କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରାଯାଇଛି। ଫଳରେ ପରିବାର ଚଳାଇବା ପାଇଁ ଏହି ମହିଳା ବର୍ତ୍ତମାନ ସମୟରେ ଦେହ ବ୍ୟବସାୟକୁ ଆପଣାଇଛନ୍ତି। ଶ୍ରୀଲଙ୍କାଜ୍ ଡେଲିରେ ପ୍ରକାଶିତ ଖବର ଅନୁସାରେ ଅଧିକାଂଶ ମହିଳା କର୍ମଚାରୀ ଦେହ ବ୍ୟବସାୟ ଆପଣାଇଥିବା ଖବର ପ୍ରକାଶ ପାଇଛି। କାରଖାନାରେ କାମକରିବାବେଳେ ମାସିକ ବେତନ ୨୮ରୁ ୩୫ ହଜାର ମିଳୁଥିବାବେଳେ ଏ ବ୍ୟବସାୟରୁ ତା'ଠାରୁ ଅଧିକ ରୋଜଗାର ହେଉଥିବା ଜଣେ ଦେହବ୍ୟବସାୟ କରୁଥିବା ମହିଳା କହିଛନ୍ତି। ଏଥିରୁ ଦୈନିକ ୧୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର ହେଉଛି। ଖାଲି ଅର୍ଥ ରୋଜଗାର ନୁହେଁ ବରଂ ଖାଦ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଇଁ ଦୋକାନୀ ଓ ସୁରକ୍ଷା ପାଇଁ ପୋଲିସ କର୍ମଚାରୀଙ୍କ ସହ ମହିଳାମାନେ ଶାରୀରିକ ସମ୍ପର୍କ ସ୍ଥାପନ କରିବାକୁ କୁଣ୍ଠାବୋଧ କରୁନାହାନ୍ତି। ଶ୍ରୀଲଙ୍କାର ଆର୍ଥିକ ସଙ୍କଟ କାରଣରୁ ଭାରତ ଓ ବାଂଲାଦେଶକୁ କପଡ଼ା ରପ୍ତାନି ୧୦ରୁ ୨୦ ପ୍ରତିଶତ କମିଛି। ଫଳରେ କିଛି କାରଖାନା ମାଲିକ କମ୍ପାନୀ ବନ୍ଦ କରିଦେଇଥିବାବେଳେ ଆଉ କେତେଜଣ କର୍ମଚାରୀ ଛଟେଇ କରିଛନ୍ତି। ଚଳିତ ବର୍ଷ ଜାନୁୟାରୀ ମାସରୁ ଏହି ମହିଳା ଦେହ ବ୍ୟବସାୟରେ ସାମିଲ ହେବା ଆରମ୍ଭ କରିଛନ୍ତି। ଦରଦାମ୍ ବୃଦ୍ଧି କାରଣରୁ ପରିବାରକୁ ଆର୍ଥିକ ସହଯୋଗ ଯୋଗାଇ ଦେବା ପାଇଁ ମହିଳାମାନେ ଏ ପ୍ରକାର ରୋଜଗାରପନ୍ଥା ଆପଣାଇଥିବା ଜଣାପଡ଼ିଛି। ଅନ୍ୟପଟେ ଦେଖିବାକୁ ଗଲେ ଖାଲି ହସ୍ତତନ୍ତ ନୁହେଁ ଉଦ୍ୟୋଗ, ଗଣମାଧ୍ୟମ ସେକ୍ଟର ଭୁଶୁଡ଼ିବା ସ୍ଥିତିରେ ରହିଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଦେହ ବ୍ୟବସାୟକୁ ଛାଡ଼ିଦେଲେ ଦେଶରେ ରୋଜଗାରର ଆଉ କୌଣସି ପନ୍ଥା ନାହିଁ।

# ନିଜକୁ ପରଦାରେ ଦେଖିବା ପସନ୍ଦ ନୁହେଁ

**ମୁମ୍ବାଇ**



ଦିଶା ପଟାନି

ହିନ୍ଦୀ ଫିଲ୍ମ ଏକ୍ ଭିଲେନ୍ ରିଟର୍ନସ୍‌ର ପ୍ରମୋଶନରେ ଦିଶା ପଟାନି ଏବେ ଖୁବ୍ ବ୍ୟସ୍ତ। ଏହା ଏକ ମଲ୍ଟି ଷ୍ଟାରର୍ ଫିଲ୍ମ ହୋଇଥିବାବେଳେ ଦିଶା ପଟାନିଙ୍କ ସମେତ ଫିଲ୍ମରେ ଅର୍ଜ୍ଜୁନ କପୁର, ଜନ୍ ଆବ୍ରାହମ୍ ଏବଂ ତାରା ସୁତାରିଆ ଅଭିନୟ କରିଛନ୍ତି। ଫିଲ୍ମର ପ୍ରମୋଶନବେଳେ ଜଣେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଦିଶା କହିଛନ୍ତି, ନିଜକୁ ଟିଭି ପରଦାରେ ଦେଖିବା ତାଙ୍କୁ ପସନ୍ଦ ନୁହେଁ। ଯେତେବେଳେ ନିଜକୁ ଟିଭି କିମ୍ବା ବଡ଼ ପରଦାରେ ଦେଖିବାର ସମୟ ଆସେ ଅଧିକାଂଶ ସମୟ ସେ, ମୁହଁ ଲୁଚାଉଥିବା କହିଛନ୍ତି। ଏକ୍ ଭିଲେନ୍ ରିଟର୍ନସ ଜୁଲାଇ ୨୯ରେ ରିଲିଜ୍ ହେବାକୁ ଥିବାବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ମୋହିତ ସୁରି। ୨୦୧୪ରେ ଶ୍ରଦ୍ଧା କପୁର ଓ ସିଦ୍ଧାର୍ଥ ମାଲହୋତ୍ରା ଷ୍ଟାରର 'ଏକ୍ ଭିଲେନ୍'ର ଏହା ଦ୍ୱିତୀୟ ସଂସ୍କରଣ। ଏମ୍ଏସ୍ ଦୋନୀ: ଦ ଅନ୍ ଟୋଲ୍ଡ ଷ୍ଟୋରିରୁ ଦିଶା ବଲିଉଡ୍ ଡେବ୍ୟୁ କରିଥିଲେ। ଏକାଧିକ ଆଲବମ୍‌ରେ ମଧ୍ୟ ଦିଶା କାମ କରିଛନ୍ତି। ତେବେ ଆଗାମୀ ଦିନରେ ତାଙ୍କ ଦ୍ୱାରା ଅଭିନୀତ 'ଯୋଦ୍ଧା' ଫିଲ୍ମରେ ଦିଶାଙ୍କୁ ଦେଖିପାରିବେ ତାଙ୍କ ଫ୍ୟାନ୍ସ। ଏଥିରେ ସିଦ୍ଧାର୍ଥ ମାଲହୋତ୍ରା ଓ ରାଶି ଖନ୍ନା ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ବର୍ଷ ନଭେମ୍ବର ୧୧ରେ ମୁକ୍ତିଲାଭ କରିବ।

# ଦେଶର ବିକାଶରେ ଆୟକର

**ଆୟକର ଦିବସ**

ସରକାରଙ୍କ ପକ୍ଷରୁ ବିଭିନ୍ନ ଟିକସ ଆଦାୟ କରାଯାଇଥାଏ। ଏହାଦ୍ୱାରା ସରକାରଙ୍କ ରାଜସ୍ୱ ସଂଗ୍ରହ ହୋଇଥାଏ। ସେହିପରି ଆୟ ଆଧାରରେ ଲୋକଙ୍କଠାରୁ ଆୟକର ଆଦାୟ କରାଯାଇଥାଏ। ଏସବୁ ଟିକସ ଦ୍ୱାରା ଦେଶର ବିକାଶ କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ଆୟକର ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁଲାଇ ୨୪ରେ ଆୟକର ଦିବସ ପାଳିତ ହୋଇଥାଏ। କେନ୍ଦ୍ରୀୟ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ପକ୍ଷରୁ ଚଳିତ ବର୍ଷ ୧୬୨ ତମ ଆୟକର ଦିବସ ପାଳନ କରାଯାଉଛି। ସାର୍ ଜେମ୍ସ ୱିଲସନ୍‌ଙ୍କ ଦ୍ୱାରା ଇନ୍‌କମ ଟ୍ୟାକ୍ସ ପ୍ରଥମେ ଭାରତରେ ୧୮୬୦ ଜୁଲାଇ ୨୪ରେ ଆରମ୍ଭ କରାଯାଇଥିଲା। ୧୮୫୭ ମସିହାରେ ବ୍ରିଟିଶ ଶାସନ ବିରୋଧରେ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ସିପାହି ବିଦ୍ରୋହ ଯୋଗୁ ବ୍ରିଟିଶ ଶାସନରେ ହୋଇଥିବା କ୍ଷତିର କ୍ଷତିପୂରଣ ଦେବା ଏହି ଟ୍ୟାକ୍ସ ପ୍ରଚଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ୨୪ ଜୁଲାଇ ୨୦୧୦ରେ ପ୍ରଥମେ ଆୟକର ଦିବସ ଭାବରେ ଏହି ଦିନଟିକୁ ପାଳନ କରାଯାଇଥିଲା। ସିବିଡିଟିର ସ୍ଥାପନା ୧୯୨୪ରେ ହୋଇଥିଲା। ଆୟକର ଅଧିନିୟମ ୧୯୬୧ ଅନ୍ତର୍ଗତ ୧ ଏପ୍ରିଲ୍ ୧୯୬୨ଠାରୁ ସମଗ୍ର ଦେଶରେ ଏହା ଲାଗୁ ହୋଇଥିଲା।

# ମୃତ ମହିଳା ୨ ବର୍ଷ ଦେଉଥିଲେ ଭଡ଼ା



**ଲଣ୍ଡନ:** ଦୁଇବର୍ଷ ଧରି ଲଣ୍ଡନରେ ରହୁଥିବା ଜଣେ ୬୧ ବର୍ଷୀୟା ମୃତ ମହିଳା ଘରମାଲିକଙ୍କୁ ଭଡ଼ା ଦେଇ ଆସୁଥିଲେ। ମୃତ ମହିଳାଙ୍କ ନାମ ଶେଲା ସେଲେଓନ। ଲଣ୍ଡନର ପେକ୍‌ହାମ୍‌ରେ ଏକୁଟିଆ ଘର ଭଡ଼ା ନେଇ ରହୁଥିଲେ। ଶେଲାଙ୍କ ମୃତ୍ୟୁ ହେବାନେଇ ଘର ମାଲିକ କିମ୍ବା ଆଖପାଖ ଲୋକଙ୍କ ପାଖରେ କୌଣସି ସୂଚନା ନ ଥିଲା। ଘରୁ ଦୁର୍ଗନ୍ଧ ଆସିବା ପରେ ପଡ଼ୋଶୀ ପୋଲିସକୁ ଖବର ଦେଇଥିଲେ। ପାଖାପାଖି ଦୁଇଥର ପୋଲିସ ଆସି କିଛି ନ ପାଇ ଘର ନିକଟରୁ ଫେରି ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ବାରମ୍ବାର ଅଭିଯୋଗ ଆସିବା ପରେ ଗତ ଫେବୃୟାରୀରେ ପୋଲିସ ଘର କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲା। ଘରେ ଥିବା ସୋଫାରେ ଏକ କଙ୍କାଳ ପଡ଼ିଥିବାର ପୋଲିସ ଦେଖିବାକୁ ପାଇଥିଲା। କଙ୍କାଳଟି ପୋଷ୍ଟମର୍ଟମ କରିବା ଅବସ୍ଥାରେ ନ ଥିବାବେଳେ ଦାନ୍ତର ଅବଶେଷର ଡିଏନ୍ଏ ଟେଷ୍ଟ କରାଯିବା ପରେ ଉକ୍ତ କଙ୍କାଳ ଶେଲାଙ୍କର ବୋଲି ଜଣାପଡ଼ିଥିଲା। ୨୦୧୯ ଏପ୍ରିଲରେ ମହିଳାଙ୍କୁ ଶେଷଥର ପାଇଁ ତାଙ୍କ ପଡ଼ୋଶୀ ଦେଖିଥିବା କୁହାଯାଉଛି। ଭଡ଼ା ଦେବାରେ ଅସୁବିଧା ହେବାପରେ ହାଉସିଂ ଗ୍ରୁପ୍ ପକ୍ଷରୁ ଆପ୍ଲିକେଶନ୍ ଦିଆଯାଇଥିଲା, ଯେଉଁଥିରେ ମହିଳାଙ୍କ ୟୁନିଭର୍ସାଲ କ୍ରେଡିଟ୍ ପେମେଣ୍ଟ ଜରିଆରେ ଘର ଭଡ଼ା ଦିଆଯିବା ନେଇ ନିଷ୍ପତ୍ତି ହେଲା। ୨୦୨୦ ମାର୍ଚ୍ଚ ପରଠାରୁ ପ୍ରତିମାସରେ ହାଉସିଂ କମିଟି ପକ୍ଷରୁ ଘର ଭଡ଼ା ଦିଆଗଲା। ୨୦୧୯ ଅଗଷ୍ଟରେ ତାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି।

# ମାତାପିତାଙ୍କ ପାଦ ତଳେ ସ୍ୱର୍ଗ

**ଜାତୀୟ ମାତୃପିତୃ ଦିବସ**

କୁହାଯାଏ ମାତାପିତାଙ୍କ ପାଦ ତଳେ ସ୍ୱର୍ଗ ଥାଏ। ତେଣୁ ସେମାନଙ୍କୁ ଈଶ୍ୱରଙ୍କ ସହିତ ତୁଳନା କରାଯାଇଥାଏ। ସନ୍ତାନର ମଙ୍ଗଳ ପାଇଁ ମାତାପିତା ବିଭିନ୍ନ କାର୍ଯ୍ୟ କରିଥାନ୍ତି। ସେମାନଙ୍କର ଆଜୀବନ ବଳିଦାନ ପ୍ରତି ସମ୍ମାନ ଜଣାଇବା ଲାଗି ପ୍ରତିବର୍ଷ ଜୁଲାଇ ମାସର ଚତୁର୍ଥ ରବିବାରକୁ ଜାତୀୟ ମାତୃପିତୃ ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ଜୁଲାଇ ୨୪ ତାରିଖରେ ପାଳିତ ହେଉଛି। ମାତାପିତାମାନେ ସେମାନଙ୍କର ପିଲାମାନଙ୍କୁ ମାନସିକ, ଭାବପ୍ରବଣ ଏବଂ ଆର୍ଥିକ ସ୍ଥିରତା ପ୍ରଦାନ କରିବା ଲାଗି ପ୍ରୟାସ କରିଥାନ୍ତି। ଜୀବନରେ କେହି ସେମାନଙ୍କର ସ୍ଥାନ ନେଇପାରିବେ ନାହିଁ। ସେମାନେ ପିଲାମାନଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ମାତାପିତାଙ୍କ ଆଦର୍ଶକୁ ମନେ ପକାଇବା ମାତୃପିତୃ ଦିବସର ମୁଖ୍ୟ ଉଦ୍ଦେଶ୍ୟ। ୧୯୯୪ରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଏକ ପ୍ରସ୍ତାବ ସ୍ୱାକ୍ଷର କରିଥିଲେ। ଏହା ଅନୁସାରେ ଜୁଲାଇର ଚତୁର୍ଥ ରବିବାରକୁ ମାତୃପିତୃ ଦିବସ ଭାବରେ ପାଳନ କରିବା ପ୍ରସ୍ତାବକୁ ଆମେରିକା କଂଗ୍ରେସ ଦ୍ୱାରା ଅନୁମୋଦନ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ବିଭିନ୍ନ ଦେଶରେ ନାନା ପ୍ରକାର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।


ଦିଲ୍ଲୀ ସରକାରଙ୍କ ଅବକାରୀ ନୀତିକୁ ବିରୋଧ କରି ଭାଜପା ପକ୍ଷରୁ ଶନିବାର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡ଼ିଆଙ୍କ ବାସଭବନ ଆଗରେ ବିକ୍ଷୋଭ।

# ଇରାନୀଙ୍କ ଝିଅ ଗୋଆରେ ବେଆଇନ ବାର୍ ଚଳାଉଛନ୍ତି

## କୋର୍ଟରେ ଦେଖିନେବି କହିଲେ କେନ୍ଦ୍ରମନ୍ତ୍ରୀ


ସ୍ମୃତି ଇରାନୀ


ପବନ ଖେରା

**ନୂଆଦିଲ୍ଲୀ,୨୩।୭**

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଝିଅ ଜୋଇସ୍ ଗୋଆରେ ବେଆଇନ ଭାବେ ଏକ ବାର୍ ଚଳାଉଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇରାନୀଙ୍କୁ ନିଜ ମନ୍ତ୍ରିମଣ୍ଡଳରୁ ବରଖାସ୍ତ କରନ୍ତୁ ବୋଲି ଶନିବାର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଇରାନୀ ଏହି ଅଭିଯୋଗକୁ ଖଣ୍ଡନ କରି କୋର୍ଟରେ ଦେଖିନେବି ବୋଲି ଚେତାବନୀ ଦେଇଛନ୍ତି।

କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି, ସ୍ମୃତି ଇରାନୀଙ୍କ ପରିବାର ବିରୋଧରେ ଗମ୍ଭୀର ଦୁର୍ନୀତି ଅଭିଯୋଗ ରହିଛି। ତାଙ୍କ ଝିଅ ଏକ ଜାଲ୍ ଲାଇସେନ୍ସ ବଳରେ ଗୋଆରେ ରେଷ୍ଟୁରାଣ୍ଟ ଚଳାଉଛନ୍ତି। ଉକ୍ତ ଲାଇସେନ୍ସ ଏପରି ଜଣେ ବ୍ୟକ୍ତିଙ୍କ ନାମରେ ରହିଛି, ଯାହାଙ୍କ ମୃତ୍ୟୁ ୨୦୨୧ ମେ'ରେ ଘଟିଛି। ୨୦୨୨ ଜୁନ୍‌ରେ ସେ ଏହି ଲାଇସେନ୍ସ ନେଇଛନ୍ତି। ଏହା ବେଆଇନ କାର୍ଯ୍ୟ। ଗୋଆରେ ଗୋଟିଏ ରେଷ୍ଟୁରାଣ୍ଟକୁ ମାତ୍ର ଗୋଟିଏ ବାର୍ ଲାଇସେନ୍ସ ମିଳିବାର ନିୟମ ରହିଛି। ମାତ୍ର ଇରାନୀଙ୍କ ଝିଅ ଦୁଇଟି ଲାଇସେନ୍ସ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଇରାନୀଙ୍କୁ ତୁରନ୍ତ ନିଜ ମନ୍ତ୍ରିମଣ୍ଡଳରୁ ବାହାର କରନ୍ତୁ ବୋଲି ପବନ ଦାବି କରିଛନ୍ତି। ଅନ୍ୟପକ୍ଷେ ସ୍ମୃତି ଇରାନୀଙ୍କ ଝିଅ ଓକିଲ କିରତ୍ ନାଗ୍ରା ଏକ ବିବୃତିରେ କହିଛନ୍ତି, ତାଙ୍କ ମହକିଲ ସିଲି ସୋଲ୍ସ ଗୋଆ ରେଷ୍ଟୁରାଣ୍ଟର ମାଲିକାଣୀ ନୁହନ୍ତି। ତାଙ୍କ ପାଖକୁ କୌଣସି କର୍ତ୍ତୃପକ୍ଷଙ୍କଠାରୁ କାରଣ ଦର୍ଶାଅ ନୋଟିସ ଆସିନାହିଁ। କେନ୍ଦ୍ରମନ୍ତ୍ରୀଙ୍କୁ ବଦନାମ କରିବା ପାଇଁ ସୋସିଆଲ ମିଡିଆରେ ମିଛ, ବିଭ୍ରାନ୍ତିକର ଓ ଅପମାନଜନକ ପୋଷ୍ଟ କରାଯାଉଛି। ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି। ଇରାନୀ କହିଛନ୍ତି, ତାଙ୍କ ୧୮ ବର୍ଷୀୟା ଝିଅ ଜଣେ କଲେଜ ଛାତ୍ରୀ। ସେ କୌଣସି ରେଷ୍ଟୁରାଣ୍ଟ କିମ୍ବା ବାର୍ ଚଳାଉନାହାନ୍ତି। ନ୍ୟାଶନାଲ ହେରାଲ୍ଡ ଜରିଆରେ ୫୦୦ କୋଟି ଲୁଟ୍ ନେଇ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ନେତା ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରୁଥିବାରୁ ତାଙ୍କୁ ବିରୋଧୀ ଦଳ ଟାର୍ଗେଟ କରୁଛି। ସେ କୋର୍ଟରେ କଂଗ୍ରେସକୁ ଦେଖିନେବେ।

# ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗଙ୍କୁ ସଂରକ୍ଷଣ ଦାବି

- ବିଧାନସଭା ସମ୍ମୁଖରେ ଭାଜପାର ପ୍ରତିବାଦ
- ରାଜ୍ୟ ଶିକ୍ଷାନୁଷ୍ଠାନରେ ଓବିସି ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣ ରହୁ: ଭାଜପା

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

ଓଡ଼ିଶା ଜନସଂଖ୍ୟାର ୫୨ ପ୍ରତିଶତ ହେଉଛନ୍ତି ଓବିସି ବର୍ଗ। ବୈମାତୃକ ମନୋଭାବ ରଖିଥିବା ରାଜ୍ୟ ସରକାର ଓବିସି ବର୍ଗକୁ କେବଳ ଅଣଦେଖା କରୁନାହାନ୍ତି ବରଂ ସେମାନଙ୍କୁ ସାମ୍ବିଧାନିକ ଅଧିକାର ଶିକ୍ଷା, ଚାକିରି ଆଦି କ୍ଷେତ୍ରରେ ବଞ୍ଚିତ ରଖୁଛନ୍ତି। ନିର୍ବାଚନ ଆସିଲେ କୁମ୍ଭୀର କାନ୍ଦଣାର ଛଳନା କରି ଭ୍ରମିତ କରୁଥିବା ରାଜ୍ୟ ସରକାରଙ୍କ ବାସ୍ତବରେ ଓବିସିଙ୍କ ବିକାଶ ପାଇଁ କୌଣସି ଇଚ୍ଛାଶକ୍ତି ନାହିଁ। ଏପରି କି ଏହି ବର୍ଗର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳିବାକୁ ମଧ୍ୟ ପଛାଉନାହାନ୍ତି। କେନ୍ଦ୍ର ସରକାର ଦେଶର ବିଭିନ୍ନ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ଓବିସି ବର୍ଗ ଛାତ୍ରୀଛାତ୍ରଙ୍କ ନାମଲେଖା ପାଇଁ ସଂରକ୍ଷଣର ବ୍ୟବସ୍ଥା କରିଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ଏଥିପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ରାଜ୍ୟ ସରକାର ଅହେତୁକ ନୀରବତା ଅବଲମ୍ବନ କରି ଓବିସି ବର୍ଗର ଛାତ୍ରୀଛାତ୍ରଙ୍କ ପ୍ରତି ପକ୍ଷପାତିତା କରୁଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଶିକ୍ଷାରେ ସଂରକ୍ଷଣ ଦାବି କରି ଭାଜପା ପକ୍ଷରୁ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ ଶନିବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝିଙ୍କ ସମେତ ବହୁ ବିଧାୟକ ପ୍ରମୁଖ ପ୍ରତିବାଦ ସଭାରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଓବିସି ବର୍ଗ ପ୍ରତି ଥିବା ବୈମାତୃକ ମନୋଭାବକୁ କଡା ସମାଲୋଚନା କରିଥିଲେ। ସଂରକ୍ଷଣ ପ୍ରସଙ୍ଗରେ ତୁରନ୍ତ ନିଷ୍ପତ୍ତି ନେବା ପାଇଁ ସେମାନେ ଦାବି କରିଛନ୍ତି। ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି କହିଛନ୍ତି ଯେ, ନୂତନ ଶିକ୍ଷା ବର୍ଷ ଆରମ୍ଭ ହେବାକୁ ବସିଛି। ମାଟ୍ରିକ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ବାହାରି ସାରିଛି। ଖୁବ୍ ଶୀଘ୍ର ଉଚ୍ଚଶିକ୍ଷା ଏବଂ ନୂତନ ପାଠ୍ୟକ୍ରମ ପାଇଁ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହୋଇଯିବ। ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନେ ଚିନ୍ତାରେ ଅଛନ୍ତି। ଅନ୍ୟ ରାଜ୍ୟଗୁଡିକରେ ଓବିସି ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା ଥିବାବେଳେ ଓଡ଼ିଶାରେ ଏହି ସଂରକ୍ଷଣ ବ୍ୟବସ୍ଥା ନାହିଁ। ଏଥିଯୋଗୁ ବହୁ ଛାତ୍ରଛାତ୍ରୀ ଉଚିତ ଶିକ୍ଷା ପାଇବାରୁ ବଞ୍ଚିତ ହେବାର ସମ୍ଭାବନା ପୁଣି ଥରେ ଦେଖାଦେଇଛି। ମଧ୍ୟପ୍ରଦେଶ ସରକାର ନିଜ ପ୍ରତିବଦ୍ଧତା କାରଣରୁ ଓବିସିଙ୍କୁ ସଂରକ୍ଷଣ ଦେବାରେ ସଫଳ ହୋଇଥିବା ବେଳେ ଓଡ଼ିଶା ସରକାର ଇଚ୍ଛାକୃତ ଭାବେ ସଂଖ୍ୟାଧିକ ଓବିସିବର୍ଗଙ୍କୁ ସଂରକ୍ଷଣରୁ ବଞ୍ଚିତ କରିଛନ୍ତି। ବିଭିନ୍ନ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଭଳି ରାଜ୍ୟ ଶିକ୍ଷାନୁଷ୍ଠାନଗୁଡିକରେ ଓବିସି ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ବିଶ୍ୱାଳ ଦାବି କରିଛନ୍ତି। ରାଜ୍ୟ ସରକାର ଓବିସି ବିରୋଧୀ ମନୋଭାବକୁ ପରିତ୍ୟାଗ ନ କଲେ ଓବିସି ମୋର୍ଚ୍ଚା ଲୋକଙ୍କ ପାଖକୁ ଯାଇ ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଓବିସି ମୋର୍ଚ୍ଚା କେନ୍ଦ୍ରୀୟ ସହପ୍ରଭାରୀ ଲକ୍ଷ୍ମଣ ଟି ତପଶି, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୁଷ୍ମନ୍ତ ଦାସ, ରାଜ୍ୟ ଉପସଭାପତି ସୁକାନ୍ତ ବିଶ୍ୱାଳ, ପ୍ରଶାନ୍ତ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ପ୍ରତାପ ପ୍ରଧାନ, ରାଜ୍ୟ ସମ୍ପାଦକ ଦୁର୍ଗାପ୍ରସନ୍ନ ନାୟକ,ସିଦ୍ଧାର୍ଥ ଶଙ୍କର ପତି, ସଂଗ୍ରାମ ନାୟକ, ଭୁବନେଶ୍ୱର ଜିଲା ସଭାପତି ଉପେନ୍ଦ୍ର ଭଞ୍ଜ ପ୍ରମୁଖଙ୍କ ସମେତ ରାଜ୍ୟ ମୁଖପାତ୍ର ରମା ରଞ୍ଜନ ବଳିୟାରସିଂହ, ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ, ସୁଶାନ୍ତ ଜେନା, ପ୍ରଶାନ୍ତ ନାୟକ, ସାବିତ୍ରୀ ବିଶ୍ୱାଳ, ସୁଜାତା ବାରିକ ଏବଂ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ମାନ୍‌ଙ୍କୁ ୧୦ ହଜାର ଜରିମାନା



**ଚଣ୍ଡିଗଡ଼,୨୩।୭:** ଚଣ୍ଡିଗଡ଼ରେ ଥିବା ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂ ମାନ୍‌ଙ୍କ ଘରଲୋକେ ରାସ୍ତାରେ ଅଳିଆ ପକାଇବା ନେଇ ଚଣ୍ଡିଗଡ଼ ମ୍ୟୁନିସିପାଲିଟି କର୍ପୋରେଶନ୍ ୧୦ ହଜାର ଚାଲାଣ କାଟିଛି। ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) ବାଟାଲିଅନ୍ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ହରଜିନ୍ଦର ସିଂଙ୍କ ନାମରେ ଏହି ଚାଲାଣ କଟାଯାଇଥିବା ଖବର ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ଭାଜପା ନେତା ମହେଶିନ୍ଦର ସିଂ ସିଦ୍ଧୁ କହିଛନ୍ତି, ବିଗତ କିଛି ଦିନ ହେବ ରାସ୍ତାରେ ଅଳିଆ ପକାଇବା ନେଇ ଅଭିଯୋଗ ଆସୁଥିଲା। ତେବେ ଉକ୍ତ ଖବରକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଖଣ୍ଡନ କରାଯାଇଛି। ରାସ୍ତାରେ ଅଳିଆ ଫୋପାଡ଼ିବା ନେଇ ମାନ୍‌ଙ୍କ ଘର ବାବଦରେ କୌଣସି ଚାଲାଣ କଟାଯାଇ ନାହିଁ ବୋଲି କୁହାଯାଇଛି। ସେକ୍ଟର ୨ରେ ଥିବା ହାଉସ୍ ନମ୍ବର ୭ ଉଦ୍ଦେଶ୍ୟରେ ଚାଲାଣ କଟାଯାଇଛି, ଯେଉଁଠାରେ ଜଣେ ପାରା ମିଲିଟାରୀ ଫୋର୍ସର କର୍ମଚାରୀ ରହୁଥିବା ସେ କହିଛନ୍ତି।

# ସୋନିଆ-ରାହୁଲଙ୍କୁ ନେଇ ପୁଣି ତାତି

- ମୁହାଁମୁହିଁ ହେଲେ ଭାଜପା-କଂଗ୍ରେସ
- ଆମେ ଦୁଇ, ଆମର ଦୁଇ: କଂଗ୍ରେସ
- ଦୁର୍ନୀତିଗ୍ରସ୍ତଙ୍କୁ ମୋଦି ସରକାର ଛାଡ଼ିବେ ନାହିଁ: ଭାଜପା
- ହଟ୍ଟଗୋଳ, ଗୃହ ମୁଲତବୀ

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ଇଡି ଡାକିବା ପରେ କଂଗ୍ରେସ କର୍ମୀମାନେ ଇଡି ଅଫିସ ଘେରାଉ କରିଛନ୍ତି। ଯାହା ଗୃହର ବିଷୟ ନୁହେଁ ସେସବୁକୁ ଆଣି ହୋହଲ୍ଲା କରୁଛନ୍ତି। ଗତକାଲି ପଶ୍ଚିମବଙ୍ଗ ଶିକ୍ଷାମନ୍ତ୍ରୀଙ୍କ ବାସଭବନରେ ଚଢ଼ାଉ କରାଯାଇ ୨୦ କୋଟି ଟଙ୍କା ଜବତ ହୋଇଛି। ସେ ଟଙ୍କାକୁ ବ୍ୟାଙ୍କ କର୍ମଚାରୀମାନେ ଗଣିପାରୁନାହାନ୍ତି। ମେଶିନ ସାହାଯ୍ୟରେ ତାହା ଗଣାଯାଉଛି। ଗରିବ ଲୋକଙ୍କ ପଇସା ହଡ଼ପ କରୁଥିବା ନେତାଙ୍କ ଉପରେ ଇଡି ଚଢ଼ାଉ କଲେ କଂଗ୍ରେସକୁ ଭାରି ବାଧୁଛି। ଏହି ପ୍ରସଙ୍ଗକୁ ନେଇ ଶନିବାର ବିଧାନସଭା ଶୂନ୍ୟକାଳରେ ଭାଜପା-କଂଗ୍ରେସ ସଦସ୍ୟମାନେ ମୁହାଁମୁହିଁ ହୋଇଥିଲେ।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ କହିଲେ, ଯିଏ ଦୁର୍ନୀତି କରିବ ମୋଦି ସରକାର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଗତ ୮ ବର୍ଷ ମଧ୍ୟରେ ଭାଜପାର ଜଣେ ସାଂସଦଙ୍କ ନାମରେ ଦୁର୍ନୀତିର ଅଭିଯୋଗ ନାହିଁ। ଯେଉଁ ପ୍ରସଙ୍ଗ ଏହି ଗୃହର ନୁହେଁ କଂଗ୍ରେସ ତାହାକୁ ଉଠାଇ ଅଯଥାରେ ଗୃହରେ ହଟ୍ଟଗୋଳ କରୁଛି। ବାଚସ୍ପତି ମଧ୍ୟ ଗୃହକୁ ସଙ୍ଗେସଙ୍ଗେ ମୁଲତବୀ ଘୋଷଣା କରିଦେଉଛନ୍ତି। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ବିଷ୍ଣୁଙ୍କ ବକ୍ତବ୍ୟକୁ ବିରୋଧ କରି କହିଲେ ଯେ ବିରୋଧୀ ଦଳ ଉପନେତା କହିଥିଲେ ଗୃହରେ ଯେଉଁମାନେ ନାହାନ୍ତି, ସେମାନଙ୍କ ନାଁ ନେବା କଥା ନୁହେଁ। କିନ୍ତୁ ସେ କଂଗ୍ରେସ ସଦସ୍ୟ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ଇଡି କଥା ଗୃହରେ ବାରମ୍ବାର ଉଠାଉଛନ୍ତି। କେନ୍ଦ୍ରର ମୋଦି ସରକାର ଇଡି ଏବଂ ସିବିଆଇକୁ ବ୍ୟବହାର କରି ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି। ଗତ ୮ ବର୍ଷରେ ଅମିତ ଶାହାଙ୍କ ସମ୍ପତ୍ତି ୪୦୦୦ କୋଟି ବୃଦ୍ଧି ପାଇଛି। ଆଦାନୀ ଏବଂ ଅମ୍ବାନୀ ପ୍ରଧାନମନ୍ତ୍ରୀଙ୍କର ଅତି ଘନିଷ୍ଠ। ଲୋକଙ୍କୁ ଶୋଷଣ କରି ବିଶ୍ୱର ଧନୀ ତାଲିକାରେ ୫ମ ସ୍ଥାନକୁ ଉଠିଛନ୍ତି। ଓଡ଼ିଶାରେ ଯେତେ ବନ୍ଦର ଆଦାନୀ ଏବଂ ଅମ୍ବାନୀ ନେଉଛନ୍ତି। ମୋଦି ଏବଂ ଶାହା ଦୁଇ, ଆଦାନୀ-ଅମ୍ବାନୀ ଦୁଇ, ଆମେ ଦୁଇ ଆମର ଦୁଇ। ମହାରାଷ୍ଟ୍ର, ଗୋଆ, ଆସାମ ଲୋକଙ୍କୁ ପଇସା ଦେଇ ଯାହା କରୁଛନ୍ତି ଏକଥା ସମସ୍ତେ ଜାଣନ୍ତି। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ମୋଦି ଜାଣିଶୁଣି ବିରୋଧୀଙ୍କ ଘରେ ଚଢ଼ାଉ କରୁଛନ୍ତି। ବିରୋଧୀ ଦଳ ଉପନେତା କହିଲେ, ମୋଦି ପଶ୍ଚିମବଙ୍ଗ ଶିକ୍ଷାମନ୍ତ୍ରୀଙ୍କ ସହଯୋଗୀ ଘରେ ଇଡି ଚଢ଼ାଉ କରିଥିଲେ। ଏଥିରୁ ସ୍ପଷ୍ଟ ଯେ ମୋଦିଙ୍କ ନିର୍ଦ୍ଦେଶରେ ରାହୁଲ ଗାନ୍ଧୀଙ୍କୁ ୫ ଦିନ ଧରି ଜେରା କରାଗଲା। ସୋନିଆ ଗାନ୍ଧୀଙ୍କୁ ଗତକାଲି ଜେରା କରାଯାଇଛି। ଆସନ୍ତା ୨୫ରେ ବି ଇଡି ଜେରା କରିବ ବୋଲି ନୋଟିସ ଦେଇଛି। ନୀରବ ମୋଦି, ବିଜୟ ମାଲ୍ୟା, ଲଳିତ ମୋଦି କୋଟି କୋଟି ଟଙ୍କା ଖାଇ କୁଆଡ଼େ ଗଲେ। ଆଦାନୀ କାହା ତାକତରେ ଦୁର୍ନୀତି କରୁଛନ୍ତି ବୋଲି ସେ କହିଥିଲେ।

# ଯେଉଁଠି ସମ୍ମାନ ମିଳୁଛି ସେଠିକି ଯାଅ

## ଶିବପାଲ-ରାଜଭରଙ୍କୁ ଅଖିଳେଶଙ୍କ ପରାମର୍ଶ

**ଲକ୍ଷ୍ନୌ, ୨୩।୭:** ଏସପି ଅଧ୍ୟକ୍ଷ ଅଖିଳେଶ ଯାଦବ ଦାଦା ଶିବପାଲ ସିଂ ଯାଦବ ଏବଂ ସୁହେଲଦେବ ଭାରତ ସମାଜ ପାର୍ଟି ଅଧ୍ୟକ୍ଷ ଓମପ୍ରକାଶ ରାଜଭରଙ୍କୁ ଏକ ଚିଠି ଲେଖି କହିଛନ୍ତି ଯେ ଯେଉଁଠାରେ ତୁମେ ଅଧିକ ସମ୍ମାନ ପାଇବ ସେଠାକୁ ଯାଇପାର। ଆପଣ ସେଠାକୁ ଯିବାକୁ ସ୍ୱାଧୀନ। ଏହି ଚିଠି ଏସ୍‌ପି ଦ୍ୱାରା ଜାରି କରାଯାଇଛି। ଶିବପାଲ ସିଂ ଯାଦବଙ୍କ ପାଇଁ ଦିଆଯାଇଥିବା ଚିଠିରେ କୁହାଯାଇଛି ଯେ ଶିବପାଲ ସିଂ ଯାଦବ ଜୀ, ଯଦି ତୁମେ ଅନୁଭବ କରୁଛ ଯେ ତୁମେ ଅନ୍ୟ କେଉଁଠି ଅଧିକ ସମ୍ମାନ ପାଇବ ତେବେ ତୁମେ ସେଠାକୁ ଯିବାକୁ ସ୍ୱାଧିନ ଭାବେ ନିଷ୍ପତ୍ତି ନେଇ ପାରିବ। ସେହିପରି ରାଜଭରଙ୍କ ଚିଠିରେ ଉଲ୍ଲେଖ କରାଯାଇଛି, ତୁମେ ଭାଜପା ସହ କାର୍ଯ୍ୟକରି ନିଜ ସ୍ୱାର୍ଥସାଧନ କରିବ। ଏହି ଚିଠି ପ୍ରକାଶ ପାଇବା ପରେ ରାଜଭରଙ୍କ ପାର୍ଟି ସୁଭାଏସପିଙ୍କ ସହ ମେଣ୍ଟ ଭାଙ୍ଗିବାକୁ ଏସପି ଆନୁଷ୍ଠାନିକ ଭାବେ ଏଭଳି ଘୋଷଣା କରାଯାଇଥିବା ଚର୍ଚ୍ଚା ହେଉଛି।

# ୨୬ରେ କଂଗ୍ରେସର ସତ୍ୟାଗ୍ରହ

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

କେନ୍ଦ୍ର ଭାଜପା ସରକାର ୮ ବର୍ଷ ଶାସନର ବିଫଳତାକୁ ଲୋକଲୋଚନରୁ ଦୂରେଇ ରଖିବା ପାଇଁ କଂଗ୍ରେସ ଦଳ ଓ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ଜନମାନସରେ ନିନ୍ଦିତ ଓ ଅପମାନିତ କରିବା ପାଇଁ ନରେନ୍ଦ୍ର ମୋଦି, ଅମିତ ଶାହା ଯେଉଁ ଅପଚେଷ୍ଟା ଚଳାଇଛନ୍ତି ତାହାର ପ୍ରତିବାଦ କରିବା ପାଇଁ ଆସନ୍ତା ୨୬ ତାରିଖ ମଙ୍ଗଳବାର ସକାଳ ୧୦ ଟାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ ଅନୁଷ୍ଠିତ ହେବ। ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ ଓ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକ ପ୍ରାର୍ଥୀ, ଜିଲା କଂଗ୍ରେସ କମିଟି ସଭାପତି ଓ ପଦାଧିକାରୀ ଯୋଗ ଦେବେ।

ନ୍ୟାଶନାଲ ହେରାଲ୍ଡ ଖବରକାଗଜ ମାମଲାରେ ଭାରତ ସରକାରଙ୍କ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କର ଇଙ୍ଗିତରେ ପରିଚାଳିତ ହୋଇ ଯେଉଁଭଳି ଭାବରେ ବିରୋଧୀ ଦଳର ନେତୃବର୍ଗଙ୍କୁ ଅଯଥାରେ ବ୍ୟକ୍ତିଗତ ଆକ୍ରୋଶ ଏବଂ ଉଦ୍ଦେଶ୍ୟକୁ ସାଧିତ କରିବା ପାଇଁ ଅପଚେଷ୍ଟା କରୁଛନ୍ତି ତାହା ବିରୋଧରେ ଏହି ସତ୍ୟାଗ୍ରହ ଅନୁଷ୍ଠିତ ହେଉଛି ବୋଲି ପିସିସି ମୁଖପାତ୍ର ରଜନୀ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଭୁବନେଶ୍ୱରରେ ହେବ ଆଇକନିକ ଆଦର୍ଶ ବିଦ୍ୟାଳୟ

- ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା ବିଭାଗ ଖର୍ଚ୍ଚ ଦାବି ବିଧାନସଭାରେ ଗୃହୀତ
- ମୋ କଲେଜ ଅଭିଯାନ ପାଇଁ ୧୧.୧୦ କୋଟି
- ବିଜୁ ଯୁବ ସଶକ୍ତୀକରଣ ପାଇ ୪୫.୫୦ କୋଟି

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

୨୦୨୨-୨୩ ଆର୍ଥିକ ବର୍ଷରେ କଳିଙ୍ଗ ଶିକ୍ଷା ସାଥୀ ଯୋଜନାରେ ୧ କୋଟି ଟଙ୍କା ବଜେଟରେ ବ୍ୟୟ ବରାଦ କରାଯାଇଛି। ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ୧ ପ୍ରତିଶତ ସୁଧରେ ଶିକ୍ଷା ଋଣ ଯୋଗାଇ ଦିଆଯିବ। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ମାଗଣାରେ କୋଚିଂ ଦିଆଯିବ। ଏଥିପାଇଁ ଚଳିତ ଆର୍ଥିକ ବର୍ଷରେ ୧.୫୦ କୋଟି ବ୍ୟୟବରାଦ କରାଯାଇଛି ବୋଲି ଶନିବାର ଖର୍ଚ୍ଚ ଦାବି ଆଲୋଚନା ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଏହା କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ଗରିବ ଅସହାୟ ଛାତ୍ରୀଛାତ୍ରମାନଙ୍କୁ ସହାୟତା କରିବା ପାଇଁ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା ୨୦୧୮-୧୯ରୁ ଆରମ୍ଭ କରାଯାଇଛି। ଏଥିପାଇଁ ବଜେଟରେ ୭୫ ଲକ୍ଷରୁ ବୃଦ୍ଧି କରାଯାଇ ୧ କୋଟି କରାଯାଇଛି। ସେହିପରି ସତ୍ୟବାଦୀଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ବଜେଟରେ ୧୦ରୁ ୨୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ବିଶ୍ୱବିଦ୍ୟାଳୟ ଗବେଷଣା ଯୋଜନାରେ ବ୍ୟୟ ବରାଦକୁ ୪.୧୧ କୋଟିରୁ ୬.୬୭ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ୨୦୨୧-୨୨ରେ ୬୫୦ ପିଏଚ୍‌ଡି ଡିଗ୍ରୀଧାରୀଙ୍କୁ ପୁରସ୍କୃତ କରାଯାଇଛି। ମୋ କଲେଜ ଅଭିଯାନ ପାଇଁ ଚଳିତ ଆର୍ଥିକ ବର୍ଷରେ ୧୧.୧୦ କୋଟି ଟଙ୍କାର କର୍ପସ ପାଣ୍ଠି କରାଯାଇଛି। ଏବେ ସୁଦ୍ଧା ୩୦ କଲେଜ ଓ ୩ଟି ବିଶ୍ୱବିଦ୍ୟାଳୟକୁ ମୋ କଲେଜ କର୍ପସ ପାଣ୍ଠିରୁ ୩,୧୩,୪୬,୭୬୮ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ବିଜୁ ଯୁବ ସଶକ୍ତୀକରଣ ଯୋଜନା ପାଇଁ ୪୫.୫୦ କୋଟି ଏବଂ ଛାତ୍ରୀମାନଙ୍କ ପାଇଁ ସେଲ୍‌ଫ ଡିଫେନ୍ସ କାର୍ଯ୍ୟକ୍ରମ ବାବଦରେ ୧ କୋଟି, ବ୍ୟାସକବି ଫକୀର ମୋହନ ବୃତ୍ତି ପାଇଁ ୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି।

ଆଲୋଚନା ଶେଷରେ ଉଚ୍ଚଶିକ୍ଷା ବିଭାଗ ପାଇଁ ୨୮୩୬୬୯୯୦୦୦ ଟଙ୍କାର ଖର୍ଚ୍ଚ ଦାବି ଶନିବାର ବିଧାନସଭାରେ ଗୃହୀତ ହୋଇଛି। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୨୦୬୩୫୯୭୯୬୦୦୦ ଟଙ୍କାର ଖର୍ଚ୍ଚ ଦାବି ବିଧାନସଭାର ଅନୁମୋଦନ ଲାଭ କରିଛି।

ଖର୍ଚ୍ଚ ଦାବି ଆଲୋଚନା ଶେଷରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କ୍ରମାଗତ ଉଦ୍ୟମ ଜାରି ରହିଛି। ଶିକ୍ଷା ବ୍ୟବସ୍ଥାକୁ ୫-ଟି ମାଧ୍ୟମରେ ପୁନର୍ବିନ୍ୟାସ କରିବାକୁ ଚେଷ୍ଟା କରାଯାଉଛି। ମୋ ସ୍କୁଲ ଅଭିଯାନ ରାଜ୍ୟର ୩୧୪ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତରେ ପହଞ୍ଚିଥିବା ବେଳେ ୩୩,୪୬୮ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲର ଭିତ୍ତିଭୂମି ପରିବର୍ତ୍ତନରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୦ ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଓ ଜନସାଧାରଣ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଛନ୍ତି। ଏହି ଯୋଜନା ବାବଦରେ ୬୪୫୯୦.୪୬ କୋଟି ବ୍ୟୟବରାଦ କରାଯାଇଛି। ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ପିଲାମାନଙ୍କୁ ସିବିଏସ୍‌ଇ ଆଧାରିତ ଇଂଲିଶ ମିଡିୟମରେ ପଢାଯାଉଛି। ଏହାଛଡ଼ା ଭୁବନେଶ୍ୱର ଅନ୍ଧାରୁଆଠାରେ ଏକ ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। କୋରାପୁଟ ଜିଲା ପଟାଙ୍ଗୀ ବ୍ଲକରେ ୫୯ ପିଲାଙ୍କୁ ନେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଓଡ଼ିଆ ଭାଷା ବୃତ୍ତି ପାଇଁ ଚଳିତ ବଜେଟରେ ୧ କୋଟି ୭୭ ଲକ୍ଷ ୪୫ ହଜାର ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ଉତ୍ତମ ବିଦ୍ୟାଳୟ ପୁରସ୍କାର ପାଇଁ ୧୦ କୋଟି ୨୯ ଲକ୍ଷ ବ୍ୟୟବରାଦ ହୋଇଛି। ୧୦୬୧ ସ୍କୁଲକୁ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମାଗଣାରେ ସାଇକେଲ ଦେବା ସକାଶେ ବଜେଟରେ ୧୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

# ଆ', ଇ'କାର ପାଇଁ ବଳିପଡୁଛନ୍ତି ଆଦିବାସୀ

- ଜନଜାତି ତାଲିକାକୁ ନେଇ ବିଧାନସଭାରେ ଉଦ୍‌ବେଗ
- ୧୬୯ ଜାତି ତାଲିକା କେନ୍ଦ୍ର ସରକାରଙ୍କ ନିକଟରେ ଝୁଲୁଛି
- ଖୁବ୍‌ଶୀଘ୍ର ଗଠନ ହେବ ଟିଏସି

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**



ରାଜ୍ୟରେ ବହୁ ସଂଖ୍ୟାରେ ଆଦିବାସୀ ସମ୍ପ୍ରଦାୟ ରହିଛନ୍ତି। ସେମାନଙ୍କୁ ଆଦିବାସୀ ମାନ୍ୟତା ଦିଆଯାଉନାହିଁ। ଆ'କାର, ଇ'କାର ବଦଳିଗଲେ ସେମାନଙ୍କୁ ଜାତିଗତ ମାନ୍ୟତା ମିଳୁନାହିଁ। ଶବର ଆଦିବାସୀ ହୋଇଥିଲେ ହେଁ ଶଅରଙ୍କୁ ମାନ୍ୟତା ମିଳୁନି। ଏଥିଯୋଗୁ ସେମାନେ କୌଣସି ସରକାରୀ ସୁବିଧାସୁଯୋଗ ପାଇପାରୁ ନାହାନ୍ତି। ଆଦିବାସୀ ତାଲିକାରୁ ବାଦ୍ ପଡ଼ିଥିବା ଜାତିଗୁଡ଼ିକୁ କେବେ ସୁଦ୍ଧା ମାନ୍ୟତା ମିଳିବ। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଏବଂ ଶାସକ ଦଳ ସଭ୍ୟ ସରକାରଙ୍କୁ କୈଫିୟତ ତଲବ କରିଛନ୍ତି।

ପ୍ରଶ୍ନକାଳରେ ଭାଜପା ସଭ୍ୟ ଭାସ୍କର ମଢ଼େଇ ମୂଳ ପ୍ରଶ୍ନରେ କହିଲେ ଯେ, ରାଜ୍ୟରେ ବାସ କରୁଥିବା ଏସ୍‌ସି, ଏସ୍‌ଟି ପିଲାମାନେ ଜାତିଗତ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ମାହାର, ମେହନ୍ତର ଅନୁସୂଚିତ ଜାତି ହୋଇଥିବା ବେଳେ ପାଣ, ପାତ୍ର, ତନ୍ତି, ବିନ୍ଧାଣି, ଶଅରଙ୍କୁ ଜାତିଗତ ପ୍ରମାଣପତ୍ର ମିଳୁନାହିଁ। ପ୍ରଶାସନିକ ତ୍ରୁଟିକୁ ସଂଶୋଧନ କରି ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ କି? ଏସ୍‌ସି,ଏସ୍‌ଟି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ବଦଳରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ, ଏସ୍‌ସି,ଏସ୍‌ଟି ବ୍ୟକ୍ତି ଜାତିଗତ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହୋଇଥିବା ସରକାରଙ୍କ ଦୃଷ୍ଟିକୁ ଆସିନାହିଁ। ୨୦୧୭ରୁ ସ୍କୁଲରେ ପିଲାଙ୍କୁ ଜାତିଗତ ପ୍ରମାଣପତ୍ର ଦିଆଯାଉଛି। ମାହାର, ମେହନ୍ତରଙ୍କୁ ଜାତି ତାଲିକାରେ ଅନ୍ତର୍ଭୁକ୍ତ କରିବା ଲାଗି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପଠାଯାଇଥିଲା। ମାତ୍ର କେନ୍ଦ୍ର ସରକାର ତାକୁ ଫେରାଇ ଦେଇଛନ୍ତି। କିନ୍ତୁ କମାର ସମ୍ପ୍ରଦାୟମାନେ ଏସ୍‌ଟି ତାଲିକାଭୁକ୍ତ ହେବା ପାଇଁ ଯେଉଁ ୫ଟି ମାନଦଣ୍ଡ ରହିଛି ତାହା ପୂରଣ କରୁନାହାନ୍ତି।

ବିଜେଡି ସଭ୍ୟ ଅରବିନ୍ଦ ଢାଲି, ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀ, ଶଙ୍କର ଓରାମ, ପ୍ରକାଶ ସୋରେନ, କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ବିଜେଡି ସଭ୍ୟ ପଦ୍ମନାଭ ବେହେରା, ଭୂପିନ୍ଦର ସିଂ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ କହିଥିଲେ ଯେ ସମାନ ଜାତିର ନାଁ ଇରୁ ଈ ହୋଇଗଲେ ସେମାନଙ୍କୁ ତାଲିକାରୁ କାଟି ଦିଆଯାଉଛି। ରାଜ୍ୟରେ ଥିବା ଏସ୍‌ଇବିସିଙ୍କୁ ଓବିସି ତାଲିକାଭୁକ୍ତ କରିବା ଲାଗି କେବେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯାଇଥିଲା। ରାଜ୍ୟ ସରକାର ଆଦିବାସୀ ଉପଦେଷ୍ଟା ପରିଷଦ କେବେ ଡାକିଥିଲେ। କେଉଁ କେଉଁ ଜାତିଙ୍କୁ ଆଦିବାସୀ ତାଲିକାଭୁକ୍ତ କରିବା ଲାଗି ସରକାର କି ପଦକ୍ଷେପ ନେଇଛନ୍ତି।

ଉତ୍ତରରେ ମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ୨୦ ଜାତିର ତାଲିକା ପଠାଇଥିଲେ। ତାହାକୁ କେନ୍ଦ୍ର ସରକାର ନାକଚ କରିଦେଇଛନ୍ତି। ରାଜ୍ୟରେ ୨ଶହରୁ ଊର୍ଦ୍ଧ୍ୱ ଜାତି ଏସ୍‌ଇବିସି ତାଲିକାଭୁକ୍ତ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଓବିସି ପରିସରଭୁକ୍ତ ଅଛନ୍ତି। କେନ୍ଦ୍ର ସରକାରଙ୍କ ନିକଟରେ ୧୬୯ଟି ଜାତିର ତାଲିକା ପଡ଼ିରହିଛି। ଜନଜାତି ଉପଦେଷ୍ଟା ପରିଷଦ(ଟିଏସି)ଖୁବ୍‌ଶୀଘ୍ର ଗଠନ ହେବ। ମୁଖ୍ୟମନ୍ତ୍ରୀ ଏନେଇ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି। ପରିଷଦ ଗଠନ ହେବା ପରେ ତାହା କାର୍ଯ୍ୟକାରୀ ହେବ। କେନ୍ଦ୍ର ସରକାର ୧୧ ଜାତିଙ୍କୁ ଆଦିବାସୀ ତାଲିକାଭୁକ୍ତ କରିଛନ୍ତି। ଆଉ ୨୦ଟି ଜାତି କ୍ରାଇଟେରିଆ ଭୁକ୍ତ ହୋଇ ନ ଥିବାରୁ କେନ୍ଦ୍ର ସରକାର ନାକଚ କରିଦେଇଛନ୍ତି। ୪୬ ଜାତିକୁ ରାଜ୍ୟ ସରକାର ଏସ୍‌ଇବିସି ପରିସରଭୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

# ଲାରାଙ୍କ ସହ ଏଲିଟ୍ କ୍ଲବରେ ନର୍ଥଇଷ୍ଟ


ସାମ୍ ନର୍ଥଇଷ୍ଟ

ଲିସେଷ୍ଟର,୨୩।୭,(ପି.ଟି)

ଇଂଲିଶ କାଉଣ୍ଟି କ୍ରିକେଟ ଦଳ ଗ୍ଲାମରଗାନ୍ ଖେଳାଳି ସାମ୍ ନର୍ଥଇଷ୍ଟ ଏକ ନିଆରା ମାଇଲଖୁଣ୍ଟ ହାସଲ କରିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ଗୋଟିଏ ଇନିଂସରେ ୪୦୦ ରନ୍ ସ୍କୋର କରିବା ସହିତ ବ୍ରାଏନ ଲାରାଙ୍କ କ୍ଲବରେ ସାମିଲ ହୋଇଛନ୍ତି। ତେବେ ୧୯୯୪ରେ ଲାରା ସ୍କୋର କରିଥିବା ୫୦୧ ରନର ସ୍କୋରକୁ ଚ୍ୟାଲେଞ୍ଜ କରିବାର ସୁଯୋଗ ପାଇନଥିଲେ ନର୍ଥଇଷ୍ଟ। ସେ ୪୧୦ ରନରେ ବ୍ୟାଟିଂ କରୁଥିବା ବେଳେ ୭୯୫/୫ରେ ଗ୍ଲାମରଗାନ୍ ଇନିଂସ ଘୋଷଣା କରିଥିଲା। ୪୪୭ ବଲର ଏହି ଇନିଂସରେ ୪୫ଚୌକା ଓ ୩ ଛକା ସାମିଲ ଥିଲା। ଏହା ସହିତ କାଉଣ୍ଟି କ୍ରିକେଟରେ ଅଷ୍ଟମ ଥର ପାଇଁ କୌଣସି ଖେଳାଳି ଏହି ମାଇଲଖୁଣ୍ଟ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଅଷ୍ଟ୍ରେଲିଆର ବିଲ୍ ପନ୍ସଫୋର୍ଡ ଦୁଇଥର ଏହି କୃତିତ୍ୱ ହାସଲ କରିଥିବା ବେଳେ ଲାରା ସର୍ବାଧିକ ସ୍କୋରର ରହିଛନ୍ତି।

# ମଧ୍ୟକ୍ରମ ସଙ୍କଟ ଦୂରେଇବା ଲକ୍ଷ୍ୟରେ ଭାରତ

ପୋର୍ଟ ଅଫ୍ ସ୍ପେନ୍,୨୩।୭(ପି.ଟି)

ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ କଡା ସଂଘର୍ଷପୂର୍ଣ୍ଣ ବିଜୟ ପରେ ସିରିଜ ବିଜୟ ଲକ୍ଷ୍ୟରେ ପଡିଆକୁ ଓହ୍ଲାଇବ ଭାରତୀୟ ଦଳ। ପ୍ରଥମେ ବ୍ୟାଟିଂ କରି ଭାରତ ୭ ଉଇକେଟରେ ୩୦୮ ରନ୍ କରିଥିବା ବେଳେ ଘରୋଇ ଦଳ ମାତ୍ର ୩ ରନ୍ ପଛରେ ରହିଥିଲା। କାଇଲ ମେୟର୍ସ ୭୫ ଏବଂ ବ୍ରାଣ୍ଡନ୍ କିଙ୍ଗ ୫୪ ରନର ଇନିଂସ ଖେଳିଥିଲେ ହେଁ ଦଳ ଫିନିଶ ଲାଇନ ପାର କରିବାରେ ଅସମର୍ଥ ହୋଇଥିଲା। ଶେଷ ଓଭରରେ ମହମ୍ମଦ ସିରାଜଙ୍କ ବୋଲିଂ ଭାରତକୁ ବିଜୟ ପ୍ରଦାନ କରିଥିଲା। ଶେଷ ୬ ବଲରେ ୧୫ ରନ୍ ଆବଶ୍ୟକ ଥିବା ବେଳେ ଅତ୍ୟନ୍ତ ଚମତ୍କାର ବୋଲିଂ ସହିତ ସେ ଦଳକୁ ବିଜୟୀ କରାଇଥିଲେ।

ଷ୍ଟାଣ୍ଡଇନ୍ କ୍ୟାପଟେନ୍ ଶିଖର ଧାୱନଙ୍କ ଆଗରେ ରହିଥିବା ଚ୍ୟାଲେଞ୍ଜ ମଧ୍ୟରୁ ସବୁଠାରୁ ବଡ ଚ୍ୟାଲେଞ୍ଜ ହେଉଛି ମଧ୍ୟକ୍ରମ ବ୍ୟାଟିଂ। ଟପ୍ ଅର୍ଡରରେ ଧାୱନ୍ ଓ ଗିଲ୍ ଚମତ୍କାର ବ୍ୟାଟିଂ କରିଥିଲେ। ଡିଫେନ୍ସ ଓ ଆକ୍ରମଣର ଏକ ଚମତ୍କାର ସମନ୍ୱୟ ସହିତ ଉଭୟ ଦଳକୁ ଏକ ବିଶାଳ ସ୍କୋର ଦିଗରେ ନେଇଥିଲେ। ତେବେ ପ୍ରଥମ ଥର କାରିବିୟାନ ମାଟିରେ ଖେଳୁଥିବା ଭାରତର ଅନଭିଜ୍ଞ ମଧ୍ୟକ୍ରମକୁ ବଶରେ କରି ନେଇଥିଲେ ଇଣ୍ଡିଜ ବୋଲର। ତେବେ ସିରିଜ ବିଜୟ ଲକ୍ଷ୍ୟରେ ରହିଥିବା ଭାରତ ଦ୍ୱିତୀୟ ମ୍ୟାଚରେ ନିଜର ମଧ୍ୟକ୍ରମ ସମସ୍ୟା ସୁଧାରିବାକୁ ଚାହିଁବ। ଅଭିଜ୍ଞ ଖେଳାଳିଙ୍କ ଅନୁପସ୍ଥିତିରେ ମିଳିଥିବା ସୁଯୋଗର ଫାଇଦା ଉଠାଇ ଟିମରେ ନିଜ ସ୍ଥାନ ପକ୍କା କରିବା ପାଇଁ ଏହି ଖେଳାଳି ମାନଙ୍କ ନିକଟରେ ସୁଯୋଗ ରହିଥିବା ବେଳେ ସେମାନେ କିଭଳି ଏହାର ଫାଇଦା ଉଠାଉଛନ୍ତି ତାହା ଦେଖିବାକୁ ବାକି ରହିଲା। ପ୍ରତ୍ୟାବର୍ତ୍ତନ କରୁଥିବା ଗିଲ୍ ଯେଉଁଭଳି ଢଙ୍ଗରେ ବ୍ୟାଟିଂ କରିଥିଲେ ତାହା ସମସ୍ତଙ୍କୁ ପ୍ରଭାବିତ କରିଛି। ତେଣୁ ଗିଲ୍ ସମାନ ଫର୍ମ ଜାରି ରଖିବା ନେଇ ମ୍ୟାନେଜମେଣ୍ଟ ଆଶା ରଖିବ। ସେହିପରି କ୍ୟାରିୟରର ୧୮ତମ ଶତକ ଅଳ୍ପକେ ମିସ୍ କରିଥିବା ଧାୱନଙ୍କ ନିକଟରୁ ମଧ୍ୟ ଏକ ବଡ ଇନିଂସ ଆଶା କରାଯାଏ।

ମଧ୍ୟକ୍ରମରେ ଦୀପକ ହୁଡାଙ୍କ ବ୍ୟାଟିଂ ଠିକ୍ ରହିଥିବା ବେଳେ ସଞ୍ଜୁ ସାମସନ୍ ଓ ସୂର୍ଯ୍ୟକୁମାର ଅତ୍ୟନ୍ତ ସାଧାରଣ ବ୍ୟାଟିଂ କରିଥିଲେ। ତେବେ ଅନ୍ତିମ ଓଭରରେ ୱିକେଟ କିପର ଭାବରେ ଏକ ଚମତ୍କାର ବାଉଣ୍ଡ୍ରି ସେଭ୍ କରି ଭାରତକୁ ବିଜୟୀ କରିବାରେ ସାହାଯ୍ୟ କରିଥିଲେ। ତେବେ ଦ୍ୱିତୀୟ ଦିନିକିଆରେ ବ୍ୟାଟ୍ସମ୍ୟାନଙ୍କ ନିକଟରୁ ଏକ ଚମତ୍କାର ଇନିଂସ ଆଶା କରାଯାଏ। ବୋଲର ମାନଙ୍କ ମଧ୍ୟରେ ମହମ୍ମଦ ସିରାଜ ବେଶ ପ୍ରଭାବୀ ବୋଲିଂ କରିଥିଲେ। ତେବେ ପ୍ରସିଦ୍ଧ କ୍ରିଷ୍ଣା ଡେଥ୍ ଓଭରରେ ରନ ବ୍ୟୟ କରିବା ଏକ ଚିନ୍ତାର କାରଣ। ରବୀନ୍ଦ୍ର ଜାଡେଜାଙ୍କ ଅନୁପସ୍ଥିତିରେ ଅକ୍ଷର ପଟେଲଙ୍କ ପ୍ରଦର୍ଶନ ଅତ୍ୟନ୍ତ ସାଧାରଣ ରହିଛି। ଦୀପକ ହୁଡାଙ୍କୁ ତୃତୀୟ ସ୍ପିନର ଭାବରେ ୫ ଓଭର ବୋଲିଂ କରିବାକୁ ପଡିଥିଲା। ନିକଟରେ ବାଂଲାଦେଶ ବିପକ୍ଷରେ ସ୍ପିନରଙ୍କ ଆଗରେ ୫୦ ଓଭର ଖେଳି ପାରିନଥିବା ୱେଷ୍ଟଇଣ୍ଡିଜ ଦଳ ବିଜୟର ନିକଟତର ହେବା ନିହାତି ଭାବରେ ଭାରତୀୟ ଶିବିର ପାଇଁ ସତର୍କ ଘଣ୍ଟି। ୱେଷ୍ଟଇଣ୍ଡିଜ୍ ପକ୍ଷରୁ କାଇଲ ମେୟର୍ସ, ବ୍ରାଣ୍ଡନ୍ କିଙ୍ଗ ଏବଂ ସମାରା ବ୍ରୁକ୍ସ ବି ବଢିଆ ବ୍ୟାଟିଂ କରିଥିଲେ। ଏହି ମ୍ୟାଚ ବିଜୟ ସହିତ ଭାରତ ବିପକ୍ଷରେ କ୍ରମାଗତ ୭ମ ପରାଜୟଧାରାକୁ ଭାଙ୍ଗିବାକୁ ଚାହିଁବ ଭାରତ। ତେବେ ବିଜୟ ସହିତ ସିରିଜ୍ ଉପରେ କବଜା କରିବାକ ପ୍ରୟାସ କରିବ ଭାରତୀୟ ଦଳ।

## ଆଜି ଦ୍ୱିତୀୟ ଦିନିକିଆ

**ଭାରତୀୟ ଦଳ:** ଶିଖର ଧୱନ(ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଶୁବମାନ ଗିଲ୍, ଦୀପକ ହୁଡା, ସୂର୍ଯ୍ୟକୁମାର ଯାଦବ, ଶ୍ରେୟସ ଆୟାର, ଇଶାନ କିଶନ୍, ସଞ୍ଜୁ ସାମସନ୍, ରବୀନ୍ଦ୍ର ଜାଡେଜା(ଉପ–ଅଧିନାୟକ), ଶାର୍ଦ୍ଦୁଳ ଠାକୁର, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଆଭେଶ ଖାନ୍, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ୍ ଏବଂ ଅର୍ଶଦୀପ ସିଂ।

**ୱେଷ୍ଟଇଣ୍ଡିଜ ଦଳ:** ନିକୋଲାସ୍ ପୁରନ୍(ଅଧିନାୟକ), ଶାଇ ହୋପ୍(ଉପ ଅଧିନାୟକ), ଶମାରା ବ୍ରୁକ୍ସ, କେସି କାର୍ଟି, ଜାସନ୍ ହୋଲ୍ଡର, ଅକିଲ୍ ହୋସେନ୍, ଆଲଜାରି ଯୋଶେଫ୍, ବ୍ରାଣ୍ଡନ କିଙ୍ଗ, କାଇଲ ମେୟର୍ସ, ଗୁଡାକେଶ ମୋତି, କିମୋ ପଲ୍, ରୋଭମାନ ପାୱେଲ୍ ଓ ଜାଡେନ୍ ସେଲ୍ସ।

**ମ୍ୟାଚ୍ ସମୟ: ସନ୍ଧ୍ୟା ୭.୦୦**

Birthday Wish

Dear daughter, may your day be as radiant as your smile and as lovely as you. Happiest birthday ditty.
Best wishes from:- Bapuni, Priya, Nayanika, Munu, Manas, Jina, Family & Relatives...
ଧ-୧୦୯୧

# ଜିମ୍ବାୱେ ସିରିଜ୍ ପାଇଁ ଫେରିଲେ ମୁଶଫିକର

ଢାକା,୨୩।୭,(ପି.ଟି)

ବାଂଲାଦେଶୀ ଉଇକେଟ କିପର ବ୍ୟାଟ୍ସମ୍ୟାନ୍ ତଥା ପୂର୍ବତନ ଅଧିନାୟକ ମୁଶଫିକର ରହିମ ଜିମ୍ବାୱେ ଗସ୍ତ ପାଇଁ ଦଳକୁ ଫେରିଛନ୍ତି। ଶନିବାର ବାଂଲାଦେଶ ପକ୍ଷରୁ ୧୬ ଜଣିଆ ଦିନିକିଆ ଦଳରେ ସେ ସ୍ଥାନ ପାଇଥିବା ବେଳେ ଟି୨୦ରୁ ଓହରି ଯାଇଛନ୍ତି ଅଗଷ୍ଟ ମାସରେ ଏହି ସିରିଜ୍ ଖେଳା ଯିବାକୁ ଥିବା ବେଳେ ହଜ୍ ଯାତ୍ରା ପାଇଁ ସେ ଟି୨୦ ଦଳରୁ ଓହରି ଯାଇଛନ୍ତି। ସେହିପରି ୧୬ ମାସ ତଳେ ଶେଷ ଅନ୍ତର୍ଜାତୀୟ ମୁକାବିଲା ଖେଳିଥିବା ପେସ ବୋଲର ହସନ ମେହମୁଦଙ୍କୁ ଉଭୟ ଦଳରେ ସାମିଲ କରାଯାଇଛି। ଉଇକେଟ କିପର ନୁରୁଲ ହସନଙ୍କୁ ଟି୨୦ଦଳର ନେତୃତ୍ୱ ଦିଆଯାଇଥିବା ବେଳେ ଅନକ୍ୟାପଡ ଓପନର ପରଭେଜ୍ ହୁସେନଙ୍କୁ ଦଳରେ ସାମିଲ କରାଯାଇଛି। ଜୁଲାଇ ୩୦, ୩୧ ଓ ଅଗଷ୍ଟ ୨ରେ ୩ଟି ଟି୨୦ ମୁକାବିଲା ଖେଳାଯିବ। ଅଗଷ୍ଟ ୫, ୭ ଓ ୧୦ ତରିଖରେ ଦିନିକିଅ ମ୍ୟାଚ୍ ଖେଳାଯିବ।

**ଦିନିକିଆ ଦଳ:** ତାମିମ ଇକବାଲ, ଲିଟନ ଦାସ, ଏନାମୁଲ ହକ୍, ମୁଶଫିକୁର ରହିମ୍, ମହମ୍ମଦୁଲ୍ଲା, ଆଫିଫ ହୋସେନ୍, ନୁରୁଲ ହସନ, ମେହେଦୀ ହସନ, ନାସୁମ ଅହମଦ୍, ଟାସ୍କିନ୍ ଅହମଦ୍, ଶୋରିଫୁଲ ଇସଲାମ, ମୁସ୍ତାଫିଜୁର ରହମାନ, ମୋସାଦ୍ଦେକ ହୋସେନ, ତାଇଜୁଲ ଇସଲାମ।

**ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍**

# ଆଜି ନୀରଜଙ୍କ ଲଢ଼େଇ



ଅନୁ ରାଣୀ

ଇଉଜିନ୍,୨୩।୭(ପି.ଟି)

ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ଅନୁ ରାଣୀ ସପ୍ତମ ସ୍ଥାନରେ ଅଭିଯାନ ଶେଷ କରିଛନ୍ତି। କ୍ରମାଗତ ଦ୍ୱିତୀୟ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ଅନୁ ରାଣୀ ୬୧.୧୨ ମିଟର ଥ୍ରୋ ସହିତ ଷଷ୍ଠ ସ୍ଥାନରେ ରହିଥିଲେ। ଦ୍ୱିତୀୟ ଥ୍ରୋରେ ଏହି ଦୂରତା ହାସଲ କରିଥିଲେ ଅନୁ ରାଣୀ। ତେବେ ଅନ୍ୟ ୫ ଥ୍ରୋରେ ୬୦ ମିଟର ଦୂରତା ଅତିକ୍ରମ କରିବାରେ ବିଫଳ ହୋଇଥିଲେ ଏହି ଜାଭେଲିନ୍ ଥ୍ରୋୟର। ୨୯ ବର୍ଷୀୟା ଅନୁ ୫୬.୧୮, ୬୧.୧୨, ୫୯.୨୭, ୫୮.୧୪, ୫୯.୯୮ ଏବଂ ୫୮.୧୪ ମିଟର ଥ୍ରୋ କରିଥିଲେ। ଅନୁ ନିଜ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିବାରେ ସମର୍ଥ ହୋଇଥିଲେ ନିଶ୍ଚିତ ଭାବରେ ପଦକ ପକ୍କା କରିଥାନ୍ତେ। ୬୩.୮୨ ମିଟର ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ହୋଇଥିବା ବେଳେ ବ୍ରୋଞ୍ଜ ପଦକ ବିଜୟିନୀ ହାରୁକା କିଟାଗୁଚି ହାସଲ କରିଥିଲେ ୬୩.୨୭ ମିଟରର ଦୂରତ୍ୱ। ଅଷ୍ଟ୍ରେଲିଆର କେଲସି ଲି ବାର୍ବର ୬୬.୯୧ ମିଟର ସହିତ ସ୍ୱର୍ଣ୍ଣ ଓ ଆମେରିକାର କାରା ୱିଙ୍ଗର ୬୪.୦୫ ମିଟର ସହିତ ରୌପ୍ୟ ପଦକ ହାସଲ କରିଥିଲେ।

## ଫାଇନାଲରେ ଅନୁ ସପ୍ତମ

ଭାରତର ସର୍ବଶ୍ରେଷ୍ଠ ପଦକ ଆଶା ନୀରଜ ଚୋପ୍ରା ରବିବାର ନିଜ ଫାଇନାଲ ରାଉଣ୍ଡ ଲଢେଇ ଖେଳିବେ। ଭାରତୀୟ ସମୟ ସକାଳ୭.୦୫ ମିନିଟରେ ଚୋପ୍ରାଙ୍କୁ ଆକ୍ସନରେ ଦେଖିବାକୁ ମିଳିବ। ଚୋପ୍ରାଙ୍କ ସହିତ ରୋହିତ ଯାଦବ ମଧ୍ୟ ଏହି ମୁକାବିଲାରେ ନଜର ଆସିବେ। ଏହା ପୂର୍ବରୁ ଟ୍ରିପଲ ଜମ୍ପର ଏଲଧୋସ ପଲ ଏବଂ ପୁରୁଷ ୪ଗୁଣା ୪୦୦ ମିଟର ରିଲେ ଦଳର ହିଟ୍ସ ରହିବ।



ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ମହିଳା ୪୦୦ ମିଟର ହର୍ଡଲ୍ସ ଫାଇନାଲ ଜିତିବା ପରେ ଖୁସି ମୁହୂର୍ତ୍ତରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଯୁକ୍ତରାଷ୍ଟ୍ର ଆମେରିକାର ସିଡନୀ ମ୍ୟାକ୍ଲାଫ୍ଲିନ୍।

# ପଏଣ୍ଟ ବାଣ୍ଟିଲେ ଚାଉଳିଆଗଞ୍ଜ, ରୟାଲ


ଚାଉଳିଆଗଞ୍ଜ ଏବଂ ରୟାଲ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଭୁବନେଶ୍ୱର,୨୩।୭,(ସ୍ପୋର୍ଟ୍ସ ବ୍ୟୁରୋ)

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍ ୨୦୨୨ରେ ଶନିବାର ଦୁଇଟି ମୁକାବିଲା ଖେଳା ଯାଇଥିଲା। ବର୍ଷା ଏବଂ ଓଦା ପଡିଆ କାରଣରୁ ମ୍ୟାଚ୍ ନମ୍ବର ୨୩କୁ ବାତିଲ କରାଯାଇଥିବା ବେଳେ ଚାଉଳିଆଗଞ୍ଜ ଏବଂ ରୟାଲ କ୍ଲବ୍ ପଏଣ୍ଟ ବାଣ୍ଟିଛନ୍ତି। ଓଡ଼ିଶା ପୋଲିସ ଏବଂ ରାଧାରମଣ କ୍ଲବ୍ ମଧ୍ୟରେ ଖେଳାଯିବାକୁ ଥିବା ମୁକାବିଲାଟି ବର୍ଷା କାରଣରୁ ଧୋଇଯାଇଥିବା ବେଳେ ଏହାକୁ ପୁନର୍ବାର ଖେଳାଯିବ।

ମ୍ୟାଚ୍ ନମ୍ବର ୨୪ଟି ଚାଉଳିଆଗଞ୍ଜ ଏବଂ ରୟାଲ କ୍ଲବ ମଧ୍ୟରେ ଖେଳା ଯାଇଥିବା ବେଳେ ଉଭୟ କ୍ଲବ୍ ପଏଣ୍ଟ ବାଣ୍ଟିଛନ୍ତି। ରୟାଲ କ୍ଲବ ପକ୍ଷରୁ ଅଜୟ ବରୁଆ(୧ ମିନିଟ୍), ଆଶିଷ ସାମଲ(୩୬ ମିନିଟ୍) ଓ ସବିର ଖାନ୍(୨୯ ମିନିଟ୍) ୩ଟି ଗୋଲ ସ୍କୋର କରିଥିଲେ। ଚାଉଳିଆଗଞ୍ଜ ପକ୍ଷରୁ ରମେଶ ଚନ୍ଦ୍ର ମୁର୍ମୁ(୩୨ ଓ ୫୦ ମିନିଟ) ଡବଲ ଗୋଲ ସ୍କୋର କରିଥିଲେ। ତେବେ ମ୍ୟାଚର ତୃତୀୟ ମିନିଟରେ ଆଶିଷ ସାମଲଙ୍କ ଆତ୍ମଘାତୀ ଗୋଲ କାରଣରୁ ପଏଣ୍ଟ ହାସଲରେ ସମର୍ଥ ହୋଇଥିଲା ଚାଉଳିଆଗଞ୍ଜ। ରବିବାର ଦୁଇଟି ମ୍ୟାଚ ଖେଳାଯିବ। ସନ୍‌ରାଇଜ୍ କ୍ଲବ୍ ଓ ୟୁଥ୍ ଉତ୍କଳ କ୍ଲବ ମଧ୍ୟରେ ଅପରାହ୍ନ ୩ଟାରେ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ସ୍ପୋର୍ଟସ କ୍ଲବ୍ ଓ ଆଜାଦ ହିନ୍ଦ୍ କ୍ଲବ୍ ମଧ୍ୟରେ ଦିନ ୧ଟାରେ ମ୍ୟାଚ୍ ଖେଳାଯିବ।

## ଫାଓ ଲିଗ୍ ୨୦୨୨

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

KUBER FINANCE
(Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
9417930815

ଧନଲକ୍ଷ୍ମୀ ଫାଇନାନ୍ସ
ରେଜିଷ୍ଟର୍ଡ କମ୍ପାନୀ
ସବୁ ବ୍ୟାଙ୍କ ଦ୍ୱାରା ଋଣ
ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଏଜୁକେଶନ, ଗୃହ ଉଦ୍ୟୋଗ, ଗାଡ଼ି, ଗୃହ ଋଣ 36 ଘଣ୍ଟାରେ
2% ସୁଧ
50% ଛାଡ଼
(ସିବିଲ ଖରାପ ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
7599195877

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶାରୁ ଭାଗନେବେ ଶ୍ରଦ୍ଧା ସୁମନ

ଭୁବନେଶ୍ୱର, ୨୩।୭ (ସ୍ପୋର୍ଟ୍ସ ବ୍ୟୁରୋ)

ଆସନ୍ତା ୨୮ ରୁ ୩୧ ତାରିଖ ପର୍ଯ୍ୟନ୍ତ ବୁଲଗେରିଆର ସୋଫିଆଠାରେ ବିଶ୍ୱକ୍ୟାଡେଟ୍ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ କଟକ ଶ୍ରଦ୍ଧା ସୁମନ ସାହୁ ଭାରତ ଟାଏକୋଣ୍ଡୋ ଟିମ୍‌ରେ ସ୍ଥାନ ପାଇଛନ୍ତି। ସେ ୫୯ କେଜିରୁ ଉର୍ଦ୍ଧ୍ୱ ବର୍ଗରେ ମୁକାବିଲା କରିବେ। ଶ୍ରଦ୍ଧା ସୁମନ କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ୍ ରେ ପାଠ ପଢନ୍ତି। ତାଙ୍କ ପିତାଙ୍କ ନାମ ଜିତେନ୍ଦ୍ର ସାହୁ ଓ ମା'ଙ୍କ ନାମ ସ୍ନିଗ୍ଧା ରାଣୀ ସାହୁ। ବିଶ୍ୱକ୍ୟାଡେଟ୍ ଟାଏକୋଣ୍ଡୋରେ ସମଗ୍ର ବିଶ୍ୱରୁ ୧୫୦ ରୁ ଅଧିକ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶା ଟାଏକୋଣ୍ଡୋ ସଂଘ ଚେୟାରପର୍ସନ ଡକ୍ଟର ହରପ୍ରସାଦ ପଟ୍ଟନାୟକ, ଓଡ଼ିଶା କରାଟେ ସଂଘ ସଂପାଦକ ଡକ୍ଟର ଗୌରୀ ମହାନ୍ତି, ଏସିଆ ପାୱାର ଲିଫ୍ଟ ସ୍ୱର୍ଣ୍ଣ ପଦକ ବିଜୟିନୀ ଅନୁପମା ସ୍ୱାଇଁ, ଓଡ଼ିଶା ଟାଏକୋଣ୍ଡୋ ସଭାପତି ସୁନ୍ଦରମଣି ପଟେଲ, ସମ୍ପାଦକ ଚିନ୍ମୟ ବେହେରା ଶ୍ରଦ୍ଧା ସୁମନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରଦ୍ଧା ସୁମନ ହେଉଛନ୍ତି ପ୍ରଥମ ଝିଅ ଯିଏକି ଭାରତୀୟ କ୍ୟାଡେଟ୍ ଦଳରେରେ ସ୍ଥାନ ପାଇଛନ୍ତି।

## ବିଶ୍ୱ କ୍ୟାଡେଟ୍ ଟାଏକୋଣ୍ଡୋ


ଶ୍ରଦ୍ଧା ସୁମନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମନେ ପଡ଼ନ୍ତି

୧୫ତମ ଶ୍ରାଦ୍ଧବାର୍ଷିକୀ

ଂଶରତ କୁମାର ମିଶ୍ର
ଆବିର୍ଭାବ: ୧୩।୦୫।୧୯୩୬
ତିରୋଧାନ: ୨୦।୦୭।୨୦୦୬
ନନା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସତ୍ୟବାଦିତା ଓ କର୍ତ୍ତବ୍ୟପରାୟଣତା ଆମମାନଙ୍କୁ ଅନୁପ୍ରାଣିତ କରୁଥିବ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଝିଅ: ପିଙ୍କି (ସରିତା), ଜ୍ୱାଇଁ: ସିନୁ (ଶ୍ରୀନିବାସ), ନାତି: ବାବୁ (କୁମାର କାର୍ତ୍ତିକ)।
ଧ-୧୦୮୩

୧୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱର୍ଗତ ଇଂ. କୀର୍ତ୍ତନ ସାହୁ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ: ୦୧।୦୮।୨୦୦୫
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ।
ଧ-୭୧୫୩୭

ବିଂଶତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଂ ମନୋରମା ସେଠୀ
ଆବିର୍ଭାବ : ୧୯୪୩
ତିରୋଧାନ : ୦୪.୦୮.୨୦୦୨
ମାଆ, ଠିକ୍ ଆଜିକୁ ୨୧ ବର୍ଷ ତଳେ ଏହି ଦିନରେ ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ପରମ ଧାମକୁ ପ୍ରାପ୍ତ ହେଲେ କିନ୍ତୁ ଆଜିବି ଆମ୍ଭେମାନେ ଆପଣଙ୍କର ତ୍ୟାଗ, ସହନଶୀଳତା ଓ ସମଦର୍ଶୀଭାବକୁ ଝୁରି ହେଉଛୁ। ଆପଣ ସ୍ୱର୍ଗରେ ଥାଇ ଆମ୍ଭମାନଙ୍କୁ ଆଶୀର୍ବାଦ କରନ୍ତୁ ଆପଣଙ୍କ ଚରଣତଳେ ଏତିକି ପ୍ରାର୍ଥନା।
-: ଇତି ଆପଣଙ୍କର ଗୁଣମୁଗ୍ଧ :-
ପୁତ୍ର, ପୁତ୍ରବଧୂ : ବାବୁ-କୁନି, ବୁଲୁ-ସୁଇଟି, ମୁନା-ମିତାଲି, କନ୍ୟା, ଜ୍ୱାଇଁ : ଜୟନ୍ତି-ରତ୍ନାକର, ମଞ୍ଜୁ-ଲକ୍ଷ୍ମଣ, ସଞ୍ଜୁ-ସୁଦର୍ଶନ, ଇତି-ପ୍ରଶାନ୍ତ, ନାତି-ନାତୁଣୀ : ଜିପୁ, ବାପି, ଟୁଗୁ, ଶୁଭମ୍, ଚନ୍ଦୁ, ଶାନ୍, ଅଂଶୁଲ୍, ମିଠୁଲ୍, ଅଭିକ୍, ଲିଜା, ରୋଜି, ଗୁଡି ଓ ମାନ୍ୟା, ବନ୍ଧୁ ଓ ପରିବାରବର୍ଗ।
ଧ-୭୩୩୩୭

In the loving memory of

Shreekant Dash
(Tulu/Bapu)
10.07.1988 - 04.08.2021
You will be in our heart forever and you will always be remembered as being a loving,dedicated and affectionate brother who was loved by one and all.
Deeply mourned by:-
SK, BG, Grandmother, father, mother, sisters, brothers friends and relatives.
ଧ-୧୦୭୫

ପ୍ରଥମ ଶ୍ରାଦ୍ଧ ବାର୍ଷିକ

ଂନବ କିଶୋର ମଲ୍ଲ
ଆବିର୍ଭାବ - ତା ୧୪.୧୧.୧୯୫୦ ରିଖ
ତିରୋଧାନ - ତା ୦୪.୦୮.୨୦୨୧ ରିଖ
ମଣିଷ ମରିବ ଦିନେ ଜନ୍ମ ହେଲେ ଦେବତା ବି ମରେ
ସାର୍ଥକ ମଣିଷ ସେହି ଯାହା ଲାଗି ମାଟି ଗୋଡି ଝୁରେ
ଆଜିବି ବିଶ୍ୱାସ ହେଉନାହିଁ, ଆପଣ ଆମମାନଙ୍କୁ ଛାଡି ଚାଲିଯାଇଛନ୍ତି। ଜନ୍ମ ମାଟିକୁ ଭଲ ପାଇବା, ଆପଣଙ୍କ ସ୍ନେହ ବୋଳା କଥା ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ବିନତି କରୁଛୁ।
ଶୋକସନ୍ତପ୍ତ ପରିବାର ବର୍ଗ ଓ ବନ୍ଧୁ ପରିଜନ
ଧ-୧୦୮୪

# ୱାଟର ପ୍ରୁଫ୍ ଫୁଟ୍‌ୱେର





ନିଜକୁ ଟ୍ରେଣ୍ଡି ଏବଂ ଆଇକ୍ୟାଚି ଲୁକ୍ ଦେବାକୁ ବିଭିନ୍ନ ଆଉଟ୍‌ଫିଟ୍‌କୁ ନେଇ ଏକ୍ସପେରିମେଣ୍ଟ କରିବାରେ ବେଶ୍ ଆଗଭର ଯୁବପିଢ଼ି। ଯେଉଁଥିରୁ ବାଦ୍‌ପଡ଼େନି ସେମାନଙ୍କ ଫୁଟ୍‌ୱେର ସିଲେକ୍ସନ। ହେଲେ ବର୍ଷାଦିନ ଆସିଲେ କିଭଳି ଫୁଟ୍‌ୱେର ପିନ୍ଧିଲେ ସୁନ୍ଦର ଦେଖାଯିବା ସହ ପାଣି କାଦୁଅରେ ନଷ୍ଟ ନ ହେବ, ତା'କୁ ନେଇ ବଢ଼ିଯାଏ ଅନେକଙ୍କ ଟେନ୍‌ସନ୍। ଯାହାକୁ ଦୂର କରିବା ଲାଗି ଏବେ ମାର୍କେଟ୍‌ରେ ମିଳୁଛି ଭଳିକି ଭଳି ୱାଟରପ୍ରୁଫ୍ ଫୁଟ୍‌ୱେର କଲେକ୍ସନ...



**ଫ୍ୟା**ଶନେବଲ୍ ଓ ଟ୍ରେଣ୍ଡି ଲୁକ୍ ପାଇଁ ଆଉଟ୍‌ଫିଟ୍ ସହିତ ମ୍ୟାଚିଂ ଜୋତା ପିନ୍ଧିବା ଯୁବପିଢ଼ିଙ୍କର ଏକ ସଉକ। ଯେଉଁଥିପାଇଁ ଅନେକଙ୍କ ପାଖେ ଥାଏ ବିଭିନ୍ନ ପ୍ରକାରର ସୁଜ୍ କଲେକ୍ସନ। ହେଲେ ବର୍ଷାଦିନେ ବିଭିନ୍ନ ଡିଜାଇନର ୱାର୍କ ଥିବା ଚପଲ, ଲେଦର କିମ୍ବା କାନ୍‌ଭାସ୍ ଫୁଲ୍‌ଶୁ ଆଦି ପିନ୍ଧିବା ହୋଇଯାଏ ମୁସ୍କିଲ। ଏମିତିରେ ମାର୍କେଟ୍‌ରେ ମିଳୁଥିବା ଅନେକ ପ୍ରକାରର ୱାଟରପ୍ରୁଫ୍ ଫୁଟ୍‌ୱେର ପାଲଟିଛି ସେମାନଙ୍କ ପାଇଁ ରେନି ଡେ' ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ...



## ମନେରଖନ୍ତୁ...

➔ଏଦିନେ ଲେଦର, ଜିନ୍ସ, କାନ୍‌ଭାସ୍ ଭଳି ଜୋତା ଆଦୌ ପିନ୍ଧନ୍ତୁ ନାହିଁ। କାରଣ ବର୍ଷା ପାଣି ଲାଗି ଏହା ନା କେବଳ ଶୀଘ୍ର ନଷ୍ଟ ହୋଇଯିବାର ଆଶଙ୍କା ରହିଛି ବରଂ ସହଜରେ ନ ଶୁଖିବା କାରଣରୁ ଥଣ୍ଡା ଜ୍ୱର ଭଳି ସମସ୍ୟା ସୃଷ୍ଟି କରିଥାଏ।

➔ଏଦିନେ ଅଧିକ ଟାଇଟ୍ ଜୋତା ପିନ୍ଧନ୍ତୁ ନାହିଁ। କାରଣ ପାଦ ଅଧିକ ସମୟ ଓଦା ରହିଲେ ଆଙ୍ଗୁଠି ଫାଙ୍କଗୁଡ଼ିକରେ ପାଣି ରହି ପାଣିଖିଆ ଏବଂ ଫଙ୍ଗାଲ ଇନ୍‌ଫେକ୍ସନ ଦେଖାଦେଇଥାଏ।

➔ଏଦିନେ ହାଇ ହିଲ୍ ଚପଲ ଆଦୌ ବ୍ୟବହାର କରନ୍ତୁ ନାହିଁ। କାରଣ ବର୍ଷା ପାଣିରେ ଖାଲ, ଢିପ ସବୁ ସ୍ଥାନ ଏକାପରି ଲାଗୁଥିବାରୁ ଗୋଡ଼ ମୋଡ଼ି ହୋଇଯିବା, ପଡ଼ିଯିବା କିମ୍ବା ଅନ୍ୟ ଅଘଟଣ ଘଟିବାର ଆଶଙ୍କା ରହିଛି। ଏହା ବଦଳରେ ଚାଲିବାରେ ସୁବିଧା ହେବା ଭଳି ସ୍ଲିପର ଅବା ରେନି ଶୁଜ୍ ପିନ୍ଧନ୍ତୁ।

➔ଯଦିଓ ମାର୍କେଟ୍‌ରେ ମିଳୁଥିବା କଲରଫୁଲ୍ ୱାଟରପ୍ରୁଫ୍ ଚପଲ ଦେଖିବାକୁ ଖୁବ୍ ଆକର୍ଷଣୀୟ, ହେଲେ ସବୁ ପିନ୍ଧିବା ବେଳେ କମ୍ଫର୍ଟେବଲ୍ ଲାଗିବ ତାହା ଠିକ୍ ନୁହେଁ। କାରଣ କେତେକ ରବର ଏବଂ ପ୍ଲାଷ୍ଟିକ୍ ଚପଲ ବର୍ଷାରେ ପିନ୍ଧିଲେ ନଷ୍ଟ ହୁଏ ନାହିଁ ସତ, ହେଲେ ଏଥିରେ ଗୋଡ଼ ଖସିବାର ଆଶଙ୍କା ଥାଏ। ତେଣୁ କିଣିବା ପୂର୍ବରୁ ଭଲ ଭାବେ ଚେକ୍ କରିନିଅନ୍ତୁ।

### କ'ଣ କରନ୍ତି ଏମାନେ...



**ବିନୋଦ କୁମାର ବେହେରା** (ଯାଜପୁର)– ବର୍ଷାଦିନେ ଯାହା ପିନ୍ଧିଲେ ବି ସବୁ ଓଦା ରହିବାର ଭୟ ଥାଏ। ତେଣୁ ଏ ସମୟରେ ମୁଁ କୌଣସି ଟ୍ରିପ୍‌ରେ ବାହାରିଲେ କଟନ୍ ପରିବର୍ତ୍ତେ ସିନ୍ଥେଟିକ୍ ଡ୍ରେସ୍ କ୍ୟାରି କରିବାକୁ ଭଲପାଏ। କାରଣ ସେସବୁ ଓଦା ହେଲେ ବି ଖୁବ୍‌ଶୀଘ୍ର ଶୁଖିଯାଏ। ତା'ସହ ଷ୍ଟାଇଲିଶ୍ ଲାଗିବା ଭଳି ମ୍ୟାଚିଂ ୱାଟରପ୍ରୁଫ୍ ଫୁଟ୍‌ୱେର ବି ବ୍ୟବହାର କରିଥାଏ।



**ମହେଶ୍ୱତା ନାଥ** (ଯାଜପୁର ଟାଉନ୍) ବର୍ଷାଦିନେ ମୁଁ ଜମ୍ପସୁଟ୍ ପିନ୍ଧିବାକୁ ଭଲପାଏ। ଖାସ୍ କରି ଆଙ୍କେଲ ଲେନ୍‌ଥ୍‌କୁ ବେଶି କ୍ୟାରି କରେ। ତା' ସହ ୱାଟରପ୍ରୁଫ୍ ବୁଟ୍ କିମ୍ବା ଫ୍ଲିପ୍ ଫ୍ଲପ ସ୍ୟାଣ୍ଡେଲ୍ ପିନ୍ଧିବାକୁ ଭଲପାଏ। ବର୍ଷାପାଣିରେ ଏସବୁ ନଷ୍ଟ ହେବାର ଭୟ ବି ନ ଥାଏ। ସୁବିଧାରେ ସବୁଜାଗାକୁ ପିନ୍ଧି ଯାଇପାରେ।



**ଫ୍ଲିପ୍ ଫ୍ଲପ୍:** ବର୍ତ୍ତମାନ ବିଭିନ୍ନ ଡିଜାଇନ୍‌ର କଲରଫୁଲ୍ ଫ୍ଲିପ୍ ଫ୍ଲପ୍ ମାର୍କେଟ୍‌ରେ ଉପଲବ୍ଧ। ଯାହାକି ବଜେଟ ଫ୍ରେଣ୍ଡଲୀ ଏବଂ ଖୁବ୍ ହାଲୁକା ହୋଇଥିବାରୁ କ୍ୟାରି କରିବାକୁ ମଧ୍ୟ ଖୁବ୍ ସହଜ। ତା'ଛଡ଼ା ପ୍ରତ୍ୟେକ ଡ୍ରେସ୍ ସହିତ ମ୍ୟାଚିଂ କଲରର ଫ୍ଲିପ୍ ଫ୍ଲପ୍ ମିଳୁଥିବାରୁ ବର୍ତ୍ତମାନ ଯୁବିପିଢ଼ି ଏହାକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

**କ୍ଲଗ୍ ସ୍ୟାଣ୍ଡେଲ୍:** ବର୍ଷାରେ ଏଭଳି ଚପଲ ସବୁଠୁ ବେଷ୍ଟ ଅପ୍ସନ। ଏହା ପାଦକୁ ଆରାମଦାୟକ ଲାଗିବା ସହ ଦେଖିବାକୁ ମଧ୍ୟ ଖୁବ୍ ଆଇକ୍ୟାଚି। ଏହାକୁ ଯେକୌଣସି କାଜୁଆଲ୍ ଆଉଟଫିଟ୍ ସହିତ ବ୍ୟବହାର ପରି ହେଉଥିବାରୁ ଯୁବପିଢ଼ିଙ୍କର ଏହାକୁ ନେଇ କ୍ରେଜ୍ ବଢ଼ୁଛି। ଏହା ଉପରେ ଥିବା ଛୋଟ ଛୋଟ କଣା ଯୋଗୁ ଓଦା ହେଲେ ପାଦ ଶୀଘ୍ର ଶୁଖିବା ମଧ୍ୟ ସହଜ ହୋଇଥାଏ।

**ଷ୍ଟାଇଲିଶ୍ ରେନି ଶୁ, ଫଙ୍କି ଗନ୍ ବୁଟ୍:** ରବର ଏବଂ ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ବିଭିନ୍ନ ଆକର୍ଷଣୀୟ ଡିଜାଇନର ଏଭଳି ଜୋତା ବର୍ତ୍ତମାନ ଯୁବପିଢ଼ିଙ୍କୁ ଅଧିକ ଆକୃଷ୍ଟ କରୁଛି। ଏହା ସବୁ ପ୍ରକାର ଗେଟ୍‌ଅପ୍‌ରେ ଟ୍ରେଣ୍ଡି ଲାଗୁଛି। ବିଶେଷକରି ଆଜିର ମଡର୍ନ ତଥା ୱେଷ୍ଟର୍ନ ଆଉଟ୍‌ଫିଟ୍ କ୍ୟାରି କରୁଥିବା ଯୁବପିଢ଼ିଙ୍କ ପାଇଁ ଏହା ବେଷ୍ଟ ଅପ୍ସନ।

**ଜେଲି ଫ୍ଲେଟ୍ସ:** ଏଦିନେ ଲେଦର, କାନ୍‌ଭାସ୍ ଭଳି ଜୋତା ପରିବର୍ତ୍ତେ ପାଣି ସଂସ୍ପର୍ଶରେ ଆସି ଶୀଘ୍ର ନଷ୍ଟ ନ ହେବା ଭଳି ଜେଲି ଫ୍ଲେଟ୍ସ ଫୁଟ୍‌ୱେରର ଡିମାଣ୍ଡ ଅଧିକ। ଏହା କଲରଫୁଲ୍ ହୋଇଥିବାରୁ ଷ୍ଟାଇଲିଶ୍ ଲାଗିଥାଏ ଏବଂ ଖୁବ୍ କମ୍ଫର୍ଟେବଲ୍ ମଧ୍ୟ।

## ଏ ସପ୍ତାହର ପ୍ରଶ୍ନ

୧– ପ୍ରଥମ ଜୈନ ପରିଷଦ ........... ଠାରେ ଆୟୋଜିତ ହୋଇଥିଲା ?
୨– ମହାଭାରତରେ ପାର୍ଥ ......... ଙ୍କୁ କୁହାଯାଏ ?
୩– ରୌଫ୍ ଲୋକନୃତ୍ୟ ................ ରାଜ୍ୟରେ ଦେଖିବାକୁ ମିଳେ ?
୪– ଏ ୱିକ୍ ୱିଥ୍ ଗାନ୍ଧୀ ପୁସ୍ତକର ଲେଖକ ............. ?
୫– ପୋର୍ଟ ବ୍ଲେୟାର୍ ...................... ଦ୍ୱୀପରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ୨୦୦୧
୨ ଯୋଗା ଫର୍ ହ୍ୟୁମାନିଟି
୩ ଦକ୍ଷିଣ କୋରିଆ
୪ ଚାରୋନ୍
୫ ଓଡ଼ିଶା

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ଓମ୍ ପ୍ରକାଶ ଦାସ, ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଧନୀ ୟୁଟ୍ୟୁବର୍–୨୦୨୨

| | |
|---|---|
| ୧. ଜଷ୍ଟିନ୍ ବିବର୍ | ୨୮୫ ମିଲିୟନ୍ ଡଲାର୍ |
| ୨. ଜାଫ୍ରି ଷ୍ଟାର୍ | ୨୦୦ ମିଲିୟନ୍ ଡଲାର୍ |
| ୩. ଷ୍ଟେଭିନ୍ ଜନ୍ | ୪୦ ମିଲିୟନ୍ ଡଲାର୍ |
| ୪. ଫେଲିକ୍ସ ଜେଲବର୍ଗ | ୪୦ ମିଲିୟନ୍ ଡଲାର୍ |
| ୫. ଲୋଗାନ୍ ପଲ୍ | ୩୫ ମିଲିୟନ୍ ଡଲାର୍ |
| ୬. ମାର୍କ ଫିଶ୍ଚବାଚ୍ | ୩୫ ମିଲିୟନ୍ ଡଲାର୍ |
| ୭. ଡାନିଏଲ୍ ମିଡିଲ୍‌ଟନ୍ | ୩୫ ମିଲିୟନ୍ ଡଲାର୍ |
| ୮. ର୍ୟାନ୍ କାଜି | ୩୨ ମିଲିୟନ୍ ଡଲାର୍ |
| ୯. ଜାକେ ପଲ୍ | ୩୦ ମିଲିୟନ୍ ଡଲାର୍ |
| ୧୦. ଜିମି ଡୋନାଲ୍ଡଶନ୍ | ୨୫ ମିଲିୟନ୍ ଡଲାର୍ |

### କଲେଜ ବେଳର ଅନୁଭୂତି

## ଗୁରୁ ସର୍ବଦା ନମସ୍ୟ



**କ**ଲେଜବେଳର ଅନେକ ଏଭଳି ଅନୁଭୂତି ରହିଛି, ଯାହା ସତରେ ଅଭୁଲା। ତେବେ ମନେପଡୁଛି ଗୋଟିଏ ଘଟଣା। ୧୯୭୭ ମସିହାରେ ଇଣ୍ଟରମିଡିଏଟ୍ ବିଜ୍ଞାନ ପରୀକ୍ଷା ସରିଥାଏ। ଭଲ ନମ୍ବର ମଧ୍ୟ ରହିଥାଏ। ଏହାପରେ ସାଧାରଣତଃ ପିଲାମାନେ ପରବର୍ତ୍ତୀ ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତ ହୁଅନ୍ତି। ମୋର ପଦାର୍ଥ ବିଜ୍ଞାନ(ଥିଓରୀରେ ଶତ ପ୍ରତିଶତ), ଗଣିତରେ ପାଖାପାଖି ଶତ ପ୍ରତିଶତ ମାର୍କ ଥିବାରୁ କୌଣସି ବିଜ୍ଞାନ ବିଷୟ କିମ୍ବା ଇଞ୍ଜିନିୟରିଂ କଲେଜରେ ପଢ଼ିବା ପାଇଁ ସ୍ଥିର କରିଥିଲି। ଏପରିକି ରିଜିଓନାଲ ଇଞ୍ଜିନିୟରିଂ କଲେଜ ଓ ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟର ଏଗ୍ରିକଲ୍‌ଚର ଇଞ୍ଜିନିୟରିଂ ଡିଗ୍ରୀ ପାଇଁ ଦେଇଥିବା ପ୍ରବେଶିକା ପରୀକ୍ଷାରେ ଯଥାକ୍ରମେ ୨ୟ ଓ ପ୍ରଥମ ସ୍ଥାନ ରଖିଥିଲି। ସେହିପରି ୟୁନିଅନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଚାକିରି ନିମନ୍ତେ(ଟିଏସ୍‌ସି) ପାଇଁ ଦେଇଥିବା ପରୀକ୍ଷାରେ ବିହାର ଓ ଓଡ଼ିଶାରେ ପ୍ରଥମ ହୋଇଥିଲି। ମାତ୍ର ମୋର ଡାକ୍ତରୀ ସ୍ନାତକ ପଢ଼ିବା ପାଇଁ ଆଗ୍ରହ ନ ଥିଲା। କିନ୍ତୁ ଏଥିନିମନ୍ତେ ଆବେଦନ କରିଥିବାରୁ ପ୍ରବେଶିକା ପରୀକ୍ଷା ନ ଦେଇଥିଲେ ମଧ୍ୟ ମାର୍କ ଅନୁସାରେ ଚୟନ ହୋଇଥିଲା ଏସ୍‌ସିବି ମେଡିକାଲ କଲେଜରେ। ସେ ସମୟରେ ୧୦ଟି ସିଟ୍ (ଉତ୍କଳ–୪, ବ୍ରହ୍ମପୁର–୩, ସମ୍ବଲପୁର ବିଶ୍ୱବିଦ୍ୟାଳୟର– ୩) ମାର୍କ ଭିତ୍ତିରେ ଆଡମିଶନ୍ ପାଇଁ ରଖାଯାଉଥିଲା।

ମାତ୍ର ମୁଁ ପୁନଶ୍ଚ ମନେ ମନେ ସ୍ଥିର କରିଥିଲି ରେଭେନ୍ସାରେ ଇଂଲିଶ୍ କିମ୍ବା ଓଡ଼ିଆ ଅନର୍ସ ରଖି ପଢ଼ିବା ପାଇଁ। କାରଣ ମୋତେ ସାହିତ୍ୟ ଓ କାବ୍ୟ କବିତା ଭଲ ଲାଗୁଥିଲା। ଫଳରେ ମୁଁ କଲେଜରୁ ସିଏଲ୍‌ସି ନେଇ ନ ଥିଲି। କିନ୍ତୁ ସେ ସମୟରେ ବାଙ୍କି କଲେଜରେ ଅଧକ୍ଷ ଥିବା ସ୍ୱର୍ଗତ ଧୀରେନ୍ଦ୍ର କୁମାର ସାମନ୍ତରାୟ ମୋତେ ପାଖକୁ ଡାକି ବୁଝାଇବା ପରେ ଶେଷ ଦିନ (ନାମଲେଖାର ଶେଷ ଦିନ) ସିଏଲ୍‌ସି ଦେଇ ଡାକ୍ତରୀ ଶିକ୍ଷାରେ ନାମ ଲେଖାଇବା ପାଇଁ ବାଧ୍ୟ କରିଥିଲେ ଓ କହିଥିଲେ, ରାମ ତୁମେ ଡାକ୍ତର ହେଲେ ସାହିତ୍ୟ ପଢ଼ିପାରିବ, ମାତ୍ର ସାହିତ୍ୟିକ କିମ୍ବା ମୋ ପରି ଇଂଲିଶ୍ ଅଧ୍ୟାପକ ହେଲେ କାହାର କ'ଣ ଉପକାରରେ ଆସିପାରିବ? ପରବର୍ତ୍ତୀ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବ ହୋଇଥିଲେ ଓ ମୋର ଏମ୍‌ବିବିଏସ୍‌ର ପରବର୍ତ୍ତୀ ତାଲିମର କିଛି ଅଂଶ କମାଣ୍ଡ ହସ୍ପିଟାଲରେ ପୂରଣ କରିବା ପାଇଁ ଅନୁମତି ମଧ୍ୟ ପ୍ରଦାନ କରିଥିଲେ। ମୋତେ ବହୁତ ଦିନ ପଦାର୍ଥ ବିଜ୍ଞାନ ନ ପଢ଼ିଥିବାରୁ ଦୁଃଖ ଲାଗୁଥିଲା। ମାତ୍ର ଡାକ୍ତର ହୋଇ ରୋଗୀ ସେବା ଆରମ୍ଭ କଲା ପରେ ସେହି ଦୁଃଖ ମନରୁ ଦୂରେଇ ଯାଇଥିଲା।

ଏବେ ମଧ୍ୟ ନିୟମିତ ମୁଁ ପଦାର୍ଥ ବିଜ୍ଞାନ, ଗଣିତ ଓ ସାହିତ୍ୟ ବିଷୟରେ ଆଗ୍ରହ ସହକାରେ ଅଧ୍ୟୟନ କରେ। ଆଗରୁ ଶିକ୍ଷକମାନେ କିଭଳି ଛାତ୍ରୀଛାତ୍ରମାନଙ୍କର ମାର୍ଗ ପ୍ରଦର୍ଶନ କରାଉଥିଲେ ଏହା ଏକ ବିଶେଷ ଉଦାହରଣ। ଗୁରୁମାନେ ସର୍ବଦା ନମସ୍ୟ ଅଟନ୍ତି। **– ଡା. ରାମଚନ୍ଦ୍ର ରାଉତ,**
ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସୂଚନା ଓ ପରିସଂଖ୍ୟାନ, ଓଡ଼ିଶା



### ଜାଣନ୍ତୁ ଦୁନିଆ

## ନିଆରା ଦେଶ

ପୃଥିବୀରେ ଅନେକ ଏଭଳି ଦେଶ ରହିଛି, ଯାହାର କିଛି ବିଶେଷତ୍ୱ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରେ। ଜାଣିବା ସେଭଳି କିଛି ଦେଶ ସମ୍ପର୍କରେ...

➤ସ୍ୟାନ୍ ମ୍ୟାରିନୋକୁ ପୃଥିବୀର ସବୁଠୁ ପୁରୁଣା ଦେଶ ଭାବେ ଗ୍ରହଣ କରାଯାଏ। ଏହା ଏକମାତ୍ର ଦେଶ, ଯେଉଁଠି ଜନସଂଖ୍ୟା ତୁଳନାରେ କାର ସଂଖ୍ୟା ଅଧିକ।

➤ ନିଉଇ ହେଉଛି ଖୁବ୍ କମ୍ ଜନସଂଖ୍ୟା ଥିବା ଏକ ଦ୍ୱୀପରାଷ୍ଟ୍ର, ଯାହାକି ପୃଥିବୀର ପ୍ରଥମ ଏବଂ ଏକମାତ୍ର ୱାଇଫାଇ ଦେଶ।

➤ୟୁଏନ୍ ୱାର୍ଲ୍ଡ ହାପିନେସ୍ ରିପୋର୍ଟ ମୁତାବକ ଡେନ୍‌ମାର୍କ ହେଉଛି ପୃଥିବୀର ସବୁଠୁ ଖୁସିପୂର୍ଣ୍ଣ ଦେଶ।



➤ ନାଇଜର୍ ହେଉଛି ପୃଥିବୀର ସର୍ବାଧିକ ଯୁବବର୍ଗ ଥିବା ଦେଶ। ଅର୍ଥାତ୍ ଏହି ଦେଶର ସମୁଦାୟ ଜନସଂଖ୍ୟାର ୫୦% ହେଉଛନ୍ତି ୧୪ ବର୍ଷ ବୟସରୁ କମ୍।

➤ ଭାରତ ବ୍ୟତୀତ ଫିଜି ହେଉଛି ଏକ ମାତ୍ର ଦେଶ, ଯାହାର ଅଫିସିଆଲ୍ ଲାଙ୍ଗୁଏଜ୍ ହିନ୍ଦୀ।

➤ ପୃଥିବୀରେ ବର୍ତ୍ତମାନ ସୁଦ୍ଧା ୨୨ଟି ଦେଶରେ ସେନାବାହିନୀ ନାହାନ୍ତି।

➤ପ୍ରଶାନ୍ତ ମହାସାଗର ମଧ୍ୟରେ ଥିବା ମାର୍ଶାଲ ଦ୍ୱୀପ ପୃଥିବୀର ସବୁଠାରୁ ସଂକଟଗ୍ରସ୍ତ ଦ୍ୱୀପରାଷ୍ଟ୍ର। କାରଣ ଏଠାରେ ପାଣିପାଗ ପରିବର୍ତ୍ତନ ସହ ବନ୍ୟା ଆଶଙ୍କା ସର୍ବାଧିକ।

➤ ପାପୁଆ ନ୍ୟୁ ଗିନୀ ପୃଥିବୀର ସର୍ବାଧିକ ଭାଷାଗତ ବିବିଧତା ଥିବା ଦେଶ। ତେବେ ଏଠାକାର ରାଷ୍ଟ୍ରୀୟ ଭାଷା ଇଂଲିଶ୍ ହୋଇଥିଲେ ହେଁ ମାତ୍ର ୧–୨ ପ୍ରତିଶତ ବାସିନ୍ଦା ଏହି ଭାଷାରେ କଥା ହୋଇପାରନ୍ତି।

➤ ପୃଥିବୀର ସର୍ବାଧିକ ସଂଖ୍ୟକ ଯମଜ ନାଇଜେରିଆରେ ଜନ୍ମ ଗ୍ରହଣ କରୁଥିବାର ରେକର୍ଡ ରହିଛି।

➤ ପୃଥିବୀର ପ୍ରାୟ ୯୦% ମଧୁର ଜଳ ଆଣ୍ଟାର୍କଟିକାରେ ରହିଛି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୨୪ ଜୁଲାଇ, ୨୦୨୨ Sambalpur, Sunday, July 24/2022

# ଭାରତୀୟ ଦଳରେ ଟଙ୍କଧର

## ୨୦ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍


ଟଙ୍କଧର ବାଗ୍

**ଭୁବନେଶ୍ୱର, ୨୩।୭**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ୨୦ବର୍ଷରୁ କମ୍ ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍ ପାଇଁ ଶନିବାର ମୁଖ୍ୟ କୋଚ୍ ଶନମୁଗମ ଭେଙ୍କଟେଶ ୨୩ ଜଣିଆ ଭାରତୀୟ ଫୁଟ୍‌ବଲ ଦଳ ଘୋଷଣା କରିଛନ୍ତି। ଏଥିରେ ଓଡ଼ିଶାର ଟଙ୍କଧର ବାଗ୍‌ଙ୍କୁ ସ୍ଥାନ ମିଳିଛି। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଭାରତ ପାଖାପାଖି ୨ ବର୍ଷ ବ୍ୟବଧାନରେ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଖେଳିବ। ଦଳ ବାଂଲାଦେଶ ବିପକ୍ଷ ମ୍ୟାଚ ସହ ଚାମ୍ପିୟନଶିପ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। ଏହାଛଡ଼ା ୨୦ବର୍ଷରୁ କମ୍ ଭାରତୀୟ ବାଳକ ଦଳ ପରେ ସେପ୍ଟେମ୍ବରରେ ୨୦ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସ ଖେଳିବ। ଦଳ ଗ୍ରୁପ୍ ଏଚ୍‌ରେ ଅଷ୍ଟ୍ରେଲିଆ, କୁଏତ୍ ଓ ଆୟୋଜକ ଇରାକ ସହିତ ସ୍ଥାନ ପାଇଛି। ଉଭୟ ସାଉଥ ଏସିଆ ଓ କଣ୍ଟିନେଣ୍ଟାଲ ଲେଭଲରେ ଭଲ ପ୍ରଦର୍ଶନ ଆଶା ରଖିଛି ଭାରତ। ସୂଚନାଯୋଗ୍ୟ, ଭାରତର ୨୦ବର୍ଷରୁ କମ୍ ଦଳ ଗତ ଦୁଇ ସିଜନ ଧରି ଘରୋଇ ସ୍ତରରେ ଆଇ-ଲିଗ୍ ଓ ଆଇଏଫ୍‌ଏ ଶିଲ୍‌ଡରେ ଖେଳି ଆସୁଛି।

**ଭାରତୀୟ ଦଳ**

**ଗୋଲକିପର:** ସୟଦ ଜାହିଦ ହୁସେନ ବୁଖାରି, ମୋହିତ ସିଂ ଧାମି, ସୋମ୍ କୁମାର। **ଡିଫେଣ୍ଡର:** ଅମନଦୀପ, ହାଲେନ୍ ନଙ୍ଗ୍‌ଡିଙ୍ଗୁ, ବିକାଶ ଜୁମନାମ, ସାଜାଦ ହୁସେନ ପରାୟ, ରାଜ୍ ବାସ୍‌ଫୋରେ, ବ୍ରିଜେଶ ଗିରି, ଟଙ୍କଧର ବାଗ୍, ପ୍ରୀତମ ମିତେଇ, ସେରୋଖାଇବାମ୍। **ମିଡ୍‌ଫିଲ୍ଡର:** ସିବଜିତ୍ ସିଂ ଲିମାପୋକ୍‌ପାମ୍, ଭିବିନ୍ ମୋହାନାନ୍, ବିନୟ ହାର୍ଜି, ମେହଶନ ସିଂ ତୋଙ୍ଗବ୍ରାମ୍, ସୁଜିତ୍ ସିଂ, ହର୍ଷ ଶୈଲେସ ପାଟ୍ରେ, ଟାଇସନ ସିଂ ଲୋଇଟଙ୍ଗବାମ୍, ମାକାର୍ଟନ ଲୋଇସ୍ ନିକ୍‌ସନ। **ଫରୱାର୍ଡ:** ଗୁର୍‌କିରଟ ସିଂ, ପାର୍ଥ ସୁନ୍ଦର ଗୋଗୋଇ, ହିମାଂଶୁ ଜାଙ୍ଗ୍ରା, ଶୁଭୋ ପଲ୍।
**ମୁଖ୍ୟ କୋଚ୍:** ଶନ୍‌ମୁଗମ ଭେଙ୍କଟେଶ।

# ପେରାଙ୍କୁ ୭ଦିନ ଭିତରେ ଦ୍ୱିତୀୟ ଟାଇଟଲ

**ହାମ୍ବର୍ଗ (ଜର୍ମାନୀ), ୨୩।୭ (ଏପି)**

ଆମେରିକାର ବର୍ନାର୍ଡା ପେରା ବମବର୍ଗ ୟୁରୋପିଆନ ଓପନ ଚାମ୍ପିୟନ ହୋଇଛନ୍ତି। ଶନିବାର ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ଟପ୍ ସିଡ୍ ତଥା ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଆନେଟ୍ କୋଣ୍ଟାଭିଟ୍‌ଙ୍କୁ ୬-୨, ୬-୪ରେ ହରାଇ ଦେଇଛନ୍ତି। ଏକ ସପ୍ତାହ ମଧ୍ୟରେ ଏହା ହେଉଛି ତାଙ୍କର ଦ୍ୱିତୀୟ ଟାଇଟଲ। ୮୧ ନମ୍ବର ର୍‍ୟାଙ୍କିଂପ୍ରାପ୍ତ ପେରା ତାଙ୍କର ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ଗତ ସପ୍ତାହରେ ବୁଦାପେଷ୍ଟରେ ହାସଲ କରିଥିଲେ। ବୁଦାପେଷ୍ଟ କ୍ୱାଲିଫାୟର୍ସଠାରୁ ଏପର୍ଯ୍ୟନ୍ତ ପେରାଙ୍କର ଏହା ହେଉଛି କ୍ରମାଗତ ଦ୍ୱାଦଶ ବିଜୟ। ୨୭ ବର୍ଷୀୟା ପେରା ଗତ ରବିବାର ଅନୁଷ୍ଠିତ ବୁଦାପେଷ୍ଟ ଫାଇନାଲରେ ସର୍ବିୟାର ଆଲେକ୍‌ସାଣ୍ଡ୍ରା କ୍ରୁନିକ୍‌ଙ୍କୁ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ କୋଣ୍ଟାଭିଟ୍ ତାଙ୍କ କ୍ୟାରିୟରର ୧୬ତମ ଫାଇନାଲ ଖେଳିଥିଲେ। ଫେବୃୟାରୀ ପରଠାରୁ ଏହା ପ୍ରଥମ ଥିଲା। ସେତେବେଳେ ସେ ଦୋହାରେ ଇଗା ସ୍ୱିଟେକ୍‌ଙ୍କଠାରୁ ହାରିଯାଇଥିଲେ। ଏଠାରେ ପେରାଙ୍କ ବିପକ୍ଷ ଫାଇନାଲରେ ସେ ତାଙ୍କ ୭ମ ସିଙ୍ଗଲ୍ସ ଟାଇଟଲ ସନ୍ଧାନରେ ଥିଲେ। କିନ୍ତୁ ପେରା ଏହି ମ୍ୟାଚ ଜିତି ତାଙ୍କ ପୂର୍ବ ପରାଜୟର ପ୍ରତିଶୋଧ ନେଇଛନ୍ତି। ଗତ ଜୁନ୍‌ରେ ୱିମ୍ବଲଡନ ପ୍ରଥମ ରାଉଣ୍ଡରେ କୋଣ୍ଟାଭିଟ୍ ୭-୫, ୬-୧ରେ ପେରାଙ୍କୁ ହରାଇ ଦେଇଥିଲେ।



ବର୍ନାର୍ଡା ପେରା

# ସିରିଜକୁ ଫେରିଲା ଇଂଲଣ୍ଡ

**ମାଞ୍ଚେଷ୍ଟର,୨୩।୭,(ପି.ଟି):** ଦକ୍ଷିଣ ଆଫ୍ରିକା ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ପରାଜୟ ପରେ ଦ୍ୱିତୀୟ ମ୍ୟାଚ ଜିତି ନେଇଛି ଇଂଲଣ୍ଡ। ବର୍ଷା ବାଧାପ୍ରାପ୍ତ ମୁକାବିଲାକୁ ଘରୋଇ ଦଳ ୧୧୮ ରନରେ ଜିତିନେବାରୁ ସିରିଜ ବର୍ତ୍ତମାନ ୧-୧ ସ୍ତରରେ ରହିଛି। ମ୍ୟାଚକୁ ୨୯ ଓଭରକୁ ହ୍ରାସ କରାଯାଇଥିବା ବେଳେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୨୦୧ ରନ୍ କରିଥିଲା। ଦକ୍ଷିଣ ଆଫ୍ରିକା ୮୩ ରନରେ ଅଲଆଉଟ ହୋଇଥିଲା।







# ବିନୋ ଇଷ୍ଟବେଙ୍ଗଲର ରିଜର୍ଭ କୋଚ୍

**କୋଲକାତା, ୨୩।୭ (ପି.ଟି.)**

ସନ୍ତୋଷ ଟ୍ରଫି ବିଜୟୀ କେରଳ କୋଚ୍ ବିନୁ ଜର୍ଜ ଫୁଟ୍‌ବଲ ଜାଏଣ୍ଟ ଇଷ୍ଟବେଙ୍ଗଲର ରିଜର୍ଭ କୋଚ୍ ଭାବେ ନିଯୁକ୍ତି ପାଇବେ। ରିଜର୍ଭ ଟିମ୍ ଆଗାମି ଡୁରାଣ୍ଡ କପ୍ ଓ କୋଲକାତା ଫୁଟ୍‌ବଲ ଲିଗ୍ ପ୍ରିମିୟର ଡିଭିଜନରେ ଅଂଶଗ୍ରହଣ କରିବ ବୋଲି ଜଣେ ବରିଷ୍ଠ ଅଫିସିଆଲ କହିଛନ୍ତି। ଆସନ୍ତା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଲାଗି ରେଡ୍ ଆଣ୍ଡ ଗୋଲ୍ଡ ବ୍ରିଗେଡ୍ ଆଗାମି ଦିନରେ ସହର ଭିତ୍ତିକ ପୁଞ୍ଜିନିବେଶକାରୀ ଇମାମି ଗ୍ରୁପ୍ ସହିତ ଚୁକ୍ତି ସ୍ୱାକ୍ଷର କରିବ। ଅନ୍ୟପକ୍ଷରେ ମୁଖ୍ୟ ଦଳ ପାଇଁ ପୂର୍ବତନ ଭାରତ ମୁଖ୍ୟ କୋଚ୍ ଷ୍ଟିଫେନ୍ କନଷ୍ଟାଣ୍ଟିନ୍ ଓ ପୂର୍ବତନ ମୁମ୍ବାଇ ସିଟି ମୁଖ୍ୟ ଜର୍ଜ କୋଷ୍ଟାଙ୍କ ସହ ମଧ୍ୟ କଥାବାର୍ତ୍ତା ଜାରି ରହିଛି। ଜର୍ଜଙ୍କ ସହିତ ଏକ ବର୍ଷିଆ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି।




## ବୋନେକ୍ସପର୍ଟ ସଫ୍ଟୱେର୍ ବ୍ୟବହାର କରିବ ବିସିସିଆଇ

**ନୂଆଦିଲ୍ଲୀ, ୨୩।୭(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପରୀକ୍ଷାମୂଳକ ଭାବେ ବୟସ ଚିହ୍ନଟ ସଫ୍ଟୱେର ବ୍ୟବହାର କରିବ। ଏହାଦ୍ୱାରା ୮୦ ପ୍ରତିଶତ ଖର୍ଚ୍ଚ କାଟ୍ କରାଯାଇପାରିବ। ବୟସ ଜାଲିଆତି ରୋକିବା ଉଦ୍ଦେଶ୍ୟରେ ବର୍ତ୍ତମାନ ଟିଡବ୍ଲ୍ୟୁ୩ ପଦ୍ଧତିର ସହାୟତା ନିଆଯାଇଆସୁଛି। ଏହା ବାମହାତ ଓ ମଣିବନ୍ଧର ଏକ୍ସ-ରେ ଭିତ୍ତିରେ କରାଯାଇଥାଏ। ବର୍ତ୍ତମାନର ପଦ୍ଧତିରେ ଏକ ବୋନ୍ ଟେଷ୍ଟରେ ୨୪୦୦ ଟଙ୍କା ଖର୍ଚ୍ଚ ହେଉଛି। ଫଳାଫଳ ପାଇଁ ୩ରୁ ୪ ଦିନ ଅପେକ୍ଷା କରିବାକୁ ହେଉଛି। ସେ ତୁଳନାରେ ପ୍ରସ୍ତାବିତ ବୋନେକ୍ସପର୍ଟ ସଫ୍ଟୱେର୍ ଦ୍ୱାରା ଫଳାଫଳ ଶୀଘ୍ର ମିଳିଯିବ। ଏ ବାବଦରେ ଖର୍ଚ୍ଚ ମାତ୍ର ୨୮୮ ଟଙ୍କା ପଡ଼ିବ। ହେଲେ ବର୍ତ୍ତମାନ ସାମୟିକ ଭାବେ ଟିଡବ୍ଲ୍ୟୁ୩ ପଦ୍ଧତି ସହ ବୋନେକ୍ସପର୍ଟ ସଫ୍ଟୱେର୍‌କୁ ଏକାଠି ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯିବ। ସୂଚନାଯୋଗ୍ୟ, ଟିଡବ୍ଲ୍ୟୁ୩ ପଦ୍ଧତିରେ ଖେଳାଳିଙ୍କ ଏକ୍ସ-ରେ ସେମାନଙ୍କ ରାଜ୍ୟ ଆସୋସିଏଶନ ହୋମ୍ ସେଣ୍ଟରରେ ହୋଇଥାଏ। ସେତେବେଳେ ବିସିସିଆଇର ଜଣେ ସ୍ୱାଧୀନ ପର୍ଯ୍ୟବେକ୍ଷକ ଉପସ୍ଥିତ ରହିବେ। ଏକ୍ସ-ରେ ରିପୋର୍ଟକୁ ବିସିସିଆଇ-ଏଭିପି ଡିପାର୍ଟମେଣ୍ଟକୁ ପଠାଯିବ। ଏହି ଡିପାର୍ଟମେଣ୍ଟ ତାହାକୁ ଉପଯୁକ୍ତ ଫର୍ମାଟରେ ପକାଇ ଦୁଇଜଣ ସ୍ୱାଧୀନ ରେଡିଓଲୋଜିଷ୍ଟଙ୍କ ନିକଟକୁ ପଠାଇବ, ଯେଉଁମାନେ କି ବିସିସିଆଇ ପ୍ୟାନେଲ ଫର୍ ଇଣ୍ଟରପ୍ରିଟେଶନ ଅଫ୍ ବୋନ୍ ଏକ୍ସର ସଦସ୍ୟ। ୩୮ ଆସୋସିଏଶନ ପାଇଁ ମୋଟ ୪ଜଣ ରେଡିଓଲୋଜିଷ୍ଟ ରହିଛନ୍ତି। ପ୍ରତିଟି ରେଡିଓଲୋଜିଷ୍ଟ ୮ରୁ ୯ଟି ଆସୋସିଏଶନର କଥା ବୁଝିଥାନ୍ତି। ତେଣୁ ଫଳାଫଳ ପାଇଁ ଗୋଟିଏ ଦିନରୁ ଆରମ୍ଭ କରି ୩ରୁ ୪ଦିନ ସମୟ ଲାଗିଥାଏ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ପୋଖରୀରୁ ମୃତଦେହ ମିଳିଲା

ଅତାବିରା,(ଡି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ଥାନା ଗୁରୁଡ଼ା ଫାଣ୍ଡି ଅନ୍ତର୍ଗତ ମେହେନା ଗ୍ରାମ ପୋଖରୀରୁ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ଡୋଲାମଣି ଭୋଇ(୪୯)। ପୋଖରୀରେ ବୁଡ଼ି ଯାଇ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ଗୁରୁଡ଼ା ଫାଣ୍ଡି ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଯାଇଛି ।

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ, ୨ଗୁରୁତର

ବାଉଁଶୁଣୀ,୨୩।୭(ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳରେ ଶନିବାର ଅପରାହ୍ନରେ ବର୍ଷା ସହ ବଜ୍ରପାତ ଘଟିଥିଲା। ଦୁଇ ପୃଥକ ସ୍ଥାନରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ଶନିବାର ଗାଈ ଚରାଇବାକୁ ଯାଇଥିଲେ ବାଦୀକଟା ସିଙ୍ଘପାଲିର ରାମନାଥ ପ୍ରଧାନ(୬୦)। ଅପରାହ୍ନରେ ବର୍ଷା, ଘଡଘଡି ସହ ବଜ୍ରପାତ ଘଟିଥିଲା। ଏଥିରେ ରାମନାଥ ଚେତାଶୂନ୍ୟ ହୋଇ ପଡିଥିଲେ। ତାଙ୍କୁ ଗ୍ରାମର କେତେକ ଯୁବକ ଉଦ୍ଧାର କରି ବାଉଁଶୁଣୀ ସିଏଚ୍‌ସିକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବାଉଁଶୁଣୀ କଲେଜ ଛକ ନିକଟରେ ବିଲରେ ତଳି ରୋଉଥିବା ବେଳେ ବାଦିକଟା ଗ୍ରାମର ଦୁଇ ଜଣ ମହିଳା ବଜ୍ରପାତରେ ଆହତ ହୋଇଛନ୍ତି। ସେମାନେ ହେଲେ କୌଶଲ୍ୟା ଝାଙ୍କର (୩୮) ଓ ସସ୍ମିତା ଖମାରୀ (୩୨)। ଉଭୟଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉଭୟ ଅବସ୍ଥା ଠିକ୍ ଥିବା ଜଣାପଡିଛି ।

### କେନାଲରେ ବୁଡ଼ି ଜଣେ ମୃତ

ବରପାଲି,୨୩।୭(ଡିଏନଏ): ବରପାଲି ଥାନା ଅଧୀନ ସତଲମା କୁମ୍ଭାରପଡାରେ କେନାଲରେ ବୁଡିଯିବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୁଠି ଓରଫ୍ ବଲ୍ଲଭ ବଢେଇ(୫୬)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ଗୁରବାର ସନ୍ଧ୍ୟାରେ ବଲ୍ଲଭ ଘରୁ ବାହାରି ସାଇକେଲ ଯୋଗେ କୁଆଡେ ଯାଇଥିଲେ। ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ନ ପାଇବାରୁ ପୋଲିସରେ ଅଭିଯୋଗ କରିଥିଲେ। ଗାଁ ନିକଟସ୍ଥ ମୁଖ୍ୟକେନାଲ ଘାଟରେ ବଲ୍ଲଭଙ୍କ ବ୍ୟବହୃତ ଗାମୁଛା ଓ ଚପଲ ଥିବା ଦେଖି ସେ ପାଣିରେ ବୁଡିଯାଇଥିବା ଅନୁମାନ କରାଯାଇଥିଲା। କେନାଲ ପାଣିକୁ କମାଇବା ପରେ ବରପାଲି ଅଗ୍ନିଶମ ବାହିନୀ ଖୋଜାଖୋଜି କରିବାରୁ ଶନିବାର ଅପରାହ୍ନ ୨ଟାରେ ମୃତଦେହ ଠାବ କରିଥିଲେ।

### ଚୋରି ଘଟଣାରେ ୨ ଗିରଫ

ବରପାଲି,୨୩।୭(ଡି.ଏନ.ଏ.): ବରପାଲି ପୋଲିସ ଏକ ଚୋରି ଘଟଣାରେ ୨ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୁର୍ଲା ଥାନା ଗୋଶାଳା ଝାରମୁଣ୍ଡା ଗ୍ରାମର ନୀରନ ସୁନା (୧୯) ଓ ବୁର୍ଲା ଥାନା ବଇଜାମୁଣ୍ଡା ଗ୍ରାମର ରସାନ୍ତ କୁଅଁର (୧୯)। ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ବରପାଲି ୱାର୍ଡ ନମ୍ବର ୩ ଯୁଗିମୁଣ୍ଡା ଅଞ୍ଚଳର ହରେଶ ବେହେରାଙ୍କ ଘରୁ ଆଲମାରି ଭାଙ୍ଗି ରୂପା ଅଳଙ୍କାର ସହ ନଗଦ ଟଙ୍କା ଚୋରି ପରେ ତାଙ୍କ ଘରେ ଥିବା ଏକ କିରାନା ଦୋକାନରୁ କିରାନା ସାମଗ୍ରୀ ଚୋରି ହୋଇଥିଲା। ଘର ମାଲିକ ଶନିବାର ସକାଳୁ ଖୋଜାଖୋଜି କରିଥିଲେ। ରେଲୱେ ଷ୍ଟେଶନ ନିକଟରେ ଗୋଟିଏ ବାଇକରେ ଦୁଇଜଣ ଯୁବକ ଏକ ବସ୍ତା ଧରି ବସିଥିବାରୁ ସନ୍ଦେହରେ ସେମାନଙ୍କୁ ଧରିବାରୁ ଚୋରି ସାମଗ୍ରୀ ଥିବା ଦେଖିବାକୁ ମିଳିଥିଲା। ପରେ ଉଭୟଙ୍କୁ ପୋଲିସ ଜିମା ଦିଆଯାଇଥିଲା। ଏ ନେଇ ବରପାଲି ପୋଲିସ ଏକ ମାମଲା (ନଂ.୨୩୩।୨୨) ରୁଜୁ କରିଛି।

### ସିବିଏସ୍‌ଇ ପରୀକ୍ଷା: ଲିପ୍ସାମୟୀ ରଖିଲେ ୯୮.୮୮ ପ୍ରତିଶତ ମାର୍କ

ପାଇକମାଳ,୨୩।୭(ଡି.ଏନ.ଏ): ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ବରଗଡ ଜିଲା ପାଇକମାଳ ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ବିଦ୍ୟାଳୟର ଦଶମ ଶ୍ରେଣୀରେ ଲିପ୍ସାମୟୀ ମିଶ୍ର ୯୮.୮୮ ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନରେ ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ପ୍ରତିକ କୁମାର ବେହେରା ୯୬.୪୦ ପ୍ରତିଶତ ଓ ତୃତୀୟ ସ୍ଥାନରେ ଦକେସ ବାଗ ୯୫.୮୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ଯୁକ୍ତ ୨ରେ ମାନସ ରଞ୍ଜନ ସାହୁ ୯୫.୪୦ ରଖି ପ୍ରଥମ ସ୍ଥାନରେ ଥିବାବେଳେ ସୁବୋଧ କୁମାର ମିଶ୍ର ୯୪.୪୦ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ଓ ଆଦ୍ୟାଶା ସାହୁ ୯୩.୮୦ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି।

# ଗୋଟିଏ କୋଠରିରେ ଚାଲିଛି ୮ ଶ୍ରେଣୀ

## ବାରଣ୍ଡାରେ ଅବ୍ୟବସ୍ଥାରେ ପିଲା ପଢୁଛନ୍ତି

ବାଉଁଶୁଣୀ,୨୩।୭(ଡି.ଏନ.ଏ.)

ବୌଦ୍ଧ ବ୍ଲକ ଟିକରପଡା ପଞ୍ଚାୟତ ଅନ୍ତର୍ଗତ ବିରିଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ରହିଛି। ୧୦୨ ଛାତ୍ରୀଛାତ୍ର ପଢୁଥିବା ବେଳେ ଏମାନଙ୍କ ପାଇଁ ଅଛନ୍ତି ୪ ଜଣ ଶିକ୍ଷକ। ହେଲେ ୮ ଟି ଶ୍ରେଣୀ ପାଇଁ ରହିଛି ମାତ୍ର ଗୋଟିଏ ଶ୍ରେଣୀଗୃହ। ଶ୍ରେଣୀଗୃହ ମଝିରେ ପ୍ଲାବୋର୍ଡ ଦେଇ ଗୋଟିଏ ଭାଗରେ ଷଷ୍ଠ ସପ୍ତମ ସହିତ କାର୍ଯ୍ୟାଳୟ ଚାଲିଛି। ଅନ୍ୟ ଭାଗରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀ ସହିତ ଏମଡିଏମ ସାମଗ୍ରୀ ରହୁଛି। ବାରଣ୍ଡାରେ ଚତୁର୍ଥ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ପିଲା ବସି ପଢୁଛନ୍ତି। ବର୍ଷାରୁ ରକ୍ଷା ପାଇବା ପାଇଁ ଏକ ପାଲ ବନ୍ଧା ଯାଇଛି। ବର୍ଷା ହେଲେ କୋଠରୀରେ ପାଣି ଗଳିବା ଯୋଗୁଁ ସ୍କୁଲ ଛୁଟି ହୋଇଯାଏ। ଗୋଟିଏ ରୁମରେ ପାଠ ପଢ଼ା ଚାଲିଥିବା ବେଳେ ଏହାର ଶବ୍ଦ ଅନ୍ୟପାର୍ଶ୍ୱକୁ


ସ୍କୁଲ ବାରଣ୍ଡାରେ ପିଲାଙ୍କ କ୍ଲାସ ନିଆଯାଉଛି।

ଶୁଭୁ ଥିବାରୁ ପାଠ ପଢିବାରେ ବ୍ୟାଘାତ ସୃଷ୍ଟି ହୁଏ। ୧୧ ଡ଼ିସିମିଲ ଜମିରେ ଅବସ୍ଥିତ ଏହି ସ୍କୁଲ ପରିସରରେ ଏକ ମନ୍ଦିର ଥିବାରୁ ଗ୍ରାମର ବିଭିନ୍ନ ପର୍ବପର୍ବାଣୀ ସମୟରେ ପାଠ ପଢାରେ ବାଧା ସୃଷ୍ଟି ହୁଏ। ଏନେଇ ଗ୍ରାମବାସୀ ସ୍କୁଲକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଜିଲା ପ୍ରଶାସନ ନିକଟରେ ଅନେକ ଥର ଅଭିଯୋଗ କରିଥିଲେ ମଧ କିଛି ଲାଭ ମିଳି ନାହିଁ। ନିକଟରେ ଜିଲା ପ୍ରଶାସନ ସ୍କୁଲ ନିକଟରେ ୨ ଏକର ଜମି ସ୍କୁଲ ନାମରେ ସଂରକ୍ଷଣ ରଖିଛନ୍ତି। କିନ୍ତୁ ତାହା ଗୋଚର କିସମ ଥିବାରୁ ସ୍କୁଲ ପାଇଁ ସମସ୍ୟା ଦେଖା ଦେଇଛି। ଜିଲା ପ୍ରଶାସନ ତୁରନ୍ତ ଏହାର କିସମ ପରିବର୍ତ୍ତନ ସହ ନୂତନ ସ୍କୁଲ କୋଠା ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦେଲେ ବ୍ଲକର ଆଭ୍ୟନ୍ତରୀଣ ଇଲାକାରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରନ୍ତା ବୋଲି ଗ୍ରାମବାସୀ କହିଛନ୍ତି।

# ବିଦ୍ୟୁତ୍ ଶକ୍ତି ସଂରକ୍ଷଣକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୨୩।୭

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ବରଗଡ଼ ଜିଲାରେ ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟତ ପାୱାର-୨୦୪୭ ପାଳନ ଉପଲକ୍ଷେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନ୍‌ଟିପିସିର ଏଜିଏମ୍ ବିଦ୍ୟାଭୂଷଣ ମହାପାତ୍ର, ବରଗଡ଼ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସନା, ଜିଲା ସଂସ୍କୃତି ଅଧିକାରୀ ପ୍ରମୁଖ ଯୋଗଦେଇ ଯୋଜନାର ସଫଳ ରୂପାୟନ ନେଇ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ଟପ୍ପୋ ଯୋଜନାର ଉଦ୍ଦେଶ୍ୟ, ଆଭିମୁଖ୍ୟ ଉପରେ ଆଲୋକପାତ କରି ବିଜୁଳି ଶକ୍ତି ସଂରକ୍ଷଣ, ଉପଭୋକ୍ତା ଅଧିକାର, ପ୍ରତ୍ୟେକ ଗୃହକୁ ବିଦ୍ୟୁତ୍ ଯୋଗାଣ, ପ୍ରିପେଡ୍ ସ୍ମାର୍ଟ ମିଟର, ଭବିଷ୍ୟତ ପାଇଁ ଶକ୍ତି ସଞ୍ଚୟ ଏବଂ ଏହାର ଅସରନ୍ତି ଉତ୍ସ ଉପରେ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ସୂଚନା ଦେଇଥିଲେ।

ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଅଧୀନ ବିଜୁ ଗ୍ରାମ ଜ୍ୟୋତି ଯୋଜନା, ବିଜୁ ସହରାଞ୍ଚଳ ବିଦ୍ୟୁତୀକରଣ ଯୋଜନା, ଦିନ ଦୟାଲ ଗ୍ରାମୀଣ ଜ୍ୟୋତି ଯୋଜନା, ଛାତ ଉପରେ ଶକ୍ତି ସଂରକ୍ଷଣ ଯୋଜନା, ସୌଭାଗ୍ୟ ଯୋଜନା ଆଦିର ଉପଯୋଗିତା ସମ୍ପର୍କରେ ଉପଭୋକ୍ତାଙ୍କ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଏହାର ମୂଳଲକ୍ଷ୍ୟ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ। ଆସନ୍ତା ୨୭ତାରିଖରେ ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଏବଂ ୨୯ତାରିଖରେ ପଦ୍ମପୁର ଅଞ୍ଚଳ କଲେଜରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ଉତ୍ସବରେ ପ୍ରଧାନମନ୍ତ୍ରୀ ସିଧା ପ୍ରସାରଣ ମାଧ୍ୟମରେ ଉପସ୍ଥିତ ରହି ଉପଭୋକ୍ତାଙ୍କ ସହିତ ମତ ବିନିମୟ କରିବେ। ସମାରୋହରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ବିଜୁଳି ଶକ୍ତି ବ୍ୟବହାର, ସଞ୍ଚୟ ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି। ଏହାସହିତ ସ୍ଥାନୀୟ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, କୃଷି ବିଭାଗ ଅଧିକାରୀ, ଟିପିଡବ୍ଲ୍ୟୁଓଡିଏଲ, ଓପିଟିସିଏଲ ଅଧିକାରୀ ଉପସ୍ଥିତ ରହିବେ ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ।

# କ୍ୱାର୍ଟର ଫାଇନାଲରେ ୮ ପଞ୍ଚାୟତ ଦଳ


ଉଦ୍‌ଘାଟନୀ ଉତ୍ସବରେ ଆତିଥିଙ୍କ ସହିତ ଉଭୟ ଦଳର ଖେଳାଳି।

## ଦ୍ୱିଦିବସୀୟ ବ୍ଲକସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ଅମରପାଲି, ୨୩।୭(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁପଟ୍ଟନାୟକ ମିନି ଷ୍ଟାଡିୟମରେ ଶନିବାର ଦ୍ୱିଦିବସୀୟ ବ୍ଲକସ୍ତରୀୟ ଫୁଟବଲ ଖେଳାଳି ଚୟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ବୀରମହାରାଜପୁର ପଞ୍ଚାୟତ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ବିଡିଓ ମୋତିଲାଲ ସୁଲିଆ, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, କମିରା ସରପଞ୍ଚ ଅନୁସୟା ପ୍ରଧାନ, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ମୁର୍ଷୁଣ୍ଡି ସରପଞ୍ଚ ମନୋଜ ସାହୁ, ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ ଯୋଗଦେଇ ଥିଲେ।

ଉଦ୍‌ଘାଟନୀ ମ୍ୟାଚ ଉଫୁଲା ଓ ମୁର୍ଷୁଣ୍ଡି ପଞ୍ଚାୟତ ମଧ୍ୟରେ ହୋଇଥିଲା। ଏଥିରେ ମୁର୍ଷୁଣ୍ଡି ୧-୦ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ହିଲୁଙ୍ଗ ଓ କମିରା ପଞ୍ଚାୟତ ମଧ୍ୟରେ ହୋଇଥିଲା। ଏଥିରେ ହିଲୁଙ୍ଗ ୩-୦ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ଚମ୍ପାମାଳ ପଞ୍ଚାୟତ ଲୁତୁରପଙ୍କ ପଞ୍ଚାୟତକୁ ୧-୦ଗୋଲରେ ପରାସ୍ତ କରି ପରବର୍ତ୍ତି ରାଉଣ୍ଡରେ ପ୍ରବେଶ କରିଛି। ଚତୁର୍ଥ ମ୍ୟାଚରେ ବାଗବର ପଞ୍ଚାୟତ ପିତାମହୁଲ ପଞ୍ଚାୟତକୁ ୩-୦ ଗୋଲରେ, ପଞ୍ଚମ ମ୍ୟାଚରେ ଜଟେସିଙ୍ଘା ପଞ୍ଚାୟତ ଟାଇବ୍ରେକରରେ ଖଣ୍ଡହତା ପଞ୍ଚାୟତକୁ, ଷଷ୍ଠ ମ୍ୟାଚରେ ସୁବଳୟା ପଞ୍ଚାୟତ ୩-୦ଗୋଲରେ କେନ୍ଦୁଝିରିଆପାଲି ପଞ୍ଚାୟତକୁ , ସପ୍ତମ ମ୍ୟାଚରେ ଦୁର୍ଜନଟୋଲା ପଞ୍ଚାୟତ ଟାଇବ୍ରେକରରେ ବ୍ଲକ ଅଫିସିଆଲସକୁ ପରାସ୍ତ କରିଥିଲା। ପ୍ରଥମ ଦିବସର ଅନ୍ତିମ ମ୍ୟାଚରେ ସଂଗ୍ରାମପୁର ପଞ୍ଚାୟତ ବହଳପଦର ପଞ୍ଚାୟତକୁ ଟାଇବ୍ରେକରରେ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ମ୍ୟାଚଗୁଡିକରେ ଅଜିତ ନାଏକ, ସିଦ୍ଧାର୍ଥ ପାତ୍ର, ସୁଦାମ ଜଗଦଲା ଓ ମଙ୍ଗଳ ସେଠୀ ରେଫରିଭାବେ ଖେଳ ପରିଚାଳନା କରିଥିଲେ। ଅଭିମନ୍ୟୁ ଜଗଦଲା ଓ ଲକ୍ଷ୍ମୀନାରାୟଣ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

# କେନାଲରୁ ନିଖୋଜ ଶିଶୁଙ୍କ ମୃତଦେହ ମିଳିଲା

ବରଗଡ଼ ଅଫିସ୍,୨୩।୭

ବରଗଡ଼ ସଦର ଥାନା ଅନ୍ତର୍ଗତ ସୟାଁ ଗ୍ରାମରୁ ଶୁକ୍ରବାର ସନ୍ଧ୍ୟାରେ ନିଖୋଜ ଥିବା ଶିଶୁଙ୍କ ମୃତଦେହ ଶନିବାର ଅପରାହ୍ନ ପ୍ରାୟ ୨ଟାରେ ବରଗଡ଼ ମୁଖ୍ୟ କେନାଲରୁ ଉଦ୍ଧାର ହୋଇଛି। ମୃତ ଶିଶୁ ଜଣକ ହେଲେ ସୟାଁ ଗ୍ରାମର ଅମୂଲ୍ୟ ସାହୁଙ୍କ ପୁଅ ସୁବ୍ରତ(୧୧)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଛି।

ପ୍ରକାଶ ଯେ, ମୃତ ଶିଶୁ ଶୁକ୍ରବାର ସନ୍ଧ୍ୟାରେ ଘରୁ ବାହାରକୁ ଖେଳିବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଏବଂ ଗ୍ରାମବାସୀ ଖୋଜାଖୋଜି କରିବା ସତ୍ତ୍ୱେ ରାତି ସୁଦ୍ଧା ଶିଶୁଙ୍କ ଖୋଜଖବର ମିଳି ନ ଥିଲା। ପରେ ସୂଚନା ପାଇ ସଦର ଥାନା ପୋଲିସ ଗ୍ରାମକୁ ପହଞ୍ଚିଥିଲା ଏବଂ ଶିଶୁଙ୍କୁ ଖୋଜାଖୋଜି କରିଥିଲା। ହେଲେ ନିଖୋଜ ଶିଶୁର କିଛି ସନ୍ଧାନ ମିଳି ନ ଥିଲା। ଶନିବାର ଅପରାହ୍ନ ପ୍ରାୟ ୨ଟାରେ ବରଗଡ଼ କେନାଲରେ ଶିଶୁଙ୍କ ମୃତଦେହ ଭାସୁଥିବା କିଛି ଲୋକ ଦେଖିବାକୁ ପାଇଥିଲେ। ଏହାପରେ ପରିବାର, ଗ୍ରାମବାସୀ ସେଠାକୁ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଉଦ୍ଧାର ସମୟରେ ଶିଶୁଙ୍କ ମୃତଦେହ ସମ୍ପୂର୍ଣ୍ଣ ଉଲଗ୍ନ ରହିଥିଲା। ସେ ପିନ୍ଧିଥିବା ପ୍ୟାଣ୍ଟ, ସାର୍ଟ କେଉଁଠି ରହିଛି, ତାହା ଜଣାପଡ଼ିନାହିଁ। ଫଳରେ କେଉଁ ପରିସ୍ଥିତିରେ ଶିଶୁଙ୍କ ମୃତ୍ୟୁ ହୋଇଛି, ତାହା ସ୍ପଷ୍ଟ ହୋଇନାହିଁ । ପୋଲିସ ଏ ନେଇ ଅଧିକ ତଦନ୍ତ କରୁଛି।

OFFICE OF THE PRINCIPAL
GOVERNMENT COLLEGE, SUNDARGARH
At/P.O.- Rangadhipa, Sundargarh, Pin- 770002
Ph.-0662272240, email: govcolsng@gmail.com
Website: www.govtcollegesundargarh.org, NAAC ACCREDITATED: B+
No.1896 Date: 22.07.2022
NOTICE
A Walk-in-interview for engagement of guest faculty for +2, +3 & P.G. wing of this college to be held on dt.04.08.2022 from 11.00 A.M. to 2.00 P.M. in the concerned / respective department of this college. For details, please visit our college website www.govtcollegesundargarh.org.
Sd./- Principal
Govt. College, Sundargarh

KHADI AND VILLAGE INDUSTRIES COMMISSION
Ministry of Micro, Small & Medium Enterprises
Government of India
(7th Floor) 33, Chitta Ranjan Avenue, Kolkata - 700 012
e-mail: dyceoez@gmail.com
ENGAGEMENT OF YOUNG PROFESSIONALS ON CONTRACTUAL BASIS
Advt. No. Adm./RW/Engagement Y.Ps./(105)/2022-23
Khadi and Village Industries Commission (KVIC) is a Statutory Body established by an Act. of Parliament and functioning under the administrative control of Ministry of Micro, Small and Medium Enterprises (Govt. of India). In order to accelerate future growth and transformation challenges, KVIC invites Online Applications for engagement of **10 (Ten) - Young Professionals Possessing Master Degree/Post Graduation (in relevant disciplines) from a recognized university** as per detailed terms and condition uploaded on the KVIC website **www.kvic.gov.in**.
IMPORTANT DATES

| Particulars | Date |
|---|---|
| Opening Date & Time for Online Registration of Applications | 25.07.2022 (From 10.00 hrs.) |
| Last date & time of closing of Registration and submission of Application | 24.08.2022 (Upto 23.00 hrs.) |

Sd./- Dy. CEO (East Zone)

# ଜଳ ବିଭାଜିକା ପ୍ରକଳ୍ପ ସଦସ୍ୟ ଚୟନ

କନ୍ଧମାଳ,୨୩।୭ (ଡି.ଏନ.ଏ.): ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଚାରପାଲି ଗାଁରେ ଶନିବାର ଜଳ ବିଭାଜିକା ପ୍ରକଳ୍ପ ସଦସ୍ୟ ଚୟନ କରାଯାଇଛି। ଗୋପାଳମାଳ, ଶ୍ରୀନିବାସପୁର, ପଦ୍ମନାଭପୁର ଓ ଚାରପାଲି ଗ୍ରାମକୁ ନେଇ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ଏହି ପ୍ରକଳ୍ପର ଯୋଜନା କରାଯାଇଛି। ସ୍ଥାନୀୟ ସରପଞ୍ଚ ଅରବିନ୍ଦ ପାଣ୍ଡେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ଅଧିକାରୀ ଜିତେନ୍ଦ୍ର କୁମାର ପ୍ରଧାନ ପ୍ରକଳ୍ପର ଆଭିମୁଖ୍ୟ ଉପରେ ଗ୍ରାମବାସୀଙ୍କୁ ଅବଗତ କରିଥିଲେ। ବୈଠକରେ ୧୪ ଜଣଙ୍କୁ ସଦସ୍ୟ ଭାବେ ଗ୍ରାମବାସୀ ଚୟନ କରିଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର



ଜୋଡ଼ୋ କରାଟେ ମାଷ୍ଟରଙ୍କୁ ବରଗଡ଼ ଏସ୍‌ପି ସମ୍ବର୍ଦ୍ଧିତ କରୁଛନ୍ତି।

ଅତାବିରା/ସରଣ୍ଡା/ଜାମଟିକ୍ରା,୨୩।୭(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଏନ୍‌ଏସି ଅନ୍ତର୍ଗତ ଲାଦରପାଲି କଲ୍ୟାଣ ମଣ୍ଡପ ପରିସରରେ ଅତାବିରା ପୋଲିସ ପକ୍ଷରୁ ଆତ୍ମ ସୁରକ୍ଷା ଶିକ୍ଷା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବରଗଡ଼ ଏସ୍‌ପି ସ୍ମିତ୍ ପି. ପରମାର୍ ମୁଖ୍ୟ ଅତିଥି, ଅତାବିରା ତହସିଲଦାର ସୌଭାଗ୍ୟ ବେହେରା, ଜୁଡ଼ୋ କରାଟେ ମାଷ୍ଟର ପ୍ରିୟଦର୍ଶନୀ ଅର୍ଚ୍ଚନା ବାଗ, ଜନ କଲ୍ୟାଣ କୁଲିତା ସମାଜ ସଭାପତି ଦିବାକର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତାବିରା ଥାନାଧିକାରୀ ଅନିଲ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ। ଶିବିରରେ କାଦୋବାହାଲ, ଅତାବିରା, ଲରମ୍ବା, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସିଦ୍ଧାର୍ଥ ପବ୍ଲିକ ସ୍କୁଲ, କୋଶଳ ସ୍କୁଲ ଆଦି ୯ଟି ଶିକ୍ଷାନୁଷ୍ଠାନର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅନ୍ତର୍ଜାତୀୟ ଜୁଡୋ କରାଟେ ମାଷ୍ଟର ଅସୀମ କୁମାର ଭୋଇ ଆତ୍ମ ସୁରକ୍ଷା ତାଲିମ ଦେଇଥିଲେ। ଏସ୍‌ପି ପରମାର୍ ସଶକ୍ତ ସମାଜର ଆସ୍ଥାଭାଜନ ହେବା ସହିତ ସୁରକ୍ଷା ପ୍ରଦାନ ପାଇଁ ପୋଲିସ ଉପଯୁକ୍ତ ସମୟରେ ପହଞ୍ଚିବ ବୋଲି କହିଥିଲେ। ଏହାସହିତ ସାଇବର ଅପରାଧ ଉପରେ ସୂଚନା ଦେଇ ମୋବାଇଲର ଉପଯୁକ୍ତ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ। ଅତାବିରା ବରିଷ୍ଠ ନାଗରିକ ସଂଘ, ଓକିଲ ସଂଘ, ବଣିକ ସଂଘ, ମାରୱାଡ଼ି ଯୁବାମଞ୍ଚ ଆଦି ଅନୁଷ୍ଠାନର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ। ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।

TATA STEEL
TATA
Advertisement for the post of Associate Engineer (SB D level) on permanent rolls of Tata Steel Limited (Meramandali Unit)
Applications are invited from candidates interested to join Tata Steel Limited on permanent rolls. The location of posting would be Meramandali (Odisha)

| | |
|---|---|
| Minimum Educational Qualification | Three (3) years full time diploma in Electrical / Electronics / Instrumentation / Mechanical / Mechatronics / Civil / Ceramics / Metallurgy / Chemical Engineering from any institute, recognized by AICTE. Candidates with Part Time / Correspondence / Distance Learning will not be eligible. |
| Mandatory Experience | Minimum three (3) years of work experience as on 1st July'2022 after acquiring the Diploma qualification. |
| Marks | Minimum 55% marks aggregate in Diploma Engineering for General Candidates. Minimum 50% marks aggregate in Diploma Engineering for SC/ ST Candidates. |
| Age | General candidates should have been born on or after, 1st July 1990 and before 1st July, 2004. SC/ ST candidates should have been born on or after, 1st July 1987 and before 1st July, 2004. |
| Emoluments | The selected candidates will be provisionally placed at starting Basic Salary of Rs.17,530/-pm with CTC of Rs 4.6 LPA, in the grade of SB D. The other emoluments & benefits will be as per Company's rule applicable to this grade. Candidates possessing 4 years or more of relevant experience will be additionally compensated as per norms. |
| How to Apply | Application should be filled in through Tata Steel Intranet or Website. Steps for using website: (1) Visit https://tslhr.tatasteel.co.in/recruit/Default.aspx (2) Click on "Application" (3) Click on the link "Application form for vacancies in Tata Steel (Angul/Meramandali, Khopoli and Sahibabad units)" (4) Fill up the application form. |
| Selection Procedure | 1. Eligible candidates will have to appear for Written Test and Interview process. Each stage will be an elimination stage. 2. Eligible candidates, who are currently employed with Tata Group Company / Subsidiaries/ Associate Company will need to furnish an NOC from the present employer before being considered for employment in Tata Steel. The NOC will have to be produced before the candidate is called for the interview. |

**Last date of submission of online application: 31st July 2022**

Registered Office: Bombay House, 24, Homi Mody Street, Fort, Mumbai: 400 001, India * Tel.: 022 66658282
Fax: 022 66657724 * (CIN) -L27100MH1907PLC000260
Website: www.tatasteel.com

## ବଜ୍ରପାତରେ ଜଣେ ମୃତ

**ବରଗଡ଼ ଅଫିସ୍:** ବଜ୍ରପାତ ଯୋଗୁ ଶୁକ୍ରବାର ବରଗଡ଼ ଜିଲା ରାଜବୋଡ଼ାସମ୍ବର ବ୍ଲକ ଘନାମାଲ ଗ୍ରାମରେ ଜଣେ ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ବାଳୀ ପ୍ରଧାନ। ଏହି ଦୁର୍ଘଟଣାରେ ତାଙ୍କ ବଡ଼ଭାଇ ସୁଗ୍ରୀ ଏବଂ ବାପା ଗୌରୀ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ପ୍ରଥମେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ଏବଂ ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି। ମୃତାହତମାନେ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ବାଳୀଙ୍କ ମୃତ୍ୟୁ ହୋଇଥିଲା।

## ସଂକ୍ଷେପରେ

### ବଲାଙ୍ଗୀର ପବ୍ଲିକ୍ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

**ବଲାଙ୍ଗୀର ଅଫିସ, ୨୩।୭:** ସିବିଏସ୍ଇ ଯୁକ୍ତଦୁଇ ଓ ଦଶମ ଶ୍ରେଣୀ ପରୀକ୍ଷା ଫଳାଫଳ ପ୍ରକାଶିତ ହୋଇଛି। ଏହି ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ର ପ୍ରବୀଣ କୁମାର ଭୋଇ ୯୭ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସ୍କୁଲର ପାସ୍ ହାର ୯୯ ପ୍ରତିଶତ ରହିଛି। ଦଶମ ଶ୍ରେଣୀ ପରୀକ୍ଷାରେ ସ୍କୁଲଛାତ୍ର ବିଶ୍ୱଭୂଷଣ ପ୍ରଧାନ ଏବଂ ସମ୍ବ୍ରାନ୍ତ ପଟ୍ଟନାୟକ ୯୫ ପ୍ରତିଶତ ମାର୍କ ରଖିଥିବାବେଳେ ଦଶମ ଶ୍ରେଣୀ ପାସ୍‌ହାର ମଧ୍ୟ ୧୦୦ ପ୍ରତିଶତ ରହିଛି। ସ୍କୁଲ ପରିଚାଳନା କମିଟି ସଭାପତି ବୀରେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ଗୋପାଳକୃଷ୍ଣ ସିଂଦେଓ, କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ବେଦବାକ, ସଭ୍ୟ ଶିରିଶ ହୋତା, ସଞ୍ଜୀବ କୁମାର ସାହୁ, ବାଦଲ ମହାକୁଡ, ଅଧ୍ୟକ୍ଷା ସରିତା ପଟ୍ଟନାୟକ, ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କୃତି ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

### ୨୬ରେ ରୁଗୁଡିଖାଲରେ ରାସ୍ତାରୋକୋ

**ଲୋଇସିଂହା,୨୩।୭(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା, ନୁନିଆଁପାଲି, ବେନ୍ଦ୍ରା, ନଅଗାଁ(ଖ) ଓ ଝରଣୀପାଲି ପଞ୍ଚାୟତ ୨୦୨୧-୨୨ ଖରିଫ ମରୁଡି ତାଲିକାରୁ ବାଦ୍ ପଡିଛି। ସ୍ଥାନୀୟ ବିଧାୟକ ଏ ନେଇ ବିଧାନ ସଭାରେ ପ୍ରଶ୍ନ ଉଠାଇଛନ୍ତି। ଜିଲା ପ୍ରଶାସନଠାରୁ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟିକୁ ଅଣା ଯାଇଥିଲେ ହେଁ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କୁ ନିରାଶ ହେବାକୁ ପଡିଛି। ଏହାର ପ୍ରତିବାଦରେ ଜୁଲାଇ ୨୬ ତାରିଖରେ ରୁଗୁଡିଖାଲଠାରେ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଅବରୋଧ କରିବାକୁ ଚାଷୀମାନେ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ରୁଗୁଡିଖାଲ ମାନସ ବିହାର ରାମମନ୍ଦିର ଠାରେ ସମ୍ପାଦକ ଶ୍ୟାମସୁନ୍ଦର ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରତ୍ନାକର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଉଦେନାଥ ନାଏକ, ସୋମନାଥ ବିଶ୍ୱାଳ, କଳାରସିଂ ବାଗ, ଚନ୍ଦ୍ରଶେଖର ନଏକ, ଶେଷଦେବ ନାଏକ, ବୃନ୍ଦାବନ ସେଠ, ପୂର୍ଣ୍ଣଚନ୍ଦ୍ର ସାହୁ, ରବୀନ୍ଦ୍ର ସାହୁ, ଉତ୍ତମ ଭୋଇ, ରବୀନ୍ଦ୍ର ବସ୍ତିଆ, ପ୍ରମୋଦ ମିଶ୍ର, ନୂରାଚାନ୍ଦ ସାହୁ, ମହେନ୍ଦ୍ର ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ବନ୍ଧପଡ଼ାରେ ଯୁକ୍ତ ୨ କଲେଜ ଖୋଲିବ

**ଦେଓଗାଁ,୨୩।୭(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ହାଇସ୍କୁଲରେ ଯୁକ୍ତଦୁଇ କଲେଜ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱୀକୃତି ମିଳିଛି। ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହାଙ୍କ ପତ୍ରସଂଖ୍ୟା ୮୮୦୭ /୨୨ରେ ବଲାଙ୍ଗୀର ଜିଲାର ୬ଟି ହାଇସ୍କୁଲରେ ଯୁକ୍ତଦୁଇ କଲେଜ କାର୍ଯ୍ୟକ୍ଷମ ପାଇଁ ନିର୍ଦ୍ଦେଶନାମା ରହିଛି। ବିଶିଷ୍ଟ ଶିକ୍ଷାବିତ ଶ୍ୟାମ ସୁନ୍ଦର ଦାଶ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ସ୍ଥାନୀୟ ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ରାମଜୀ ଚୌଧୁରୀଙ୍କ ସମେତ ଅନେକ ଶିକ୍ଷାପ୍ରେମୀ, ଅଭିଭାବକ ଏହାକୁ ସ୍ୱାଗତ କରିଛନ୍ତି।



ଜୁନାଗଡ଼-ଧର୍ମଗଡ଼ ମୁଖ୍ୟ ରାସ୍ତାରେ ଆପ୍ରୋଚ ପୋଲ ଧୋଇଯାଇଛି।

# ଆପ୍ରୋଚ ପୋଲ ଧୋଇଗଲା

**ଜୁନାଗଡ଼-ଧର୍ମଗଡ଼ ମୁଖ୍ୟ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ**

**ଭବାନୀପାଟଣା,୨୩।୭(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ବଣ୍ଡାକୁତ୍ରା ନିକଟରେ ଥିବା ହାଲେର ଜୋରରେ ଶନିବାର ପୂର୍ବାହ୍ନରୁ ବଢି ପାଣି ଆସିବାରୁ ସେଠାରେ ଥିବା ଆପ୍ରୋଚ ପୋଲକୁ ଧୋଇନେଇଛି। ଫଳରେ ପୁଣି ଥରେ ଜୁନାଗଡ଼-ଧର୍ମଗଡ଼ ମୁଖ୍ୟ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

ପ୍ରକାଶ ଯେ, ଗତ ୧୨ ତାରିଖରେ ହାଲେର ଜୋର ଆପ୍ରୋଚ ପୋଲକୁ ଧୋଇନେଇଥିଲା। ଫଳରେ ୪ଦିନ ଧରି ଜୁନାଗଡ଼ ବ୍ଲକ ବଳଦିଆମାଲ -ଧର୍ମଗଡ଼, ଛତିଶଗଡ଼ ଜାତୀୟ ରାଜପଥ ୧୩୦ ସି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ୪ଦିନ ପରେ ସେଠାରେ ଏକ ଆପ୍ରୋଚ ପୋଲ ନିର୍ମାଣ କରାଯିବାରୁ ୧୬ତାରଖଠାରୁ ଏହି ରାସ୍ତାରେ ଯାତାୟତ ସ୍ୱାଭାବିକ ହୋଇଥିଲା। ତେବେ ଏହାର ୭ଦିନ ପରେ ପୁଣି ଥରେ ସେହି ସମାନ ଅବସ୍ଥା ଏଠାରେ ଦେଖିବାକୁ ମିଳିଛି। ଗତ ୨ ଦିନ ଧରି ଲଗାଣ ବର୍ଷା ଫଳରେ ହାଲେର ଜୋରରେ ପାଣି ବଢିବାରୁ ଏହି ଆପ୍ରୋଚ ପୋଲକୁ ଧୋଇ ନେଇଛି। ଏପଟେ ନୂତନ ପୋଲ କାମ ବିଳମ୍ବିତ ଓ ଅଧାପନ୍ତରିଆ ହୋଇଥିବାରୁ ଏପରି ଅବସ୍ଥା ହେଉଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

**ମୋଟେର ଓ ସିର୍ଲିଗୁଡାରେ ବେସାହାରା ହେଲେ ଦୁଇ ପରିବାର**

**କୋକସରା,୨୩।୭(ଡି.ଏନ.ଏ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ଓ ମୋଟେର ପଞ୍ଚାୟତରେ ଲଗାଣବର୍ଷା ଯୋଗୁ ଲୋକେ ପ୍ରଭାବିତ ହୋଇଛନ୍ତି। ଲଗାଣ ବର୍ଷା କାରଣରୁ ମୋଟେର ଗ୍ରାମର ବୃନ୍ଦା କୁମାରୀ ପୂଝାରି (୬୦)ଙ୍କ ଘର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିବାବେଳେ ଅନୁରୂପ ଭାବେ ସିର୍ଲିଗୁଡା ଗ୍ରାମର ଦନାର ଦୁର୍ଗା (୫୩)ଙ୍କ ଘରର ଗୋଟେ ପଟ କାନ୍ଥ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ବର୍ତ୍ତମାନ ଦନାର ଦୁର୍ଗା, ସ୍ତ୍ରୀ ଯମୁନା, ବୋହୂ ଭୂମିଲତା, ପୁଅ ଗୋପବନ୍ଧୁ, ସାନପୁଅ ଚମ୍ପେଶ୍ୱର ଅତି ଦୟନୀୟ ଅବସ୍ଥାରେ ଲଗାଣ ବର୍ଷାରେ ରହୁଛନ୍ତି। ବୃନ୍ଦା କୁମାରୀ ପୂଝାରିଙ୍କ ଘର ଭାଙ୍ଗିବା ପରେ କୌଣସି ସରକାରୀ ସହାୟତା ମିଳିନାହିଁ। ବୃନ୍ଦା ଜଣକ ଏକୁଟିଆ ରହୁଥିବାବେଳେ ତାଙ୍କର କେହି ନାହାଁନ୍ତି। ଏନେଇ ମୋଟେର ସରପଞ୍ଚ ବାସନ୍ତୀ ନାଏକଙ୍କ ପ୍ରତିକ୍ରିୟା ନେବାରୁ ଆବାସ ଯୋଜନା ଲିଷ୍ଟରେ ବୃନ୍ଦାଙ୍କ ନାମ ରହିଛି। ଘର ଆସିଲେ ତାଙ୍କୁ ଦିଆଯିବ ବୋଲି କହିଛନ୍ତି। ରାଜସ୍ୱ ନିରୀକ୍ଷକଙ୍କ ମୋବାଇଲ ସୁଇଚ ଅଫ ଥିବାରୁ ଯୋଗାଯୋଗ ହୋଇପାରୁନାହିଁ ବୋଲି କହିଛନ୍ତି। ଅନ୍ୟପଟେ ସିର୍ଲିଗୁଡା ଗାଁର ଦନାର ଦୁର୍ଗାଙ୍କ ଘର ଭାଙ୍ଗିବା ରିପୋର୍ଟ ପାଇବା ପରେ କୋକସରା ରାଜସ୍ୱ ନିରୀକ୍ଷିକା ଝାନ୍‌ସିରାଣୀ ଦିଶାରୀ ସ୍ଥିତି ଅନୁଧ୍ୟାନ କରି ପଲିଥିନ ଖଣ୍ଡେ ଦେଇଛନ୍ତି। ହେଲେ ଆବାସ ପାଇଁ ବିଭିନ୍ନ ସମୟରେ ପଞ୍ଚାୟତ ଓ ବିଡ଼ିଓଙ୍କୁ ମଧ୍ୟ ଅଭିଯୋଗ କରିଥିବା କହିଛନ୍ତି ଦନାର ଦୁର୍ଗା। ବର୍ତ୍ତମାନ ପରିସ୍ଥିତିରେ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିବା ପାଇଁ ଆପତ୍ତି ଦାବି କରିଛନ୍ତି।





ଲଗାଣ ବର୍ଷାରେ ଦୁଇ ପରିବାରର ଘର ଭାଙ୍ଗି ଯାଇଥିବା ଘର।

# ଅପହଞ୍ଚ ଇଲାକାରେ ପହଞ୍ଚିବ ସ୍ୱାସ୍ଥ୍ୟସେବା

**ଭବାନୀପାଟଣା,୨୩।୭(ସ୍ୱ.ପ୍ର.)**

**କଳାହାଣ୍ଡି ଜିଲାରେ ଆରମ୍ଭ ହେଲା ବାଇକ୍ ଆମ୍ବୁଲାନ୍ସ ସେବା**

ଅପହଞ୍ଚ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ହେବ ସହଜ। ଏନେଇ କଳାହାଣ୍ଡି ଜିଲାରେ ଆରମ୍ଭ ହୋଇଛି ବାଇକ ଆମ୍ବୁଲାନ୍ସ ସେବା। ଜିଲାର ପାହାଡ଼ ପର୍ବତ ମଧ୍ୟରେ ରହୁଥିବା ଲୋକେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଚାରିଚକିଆ ଆମ୍ବୁଲାନ୍ସ ପହଞ୍ଚି ପାରୁ ନ ଥିବା କାରଣରୁ ଏହି ସେବା ଆରମ୍ଭ ହୋଇଛି। ବିଶେଷକରି ଗର୍ଭବତୀ ମହିଳା ଆମ୍ବୁଲାନ୍ସ ସେବା ନ ପାଇ ବାଟରେ ପ୍ରସବ କରିବା ଘଟଣା ବାରମ୍ବାର ଲୋକଲୋଚନକୁ ଆସିଛି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଲାଞ୍ଜିଗଡ଼ ଓ ମଦନପୁର ରାମପୁର ଅଞ୍ଚଳ ପାଇଁ ଦୁଇଟି ବାଇକ୍ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। କଳାହାଣ୍ଡି ଏକ ଆଦିବାସୀ ଅଧ୍ୟୁଷିତ ଜିଲା ହୋଇଥିବାବେଳେ ଆଜି ମଧ୍ୟ ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ ଉପଯୁକ୍ତ ସ୍ୱାସ୍ଥ୍ୟସେବା। ମୁଖ୍ୟତଃ ଗ୍ରାମାଞ୍ଚଳର ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଭିନ୍ନ ସମୟରେ ଭାରରେ ବୋହି ମେଡିକାଲ କିମ୍ବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଅଣାଯାଉଛି। ଜିଲାର ପାହାଡିଆ ଅଞ୍ଚଳ ତଥା ରାସ୍ତା ସମସ୍ୟା ଥିବା ଅଞ୍ଚଳ ପାଇଁ ବାଇକ୍ ଆମ୍ବୁଲାନ୍ସ ସେବା କିଛି ମାତ୍ରାରେ ସହାୟ ହୋଇପାରିବ। ଶୁକ୍ରବାର ଭବାନୀପାଟଣା ସହରାଞ୍ଚଳ ହସ୍ପିଟାଲରେ ଏହାର ଉଦ୍‌ଘାଟନ କରିଛନ୍ତି ଜିଲାପାଳ ପି ଅନେୱଷା ରେଡ୍ଡୀ। ଏହି ବାଇକ୍ ଆମ୍ବୁଲାନ୍ସ ମାଧ୍ୟମରେ ଜିଲାର ଅପହଞ୍ଚ ଇଲାକାରୁ ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସହଜରେ ଅଣାଯାଇପାରିବ ବୋଲି ଜିଲାପାଳ କହିଛନ୍ତି।




ବାଇକ୍ ଆମ୍ବୁଲାନ୍ସ ଶୁଭାରମ୍ଭ ମୁହୂର୍ତ୍ତ।

## ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଅଟକାଇଲେ ଗ୍ରାମବାସୀ

**ଟିଟିଲାଗଡ଼, ୨୩।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ କତରକେଲା ଗ୍ରାମରେ ଶନିବାର ବିଦ୍ୟୁତ୍ ବିଭାଗ କର୍ମଚାରୀ ସଂଯୋଗ ବିଚ୍ଛିନ୍ନ କରିବାକୁ ଯାଇଥିବା ବେଳେ ହଟହଟାର ସମ୍ମୁଖୀନ ହୋଇଥିଲେ। ଗ୍ରାମବାସୀ କର୍ମଚାରୀଙ୍କୁ ଅଟକାଇ ଉପରିସ୍ଥ ଅଧିକାରୀଙ୍କୁ ଡାକିବାକୁ କହିଥିଲେ। ତେବେ ବିଭାଗର କେହି ଅଧିକାରୀ ସେଠାରେ ପହଞ୍ଚି ନଥିଲେ। ଖବର ପାଇ ଥାନା ଏଏସଆଇ କାର୍ତ୍ତିକ ପ୍ରଧାନ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାବୁଝି ପରେ କର୍ମଚାରୀମାନେ ଫେରିଥିଲେ। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଦୁଇଦିନ ତଳେ କେତେକ ଲୋକ ବିଦ୍ୟୁତ୍ ଭିଜିଲାନ୍ସ ଟିମ କହି ଗ୍ରାମର ଗୋବିନ୍ଦ ବେହେରାଙ୍କ ଘରେ ବିଦ୍ୟୁତ ଯାଞ୍ଚ କରିଥିଲେ। ପରେ ତାଙ୍କୁ ଟିଟିଲାଗଡ କାର୍ଯ୍ୟାଳୟରେ ଭେଟିବ ବୋଲି ନୋଟିସ ଦେଇଥିଲେ। ଶନିବାର ଗୋବିନ୍ଦ ଟିଟିଲାଗଡ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏପଟେ ତାଙ୍କ ଘର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଦୁଇ ଦିନ ତଳେ ଗୋବିନ୍ଦ ବିଲ୍ ଦେଇଥିଲେ। ମିଟର ନଥିବା ନେଇ ସେ ୩ ହଜାର ଟଙ୍କା ଦେଇଥିବା କହିଛନ୍ତି। ହେଲେ ବିଲ୍ ଭରଣାର ଦୁଇ ଦିନ ପରେ ତାଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ଏପରିକି ତାଙ୍କୁ ଜରିମାନା ନୋଟିସ୍ ମଧ୍ୟ ଦିଆଯାଇଛି। ଅନ୍ୟପକ୍ଷରେ ଗ୍ରାମର ଅନେକ ଘରେ ମିଟର ଖରାପ ହୋଇଛି କିମ୍ବା ଲାଗିନି। କମ୍ପାନୀର ମିଟର ରିଡିଙ୍ଗ କର୍ମଚାରୀ ଆସି ଗ୍ରାମବାସୀଙ୍କଠାରୁ ମନଇଚ୍ଛା ବିଲ ଅସୁଲ କରୁଥିବା ଅଭିଯୋଗ କରିଛନ୍ତି। ଏନେଇ ବିଦ୍ୟୁତ୍ ବିତରଣ କମ୍ପାନୀ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

**ତୁଣ୍ଡଲା, ୨୩।୭(ଡ଼ି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିପାଇଁ ଏକ କାର୍ଯ୍ୟକ୍ରମ ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ହୋଇଥିଲା। ଅଧ୍ୟାପକ ସଦାନନ୍ଦ ଶତପଥୀ, ଦୁର୍ଯ୍ୟୋଧନ ବିଶୋଇ, ଡ଼. ମଦନ ମୋହନ ସାହୁ, ବସନ୍ତ କୁମାର ସାହୁ, ବରିଷ୍ଠ କିରାଣୀ ଭକ୍ତବନ୍ଧୁ ପଧାନ ଓ ଚଉବନ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ବିଦାୟୀ ଛାତ୍ରୀ ଛାତ୍ରମାନେ କଲେଜ ଜୀବନର ଅନୁଭୂତି ବର୍ଣନା କରିବା ସହ କନିଷ୍ଠ ଛାତ୍ରୀଛାତ୍ର ମାନଙ୍କୁ ପ୍ରେରଣାତ୍ମକ ବାର୍ତ୍ତା ପ୍ରଦାନ କରିଥିଲେ ।

# ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଖପ୍ରାଖୋଲ,୨୩।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଆର୍ଚେରୀ ଖେଳ ପଡିଆରେ ସିଆରପିଏଫ ୧୮୯ ବାଟାଲିଅନ ତରଫରୁ ଚାରା ରୋପଣ ସାଙ୍ଗକୁ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଖବିନ୍ଦର୍ ସିଂହ, ସମ୍ମାନିତ ଅତିଥି ସ୍ଥାନୀୟ ନୋଡାଲ ଉଚ୍ଚବିଦ୍ୟାଳୟ ଶିକ୍ଷକ ପବିତ୍ର ଦାସ, ସଞ୍ଜୀବ ନାଏକ, ରମାକାନ୍ତ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ହୋଇଥିବା ପଥପ୍ରାନ୍ତ ସଭାରେ ପରିବେଶ ସୁରକ୍ଷା ଉପରେ ଅତିଥିମାନେ ସଚେତନତା ବାର୍ତ୍ତା ଦେଇଥିଲେ। ପରେ ଖେଳ ପଡିଆ ଚାରି ପାଖରେ ଚାରାରୋପଣ କରାଯାଇଥିଲା। ଏହି ଅବସରରେ ସିଆରପିଏଫ ଯବାନ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

## ସିଏନ୍‌ସି କଲେଜ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ପରୀକ୍ଷା ଫଳାଫଳ**



ଅଭିଷେକ କୁମାର ଅଗ୍ରୱାଲ



ନିଶା ବାଇ

**ବଲାଙ୍ଗୀର ଅଫିସ,୨୩।୭**

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଯୁକ୍ତତିନି ବାଣିଜ୍ୟ ପ୍ରଥମ ସେମିଷ୍ଟାର ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ଏଥିରେ ବଲାଙ୍ଗୀର ନାଇସ୍ କଲେଜ ଅଫ୍ କମର୍ସ (ସିଏନ୍‌ସି) କଲେଜ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ସିଏନ୍‌ସି କଲେଜ ଛାତ୍ର ଅଭିଷେକ କୁମାର ଅଗ୍ରୱାଲ ୯.୮୨ ଏସ୍‌ଜିପିଏ ରଖି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ ହୋଇ କଲେଜର ଗୌରବବର୍ଦ୍ଧନ କରିଛନ୍ତି। ସେହିପରି ଛାତ୍ରୀ ନିଶା ବାଇ ୯.୭୩ ଏସଜିପିଏ ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଷ୍ଠା ହେବା ପରେ ପ୍ରଥମ କରି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ପରୀକ୍ଷା ଫଳାଫଳ ପ୍ରକାଶ କରାଯାଇଛି। ଏଥିରେ ସିଏନ୍‌ସି କଲେଜ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଥିବାରୁ କଲେଜର ଛାତ୍ରୀଛାତ୍ର ତଥା ଅଭିଭାବକ ମହଲରେ ଖୁସି ପ୍ରକାଶ ପାଇଛି।ଏହି ପରୀକ୍ଷାରେ ୩୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ୧୯ ଛାତ୍ରୀଛାତ୍ର ୯ରୁ ଅଧିକ ଏସ୍‌ଜିପିଏ ରଖିଛନ୍ତି। ଅନ୍ୟ ଦୁଇଜଣ ଛାତ୍ର ୭.୭୩ ଏବଂ ୬.୭୩ ଏସଜିପିଏ ରଖିଛନ୍ତି। ଏହି ସଫଳତା ପାଇଁ କଲେଜ ନିର୍ଦ୍ଦେଶକ, ଅଧ୍ୟାପକମାନେ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଗାଁ ସଫେଇ କଲା ମହିଳା ସଙ୍ଗଠନ

**ଲୋଇସିଂହା,୨୩।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନୁନିଆଁପାଲି ପଞ୍ଚାୟତ ଅନ୍ତର୍ଗତ ପାଣ୍ଡେସରା ଗ୍ରାମର ମହିଳା ସଂଗଠନ ପକ୍ଷରୁ ଗାଁ ସଫେଇ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡି କର୍ମୀ ଦଶମତୀ ତାଣ୍ଡି, ଗୁପ୍ତେଶ୍ୱରୀ ପଧାନ, ନମିତା ପଧାନ, ଆଶାକର୍ମୀ ଭାନୁମତି ସାହୁଙ୍କ ନେତୃତ୍ୱରେ ସଂଗଠନର ୮୦ଜଣ ସକ୍ରିୟ ସଦସ୍ୟ ସଫେଇରେ ସାମିଲ ହୋଇଥିଲେ। ବର୍ଷାଦିନ ଆସି ଯାଇଥିବାରୁ ପରିବେଶ ସନ୍ତସନ୍ତିଆ ହୋଇ ପଡିଛି। ମଶା, ମାଛିଙ୍କ ପ୍ରାଦୁର୍ଭାବ ବଢିଛି। ଜ୍ୱର, ଝାଡାବାନ୍ତି ଆଶଙ୍କା ପ୍ରକାଶ ପାଇଛି। ଗ୍ରାମବାସୀଙ୍କୁ ସଚେତନତା ଉଦ୍ଦେଶ୍ୟରେ ସଂଗଠନ ସଦସ୍ୟମାନେ ଅଙ୍ଗନୱାଡି କେନ୍ଦ୍ରଠାରୁ ଆରମ୍ଭ କରି ବସ୍ତିର ଗଳିକନ୍ଦି, କୂପ, ନଳକୂପ ଓ ପୋଖରୀ ହିଡରେ ବ୍ଲିଚିଂ ପାଉଡର ପକାଇ ସଫାସୁତରା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ଆଲୋକ ପାଠାଗାର, ସ୍ୱେଚ୍ଛାସେବୀ ଗୋବିନ୍ଦ ବିଶି, ପ୍ରହ୍ଲାଦ ପଧାନ, ପିଣ୍ଟୁ ପଧାନ ସହଯୋଗ କରିଥିଲେ ।



ମହିଳା ସଙ୍ଗଠନ ପକ୍ଷରୁ ଗାଁ ସଫେଇ କରାଯାଉଛି ।

# ବଦଳିଲେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ

**ଝାରମୁଣ୍ଡା ପଞ୍ଚାୟତରେ ମୃତ ବ୍ୟକ୍ତିଙ୍କ ଭତ୍ତା ଉଠାଣ ଘଟଣା**

- ପଞ୍ଚାୟତ ଯୋଗାଣ ସହାୟକ, ପିଏଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

**ଲୋଇସିଂହା,୨୩।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତରେ ସାମାଜିକ ନିରାପତ୍ତା ଯୋଜନାରେ ପଞ୍ଚାୟତର ଅନେକ ମୃତକଙ୍କ ନାମରେ ବର୍ଷବର୍ଷ ଧରି ଭତ୍ତା ଟଙ୍କା ଦାୟିତ୍ୱରେ ଥିବା କର୍ମଚାରୀ ହଡ଼ପ କରିଥିଲେ। ଏହି ଘଟଣାର ତଦନ୍ତ ଜିଲା ପ୍ରଶାସନ କରିଥିଲା। ପରେ ପଞ୍ଚାୟତର ଯୋଗାଣ ସହାୟକ ହେମନ୍ତ ସାହୁ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପ୍ରୋଗ୍ରାମ ଆସିଷ୍ଟାଣ୍ଟ(ପିଏ) ଶ୍ରୀକାନ୍ତ ଗଡତ୍ୟାଙ୍କଠାରୁ ଜୁଲାଇ ୧୧ରେ ସୁଧ ସହ ହଡପ ଟଙ୍କା ବ୍ଲକ ପ୍ରଶାସନ ପକ୍ଷରୁ ଅସୁଲ କରାଯାଇଛି। ଅପରପକ୍ଷେ ଦାୟିତ୍ୱରେ ଅବହେଳା କରିଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ନିଗ୍ଧାମୟୀ ବାରିକଙ୍କୁ ଆଗଲପୁର ବ୍ଲକକୁ ବଦଳି କରାଯାଇଛି । ହେଲେ ଟଙ୍କା ହଡ଼ପ କରିଥିବା କର୍ମଚାରୀଦ୍ୱୟଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ହୋଇନାହିଁ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ନହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି।

ପଞ୍ଚାୟତ ଅଧୀନ ଝାରମୁଣ୍ଡା, ମନସାପାଲି, ପରଧିଆପାଲି, ଲୁଚକିବାହାଲ, ଆମ୍ବପାଲି ଗ୍ରାମର ପ୍ରାୟ ୫୬ଜଣ ମଧୁବାବୁ ପେନସନ ଯୋଜନା ଓ ଏନଏସଏପି ଯୋଜନାରେ ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଇଥିବା ସ୍ଥାନୀୟ ସରପଞ୍ଚ ଜାଣିବାକୁ ପାଇଥିଲେ। ପଞ୍ଚାୟତ ସମିତିର ପ୍ରଥମ ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା। ଅନିୟମିତତାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଥିଲା। ଉପଜିଲାପଳ ତତ୍ପରତା ଦେଖାଇ ସିଡିପିଓଙ୍କୁ ମୃତବ୍ୟକ୍ତିଙ୍କ ତାଲିକା ମଗା ଯାଇଥିଲା। ଏଥିସହ ବିଡିଓ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ସପ୍ତାହକ ମଧ୍ୟରେ ଭତ୍ତା ବଣ୍ଟନ ରେଜିଷ୍ଟାର ଜବତ କରି ଉପଜିଲାପାଳଙ୍କ ଅଫିସରେ ଦାଖଲ କରିବାକୁ ନିର୍ଦ୍ଦେଶ କରିଥିଲେ। ତଦନ୍ତରେ ମୃତ ଏବଂ ଦୀର୍ଘଦିନରୁ ଅନୁପସ୍ଥିତ ଥିବା ମଧୁବାବୁ ପେନସନ ଓ ଏନଏସଏପି ଯୋଜନା ହିତାଧିକାରୀ ଭତ୍ତା ଟଙ୍କା ଦାୟିତ୍ୱରେ ଥିବା କର୍ମଚାରୀ ହଡପ କରିଥିବା ସ୍ପଷ୍ଟ ପ୍ରମାଣିତ ହୋଇଥିଲା । ଏହାପରେ ଉପଜିଲାପାଳ ଯୋଗାଣ ସହାୟକ ସାହୁଙ୍କଠାରୁ ୩ଲକ୍ଷ ୧୭ ହଜାର ୮ଶହ ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଡ(ପିଏ) ଗଡତ୍ୟାଠାରୁ ୯୯ହଜାର ଟଙ୍କା ଅସୁଲ ନିର୍ଦ୍ଦେଶ ଦେଇଥିଲେ।

ବ୍ଲକ ପ୍ରଶାସନ ତରଫରୁ ଏପ୍ରିଲରୁ ସେପ୍ଟେମ୍ବର ୨୦୨୧ ଓ ୨୦୨୧ ଅକ୍ଟୋବରରୁ ମାର୍ଚ୍ଚ ୨୦୨୨ପର୍ଯ୍ୟନ୍ତ ଭତ୍ତା ବଣ୍ଟନ ରେଜିଷ୍ଟର ଜବତ କରି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା। ୨୦୧୯ ଶେଷ ପର୍ଯ୍ୟାୟରୁ ୨୦୨୧ମାର୍ଚ୍ଚ ପର୍ଯ୍ୟନ୍ତ ଭତ୍ତା ବଣ୍ଟନ ରେଜିଷ୍ଟ୍ରର ଜବତ କରି ତଦନ୍ତ କଲେ ଆହୁରି ହଡ଼ପ ଟଙ୍କା ରାଜକୋଷକୁ ଫେରନ୍ତା ବୋଲି କୁହାଯାଉଛି। ଏ ସମ୍ପର୍କରେ ଉପଜିଲାପାଳ ଲମ୍ବୋଦର ଧରୁଆ କହିଛନ୍ତି, ସରପଞ୍ଚ ଯାହା ରେଜିଷ୍ଟ୍ରର ପଠାଇଥିଲେ ସେତିକି ଯାଞ୍ଚ କରି ହଡପ ଟଙ୍କା ଆସୁଲ ହୋଇଛି। ବାକି ରେଜିଷ୍ଟର ପଠାଇଲେ ତଦନ୍ତ କରାଯିବ। ଜିଲାପାଳଙ୍କୁ ଅବଗତ କରାଯାଇଛି, ସେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ଉପଜିଲାପାଳ ଧରୁଆ କହିଛନ୍ତି। ଭାରପ୍ରାପ୍ତ ବିଡିଓ ବିଜୟ କୁମାର ହୋତା କହିଛନ୍ତି, ସରକାରୀ ଅର୍ଥ ଆତ୍ମସାତ୍ କରି କେହି ବର୍ତ୍ତି ପାରିବେ ନାହିଁ।

ଧରିତ୍ରୀ DHARITRI
ସମ୍ବଲପୁର, ରବିବାର, ୨୪ ଜୁଲାଇ, ୨୦୨୨



**ଗାନ୍ଧୀ ଛକରେ କଂଗ୍ରେସର ଧାରଣା**

**ବରଗଡ଼ ଅଫିସ୍:** କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଇଡ଼ି ଜେରା ପ୍ରତିବାଦରେ ଶୁକ୍ରବାର ବରଗଡ଼ ଜିଲା କଂଗ୍ରେସ ଧାରଣା ଦେଇଥିଲା। ସ୍ଥାନୀୟ ଗାନ୍ଧୀ ଛକରେ ହୋଇଥିବା ଧାରଣାରେ ପ୍ରତିବାଦ ସଭା ହୋଇଥିଲା। ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ନେତୃତ୍ୱରେ ହୋଇଥିବା ପ୍ରତିବାଦ ସଭାରେ ବରିଷ୍ଠ କଂଗ୍ରେସ ନେତା ସତ୍ୟଭୂଷଣ ସାହୁ, ଯୁଗଳ ପ୍ରସାଦ ସିଂ, ନିପନ ଦାଶ, ପ୍ରତାପ ଚନ୍ଦ୍ର ନାୟକ, ପାଣ୍ଡବ କର୍ଣ୍ଣ, ହରଦୀପ ସିଂ, ସରୋଜ ଷଡ଼ଙ୍ଗୀ ପ୍ରମୁଖ ଯୋଗଦାନ କରିଥିଲେ। ଏହାସହିତ ଯୁବ, ମହିଳା, ସେବାଦଳ, ଛାତ୍ର କଂଗ୍ରେସ କର୍ମୀମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ପଥରଚେପା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

- ଦ୍ୱାଦଶ ଶ୍ରେଣୀରେ ପାସ୍ ହାର ୯୩.୪ ପ୍ରତିଶତ
- ଦଶମ ଶ୍ରେଣୀରେ ୯୮.୭୧ ପ୍ରତିଶତ

**ବଲାଙ୍ଗୀର ଅଫିସ,୨୩।୭:** ବଲାଙ୍ଗୀର ପଥରଚେପା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସିବିଏସ୍‌ଇ ଦଶମ ଓ ଯୁକ୍ତଦୁଇ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱାଦଶ ଶ୍ରେଣୀରେ ପାସହାର ୯୩.୪ ପ୍ରତିଶତ ରହିଛି। ଏହି ସ୍କୁଲ ଛାତ୍ରୀ ପ୍ରୀତିମୟୀ ସାହୁ ୯୪.୪ ପ୍ରତିଶତ, ଅନୁଭବ ମିଶ୍ର ୯୪.୦, ସଂସ୍କୃତି ଖମାରୀ ୯୨.୬, ବିଷ୍ଣୁପ୍ରିୟା ସାହୁ ୯୨.୪, ସୁଚିସ୍ମିତା ପଧାନ ୯୨.୨, ରୋଶନରାଜ ଭୋଇ ୯୦.୪, ଓମପ୍ରିୟା ସାହୁ ୯୦.୪, ମିଲି ମେହେର ଓ ଅଲିଭାଜ୍ୟୋତି ପଧାନ ୯୦.୨ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱାଦଶ ଶ୍ରେଣୀରେ ଏହି ବିଦ୍ୟାଳୟର ୭୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିରୁ ୭୧ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଦଶମ ଶ୍ରେଣୀରେ ୯୮.୭୧ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମ ଶ୍ରେଣୀର ୭୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ସେଥିରୁ ୭୭ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫ ଜଣ ଛାତ୍ରୀଛାତ୍ର ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ୧୪ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଏବଂ ୪୦ ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ଦଶମ ଶ୍ରେଣୀ ଛାତ୍ର ଶୁଭଶଙ୍କର ନନ୍ଦ ୯୬.୪, ଶୋଭାବନ୍ତ ଗଡତ୍ଯା ୯୬.୨, ଆର୍ଯ୍ୟାନ ବିଶ୍ୱାଳ ୯୫.୬, ମୋହିତ ପଧାନ ୯୫.୪, ଲିପ୍‌ସା ମହାନ୍ତି ୯୫ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି।

### ସିନାପାଲିରେ ସାର ଡିଲରଙ୍କ ଲାଇସେନ୍ସ ସସ୍‌ପେଣ୍ଡ

**ସିନାପାଲି,୨୩।୭(ଡ଼ି.ଏନ.ଏ.):** ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତୀବନ୍ଧା ଗ୍ରାମର ଜଣେ ସାର ଡିଲର୍‌ଙ୍କ ଲାଇସେନ୍ସ ସସପେଣ୍ଡ ହୋଇଥିବା ଜଣାପଡିଛି। ଡିଲର୍ ଜଣକ ହେଲେ ହାତୀବନ୍ଧା ଗ୍ରାମର ଗଣେଶ ମେହେର। ସୂଚନା ଅନୁସାରେ ସିନାପାଲି ବ୍ଲକ ଅନ୍ତର୍ଗତ ହାତୀବନ୍ଧା ଗ୍ରାମରେ ଡିଲର୍ ନିଜ ମନମୁଖି କରି ଅଧିକା ଦରରେ ସାର ବିକ୍ରୀ କରୁଥିବା ସ୍ଥାନୀୟ ଅଞ୍ଚଳର ଚାଷୀମାନେ କୃଷି ଅଧିକାରୀ ସୁଧାଂଶୁ ମେହେରଙ୍କୁ ଅଭିଯୋଗ କରିଥିଲେ। ସେହି ଅଭିଯୋଗ ଅନୁସାରେ ବ୍ଲକ କୃଷି ଅଧିକାରୀ ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲେ। ଚଢାଉ ବେଳେ ନାନୋୟୁରିଆ ଓ ୟୁରିଆ ବସ୍ତା ପ୍ରତି ୫୯୦ ଟଙ୍କା ବିକ୍ରି କରୁଥିବା ଜାଣିବାକୁ ପାଇଥିଲେ। ତଦନ୍ତ ପରେ କୃଷି ଜିଲା ଅଧିକାରୀ ଖଡିଆଳ ସମରେଶ ଚନ୍ଦ୍ର ବେହେରାଙ୍କୁ ଉକ୍ତ ଘଟଣା ବାବଦରେ ଜଣାଇଥିବା ବେଳେ ତାଙ୍କ ନିର୍ଦ୍ଦେଶ କ୍ରମେ ଡିଲର୍‌ଙ୍କ ଲାଇସେନ୍ସ ସସପେଣ୍ଡ କରିଥିବା ସୂଚନା ମିଳିଛି। ଏହି ଚଢାଉରେ କୃଷି ଅଧିକାରୀ ସୁଧାଂଶୁ ମେହେରଙ୍କ ସମେତ ବିଭାଗୀୟ କର୍ମଚାରୀ ଗୟାନନ୍ଦ ଭଞ୍ଜ, ଅରୁଣ ଧାକଡ ସାମିଲ ଥିଲେ। ଆଗକୁ ଏଭଳି ଭାବେ ସିନାପାଲି ଅଞ୍ଚଳର ଡିଲର୍ ମାନେ ଅଧିକା ଦରରେ ସାର ବିକ୍ରୀ ନ କରିବାକୁ ସଚେତନ କରିଥିବା ମେହେର ପ୍ରକାଶ କରିଛନ୍ତି।

# ନାଁକୁ ପୋଲିସ-ଆରଟିଓଙ୍କ ଜଏଣ୍ଟ ଚେକିଂ

**ବଲାଙ୍ଗୀର ଅଫିସ, ୨୩।୭**

- ଟ୍ରକ୍ ଧକ୍କାରେ ୨ ଗାଈ ମୃତ, ୧ ଗୁରୁତର
- ଦୁର୍ଘଟଣା ପରେ ଗାଡି ଛାଡି ଡ୍ରାଇଭର ଫେରାର
- ବେପରୁଆ ଗାଡି ଚାଳନା ବଢାଉଛି ଦୁର୍ଘଟଣା
- ଭୟରେ ମର୍ନିଂୱାକ୍ କରୁଥିବା ସହରବାସୀ

ବଲାଙ୍ଗୀର ସହର ଆରଟିଓ ଅଫିସ ଛକ ନିକଟରେ ଶନିବାର ସକାଳୁ ଏକ ଟ୍ରକ୍ ଧକ୍କାରେ ୨ଟି ବୁଲାଗୋରୁଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଅନ୍ୟ ଗୋଟିଏ ଗାଈ ଗୁରୁତର ହୋଇଛି। ସକାଳ ପ୍ରାୟ ୫ଟାରେ ଏହି ଦୁର୍ଘଟଣା ଘଟିଛି। କ୍ଷୀପ୍ରଗତିରେ ଯାଉଥିବା ଟ୍ରକ୍ (ଓଡି୧୭ଏସ୍ ୧୩୩୩) ରାସ୍ତା ଉପରେ ଶୋଇଥିବା ଗୋରୁଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଛାଡି ଦେଇ ଡ୍ରାଇଭର ଫେରାର ହୋଇଯାଇଥିଲେ। ସହରରେ ବୁଲାଗୋରୁ ସମସ୍ୟା ଲାଗି ରହିଥିବାବେଳେ ବେପରୁଆ ଯାନବାହନ ଚଳାଚଳ ଘୋର ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିଛି।

ବଲାଙ୍ଗୀର ସହରରେ ବାଇପାସ୍ ରାସ୍ତାନାହିଁ। ସହର ମଧ୍ୟଦେଇ ବ୍ୟସ୍ତବହୁଳ ୨୬ ଏବଂ ୫୭ ନମ୍ବର ଜାତୀୟ ରାଜପଥ ଯାଇଛି। ବାଇପାସ୍ ରାସ୍ତା ନଥିବାରୁ ସହର ମଧ୍ୟଦେଇ ଭାରୀଯାନ ଚଳାଚଳ କରୁଛି। ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେବା ପରେ ସହରବାସୀଙ୍କ ଆନ୍ଦୋଳନ ଓ ବିକ୍ଷୋଭ କାରଣରୁ ଜିଲା ପ୍ରଶାସନ ରାତି ୧୧ଟାରୁ ସକାଳୁ ୬ଟା ମଧ୍ୟରେ ଭାରୀଯାନ ଚଳାଚଳ କରିବାକୁ ଅନୁମତି ଦେଇଛି। ସକାଳ ୬ଟାରୁ ରାତି ୧୧ ପର୍ଯ୍ୟନ୍ତ ସହର ମଧ୍ୟଦେଇ କୌଣସି ପ୍ରକାର ଭାରୀଯାନ ଚଳାଚଳ ନିଷେଧ ଥିବାରୁ ସହର ଉପକଣ୍ଠ ଜାତୀୟ ରାଜପଥରେ ସମ୍ପୃକ୍ତ ଯାନଗୁଡିକ ଦୀର୍ଘ ସମୟ ଧରି ଅଟକି ରହୁଛନ୍ତି। ରାତି ୧୧ଟାରୁ ସକାଳ ୬ଟା ମଧ୍ୟରେ ସେହି ଯାନଗୁଡିକ କ୍ଷୀପ୍ରଗତିରେ ସହର ମଝି ରାସ୍ତା ଅତିକ୍ରମ କରୁଛନ୍ତି। ଏହି ସମୟ ମଧ୍ୟରେ ମୁଖ୍ୟରାସ୍ତାରେ ଲୋକେ ଯିବା ଆସିବା କରିବାକୁ ଭୟ କରୁଛନ୍ତି। କିଛିଦିନ ତଳେ କ୍ଷୀପ୍ରଗତିରେ ଗାଡି ଚାଳନା ଯୋଗୁଁ ସହର ମୁଖ୍ୟରାସ୍ତାରେ ନିର୍ମାଣ ହୋଇଥିବା ଡିଭାଇଡରକୁ ଚଢ଼ିଯାଇ ଏକାଧିକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣା ରୋକିବା ଏବଂ ସହର ମଧ୍ୟରେ ଗାଡିର ଗତି ନିୟନ୍ତ୍ରଣ ଦିଗରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ଜିଲା ପ୍ରଶାସନ ପକ୍ଷରୁ ପୋଲିସ ଏବଂ ଆରଟିଓକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ଏଦିଗରେ ଉଭୟ ବିଭାଗ ଫେଲ ମାରିଛନ୍ତି। ସହରରେ ରାତିରେ ଜଏଣ୍ଟ ଚେକିଂ ହେଉନାହିଁ। ଫଳରେ ଭାରିଯାନଗୁଡିକ କ୍ଷୀପ୍ର ଗତିରେ ଚାଳଚଳ କରି ଦୁର୍ଘଟଣାଗ୍ରସ୍ତ ହେବା ସହ ଧନଜୀବନ ନଷ୍ଟ କରୁଛି। ଆରଟିଓ ବିଭାଗ ଅଧିକାରୀ ଓ କର୍ମଚାରୀ କେବଳ ଲୋକ ଦେଖାଣିଆ କାମ କରୁଛନ୍ତି। ରାତି ଏବଂ ସକାଳୁ ଗାଡିମାନଙ୍କ ଗତି ନିୟନ୍ତ୍ରଣ ଦିଗରେ କୌଣସି ବିହିତ ବ୍ୟବସ୍ଥା ଗ୍ରହଣ କରୁନାହାନ୍ତି। ଭୋରରୁ ସହରବାସୀ ମର୍ନିଂୱାକ୍‌ରେ ବାହାରୁଛନ୍ତି। ତେବେ ଭାରୀଯାନଗୁଡିକ ଯେଭଳି ବେପରୁଆଭାବେ ଚାଳଚଳ କରୁଛି ତାକୁ ନେଇ ଲୋକେ ଭୟଭୀତ ହେଉଛନ୍ତି। ଏ ନେଇ ଆରଟିଓ ଦାସ ପ୍ରଭାସ କୁମାର ବଗଲାଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଓ ଆରଟିଓ ପକ୍ଷରୁ ଯାନବାହନ ଗତି ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନିଆଯାଉଛି। ଷ୍ଟାଫ୍ କମ ଥିବାରୁ ଅନେକ ସମୟରେ ଅସୁବିଧା ହେଉଛି। ତେବେ ଏ ଦିଗରେ କାର୍ଯ୍ୟ କରାଯାଉଛି ବୋଲି ସେ କହିଛନ୍ତି।

# ୮ ସାର ଦୋକାନ, ଗୋଦାମ ଉପରେ ଚଢ଼ାଉ



ପ୍ରଶାସନ ବିଭିନ୍ନ ସାର ଦୋକାନକୁ ଯାଇ ଯାଞ୍ଚ କରୁଛନ୍ତି।

**କୋକସରା,୨୩।୭(ଡି.ଏନ.ଏ)**

କଳାହାଣ୍ଡିରୁ ନବରଙ୍ଗପୁର ଜିଲାକୁ ସାର ଚୋରା ଚାଲାଣ ଧରାପଡିବା ପରେ କଳାହାଣ୍ଡି ଜିଲା ପ୍ରଶାସନ ଓ କୃଷିବିଭାଗ ପକ୍ଷରୁ ଧରପଗଡ଼ ଜାରି ରହିଛି। ଧର୍ମଗଡ଼ ଉପ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୋକସରା ବ୍ଲକର ବିଭିନ୍ନ ସାର ହୋଲସେଲ ବ୍ୟବସାୟୀ ସମେତ ରିଟେଲର ଦୋକାନରେ ଧରପଗଡ଼ ଜାରି ରଖିଛି କୃଷିବିଭାଗ ଓ ବ୍ଲକ ପ୍ରଶାସନ। ଶୁକ୍ରବାର କୋକସରା ଓ ମୋଟେର ସାର ଦୋକାନ ଓ ଗୋଦାମରେ ଯାଞ୍ଚ କରିଥିବା ବେଳେ ଶନିବାର କୋକସରା ବ୍ଲକ ଲଡୁଗାଁ ଓ ଆମପାଣି ଠାରେ ଥିବା ୮ସାର ଦୋକାନ ଓ ଗୋଦାମ ଯାଞ୍ଚ କରି ଷ୍ଟକ ଷ୍ଟେଟମେଣ୍ଟ, ବିକ୍ରୟ କାଗଜପତ୍ର ଯାଞ୍ଚ କରିଛନ୍ତି। ଶନିବାର କୋକସରା ଅତିରିକ୍ତ ତହସିଲଦାର କମଳାସନ ରଥ ଓ କୋକସରା କୃଷି ବିଭାଗ କର୍ମଚାରୀ ଲଡୁଗାଁ ଠାରେ ଥିବା ଗୋୟଲ ସେଲସ ଆଣ୍ଡ ସାର୍ଭିସ, ଅନୁପ କୁମାର ଅଗ୍ରୱାଲ ଆଣ୍ଡ କୋ, ଲିଙ୍ଗରାଜ ଟ୍ରେଡିଙ୍ଗ କୋ, ମନୋଜ କୁମାର ଅଗ୍ରୱାଲ ସମେତ ଆମପାଣି ଠାରେ ଥିବା ଆସ୍ତିକ ଜେନେରାଲ ଷ୍ଟୋର, ବୁଢ଼ାରଜା ଏଗ୍ରୋ, ପ୍ରତିଭା ଫର୍ଟିଲାଇଜର ଓ ଦୀପକ ଫର୍ଟିଲାଇଜର ସାର ଦୋକାନ ଓ ଗୋଦାମରେ ପହଞ୍ଚି ସମସ୍ତ କାଗଜପତ୍ର ସମେତ ଷ୍ଟକ ଷ୍ଟେଟମେଣ୍ଟ ପରିବହନ ବିବରଣୀ ଯାଞ୍ଚ କରି ଫେରିଛନ୍ତି। ତେବେ ଆମପାଣି ଠାରେ ଥିବା ଦୀପକ ଫର୍ଟିଲାଇଜର ଦୋକାନରେ ରେଜିଷ୍ଟର ଓ ପି.ଓ.ଏସ ମେସିନରେ ଅନିୟମିତତା ଥିବା କାରଣରୁ କାର୍ଯ୍ୟାନୁଷ୍ଠାନ ନେବାକୁ ଉପଖଣ୍ଡ କୃଷି ଅଧିକାରୀ ଧର୍ମଗଡଙ୍କୁ ରିପୋର୍ଟ ଦିଆଯାଇଛି ବୋଲି ଅତିରିକ୍ତ ତହସିଲଦାର କମଳାସନ ରଥ ସୂଚନା ଦେଇଛନ୍ତି।

### ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିକୁ ଗୋବର ଫିଙ୍ଗିବା ନେଇ ପ୍ରତିବାଦ

**ଖଡ଼ିଆଳ, ୨୩।୭(ଡି.ଏନ.ଏ.)**

ନୂଆପଡ଼ା ସଦର ଏନଏସି ସିଭୋଲଠାରେ ଥିବା ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଗୋବର ଫିଙ୍ଗିବା ନେଇ ତାର ପ୍ରତିବାଦରେ ନୂଆପଡା ଜିଲା ଅନୁସୂଚିତ ଜାତି ଗଣ୍ଡାଡମ ସମାଜ କଲ୍ୟାଣ ସମିତି ପକ୍ଷରୁ ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ନେଇ ଖଡ଼ିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ଜରିଆରେ ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଲିଖିତ ଅଭିଯୋଗ ଅନୁଯାୟୀ ଶୁକ୍ରବାର ନୂଆପଡା ଏନଏସି ସିଭୋଲ ଠାରେ ଥିବା ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ କିଛି ଅସାମାଜିକ ବ୍ୟକ୍ତି ଗୋବର ଫିଙ୍ଗି ଅପମାନିତ କରିଛନ୍ତି। ଯାହାର କିଛି ଦୃଶ୍ୟ ଫେସବୁକ ଓ ହ୍ୱାଟ୍ସଆପ ମାଧ୍ୟମରେ ଘୁରି ବୁଲୁଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୋଷୀମାନଙ୍କୁ ତୁରନ୍ତ ଚିହ୍ନଟ କରି ସେମାନଙ୍କ ବିରୋଧରେ କଠୋର ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏନେଇ ନୂଆପଡା ଜିଲା ଡ଼ମ୍ବ ଗଣ୍ଡା ସମାଜ ତରଫରୁ ଖରିଆର ଥାନା ଅଧିକାରୀଙ୍କ ଜରିଆରେ ନୂଆପଡା ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆସନ୍ତା ତିନି ଦିନ ମଧ୍ୟରେ ଦୋଷୀଙ୍କୁ ଚିହ୍ନଟ ନ କଲେ ଆଗାମୀ ଦିନରେ ନୂଆପଡା ଜିଲା ସାରା ଆନ୍ଦୋଳନ କରି ଅଖ, ଚକ ବନ୍ଦ କରିବା ପାଇଁ ଜିଲା ଡ଼ମ୍ବ ଗଣ୍ଡା ସମାଜ ନିଷ୍ପତ୍ତି ନେଇଛି ବୋଲି ପ୍ରକାଶ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଅନୁସୂଚିତ ଜାତି ଗଣ୍ଡାଡମ୍ବ ସମାଜ ସଭାପତି ହେମନ୍ତ କୁମାର ତାଣ୍ଡିଙ୍କ ନେତୃତ୍ୱରେ ନିଳାମ୍ବର ସୁନା, ଶଶୀଭୂଷଣ ସଗରିଆ, ପୂର୍ଣ୍ଣଚନ୍ଦ୍ର ନେତାମ, ମନରଞ୍ଜନ ଜଗତ, ଲମ୍ବୋଦର ତାଣ୍ଡି, ନିମାଇଁ ଚରଣ ତାଣ୍ଡି, ପିତାମ୍ବର ସୁନା, ସୁଶୀଲ କୁମ୍ଭାର, ଅଭିମନ୍ୟୁ ବାଗ, ରାଜେନ୍ଦ୍ର ବିଭାର, ଗୋରିଆମଣୀ ସଗରିଆ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ଦାବିପତ୍ର ପ୍ରଦାନ କରିଥିଲେ।

### ଜୁନାଗଡ଼ ନଗରପାଳଙ୍କୁ ହତ୍ୟା ଧମକ



ଖବରଦାତା ସମ୍ମିଳନୀରେ ଏନଏସି ଅଧ୍ୟକ୍ଷ।

**ଜୁନାଗଡ଼,୨୩।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ଶନିବାର ସ୍ଥାନୀୟ ଏସ୍‌ପି ଅଭିଲାଶ ଜିଙ୍କ ଠାରେ ଫେରାଦ ହୋଇଛନ୍ତି। ଏ ନେଇ ଶନିବାର ସନ୍ଧ୍ୟାରେ ଜୁନାଗଡ଼ ଏନଏସି କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ସେ ଏହି ସୂଚନା ଦେଇଛନ୍ତି। ଏଥିରେ ନଗରପାଳ ଅଗ୍ରୱାଲ ନିଜ ଜୀବନ ପ୍ରତି ବିପଦ ଥିବା ଓ ପରିବାରକୁ ସୁରକ୍ଷା ଯୋଗାଇଦେବା ନେଇ ଏସପିଙ୍କୁ ଫେରାଦ ହୋଇଥିବା କହିଛନ୍ତି। ଏ ବିଷୟରେ ଏସପିଙ୍କୁ ସେ ଏକ ଲିଖିତ ଅଭିଯୋଗ ମଧ ଦେଇଥିବା କହିଛନ୍ତି। ଅଭିଯୋଗ ଅନୁଯାୟୀ, ଜୁନାଗଡ଼ ସହରସ୍ଥିତ ସରକାରୀ ଡାକ୍ତରଖାନା ସମ୍ମୁଖରେ ଥିବା ଏକ ଔଷଧ ଦୋକାନକୁ ବାବୁଲା ଠାକୁର ନାମକ ଜଣେ ଦୁର୍ବୃତ୍ତ ନଗରପାଳ ମୁକେଶ ଅଗ୍ରୱାଲଙ୍କୁ ମାରିବାକୁ ଆସିଥିଲେ। ସେହି ସମୟରେ ନଗରପାଳ ନ ଥିବାବେଳେ ତାଙ୍କ ଦୋକାନରେ ବସିଥିବା ବରିଷ୍ଠ ଖବରଦାତା ପ୍ରଶାନ୍ତ ପଣ୍ଡାଙ୍କୁ ଦୁର୍ବୃତ୍ତ ବାବୁଲା ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ପୋଲିସ ସହିତ ନଗରପାଳ ଓ ଆଉ କିଛି ଲୋକ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତାଙ୍କ ଘରକୁ ଯାଇଥିଲେ। ହେଲେ ଏହି ଘଟଣାକୁ ରାଜନୀତିକରଣ କରି ନଗରପାଳଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣି ଦୁର୍ବୃତ୍ତଙ୍କ ମା' ଓଲଟା ଏକ ମାମଲା ଥାନାରେ କରିଥିଲେ। ପରେ ଜୁନାଗଡ଼ ପୋଲିସ ନଗରପାଳ ଅଗ୍ରୱାଲଙ୍କୁ କିଛି ସମୟ ପାଇଁ ହଇରାଣ ହରକତ କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ତେଣୁ ନଗରପାଳଙ୍କ ନାମରେ ମିଥ୍ୟା ମାମଲା କରିବା ପାଇଁ କିଏ ଉସୁକାଇଥିଲା, ଦୁର୍ବୃତ୍ତ ବାବୁଲା ଠାକୁରଙ୍କୁ କିଏ ମାରିବା ପାଇଁ ପଠାଇଥିଲା ଏହାର ତଦନ୍ତ ଓ ନିଜର ତଥା ପରିବାର ଲୋକଙ୍କ ଜୀବନପ୍ରତି ବିପଦ ଥିବା ନେଇ ସୁରକ୍ଷା ଯୋଗାଇଦେବାକୁ କଳାହାଣ୍ଡି ଏସ୍‌ପିଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି।

### ବିକାଶ ଆବାସିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ

**ଭବାନୀପାଟଣା,୨୩।୭(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ବାନ୍ଦୋପଲା ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟ ଠାରେ ସିବିଏସଇ ପରୀକ୍ଷାରେ ୯୦ପ୍ରତିଶତରୁ ଅଧିକ ମାର୍କ ପାଇଥିବା ଛାତ୍ରୀଛାତ୍ରଙ୍କୁ ଶନିବାର ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ବିକାଶ ସ୍କୁଲର ନିର୍ଦ୍ଦେଶକ ଡ଼ି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡ଼ି. ରାଜକୁମାର, ଏକାଡେମିକ ଇନଚାର୍ଜ ଡ଼ି. ବିଜୟା, ବିକାଶ କଲେଜ ଅଧ୍ୟକ୍ଷ ଯୁବରାଜ ନାୟକ, ସ୍କୁଲ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷା ତପସ୍ୱିନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସିବିଏସଇ ମାଟ୍ରିକ ପରୀକ୍ଷାରେ ରେକର୍ଡ ସଂଖ୍ୟାରେ ମାର୍କ ରଖି ପାସ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସେହିପରି ବିକାଶ ଗ୍ରୁପର ମେଧାବୀ ଛାତ୍ରୀଛାତ୍ରଙ୍କୁ ସବୁବେଳେ ସମ୍ମାନ ଓ ଉତ୍ସାହିତ କରିବାକୁ ପଛରେ ପଡିବ ନାହିଁ ଓ ସମସ୍ତ ପ୍ରକାର ସାହାଯ୍ୟ, ସହଯୋଗ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କଲେଜ ଅଧ୍ୟକ୍ଷ ପ୍ରକାଶ କରିଥିଲେ।

### ବଙ୍ଗୋମୁଣ୍ଡା ପଡ଼ିଆରେ ବୃକ୍ଷରୋପଣ




ବଙ୍ଗୋମୁଣ୍ଡା ଫୁଟବଲ ପଡିଆରେ ବୃକ୍ଷରୋପଣ କରାଯାଉଛି।

**କୋକସରା,୨୩।୭(ଡି.ଏନ.ଏ)**

କଳାହାଣ୍ଡି ଜିଲା ନେହେରୁ ଯୁବ କେନ୍ଦ୍ର ପକ୍ଷରୁ କୋକସରା ବ୍ଲକ ବଙ୍ଗୋମୁଣ୍ଡା ନେହେରୁ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ବଙ୍ଗୋମୁଣ୍ଡା ଫୁଟବଲ ପଡିଆରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଦୁର୍ମାନ୍ୟ ଶବର, ଚରଣ ସିଂ ବାଗ ସମେତ ବଙ୍ଗୋମୁଣ୍ଡା ଗ୍ରାମ ନେତାଜୀ ଯୁବକ ସଂଘର ସଭାପତି ତୁଳସୀରାମ ପୂଝାରି, ସମ୍ପାଦକ ମହମ୍ମଦ ଖାଁ, ଉମେଶ ଗହୀର, ପିଣ୍ଟୁ ଗହୀର, ଡିଙ୍ଗର ବଛା, ହିରଣ୍ୟ ଗହୀର, ଈଶ୍ୱର ମାଝୀ ଓ ଅନ୍ୟ ଯୁବକ ମାନେ ଉପସ୍ଥିତ ରହି ବୃକ୍ଷରୋପଣ ସହ ପରିବେଶ ସୁରକ୍ଷା ପାଇଁ ଶପଥ ନେଇଥିଲେ।

# ଭିନ୍ନକ୍ଷମଙ୍କୁ ସହଯୋଗର ହାତ ବଢ଼ାଇଲେ ବ୍ଲକ ଉପାଧ୍ୟକ୍ଷ

**ଲାଞ୍ଜିଗଡ,୨୩।୭(ଡି.ଏନ.ଏ)**

**ଆଧାର, ଭୋଟର କାର୍ଡ ନ ଥିବାରୁ ୨୦ବର୍ଷ ହେଲା ଭିନ୍ନକ୍ଷମ ଭତ୍ତା ମିଳୁନି**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଚମ୍ପାଦେଇପୁର ଗାଁର ନିଳାମ୍ବର ଭୋଇଙ୍କ ୨୦ବର୍ଷ ତଳେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ଅଣ୍ଟା ଭାଙ୍ଗିଯାଇଥିଲା। ଅଣ୍ଟା ତଳକୁ ସମ୍ପୂର୍ଣ୍ଣ ଅକାମି ହୋଇଗଲା। ଗୋଡ଼ ହାତ ମଧ କାମ କରୁନାହିଁ। ଏ ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳିନାହିଁ। ଏକମାତ୍ର ରୋଜଗାରିଆ ପୁଅ ଶଯ୍ୟାଶାୟୀ ହେବା ପରେ ବାପା ଧନୁର୍ଯ୍ୟ ଭୋଇ ଓ ମାଆ ସକ୍ରାବତୀଙ୍କ ଆଖିର ଲୁହ ଶୁଖୁନାହିଁ। ନିଳାମ୍ବରଙ୍କ ଭୋଟର କାର୍ଡ ଓ ଆଧାର ନ ଥିବାରୁ ୨୦ ବର୍ଷ ହେଲା ଭିନ୍ନକ୍ଷମ ଭତ୍ତା, ଚାଉଳ ମିଳିପାରୁନାହିଁ। ଚମ୍ପାଦେଇପୁର ପଞ୍ଚାୟତ ମହକୁମା ହୋଇଥିବାବେଳେ ନିଳାମ୍ବରଙ୍କ ଗୁହାରିକୁ ପଞ୍ଚାୟତ କର୍ତ୍ତୃପକ୍ଷ ମଧ୍ୟ ଆଖିବୁଜି ଦେଇଥିଲେ। ହେଲେ ଲାଞ୍ଜିଗଡ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ ଘଟଣା ସମ୍ପର୍କରେ ଜାଣି ତାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ତାଙ୍କ ନିଜ ଗାଡ଼ିରେ ଜନସେବା କେନ୍ଦ୍ରରେ ଆଧାର କାର୍ଡ କରି ଭୀମଭୋଇ ସାମର୍ଥ୍ୟ ଶିବିରକୁ ନେଇ ଭିନ୍ନକ୍ଷମ ଭତ୍ତା ପାଇଁ ଆବେଦନ କରିଛନ୍ତି। ଚମ୍ପାଦେଇପୁର ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ କହି ମାସକୁ ମାସ ଚାଉଳ ଦେବା ପାଇଁ କହିଛନ୍ତି। ପରିବାରରେ ଆର୍ଥିକ ସମସ୍ୟା ଲାଗି ରହିଥିବାରୁ ଆର୍ଥିକ ଦୁର୍ଗତି ଦେଇ ଗତି କରୁଛନ୍ତି ପରିବାର ଲୋକେ। ବୃଦ୍ଧ ବାପା ମାଆ ମଜୁରୀ କରି ଶଯ୍ୟାଶାୟୀ ପୁଅର ଦେଖାଶୁଣା କରୁଛନ୍ତି। ଏହି ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ ତାଙ୍କ ଦୁଃଖସୁଖରେ ସାଥି ଦେବେ ବୋଲି କହିଛନ୍ତି।

# ୨ ଦିନିଆ ତାଲିମ ଶିବିର ଉଦ୍‌ଯାପିତ

**ଦେଓଗାଁ,୨୩।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ମିଶନଶକ୍ତି କେନ୍ଦ୍ରରେ ଚାଲିଥିବା ଦୁଇ ଦିନିଆ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଓଡିଶା ଶ୍ରମଜୀବୀ ମଞ୍ଚ ତଥା ଲୋକଉନ୍ନତି ସଂଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ମୋ ଚାଟଶାଳୀ ଶିକ୍ଷା କାର୍ଯ୍ୟକ୍ରମରେ ଶିକ୍ଷାଦାନ କରୁଥିବା ସ୍ୱେଚ୍ଛାସେବୀ ଭାଇ ଭଉଣୀ ଭାଇଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କରୋନା କଟକଣା ସମୟରେ ବିଦ୍ୟାଳୟମାନ ବନ୍ଦ ରହିଥିବା ସମୟରେ ଏହି ସ୍ୱେଚ୍ଛାସେବୀମାନେ ଗାଁ ମାନଙ୍କରେ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଶିକ୍ଷାଦାନ କରିଥିଲେ। ଏହି ଶିବିରରେ ଓଡିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ରାଜ୍ୟ କର୍ମକର୍ତ୍ତା ପ୍ରସନ୍ନ ପଧାନ, ପଞ୍ଚାନନ ପଧାନ,ବାଳକୃଷ୍ଣ ପଟ୍ଟନାୟକ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଗୁପାଧର ପୁଟା, ଦେବେନ୍ଦ୍ର ଷାଣ୍ଢ, ଦିଲୀପ ସାହୁ, ନିରାକାର ଭୋଇ, ପୁରୁନ୍ଦର ଭୋଇ, ସୁଶୀଲ ନନ୍ଦ, ବିଦ୍ୟାଧର ଜାଲ, ଅନ୍ନମିତା ପଧାନ ପ୍ରମୁଖ ସହଯୋଗ କରିଥିଲେ ।



ତାଲିମ ଶିବିରରେ ଉପସ୍ଥିତ ତାଲିଦାତା ଓ ଶିକ୍ଷାଦାନ କରୁଥିବା ସ୍ୱେଚ୍ଛାସେବୀ।

# ସ୍ୱାମୀଙ୍କ ମୃତ୍ୟୁ ପରେ ବି ସ୍ତ୍ରୀଙ୍କୁ ମିଳିନି ଭତ୍ତା

**ଲାଠୋର, ୨୩।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅଧୀନ ସାନଗୁର୍ଜିଭଟା ଗ୍ରାମର ଉକିଆ ଦୀପ(୫୦)। ବିଧବା ଶାଶୁ ମାଳତୀ ଦୀପ(୭୦), ପୁଅ ଯୁଧିଷ୍ଠିର(୨୦), ଭିନ୍ନକ୍ଷମ ଝିଅ ଯୁଗିତା(୧୨)ଙ୍କୁ ନେଇ ତାଙ୍କ ପରିବାର। ଗତ ଫେବୃଆରୀ ୪ରେ ସ୍ୱାମୀ ଦାମୋଦର ଦ୍ୱୀପ(୫୫)ଙ୍କ ମୃତ୍ୟୁ ଘଟିବା ପରେ ଉକିଆଙ୍କ ଉପରେ ପରିବାରର ବୋଝ ଯେମିତି ଅଜାଡି ହୋଇ ପଡିଛି। ବୃଦ୍ଧା ଶାଶୁ ଏବଂ ଦୁଇ ପିଲାଙ୍କୁ ନେଇ କିପରି ଘର ଚଳାଇବେ ଏବେ ତାଙ୍କୁ ସେହି ଚିନ୍ତା ଘାରିଛି।

ଉକିଆଙ୍କର କୌଣସି ସମ୍ପତ୍ତି କିଛି ନାହିଁ। ପଞ୍ଚାୟତରୁ ଅନ୍ତୋଦ୍ୟୟ ଅନ୍ନପୂର୍ଣ୍ଣା ଯୋଜନାରୁ ମାସିକ ୩୫କିଲୋ ଚାଉଳ ମିଳୁଛି। ଶାଶୁ ମାଳତୀଙ୍କୁ ୫ଶହ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଓ ଝିଅ ଯୁଗିତାକୁ ଭିନ୍ନକ୍ଷମ ଭତ୍ତା ମିଳୁଛି। ପୁଅ ଯୁଧିଷ୍ଠିର ନିକଟରେ ବାହାର ଜିଲାକୁ କର୍ମ ଅନ୍ୱେଷଣରେ ଯାଇଛନ୍ତି। ସ୍ୱାମୀଙ୍କ ମୃତ୍ୟୁର ୫ମାସ ବିତିବାକୁ ବସିଥିଲେ ହେଁ ଉକିଆଙ୍କୁ ଏ ଯାଏ ବିଧବା ଭତ୍ତା ମିଳିନାହିଁ। ପରିବାରର ରୋଜଗାରିଆ ଲୋକ ମୃତ୍ୟୁମୁଖରେ ପଡିଲେ ସରକାରୀ ନିୟମ ଅନୁସାରେ ସମ୍ପୃକ୍ତ ପରିବାରକୁ ପରିବାର ମଙ୍ଗଳ ଯୋଜନାରେ ସାମିଲ କରି ସହାୟତା ଯୋଗାଇ ଦେବା କଥା। ହେଲେ ଉକିଆଙ୍କ ପରିବାର ଏ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି। ଏହି ଯୋଜନାରେ ସାମିଲ କରିବା ପାଇଁ ଉକିଆ ବାରଦୁଆର ହେଉଥିଲେ ବିପିଏଲ କାର୍ଡ ନାହିଁ କହି ଫେରାଇ ଦେଉଥିବା ସେ କହିଛନ୍ତି। କରୁଆଁଝର ପଞ୍ଚାୟତ କର୍ତ୍ତୃପକ୍ଷ ଏଥିପ୍ରତି ଯତ୍ନବାନ ହୋଇ ସମ୍ପୃକ୍ତ ପରିବାରକୁ ସରକାରୀ ଯୋଜନାରେ ସାମିଲ କରି ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



ବୋହୂ, ନାତୁଣୀଙ୍କ ସହ ମାଳତୀ।

**ମଙ୍ଗଳ ଯୋଜନା ସହାୟତାରୁ ବଞ୍ଚିତ ରହିଛନ୍ତି**